ପୋଷଣଭାବରେ ଦେଖିଲେ ସେମାନେ ସ୍ୱୟଂ ଅନରେରି ମାଜିଷ୍ଟ୍ରେଟ ଅଟନ୍ତି ମାତ୍ର ତାହାଙ୍କର କେହୁ ଉପସ୍ଥିତ ନ ଥିବାରୁ ସମସ୍ତଙ୍କର କାର୍ଯ୍ୟର ବଡ ଖରାପ ହୁଅଇ ବିଶେଷତଃ ସେ ମିଉନିସିପାଲ ମାମଲା ଇତ୍ୟାଦି ଦେଖିବାକୁ ବଳାଇବାକୁ ବାହାର ଯାଆନ୍ତି । କେହୁ ଉପସ୍ଥିତ ନ ଥିଲେ ବିପଦ ଘଟିବାର ସମ୍ଭାବନା । ଗତ ତଗଲୋଚନ ଲଲ ଏ ପ୍ରସ୍ତାବକୁ ଅନୁମୋଦନ କଲେ ଏବଂ ଅଧିକାଂଶ କମିଶନରମାନଙ୍କ ମତରେ ତାହା ଧାର୍ଯ୍ୟ ହେଲା । ଯେଉଁ କମିଶନରମାନେ ଧନସମ୍ପନ୍ନ ପୂର୍ବେ ସୁଦଳ ପ୍ରାୟ ଦୁର୍ଭିକ୍ଷ ଭୟରେ ବଢନ୍ତ ନ ହୋଇ କେନ୍ଦ୍ରପଡା ଟଙ୍କା ଖରାପ କରିବାର ଦୃଷ୍ଟାନ୍ତ ଦେଖାଇ ସାଧାରଣଙ୍କର ପ୍ରଶଂସାଭାଜନ ହୋଇଥିଲେ ବର୍ତ୍ତମାନ ସେହିମାନେ ଅନର୍ଥକ ବ୍ୟୟ ସକାଶେ ଟଙ୍କା ମଞ୍ଜୁର କରିବାର ଦେଖି ଆମ୍ଭେମାନେ ଅତ୍ୟନ୍ତ ଆଶ୍ଚର୍ଯ୍ୟ ଓ ଦୁଃଖିତ ହେଲୁଁ । ଏଠା ମିଉନିସିପାଲଟୀର ପ୍ରୟୋଜନର ସୀମା ନାହିଁ ମାତ୍ର ଆୟ ଅତି ଅଳ୍ପ ନୁହଇ । ଏମନ୍ତ ସ୍ଥଳେ କମିଶନରମାନଙ୍କର ଅତ୍ୟନ୍ତ ସାବଧାନ ପୂର୍ବକ କାର୍ଯ୍ୟ କରିବାର ଉଚିତ ମାତ୍ର ଏସ୍ଥଳେ ତାହା କିଛି ଦେଖାଗଲା ନାହିଁ । ଅନରେରି ମାଜିଷ୍ଟ୍ରେଟ ସ୍ୱରୂପ ବାଲୀବାବୁଙ୍କର ଜଣେ ଉପସ୍ଥିତି ପ୍ରୟୋଜନ ହୋଇପାରେ ଓ କେହି ପ୍ରୟୋଜନତା ଉତ୍ତମରୂପେ ଦେଖାଇ ପାରିଲେ ଗଭର୍ଣ୍ଣମେଣ୍ଟ ତାହା ମଞ୍ଜୁର କରନ୍ତେ । ସେ କିନ୍ତୁ ମିଉନିସିପାଲ ଏଲାକାର ଅନରେରି ମାଜିଷ୍ଟ୍ରେଟ ନୁହନ୍ତି ବରଂ ସେ କମିଶନର ଥିବାରୁ ମିଉନିସିପାଲ ମାମଲା ବୁଝିବାକୁ ଅକ୍ଷମ । ଏପରି ସେ କେବଳ ମାଜିଷ୍ଟ୍ରେଟଙ୍କ ସହାୟତା ସେ ଯେତେବେଳେ ଉପସ୍ଥିତ ଥାଇବାର ଦରକାର ହେବେ ଅନ୍ୟ ମାଜିଷ୍ଟ୍ରେଟମାନେ ତତ୍କାଳ ଦଣ୍ଡାର ଅଟନ୍ତି ଏଣୁ ତାହାଙ୍କର କାର୍ଯ୍ୟସଙ୍ଗେ ମିଉନିସିପାଲଟୀର କୌଣସି ସମ୍ପର୍କ ନ ଥିବାରୁ ସେ ପ୍ରସଙ୍ଗ ଅତି ହେବାର କଥା ନ ଥିଲା । କାଲୀବାବୁ ସରକାରୀ କମିଶନର ହୋଇ ଟ୍ରାକ୍ସ ଦାତାଙ୍କ ଧନପ୍ରତି ତାହାଙ୍କର ମମତା ନ ହେବା ବିଚିତ୍ର ନୁହଇ ମାତ୍ର ନିର୍ବାଚିତ କମିଶନରମାନେ ତାହାଙ୍କର ଘୋଷଣା କରି ଆପଣା ବ୍ୟକ୍ତିତ୍ୱକୁ ଅବହେଳା କଲେ ବଡ ଦୁଃଖର ବିଷୟ ଅଟଇ । ଆମ୍ଭେମାନେ କମିଶନରମାନଙ୍କୁ ଅନୁରୋଧ କରୁଅଛୁଁ ସେ ପୁନର୍ବିଚାର ପୂର୍ବକ ଏହି ଅନ୍ୟାୟ କାର୍ଯ୍ୟକୁ ସଂଶୋଧନ କରନ୍ତୁ ନୋହିଲେ ଯଥାସମୟରେ ସରକାର ବୋଲି ଟଙ୍କା ଦେବାକୁ ହେବ ଏକଥା ଅତ ଅଧିକ । ଅନ୍ତଶାସନ ପ୍ରଣାଳୀର ଅଧ୍ୟମରେ ଯେତେବେଳେ କମିଶନରମାନେ ଆପଣା ସକାଶେ ଯାହା ଇଚ୍ଛା ତାହା କରି ପାରିବେ ତେବେ ଏଥିର ଗୌରବ କଦାପି ରକ୍ଷା ହେବ ନାହିଁ । ଏତେକାଳ ଅନରେରି ମାଜିଷ୍ଟ୍ରେଟଙ୍କୁ ଉପସ୍ଥିତି ଦେବା ନ ଥିବାରେ କିଛି ଅସୁବିଧା ହେଲା ଯେ ଉତ୍ତମରୂପେ ଅତି ଜ ହେଲେ କାର୍ଯ୍ୟ ଚଳିବ ନାହିଁ ।

---

କଟକ ପ୍ୟାରୀମୋହନ ଏକାଡେମି ।

ଏ ବିଦ୍ୟାଳୟର ବାର୍ଷିକ ପାରିତୋଷିକ ବିତରଣ କାର୍ଯ୍ୟ କିଛିଦିନ ତଳେ ମଧ୍ୟରେ ହୋଇଥିବାର ପାଠକମାନଙ୍କୁ ଜଣାଇଅଛୁଁ । ବର୍ତ୍ତମାନ ଏ ବିଦ୍ୟାଳୟର ଅବସ୍ଥା ଦର୍ଶନ ସାର ବିଷୟମାନ ଯାହା ଆମ୍ଭେମାନେ ବାର୍ଷିକ ବିଜ୍ଞାପନରୁ ଅବଗତ ହେବାକୁ ସମର୍ଥ ହୋଇଅଛୁଁ ପାଠକମାନଙ୍କୁ ଉପହାର ଦେଉଅଛୁଁ । ଜଣେ ପ୍ରକୃତ ଉତ୍ସାହୀ ଅତି ସାମାନ୍ୟ ଅବସ୍ଥାରୁ ଲୋକଦ୍ୱାରା ସ୍ଥାପିତ ଗୋଟିଏ ବିଦ୍ୟାଳୟ କ୍ରମେ ଉନ୍ନତ ଅବସ୍ଥାକୁ ଲଭିବା ଅତ୍ୟନ୍ତ ପ୍ରୀତିକର ବିଷୟ ଅଟଇ ।

ବିଦ୍ୟାଳୟର ଛାତ୍ରସଂଖ୍ୟା ସନ ୧୮୮୬ ସାଲ ଜାନୁଆରୀରେ କେବଳ ୧୫ ଥିଲା କ୍ରମାଗତ ବୃଦ୍ଧି ହୋଇ ବର୍ତ୍ତମାନ ୧୪୮ ହୋଇଅଛି । ଏମାନଙ୍କ ମଧ୍ୟରୁ ଜ ୧୧୫ ଣ ପୂର୍ଣ୍ଣଫିସ ଜ ୯ ଣ ଅର୍ଦ୍ଧଫିସ ଏବଂ ଜ ୨୪ ଣ ବିନାଫିସରେ ଅଧ୍ୟୟନ କରନ୍ତି । ପୂର୍ବେ ବିଦ୍ୟାଳୟର ଆୟ ଏପରି ଊଣାଥିଲା ଯେ ସନ ୧୮୮୪ । ୮୫ ସାଲରେ ଟ ୧୦୦୯ ଙ୍କା କ୍ଷତି ହୋଇଥିଲା । ସନ ୧୮୮୬ । ୮୭ ସାଲର ମୋଟଆୟ ଟ ୨୫୪୦ ଙ୍କା ଓ ବ୍ୟୟ ଟ ୨୫୦୪୯ ଙ୍କା ହେବାରୁ ପ୍ରାୟ ଟ ୩୬୯ ଙ୍କା ଉଦ୍ବର୍ତ୍ତ ହେଲା ଏବଂ ତଦ୍ଦ୍ୱାରା ପୂର୍ବର ଋଣ ପୂର୍ଣ୍ଣ ହୋଇଯାଇ ଏବେ ସଚ୍ଛଳ ଅବସ୍ଥା ହୋଇଅଛି ଏବଂ ବିଦ୍ୟାଳୟର ବର୍ତ୍ତମାନ ମାସିକ ବ୍ୟୟ ଟ ୨୧୪୯ ଙ୍କା ଲେଖାଏ ଧାର୍ଯ୍ୟ ହୋଇଅଛି ।

ଗତବର୍ଷ ଜ ୭ ଣ ଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ ସେହିମଧ୍ୟରୁ ଜ ୨ ଣ ୨ ୟ ଶ୍ରେଣୀ ଏବଂ ଜ ୩ ଣ ୩ ୟ ଶ୍ରେଣୀରେ ମୋଟ ଜ ୫ ଣ ଉତ୍ତୀର୍ଣ୍ଣ ହେଲେ । ୨ ୟ ଶ୍ରେଣୀରେ ପାସକରିଥିବା ଦୁଇଜଣ ମଧ୍ୟରୁ ଏକଜଣଙ୍କ ଛାତ୍ରବୃତ୍ତି ପାଇଅଛନ୍ତି ।

ମାତୃଶିକ୍ଷା ନିମିତ୍ତ ପ୍ରଥମ ଶ୍ରେଣୀର ଛାତ୍ରମାନଙ୍କର ଗୋଟିଏ ସମିତି ଗଠିତ ହୋଇଅଛି ପ୍ରତି ଶନିବାର ଶିକ୍ଷକଙ୍କର ସାହାଯ୍ୟରେ ଏଥିର ବୈଠକ ହୁଅଇ ଏବଂ ପ୍ରତିଦିନ ଘଣ୍ଟା ସଂଯୋଗରେ ବାଳକମାନେ ଏକତ୍ରିତ ହୋଇ ବ୍ୟାୟାମ ଅଭ୍ୟାସ କରନ୍ତି ଏହିରୂପେ ବିଦ୍ୟାଶିକ୍ଷା ସଙ୍ଗେ ନୀତିଶିକ୍ଷା ଏବଂ ସ୍ୱାସ୍ଥ୍ୟରକ୍ଷାର ଉପାୟ ହୋଇଅଛି ।

ସମ୍ପ୍ରତି ଗୋଟିଏଘର ଏ ବିଦ୍ୟାଳୟର ପ୍ରଧାନ ଅଭାବ ଅଟଇ । ସନ ୧୮୮୫ ସାଲଠାରୁ ଦକ୍ଷୋଦୟ ମହାଶୟ ଏହି ଅଭାବ ମୋଚନ କରିବା ଉଦ୍ଦେଶରେ ଉଦ୍ୟମଶୀଳ ହୋଇ ୪୭୫୦୯ ଙ୍କା ଚନ୍ଦା ସ୍ୱାକ୍ଷର କରାଇ ଅଛନ୍ତି ଏବଂ ତହିଁମଧ୍ୟରୁ ଟ ୪୯୦୯ ଙ୍କା ଉସୁଲ ହୋଇଅଛି । କିନ୍ତୁ ଏ ବିଦ୍ୟାଳୟର ଛାତ୍ରସଂଖ୍ୟା ବୃଦ୍ଧିରେ ଦୁଇଶଜଣ ପଢିପାରିବା ଭଳି ଗୋଟିଏ ଘର ନିର୍ମାଣ ଆବଶ୍ୟକ ଏବଂ ସେଥିର କୋଠାଘରଟିଏ ପାଇବାର ଟଙ୍କାରୁ ଭଣା ବ୍ୟୟରେ ହେବାର ସମ୍ଭବ ନୁହଇ । ସୁତରାଂ ଆବଶ୍ୟକୀୟ ଟଙ୍କାର ଅର୍ଦ୍ଧାଂଶ ସୁଦ୍ଧା ଦେଇ ସ୍ୱାକ୍ଷରିତ ହୋଇ ନାହିଁ । ଏ ନଗରରେ ଏପରି ଗୋଟିଏ ହିତକର କାର୍ଯ୍ୟରେ ପାଞ୍ଚହଜାର ଟଙ୍କା ବ୍ୟୟ କରିବା ଲୋକ ନାହାନ୍ତି ଏକଥା ଆମ୍ଭେମାନେ କହି ନ ପାରୁ । ଦୁଃଖର ବିଷୟ ସେ ତାହାଙ୍କ ମନ ସେପରି ଯାଉ ନାହିଁ ଅଥବା ଏପ୍ରକାର କୀର୍ତ୍ତିସ୍ଥାପନ ପୂର୍ବକ ଦୀର୍ଘକାଳ ପର୍ଯ୍ୟନ୍ତ ସାଧାରଣ ଉପକାର ଏବଂ ତଦ୍ଦ୍ୱାରା ଆପଣା ନାମ ଚିରସ୍ମରଣୀୟ କରିବା କଥା ସେମାନଙ୍କ ମନରେ ଆସୁଇ । ଯାହା ହେଉ ଆମ୍ଭେମାନେ ବିବେଚନା କରୁଁ ବିଶ୍ୱନାଥ ବାବୁ ପଣ୍ଡିତଙ୍କର ଆଶା ପରିତ୍ୟାଗକରି ଅଧୁନାତଃ ବିଦ୍ୟାଳୟର ଉପଯୋଗୀ ସ୍ଥାନଟିଏ ବାଛିନେଇ ସେଠାରେ ଅସ୍ଥାୟୀ ଘରଟିଏ ନିର୍ମାଣ କରିବାର ଆରମ୍ଭ କରନ୍ତୁ । ଘର ଆରମ୍ଭ ହେଲେ ସ୍ୱାକ୍ଷରିତ ଚନ୍ଦାମାନ ଶୀଘ୍ର ଆଦାୟ ହେବ ଏବଂ ନୂତନ ଚନ୍ଦା ମଧ୍ୟ ପ୍ରାପ୍ତ ହୋଇ ପାରିବ । ଉପଯୁକ୍ତ ଟଙ୍କା ସଂଗ୍ରହ ହେବାପର୍ଯ୍ୟନ୍ତ ଗୃହ ବସିଲେ କେବଳ ଦୀର୍ଘକାଳ ଗୃହ ବସିବା ଭିନ୍ନ ଆଉ କିଛି ଫଳ ହେବ ନାହିଁ । ଏକମାତ୍ର ଡାକ୍ତର ଷ୍ଟିବାର୍ଟ ସାହେବଙ୍କ ସାହାଯ୍ୟରେ ଇଂରାଜ ଓ ଫିରଙ୍ଗୀପିଲାଙ୍କ ସକାଶେ ଅଳ୍ପଦିନ ମଧ୍ୟରେ ଏ ନଗରରେ ଗୋଟିଏ ବୃହତ୍ ଏବଂ ସୁନ୍ଦର ବିଦ୍ୟାଳୟ ନିର୍ମିତ ହେଲା । ଦେଶୀୟ ଲୋକଙ୍କ ମଧ୍ୟରେ କେହିକ

ଛାତ୍ରମଣ୍ଡଳୀକ କେହି ଥିଲେ ସ୍ଥିରତାର ବିଷୟ କହୁ ନ ଥିଲା । ଯେଉଁଠାରେ ତାହା ନାହିଁ ସେଠାରେ ଅଳ୍ପବୟସରେ ଯେପରି ଘର ହୋଇଯାଉଛି ଶୀଘ୍ର ତାହାର ଚେଷ୍ଟା କରିବା ଉଚିତ । ବିଦ୍ୟାଳୟଠାରୁ ତାହାର ଉନ୍ନତି ହୋଇପାରିବ ।

———

ଉତ୍କୋଷାଖ୍ୟ ସ୍କୋଲର ।

ଏ ସମ୍ବନ୍ଧରେ ଅମ୍ଭେମାନେ ଏତେପର୍ଯ୍ୟନ୍ତ ପାଉଅଛୁଁ ଯେ ସେ ସମସ୍ତ ଏହି କ୍ଷୁଦ୍ର ସମ୍ବାଦପତ୍ରରେ ପ୍ରକାଶ କରିବା ଅସମ୍ଭବ । ପ୍ରକୃତରେ ସକଳସ୍ଥାନର ବିବରଣ ଲେଖିଲେ ଖଣ୍ଡିଏ ବୃହତ ପୁସ୍ତକ ହେବ । ସ୍ଥାନାଭାବରୁ ସେସବୁ ପ୍ରକାଶ କରିବାକୁ ଅକ୍ଷମ ହେଲେ ହେଁ ଉତ୍ସବ ମାନଙ୍କର ଏପ୍ରକାର ଲିଖିତ ଓ ଶ୍ରମକୁ ଏକାବେଳକେ ଉପେକ୍ଷା କରିବା ଅନୁଚିତ ବିବେଚନା କରୁଅଛୁଁ । ଏଣୁ ଅମ୍ଭମାନଙ୍କ ବନ୍ଧୁପ୍ରାର୍ଥନାରେ ସେମାନେ ଅସ୍ତ୍ରହ ଉତ୍ସବ ମାନସିକ ଓ କାୟିକ ଶ୍ରମ ସ୍ୱୀକାରକରି ଆପଣା ସ୍ଥାନର ଘଟଣାମାନ ସ୍ୱଳ୍ପରୂପେ ଲେଖି ପଠାଇ ଥିବାରୁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଦେଇ ତାହାର ସଂକ୍ଷେପ ଉଲ୍ଲେଖ କରୁଅଛୁଁ, ଯଥା ।—

ପୁରୀ—ଏଠାରୁ ବିବରଣ ପୂର୍ବେ ପ୍ରକାଶିତ ହୋଇଅଛି । ତହିଁରେ କଥା ଏହିକି ମିଉନିସିପାଲିଟୀ ପାର୍ଶ୍ୱରେ କେଟେମିଳଡେଲ ମଶାଲ ପିଣ୍ଡିକାମାନ ପ୍ରସ୍ତୁତ କରି ଗୋଟିଏ ସଭରେ ରଖିଦେଲେ । ଅଗ୍ନି ଲଗାଇବା ମାତ୍ରେ ସୁନ୍ଦର ଆଲୁଅ ହେଲା ମାତ୍ର ମି ୧୫ ଦଣ୍ଡରେ ସବୁ ଅନ୍ଧାର ହୋଇଗଲା । ଏ ଅନେକ ହଡ଼ି କାର୍ଯ୍ୟାପିତ ହୋଇଥିଲା ।

ଖୋରଧା-ପ୍ରଥମଦିନର ବ୍ୟାପାର ଏଥିପୂର୍ବେ ପ୍ରକାଶିତ ହୋଇଅଛି । ଦ୍ୱିତୀୟଦିନ ତା ୧୭ ରିଖ ଶୁକ୍ରବାର ଜଗନ୍ନାଥଙ୍କଠାରେ ସାମାଜିକ ଭୋଗ-ନାଇ ଏବଂ ଶେଷ ଶେଷ ପର୍ଯ୍ୟନ୍ତ କୃଷ୍ଣଲୀଳା ଓ ପାଲା ଗାୟନ ଓ ତହିଁ ମଧ୍ୟରେ କଳକୃଷ୍ଣ ଓ ଫଉ ଗାଏକଙ୍କର ଖେଳ ହୋଇଥିଲା । କମିଟୀର ସଭ୍ୟ ବାବୁ କୃଷ୍ଣଚନ୍ଦ୍ର ସାମନ୍ତରାୟ ମଲ୍ଲାର ଏହି ଉତ୍ସବ ବ୍ୟାପାରରେ ବିଶେଷ ଯତ୍ନ ଓ ପରିଶ୍ରମ କରିଥିଲେ । ବାବୁ ଗୌରହରି ମହାନ୍ତି ରାୟ ବାହାଦୁରଙ୍କ ଖିଲତ ପ୍ରଦାନର ଦରବାର ଏହି ଉତ୍ସବର ଗୋଟିଏ ଅଙ୍ଗ ସ୍ୱରୂପ ହୋଇଥିଲା ଓ ସେ ଦରବାର ଉତ୍ତମରୂପେ ନିର୍ବାହ ହେଲା ଛତ୍ରରୁ ରାୟବାହାଦୁର ସେଠା ବଡ଼ଲୋକଙ୍କୁ ମିଷ୍ଟାନ୍ନଭୋଜନ ଦେଇ ସମ୍ମାନ କରିଥିଲେ ।

କମାପଡ଼ା—ଜମିଦାର ଶ୍ରୀଲକ୍ଷ୍ମୀନାରାୟଣ ଅଭି-ରାମ ରାଏ ମହାଶୟଙ୍କ ଯତ୍ନରେ ଲୋକମାନେ ଆପଣା ଦ୍ୱାରକୁ ପ୍ରଦୀପାଳିକରେ ମଣ୍ଡିତ କରିଥିଲେ ଏବଂ ଜମିଦାର ଏକ ବୃହତ୍ ମଜଲିସ କରି ଓ ଫୁଲଝାଡ଼ ଇତ୍ୟାଦିରେ ମଣ୍ଡିତ କରିଥିଲେ ଯେ ସେଠାରେ ସ୍ଥାନୀୟ ଭଦ୍ରଲୋକମାନେ ବହି ବାଣପୋଡ଼ା ଏବଂ ନୃତ୍ୟଗୀତରେ ଆମୋଦ କରିଥିଲେ ।

ଭଦକ—ଏଠାର ବିଶେଷ ଘଟଣା ଏହି ଯେ ବାବୁ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ ସବ୍ଡେପୁଟୀ ନିଜ ବ୍ୟୟରେ ୮୦୦ ଦରିଦ୍ରଙ୍କୁ ଅନ୍ନଭୋଜନ ଦେଇଥିଲେ । ଏପରି ୮୦୦ ଦରିଦ୍ରଙ୍କୁ ବସ୍ତ୍ର ବିତରଣ ହୋଇଥିଲା ଯେ ତହିଁ ମଧ୍ୟରୁ ବାବୁ ରାମଚନ୍ଦ୍ର ସିଂହ ଜମିଦାର ୨୫ ଖଣ୍ଡ ଓ ବାବୁ ରାଧାକାନ୍ତ ରାୟ ମହାଶୟ ଖ ୧୧୦ ଖଣ୍ଡ ଦେଇଥିଲେ ଅବଶିଷ୍ଟ ହେଡମାଷ୍ଟରଙ୍କୁ ଦତ୍ତ ହୋଇଥିଲା ।

କେନ୍ଦ୍ରାପଡ଼ା—ଏଠା ମାନେଜରଙ୍କ ଯତ୍ନରେ ସ୍କୁଲଗୃହରେ ପ୍ରଥମଦିନ ବାଳକମାନରେ ଗୋଟିଏ ସଭା ହୋଇ ରାଜପ୍ରତିନିଧିଙ୍କ ଗୁଣ-କୀର୍ତ୍ତନ ଓ ତହିଁ ଉତ୍ତାରୁ କଲ୍ୟାଣ ହୋଇଥିଲା । ରାତ୍ରରେ ବେଗମଲାଇଟ ବାଣ ପୋଡ଼ା ଏବଂ ନୃତ୍ୟଗୀତ ହୋଇଥିଲା । ଦ୍ୱିତୀୟଦିନ ସ୍କୁଲର ପିଲମାନଙ୍କୁ ମିଷ୍ଟାନ୍ନ ବିତରଣ ହୋଇଥିଲା । ଡାକ୍ତର ଗଙ୍ଗାଧର ପଟ୍ଟନାୟକ ଏଠାର ଉତ୍ସବର ବିବରଣ ଗୋଟିଏ ପଦ୍ୟରେ ସୁନ୍ଦର-ରୂପେ ବର୍ଣ୍ଣନା କରିଅଛନ୍ତି । ପ୍ରକାଶ କରିବାକୁ ଅକ୍ଷମ ହୋଇ ଦୁଃଖିତ ହେଲୁଁ ।

କଟକ—ରାଜମାର୍ଗ ପତାକା ତୋରଣ ଇତ୍ୟାଦିରେ ମଣ୍ଡିତ ହୋଇ ବଡ଼ ସୁନ୍ଦର ଦେଖା ଯାଉଥିଲା । ପ୍ରାତଃକାଳରୁ ବାଦ୍ୟକାରମାନେ ଘୋର ବାଦ୍ୟନାଦଦ୍ୱାରା ଉତ୍ସବ ଘୋଷଣା କଲେ । ଅପରାହ୍ନରେ ହରି-ସଂକୀର୍ତ୍ତନ ଓ ଘଟରେ ବ୍ରେସବାଣ୍ଡ ଓ ରାତିଃ ଘଣ୍ଟାରେ ଭିନ୍ନସ୍ଥାନରେ ସକାଳପର୍ଯ୍ୟନ୍ତ ବାଇ କେତେକ ଇତ୍ୟାଦି ନୃତ୍ୟ ଗାୟନ ହୋଇଥିଲା । ମାହାଙ୍ଗାର କେତେକ ବାଳକଙ୍କର ଅଧିକ ପ୍ରଶଂସା ହୋଇଥିଲା । ୨ୟ ଦିବସ ସକାଳେ ଯୋଗୀମାନଙ୍କର ଗୀତ ଓ ବାଦ୍ୟ ତହିଁ ଉତ୍ତାରୁ ସ୍କୁଲ ପିଲମାନଙ୍କର କ୍ରୀଡ଼ା ଓ ସେମାନଙ୍କୁ ମିଷ୍ଟାନ୍ନ ବିତରଣ ହେଲା ଅପରାହ୍ନରେ ଦରିଦ୍ରସେବା ଏବଂ ତହିଁ ଉତ୍ତାରୁ ସମସ୍ତ ସ୍ଥାନରେ ନୃତ୍ୟ ଗୀତ ହୋଇଥିଲା ।

ରଙ୍ଗପୁର —ଏଠାର ବିବରଣ ପୂର୍ବେ ପ୍ରକାଶିତ ହୋଇଅଛି । ସ୍ତ୍ରୀପୁରୁଷଙ୍କ ସ୍ୱରୂପ ରାଜା ଯେଉଁ ଶତବୃତ୍ତି ଦେଇଅଛନ୍ତି ତହିଁ ନିମିତ୍ତ ଟ ୧୫୦୦ ୧ କା ଦାନ କରିଅଛନ୍ତି ଏହାର ସୁଧରୁ ଏକ ଜଣ ଛାତ୍ରକୁ ମାସିକ ଟ ୫ ୧ କା ବୃତ୍ତି ଦିଆଯିବ । ଏଠାରୁ ଯେଉଁ ଅଭିନନ୍ଦନ-ପତ୍ର ପଠା ଯାଉଅଛି ତହିଁର ଏକଲିପି ପ୍ରକାଶିତ ହେଲା, ଯଥା ।

ମହା ମହିମାର୍ଣ୍ଣବ ଶ୍ରୀ ୨ ଶ୍ରୀଯୁକ୍ତ ଶ ଗୀ ଭ ଚିୟା କେଶରୀ ମହାରାଜେଶ୍ୱରୀ ଶ୍ରୀମତୀ ଭାରତେଶ୍ୱରୀ ମହାଦୟ ପ୍ରବଳପ୍ରତାପେଷୁ

ଅର୍ଜେ । ।

ଜଗତ୍ପିତା ଜଗଦୀଶ୍ୱରଙ୍କ କୃପାବଳୋକନର ଶ୍ରୀଶ୍ରୀମତୀଙ୍କର ପୁଣ୍ୟ ବର୍ଷ ଶାସନ—ପଞ୍ଚାଶ ମାର୍ତ୍ତଣ୍ଡ ଆତ ବୃତ୍ତାବଳ ଓ ଜ୍ୟୋତିଷର ପଞ୍ଚାଙ୍ଗ ସପ୍ତ ପ୍ରକୃତରେ ପର୍ଯ୍ୟାପ୍ତ ସୁଖରେ ରାଜତ୍ୱର ଅର୍ଦ୍ଧଶତାବ୍ଦୀ-ବିଶ୍ୱାରେ ଶେଷ ହେବ ଥିବାରୁ ଆମ୍ଭେ ଏପରବାରରେ ଯଥୋଚିତ ନାସ୍ତି ଆହ୍ଲାଦିତ ହୋଇ ସମ୍ମୁଖରେ ସର୍ବଶକ୍ତି ପରମେଶ୍ୱରଙ୍କ ଧନ୍ୟବାଦ କରୁଅଛୁଁ ଓ ଭଗବାନ୍-ଙ୍କଠାରେ ପ୍ରାର୍ଥନା କରୁଅଛୁଁ କି ପ୍ରଭୁ ଶ୍ରୀଶ୍ରୀମତୀଙ୍କର ଆୟୁ ଯଶ, ଗୌରବ, ଧନ, ବଂଶ ଓ ରାଜ୍ୟ ଉତ୍ତରୋତ୍ତର ବୃଦ୍ଧି କରନ୍ତୁ ଯେ ବସୁନ୍ଧରା ସାମ୍ରାଜ୍ୟ ପଞ୍ଚବର୍ଷଶାଳୀ ରାଜ୍ୟ ଭିଡ଼ାମ୍ବୀ ଶ୍ରୀଶ୍ରୀମତୀଙ୍କ ପ୍ରତାପରେ ପରେପରତ ହେଉ । ଓ ଶ୍ରୀଶ୍ରୀମତୀଙ୍କର ରାଜ୍ୟରେ ବର୍ତ୍ତମାନ ସୁଶାସନରୁ ଯେପରି ବାଣିଜ୍ୟ ଧନ ଆଦ ବୃଦ୍ଧି ହେଉଅଛି ତହା ଦନଦନ ଅଧିକରୁ ଅଧିକ ହେଉ ଓ ଶ୍ରୀଶ୍ରୀମତୀଙ୍କର କୀର୍ତ୍ତି ଚିରକାଳ ମଙ୍ଗଳ କରୁ ଦଶଗ୍ରାମ ଆଲୋକିତ କରୁଥାଉ ।

Ranpur, } Balkrishna Mahapatra.
24—2—87}

ଧାରକୁଟ —ହେସ-।- ନୃତ୍ୟଗୀତ ବାଦ୍ୟ ପାଳକମାନେ ଉତ୍ସାହ ଆମୋଦ ପ୍ରମୋଦ ଯଥାବିଧିରେ ହୋଇଥିଲା । ରାଜା ଏକ ବୃହତ୍ ସଭା କରି ଅନେକ ବଡ଼ଲୋକ ଓ ପ୍ରଜାମାନଙ୍କୁ ଆମନ୍ତ୍ରଣ କରି ଥିଲେ । ସଭରେ ଅବୈତନିକ ଏହି ଉପଲକ୍ଷରେ ରଚନା ହୋଇଥିବା ପଦ୍ୟ ଏବଂ ଏକ ଅଭିନନ୍ଦନପତ୍ର ପଠିତ ହେଲା । ଅଭିନନ୍ଦନପତ୍ରର ପ୍ରତିଲିପି ନିମ୍ନେ ପ୍ରକାଶ କଲୁଁ । ଯଥା ।

To
The Queen's Most Excellent Majesty
The Empress of India.
The humble and dutiful address of

Split by PDF Splitter
Digitized by srujanika@gmail.com

Split by PDF Splitter



83

Gour Chandra Mansing Harichandan Mardaraj Bhramerabara Rai Bahadur Rajah of Parikud and President of the Parikud Sabha held at Gurh Kristaprosad on the occasion of the celebration of her Jubilee.

Most Gracious Sovereign,

We the President and members of the Sabha approach your Majesty's person with our most lively and unfeigned congratulations on the completion of the fiftieth year of your Gracious Majesty's accession to the throne of England. When it pleased the Divine Power to place the sceptre in your Majesty's hand, the loyal people whom your Majesty was ordained to govern, received with pleasure your Majesty's first declaration. When it pleased the Almighty to establish your Majesty to the Empress of India, your subjects showed signs of the greatest pleasure, because what had been for years tofore real was entry into nominal execution, and now we have to congratulate your Majesty on the completion of the fiftieth year of your Majesty's reign, as such we experience and acknowledge the blessings of your Majesty's benevolent rule. Through the lapse of nearly half a century, your Majesty has proved yourself on every occasion graciously interested in the maintenance and kind treatment of your Indian subjects of which they had been for many centuries before entirely unware. Parikud is an isolated island in the Chilka Lake, the inhabitants of which were left uncared for and unthought of by your predecessors. It is indeed a great thing to think of the advancement of learning and spread of civilzation and execution of relief work in time of scarcity in an state like Parikud. Fifty years of your Majesty's enlightened Government has effected such and appreciable change in this country that each and every one of its inhabitants has sufficient reason to pray for the continuance of this reign for another fifty years.

Sd. G. C. M.
Rajah of Parikud &
President of Sabha.

# ସାପ୍ତାହିକ ସମ୍ବାଦ ।

ଏବର୍ଷାଦିରୁ ପ୍ରକୃତ ଗ୍ରୀଷ୍ମଋତୁ ଉପସ୍ଥିତ ହୋଇଅଛି । ଶୀତର ନାମ ନାହିଁ ଏବେ ବୃଷ୍ଟିର ବଡ ପ୍ରୟୋଜନ ହୋଇଅଛି ।

ଶିକ୍ଷାବିଭାଗର ଇନସ୍ପେକ୍ଟର ବାବୁ ବ୍ରଜମୋହନ ମଲ୍ଲିକ ଗତ ସୋମବାର ଏଠାରେ ପହୁଞ୍ଚି ଗତ କାଲି ପୁରୀକୁ ଯାତ୍ରା କଲେ ।

ଅସ୍ମାକଙ୍କ କଲେକ୍ଟର ଶ୍ରୀଯୁତ କୋଲଟନ ସାହେବ ଆଜ କାଲକତା ଯିବେ ନୂତନ କଲେକ୍ଟର ହେନଡ ସାହେବ ଗତ ସୋମବାର ଠାରୁ ଏଠାରେ ପହୁଞ୍ଚି ଅଛନ୍ତି ।

ଉତ୍ତର ସବ୍ ଡିଭିଜନର ସବ୍ ଡେପୁଟୀ ବାବୁ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ ଦଶମାସର ଛୁଟୀ ପ୍ରାପ୍ତ ହୋଇ ଅଛନ୍ତି । ଶୁଣାଯାଏ ତାହାଙ୍କ ଜାଗାରେ ବାବୁ ନନ୍ଦକିଶୋର ଦତ୍ତ ନିଯୁକ୍ତ ହେବେ ।

ଗତ ଫିବ୍ରୁଏରି ମାସ ତା ୨୦ ରିଖ ରବିବାରଦିନ ହାଞ୍ଜୋଦାଙ୍କ ସହାନ୍ତ ଗୃହଲଗୋଦାମରୁ ୫୧୫୦୦ଙ୍କା ସେନ ଜଣେ ଭୂର ଓ ଜଣେ ମୁସଲମାନ ତପସ୍ୱି ଏଉସ୍ଥାରେ ଚଢ଼ୁଥିଲେ । ସେଠା ଗୋଦାମବାବୁ ୫୫୦୦୫ ଙ୍କା ଗୁମାସ୍ତାଙ୍କୁ ଦେଇ ବାଗ ଟଙ୍କାଥିବ ଡଷ୍ଟ ଉଷ୍ଟାକୁ ବାହାଇଲେ । ଜନେଣ ମନୁଷ୍ୟ ଗୃହଲହେବ ବୋଲି ବହୁ ଏମାନଙ୍କର ମଙ୍ଗ ହେଲ ସେମାନେ ସଙ୍ଗେହୋଇ ପଞ୍ଚପଞ୍ଚା ନିକଟରେ ଥିବା ନଙ୍ଗ୍ଳକୂଳରେ ସନ୍ଧ୍ୟା ସମୟରେ ପହୁଞ୍ଚିଲେ । ନଙ୍ଗର ଉତ୍ତରକୂଳରେ ଟଙ୍କା ରଖି ତପସ୍ୱି ଓ ଭୂର ଖାଦ୍ୟ ଦେଇବାକୁ ଗଲେ ଏହି ସମୟରେ ଅପରିଚିତ ବ୍ୟକ୍ତି ଟଙ୍କାଥିବ ଡେଇ ନଙ୍ଗରେ ପଡିଲା ତାହାଦେଖି ତପସ୍ୱି ଓ ଭୂର ପଛେ ଗୋଡାଇ ନଙ୍ଗରେ ପଡିବା ସମୟରେ ସେ ବ୍ୟକ୍ତି ନଙ୍ଗର ଦକ୍ଷିଣକୂଳକୁ ପହଞ୍ଚିଯାଇ ନିକଟରେ ଥିବା ଉଅବାଡ଼ନୂଲଠାରେ ଅନ୍ଧାରରେ ଅନ୍ତର୍ଦ୍ଧାନ ହେଲ ସେମାନେ ତତ୍କ୍ଷଣାତ୍ ଥାଣ୍ଟରେ ଖବର ଦେବାକୁ ଅନୁସନ୍ଧାନ ଚଳିଅଛି ଅଦ୍ୟାପି କିଛି ସ୍ଥିରହୋଇ ନାହିଁ । ଚୋରଙ୍କ ଧୋଇ ଧୋଇ ଧରା ଯାଇଅଛି । ତପସ୍ୱି ସେମାନେ ଏ ମୂଳ ଚୋରଙ୍କୁ ସାହସୀ ଅଟଇ ।

ପିଣ୍ଡିକା ଟଙ୍କା ଦେବା ବିଷୟରେ ହୃଦୟ ଅମାନ୍ୟ କରିବାରୁ ସଙ୍ଗ ମଉରର ଉହିଉର ଅଦାଲତର ଅନୁମତ ଅନୁସାରେ ତାହା ନାମରେ ଫୌଜଦାରୀ ମୋକଦ୍ଦମା ଦାଏର କରିବାରୁ ହାଇକୋର୍ଟରେ ମୋସନ ହୋଇ ମୋକଦ୍ଦମାବଗ୍ରର କରିବାର ଅଦେଶଥାଇ ମ୍ୟାଜିଷ୍ଟ୍ରେଟ ଓ ଏ ନେ ହାକମ ଚଳାଇବାର ହେବୁ ଦେଖାଇବାକୁ ରୁଲ ଉପରେ ଜାରି ହୋଇଅଛି । ଏହିମାସ ତା ୨୮ ଦିନରେ ଶୁଣାଯିବ ନିର୍ଣ୍ଣୟ ହେବ ।

ଲଲିତିର ସ୍କାନର ପାଡ଼ା ବନ୍ଦ ହୁଣା ଅଛି ଏବ ସେ ସମ୍ପତ୍ତିରୁଚ ଅଗ୍ରେଳ ହେବାର ଆଶା ହେଉଅଛି ବଡ଼ ସୁଖର ବିଷୟ ଅଟଇ । ତାହାଙ୍କ ତତ୍ତ୍ୱାବଧାନ ଗଡ଼ଠାରୁ ବାଲେଶ୍ୱରକୁ ନେବା ଦଣ୍ଡରେ କଢ଼ାବିମାନେ ଖୁସି ନାହାନ୍ତି ।

ପତ୍ର ପ୍ରେରକଙ୍କ ପ୍ରତି ।

ଜଣେ ପ୍ରଶ୍ନକର୍ତ୍ତା— ନାମ ଓ ଠିକଣା ନ ଦେଇ ପରର ଗ୍ଳାନି ଲେଖିବା ପ୍ରଶ୍ନକର୍ତ୍ତାଙ୍କ ଧର୍ମାନୁରୂପ କାର୍ଯ୍ୟ ନହେବ ଅତଏବ ଉପେକ୍ଷିତ ହେଲା ।

G. N. J.—ବାବୁ ମଥୁରାଲାଲ ଭଗତ ଙ୍କୋପାଧ୍ୟ ସ୍ୱତନ୍ତ୍ରତାର ଯେଉଁ ସେଷଚାଲ ଲେଖିଥିଲେ ତାହା ଅଲ୍ପକାଳପୂର୍ବରେ ସାଧ ହେଲେହେଁ ପୁନରୁଦ୍ଧୋଷଣାରେ ବଡ ଚମତ୍କାର ହୋଇଥିଲା । ଡକ୍ଟର କୃଷ୍ଣବର୍ଦ୍ଧା ମଲ୍ଲିକ ସେଟେ ବନାଇବାର କୌଣସି ଛାଏଣା ନ ଥିଲା କେବଳ ବାଙ୍କୁଡ଼ାର ଏକଛାଏଣା ବାନ୍ଧି ଥିଲେ । ମଲ୍ଲିକଙ୍କର ପ୍ରଥମାବସ୍ଥାରେ ବସ୍ତ୍ର ଉଡ଼ି ହେବାରୁ ନୃତ୍ୟ ଗାୟକର ସୁଖ ତଣାମଲା ନାହିଁ ।

ପ୍ରେରିତପତ୍ର ।

ପ୍ରତ୍ୟେକ ପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହୋଦୟ ସମୀପେଷୁ

ମହାଶୟ !

ଶ୍ରୀମତୀ ଭାରତେଶ୍ୱରୀଙ୍କ ଜୁବିଲି ଉପଲକ୍ଷରେ ପାରଳାଖେମଣ୍ଡିରେ ଜୁବିଲୀପୂଜାର ଯେଉଁ ସଭା ଅଧିବେଶିତ ହୋଇଥିଲା ତହିଁରେ ବାବୁ ବୃନ୍ଦାବନଚନ୍ଦ୍ର ପାଣିଗ୍ରାହି ଉଲକ୍ଷିତ ପଦ୍ୟ ଏକ ରଚନାଟି ପାଠକରି ଶୁଣାଇଥିଲେ ।—

ସ୍ୱର୍ଗ ଅଙ୍କସଂବରଣ ଜାତିଶ୍ୱରପ୍ରସ୍ଥ ।

ସାଣୀଙ୍କ ଚତୁର୍ଥୀ ତତ ଦୃଢ଼ଃକଳ ସ୍ମରେ । ୧
ଭାରତେଶ୍ୱରୀଙ୍କ କୀର୍ତ୍ତି ବୃଦ୍ଧିକର ସଙ୍ଗେ । ୨
ହିନ୍ଦୁଚକ୍ରବର୍ତ୍ତିନୀଙ୍କ ଶତ୍ରୁସମ୍ବଳ ।
ଦାସ ଦେବାଣ ଯାକେଣ ନ ରଖି ବରବନାଶଙ୍କୁ । ୩
ସଙ୍କ ପୁଷ୍ଟିଣ ଗଣ୍ଡର ଭଙ୍ଗ କର ଦଳିଷ୍ଟିଗା । ୪
ପଦ୍ମ ଶଙ୍ଖସ୍ୱର ପଦ ଦୃଷ୍ଟକୁ ଶୋଭଗା । ୫ ।
ପୁତ୍ର ମିତ୍ରସହିତ ତାଙ୍କୁ ମଙ୍ଗଳ କର ହେ ।
ପୃଥ୍ୱୀସମ ପ୍ରଜାଙ୍କ ଭକ୍ତି ସନ୍ତତ ଦର ହେ । ୬

୧୬—୨—୮୭ }
ପାରଳାଖେମଣ୍ଡି } ଶ୍ରୀ ସ୍ୱାସ୍ଥ୍ୟଳର ସାମ୍ବସ୍କରୁ ।

ଙ୍କ ସାହାଯ୍ୟରୁ ରଚନାଟି ପ୍ରକାଶ କରିପାରିଲୁ ନାହିଁ— ସମ୍ପାଦକ ।

———

ଚଳିତମାସ ତନମାସ ଗତ ତା ୧୩ ରିଖ ରବିବାର ଓ ତା ୧୬ ରିଖ ବୁଧବାର ଏବଂ ତା ୨୦ ରିଖ ରବିବାରରେ ଅମୃତ ଶ୍ରୀ ଜଗନ୍ନାଥ ସଭାର କମିଟିର ଅଧିବେଶନ ହୋଇ ବର୍ଦ୍ଧମାନ ଶାସ୍ତ୍ରୀଙ୍କ ଓ ନିମ୍ନଲିଖିତ ବିଷୟମାନ ନିଷ୍ପତ୍ତି କରାଯାଇଅଛି ।

୧ । ତା ୧୩ ରିଖ ଅଧିବେଶନରେ ମହାରାଣୀଙ୍କ ହୋଇଥିବା ମୋକଦ୍ଦମା ତଥାର ନେବା ସକାଶ ଜୁବିଲି ଦିବସ ସଭାରେ ପଠନ ଓ ଶ୍ରବଣ ହେବା ନିମନ୍ତେ ଭୂତଳା ଅଭିନନ୍ଦନପତ୍ର ଇଣ୍ଡିଆଗଭର୍ଣ୍ଣମେଣ୍ଟ ଓ ବେଙ୍ଗାଲଗଭର୍ଣ୍ଣମେଣ୍ଟଙ୍କୁ ଟେଲିଗ୍ରାଫଦ୍ୱାରା ପଠାଯାଇ ଅଛି ।

Digitized by srujanika@gmail.com

୨ । ଗତ ଶନି ତା ୧୭ ରିଖେ ଏ ପ୍ରଦେଶର ଜୁବଲି ଉପଲକ୍ଷେ ଛତ୍ରାର ଶ୍ରୀଯୁକ୍ତ କଲେକ୍ଟର ସାହେବ ଓ ଶ୍ରୀ ଡାକ୍ତର ସାହେବ ବିଶେଷତଃ କଲେକ୍ଟରୀ ସିରସ୍ତାଦାର ଶ୍ରୀଭଗବାନପ୍ରସାଦ ଦତ୍ତଙ୍କ ବହୁପରିଶ୍ରମ ଓ ଯତ୍ନଦ୍ୱାରା ଏକ ଭୋଜୀତେ ଦେଶୀୟମାନଙ୍କ ଦ୍ୱାରା ଅଟଳିକାର ଓ ଫାଟକ ପ୍ରଭୃତିଦ୍ୱାରା ମଣ୍ଡିତ ଏବଂ ଦୀପବାଜି ପ୍ରଭୃତିଦ୍ୱାରା ପ୍ରଦୀପ୍ତ ଏବଂ ନୃତ୍ୟଗୀତାଦିରେ ଓ ଖ୍ୟେଷ୍ଟଇଦ୍ୱାରା ଏକାନ୍ତ ଅମୋଦିତ ହୋଇ ଉଠିଥିଲା ଓ ଦରିଦ୍ରମାନେ ନୂତନବସ୍ତ୍ର ଲାଭ କରିଥିଲେ ତଥାପି ଅମ୍ଭର ମହାମାନ୍ୟ ସଭ୍ୟ ନିକଟ୍ୟସ୍ଥରେ ପ୍ରାୟ ପାଞ୍ଚଶତ ବ୍ରାହ୍ମଣଙ୍କୁ ଭୋଜନ ଦେବା ଓ ରାଜ୍ଞୀଙ୍କ ଦୀର୍ଘାୟୁ ପର୍ଯ୍ୟନ୍ତ ସଙ୍କୀର୍ତ୍ତନଆଦି ଓ ଦେଶବାସୀ ବଡ଼ ରାଜଭକ୍ତି ପ୍ରଦର୍ଶନ କରାଇବା ପକ୍ଷେ ତ୍ରୁଟି କରି ନ ଥିଲେ ।

୩ । ଶ୍ରୀଯୁକ୍ତ ମିଉନିସିପାଲିଟୀ ଚେୟାରମ୍ୟାନ ବିଶେଷତଃ ଉକ୍ତ ସଭାସଦମାନଙ୍କ ଅନୁଗ୍ରହକ୍ରମେ ଜାଗରିତ ପ୍ରାୟ ଅଧିକାଂଶ ନଗରବାସୀ ଆପଣା ଆପଣା ବାଟିକୁ "ଫାଟକାଦ ଓ ଓ୍ୟେଲକମ" ଦ୍ୱାରା ସୁଶୋଭିତ ଏବଂ ନଗର ଦ୍ୱାରଦେଶକୁ ପ୍ରଦୀପମାଳାରେ ବିଭୂଷିତ କରିଥିଲେ ।

୪ । ଶ୍ରୀଜଗନ୍ନାଥଦେବଙ୍କ ମନ୍ଦିର ଶ୍ରୀ ରାଣୀଙ୍କ ଶ୍ରେୟସ୍କରେ ଦୀପମାଳାରେ ମଣ୍ଡିତ ହୋଇ ଅପୂର୍ବ୍ବାଂଶରୂପା ସ୍ୱର୍ଗୀୟ ଶୋଭା ଧାରଣ କରିଥିଲା ।

୫ । ମହାସ୍ତଙ୍କ ଏଥିପୂର୍ବେ ଯେଉଁ ସାରସ୍ଥାଧାସୁର ମୋକଦ୍ଦମା କଥା ଲେଖିଥିଲୁଁ ସେ ମୋକଦ୍ଦମା ଶେଷ ଏଠାରେ ବିଶେଷ ରାଜ୍ୟ ଗୋଳ ଲାଗିଅଛି କାରଣ ଉକ୍ତ ମୋକଦ୍ଦମା ଏ ମହକୁମାରେ ବିଚାର ନ ହୋଇ ଅନ୍ୟ ଅଦାଲତରେ ବିଚାର ହେବା ସକାଶ ହାଇକୋର୍ଟରେ ମଉସମୀ ଲଗିବା ନିମନ୍ତେ ପ୍ରତିବାଦୀଙ୍କ ତରଫରୁ ମହଲତ ହୋଇଥିବାର ଜନରବରେ ଶୁଣାଯାଉଅଛି । ଇତି ତା ୨୩ ରିଖ ଫିବୃଏରୀ ସନ ୧୮୮୭ ମସିହା ।

ଏକାନ୍ତ ବଶମ୍ବଦ—
ଶ୍ରୀ ଶ୍ରୀଜଗନ୍ନାଥବନାଜିତ ଧର୍ମ୍ମରକ୍ଷିଣୀ ସଭାର
ସହକାରୀ ସମ୍ପାଦକ—
ଶ୍ରୀ ସଦାଶିବଦାସ ପଟ୍ଟନାୟକ

---

### ପ୍ରଶ୍ନଭଙ୍ଗ ।

ଏ ବର୍ଷ ବର୍ଣ୍ଣାକୁଲର ପରୀକ୍ଷାର ପ୍ରଶ୍ନ ଛପିବାର ଭାର ଅତି ଭୟଙ୍କର ଯନ୍ତ୍ରର ଉତ୍କଳସ୍ଥ ପ୍ରେସରେ ଦିଆ ଯାଇଥିଲା, କିନ୍ତୁ ସେହି ବଡ଼ କାମ ଜାଣି କଲା! ଅମ୍ଭମାନଙ୍କର ଦୃଢ଼ବିଶ୍ୱାସ ଯେ, କେଉଁ ପ୍ରେସରେ ପ୍ରଶ୍ନ ଛପା ହୁଏ ତାହା ବାହାରର ଲୋକେ ଜାଣିବା ଦୂରୁହ କିନ୍ତୁ ଉତ୍କଳସ୍ଥ ପ୍ରେସ ବଡ଼ ସରଳାନ୍ତଃକରଣ !! ତାଙ୍କ ମନରେ କମ୍ପ ଅନ୍ତଃକରଣରେ ଛଳ କପଟ ମଳ ଧୂଳି କିଛିଏ ମାତ୍ର ନାହିଁ !!! ସେଠାରେ ପ୍ରଶ୍ନ ଛପା ହେବାର ସପ୍ତ ଏଡ଼ି କହନ୍ତି ଯେ, କେଉଁଦିନ କେଉଁବେଳେ କି ପ୍ରଶ୍ନ ଛପା ଯାଇଥିଲା ତାହା କେବଳ ଦଶ ବାରଗୋଟି ମନୁଷ୍ୟ ଜାଣିଥିଲେ—ବେଶି ନୁହେଁ । ଏହିରୂପେ ପ୍ରଶ୍ନ ଛପାହେବାର ସମ୍ବାଦ କେତେକ ସ୍କୁଲ ଛାତ୍ରଙ୍କ କର୍ଣ୍ଣଗୋଚର ହେବାରୁ ଉଲୋକଦ୍ୱାରା ପ୍ରଶ୍ନ ଅପହୃତ ହେବାର ସୂତ୍ରପାତ ହେଲା । ଗୋଟିଏ ଲୋକର ବାଟ ଫିଟିଲା ।

ବଡ଼ିଆ ହୁଅନ୍ତୁ ସେ ଦୁଇଜଣ କମ୍ପୋଜିଟର କୌଶଳକ୍ରମେ ପ୍ରେସରୁ ପ୍ରଶ୍ନ ନେଇ, କେତେକ ପରୀକ୍ଷାର୍ଥିଙ୍କ ଠାରୁ ପ୍ରାୟ ଟ ୭୦୲ ବା (କେହି କହନ୍ତି ଟ ୮୪୲ ବା ) ଉଠାଇ ସ୍ୱକଣ ଭାଷ ଶେଷକଙ୍କୁ ଦାଖଲ ଏବଂ ଇତିହାସ ଭୂଗୋଳ ପ୍ରଭୃତିର ପ୍ରଶ୍ନ ଲେଖି ଦେଇଥିଲେ । ଉକ୍ତ ବାଳକମାନଙ୍କ ମଧ୍ୟରୁ ଜଣେ, କଟକର ପରୀକ୍ଷକଙ୍କ ନିକଟକୁ ଗୋଟିଏ ପ୍ରଶ୍ନର ଉତ୍ତର ପଚାରି ପଠାଇବାରୁ ଏବଂ ଅନେକଙ୍କର କେତେକ ପ୍ରଶ୍ନର ଉତ୍ତର ପସ୍ତୁତ ହୋଇ କଥାଟା କ୍ରମଶଃ ପ୍ରକାଶ ହେଲା ଏବଂ ଅଳ୍ପ ଲୋକ ମହାଦେବ ଜାଣିଲେ ।

ବଳଗ୍ରମଦାରୁ ପ୍ରେସର ସୁପରିଣ୍ଟେଣ୍ଡେଣ୍ଟ । ସେ ଯେଉଁରୂପ କାର୍ଯ୍ୟରେ ଏବଂ ହରିଜ ତାହା ସମସ୍ତେ ଜାଣନ୍ତି । ଅମ୍ଭମାନଙ୍କ ବିବେଚନାରେ ତାଙ୍କର କୌଣସି ଦୋଷ ନାହିଁ କାରଣ ସେ କମ୍ପୋଜିଟରମାନଙ୍କୁ କମ୍ପ ମାଟ୍ରିକୁଲେଟଙ୍କୁ ପଦଗ୍ର କରିଥାନ୍ତି ନାହିଁ । କିନ୍ତୁ ବର୍ତ୍ତମାନ ଚରିତ୍ର ଅନୁସନ୍ଧାନ ନ କରି ସେମାନଙ୍କ ଉପରେ ଭାର ଦେବା ଗୋଟିଏ ମହତ୍ ଦୋଷ ।

ଅନୁସନ୍ଧାନଦ୍ୱାରା ଏହି ତତ୍ତ୍ୱ ଜଣାଗଲା । ସୋମବାରଦିନ ପରୀକ୍ଷା ବସିଥିବାର ନିମିତ୍ତ ଦିନ ହେବାର କଥିତ ହେଲା । କିନ୍ତୁ ମଙ୍ଗଳବାର ପରୀକ୍ଷାର ନିର୍ଦ୍ଧାରିତ ଦିବସ ଥିବାରୁ ଅନ୍ୟାନ୍ୟ କେନ୍ଦ୍ରକୁ ପ୍ରଶ୍ନ ଚାଲି ଯାଇଥିଲା ଏବଂ ମୋଫସଲର ଛାତ୍ରମାନେ ଏଠାରେ ଉପସ୍ଥିତ ହୋଇଥିଲେ । ଦଶ ୨୦ ମାଇଲ ଦଶ ୩୦ ମାଇଲ ବାଟରୁ ଅଇଥିଲେ । ସେମାନେ କେତେ କଷ୍ଟ ସହ୍ୟ କରି ଏବଂ ଖର୍ଚ୍ଚ କରି ହୋଇ ଫେରିଗଲେ । ଏଥିନିମନ୍ତେ ଦାୟୀ କିଏ ? ଜଣେ ଉତ୍କଳବାସୀ ନା ଉତ୍କଳସ୍ଥ ପ୍ରେସ ?

ପିଲାମାନେ ପ୍ରଶ୍ନ ଜାଣିଥିଲେ କିନ୍ତୁ ଆଉ ଗୋଟିଏ ବଡ଼ମଜା । ଯେ ସାଧୁବାବୁ ଓ ଲୁପଛ ବାବୁ ମଧ୍ୟ ପ୍ରଶ୍ନଜାଣିଥିବାର ବିଶ୍ୱାସସୂତ୍ରେ ଅବଗତ ହେଲୁଁ । କେହି କହନ୍ତି " ସାଧୁବାବୁ ଜଣେ ପରୀକ୍ଷକ; ସେ ଜାଣିଲେ ଦୋଷ କଣ ? " କିନ୍ତୁ ପରୀକ୍ଷକମାନେ ସେ ସାତ ଶୁଣି ମଧ୍ୟ ପାରନ୍ତି ଏଟା ସେହିକ୍ରୁର ସ୍ୱତଃସିଦ୍ଧ ନୁହେଁ । ଲୁପଛବାବୁର ଗୋଟିଏ ମାନନର ସ୍କୁଲର ଶିକ୍ଷକ, ସେ କପଟ ପ୍ରଶ୍ନ ଦେଖିବାକୁ ଉଚିତ ପାରନ୍ତେ ? ଅମ୍ଭମାନଙ୍କ ବିବେଚନାରେ ସେମ [illegible] ଘର ଲୋକ ଭୁଲ୍ୟ । ସେମାନେ ଯେତେବେଳେ ଦେଖିଅଛନ୍ତି, ପ୍ରେସର ମାଲିକର ବନ୍ଧୁ ଏବଂ ଉଚ୍ଛଲ୍ଲାରେ ସେମାନଙ୍କୁ [illegible] ଜାଣନ୍ତି, ଏପରିସ୍ଥଳେ ଆଉ କେତେଲୋକ ମଧ୍ୟ ଦେଖିଥିବା ବା ଜାଣିଥିବା ଆଶ୍ଚର୍ଯ୍ୟ କଣ ? କେହି କହନ୍ତି ଯେ, ବଲଙ୍ଗୀରବାବୁଙ୍କର ଗୋଟିଏ ଛାତ୍ର ପ୍ରଶ୍ନ ଛପା ହେବା ସମୟରେ ସେଠାରୁ ଗଲାଆସିର କରୁଥିଲା । ସେହି ଏକ ଭୁମକାଣ୍ଡ ଉପସ୍ଥିତ ହେବାରୁ ଏ କଥା ସବୁ ବାହାରିଲା ନୋହିଲେ ଯେବେ ଏପରି ଘଟ ନ ଆନ୍ତା କଣ୍ଟ ପ୍ରକାଶିତ ହୋଇ ନ ଥାନ୍ତା ତେବେ କିଏ ଜାଣନ୍ତା ଯେ ସାଧୁ ଓ ଲୁପଛ ପ୍ରଶ୍ନ ଦେଖିଥିଲେ ? ଉତ୍କଳଦର୍ପଣ ସହଯୋଗୀ କେଉଁଠାରେ ମୀମାଂସିତ ହେଲା ନ ଥାନ୍ତା କି ? ସାଧାରଣ ହେଉ ଅମ୍ଭେମାନେ ଆଉ ପ୍ରେସର ଦୋଷ ବର୍ଣ୍ଣନା କରୁ ନାହୁଁ, କାରଣ ସେ କେବଳ ପ୍ରକୃତ ମର୍ଯ୍ୟାଦା ଜାଣନ୍ତି !

ଅଉ ଗୋଟିଏ କଥା ଏହି ଯେ ଜଏଣ୍ଟଇନ୍ସପେକ୍ଟର ପ୍ରଶ୍ନ ଛପା ହେବା ସମୟରେ ଦର୍ଶି ନ ଥିଲେ । ପ୍ରେସକୁ ଯାଇ ତାଙ୍କର ଏତେ ଭରସା କାହିଁକି ? ବୋଧହୁଏ ପ୍ରେସକର୍ତ୍ତାଙ୍କଲେ ସେ ସର୍ବଦା ପରିଚିତ ଥାଆନ୍ତି କିନ୍ତୁ " ଅତିବିଶ୍ୱାସର ଲକ୍ଷଣ " ଏ କଥା ତାଙ୍କୁ ଜଣା ନାହିଁ ପରି ? ପ୍ରଶ୍ନ ଛପିବାର ବଡ଼ ଦାୟିତ୍ୱ କାର୍ଯ୍ୟ । ସାମାନ୍ୟଲୋକଙ୍କ ଉପରେ ନିର୍ଭର କରି ସେମାନଙ୍କୁ ବିଶ୍ୱାସ କରି ରହିବା ହେବା କଲ କି ?

ଯେଉଁମାନେ ଏରୂପ ବିଶ୍ୱାସଘାତକ କାର୍ଯ୍ୟ କରି ଅସହାୟଲୋକଙ୍କୁ କଷ୍ଟ ଦେଇ ନଷ୍ଟ କଲେ, ଗବର୍ଣ୍ଣମେଣ୍ଟର କେତେମନ୍ତେଏ ଅର୍ଥର ଶାସ୍ତି

Split by PDF Splitter



କଲେ ଏବଂ ପ୍ରେସର ଯଶଃ ବିସ୍ତାର କଲେ, ସେମାନଙ୍କୁ ଉପଯୁକ୍ତ ଦଣ୍ଡ ଦିଆଯିବା ଅମ୍ଭମାନଙ୍କ ଉଦ୍ଦେଶ୍ୟରେ ସର୍ବତୋଭାବେ କର୍ତ୍ତବ୍ୟ । ... ମହାଶୟ ଦୟାମୋଦରେ ... ସେମାନଙ୍କୁ ଶାସ୍ତି ଦେବା କଦାଚ ନ୍ୟାୟସଙ୍ଗତ ନୁହେ । ଇତି ।

ଶ୍ରୀ ... କଟକ

## ଦ୍ରବ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ... ମୋହନ ସେନ ବାଲେଶ୍ୱର | ... | ଟ | ୩ |
| ... ନାୟକ ତହସିଲଦାର ଅନୁଗୋଳ | . | ଟ | ୩ |
| ... ପାଟପୁର | . | ଟ | ୩ |
| ରାଜା ... ବଡ଼ାମ୍ବା ଓ | . | ଟ | ୧୦ |
| ବାବୁ ... ପ୍ରସାଦ ଦତ୍ତ ... | . | ଟ | ୩ |
| ... ମହାନ୍ତି ... | . | ଟ | ୩ |
| ... ଆସ ଜମିଦାର ବାଲେଶ୍ୱର | . | ଟ | ୩ |
| ... କଟକ | ବାକିସ୍ଥ | ଟ | ୩ |
| ... | ଅଗ୍ରିମ | ଟ | ୩ |
| ଶ୍ରୀ ... | ବାକିସ୍ଥ | ଟ | ୧୧୫ |
| ବାବୁ ... ନାଥ ଘୋଷ କଟକ | ଅଗ୍ରିମ | ଟ | ୩ |
| ... ନାଥ ଘୋଷ | . | ଟ | ୩ |
| ... ମହାନ୍ତି | . | ଟ | ୧ |

ଭ୍ରମ ସଂଶୋଧନ
୫ ।୮୭

... ନାମ ପରିବର୍ତ୍ତେ ଗୋପୀନାଥ ... ନାମ ହେବ ।

## ବିଜ୍ଞାପନ ।

ଯେହେତୁ ... ନିୟମମତେ ... ଭିନ୍ନ ଭିନ୍ନ ... ସର୍ବସାଧାରଣଙ୍କ ଉପରେ ... ଦ୍ୱାରା ... ମାର୍ଚ୍ଚମାସ ... ମଙ୍ଗଳବାର ଦିନଠାରୁ ... ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେ କୌଣସି ବ୍ୟକ୍ତିର ... ଅଛି ସେମାନେ ... ଠିକ ପଟ୍ଟା ଦେଇ ... ମଧ୍ୟରେ ବାନ୍ଧି ରଖିବେ କୌଣସି ... ବାହାରେ ... ପାଯାଗଲେ ତାହା ... ତା ୨୩ ରଖ ଫିବ୍ରୁଏରୀ ସନ ୧୮୮୭ ମସିହା ।

**ବିଶେଷ ଦ୍ରଷ୍ଟବ୍ୟ ! ବିଶେଷ ଦ୍ରଷ୍ଟବ୍ୟ !!**
**ବିଶେଷ ଦ୍ରଷ୍ଟବ୍ୟ !!!**
ରାଜା କୃଷ୍ଣସିଂହଙ୍କ କୃତ

# ମହାଭାରତ ।

—୦—

ମହାଭାରତ ଯେ କେମନ୍ତ ପରମାଦରଣୀୟ ଗ୍ରନ୍ଥ ଏହା ପ୍ରାୟ କୌଣସି ହିନ୍ଦୁମଣ୍ଡଳୀରେ ଅପ୍ରକାଶ୍ୟ ନାହିଁ । ଏ ମହାଗ୍ରନ୍ଥକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ କାମନାରେ ବିଶୁଦ୍ଧମାନସରେ ସତତ ଶ୍ରବଣ କରିବାର ପ୍ରଥା ଥିବା ପ୍ରତ୍ୟକ୍ଷେ କେବଳ ପ୍ରଧାନ ପ୍ରଧାନ ଗୃହମାନଙ୍କ ଗୃହରେ ଏଥିର ଏକ ଏକ ସାର ଯତ୍ନପୂର୍ବକ ସଞ୍ଚିତ ହୋଇ ରହିଥିବାର ଲକ୍ଷିତ ହୁଏ । ଏଥିର ପୂର୍ଣ୍ଣ ଅଷ୍ଟାଦଶପର୍ବ ଲେଖାଇ ରଖିବା ଯେମନ୍ତ ସୁବୃହତ ବ୍ୟାପାର ତେମନ୍ତ ବହୁବ୍ୟୟସାଧ୍ୟ । ସୁତରାଂ ଏଥିର ଅଭାବ ସାଧାରଣରେ ସର୍ବଦା ବିଦ୍ୟମାନ ରହିଅଛି ।

ଦେଶହିତୈଷୀ ବିଜ୍ଞ ଓ ଧନବାନଙ୍କ ସାହାଯ୍ୟ ବ୍ୟତିରେକେ ଏତଦଭାବ ବିଦୂରିତ ହେବାର ଉପାୟାନ୍ତର ନାହିଁ । ଏଥିପାଇଁ ଆମ୍ଭେମାନେ ଏକାବେଳକେ ସମସ୍ତ ବ୍ୟୟଭାର ବହନ କରିବାକୁ କାହାରିକି ଅନୁରୋଧ କରି ନ ପାରି କେବଳ ଏଥିର ମର୍ମଗ୍ରାହୀ ଓ ଅଭିଳାଷିଗଣ ଏଥିରୁ ଏକ ଏକ ସାର ଅନୁଗ୍ରହପୂର୍ବକ ଗ୍ରହଣ କରିବା ବିଷୟରେ କୃତସଂକଳ୍ପ ହେଲେ ଅମ୍ଭେମାନେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଅତି ସ୍ୱଳ୍ପମୂଲ୍ୟରେ ସାଧାରଣଙ୍କୁ ଉକ୍ତ ଗ୍ରନ୍ଥ ଯୋଗାଇବା ବିଷୟରେ ଅଗ୍ରସର ହେବୁଁ ।

ଏ ପ୍ରଦେଶରେ ଦୁଇପ୍ରକାର ମହାଭାରତ ପ୍ରଚଳିତ ଅଛି ଅର୍ଥାତ ଶାରଳାଦାସଙ୍କ କୃତ ଓ କୃଷ୍ଣସିଂହଙ୍କ କୃତ । ଶାରଳାଦାସ ମହାଭାରତଠାରୁ କୃଷ୍ଣସିଂହଙ୍କର ମହାଭାରତ ବୃହତ ଓ ଉତ୍କୃଷ୍ଟ, କାରଣ ଏହା ସଂସ୍କୃତମହାଭାରତରୁ ବିଶଦଭାଷାରେ ଅନୁବାଦିତ । ଏଥିର ଉଦ୍ୟୋଗପର୍ବରେ ଭଗବଦ୍ଗୀତା ସମ୍ପୂର୍ଣ୍ଣ, ଶାନ୍ତିପର୍ବରେ ରାଜଧର୍ମ, ଦାନଧର୍ମ, ମୋକ୍ଷଧର୍ମ ଓ ଶେଷଭାଗରେ ହରିବଂଶପର୍ବ ଇତ୍ୟାଦି ବହୁବିଧ ଉତ୍ତମ ଉତ୍ତମ ବିଷୟ ସନ୍ନିବିଷ୍ଟ ଅଛି । ଶାରଳାଦାସ ମହାଭାରତରେ ଏସବୁ ବିଷୟର ଖର୍ବତା ଲକ୍ଷିତ ହୁଏ । ଯେ ଏ ମହାଭାରତକୁ ଥରେ ମାତ୍ର ଶୁଣିଅଛନ୍ତି ବା ଶୁଣିବେ, ତାହାଙ୍କର ଶାରଳାଦାସ ମହାଭାରତ ଶ୍ରବଣରେ କଦାପି ତୃପ୍ତି ଜାତ ହେବ ନାହିଁ ଏଣୁକରି ଏହି ଉତ୍କୃଷ୍ଟଗ୍ରନ୍ଥକୁ ଛପାଇବା ନିମନ୍ତେ ଅମ୍ଭେମାନେ ମନୋନୀତ କରିଅଛୁଁ ।

ଅମ୍ଭେମାନେ ଅନୁମାନ କରୁଁ କି ଏ ଗ୍ରନ୍ଥ ରଏଲ ଆଠପେଜି ଆକାରରେ ପ୍ରା ୬୦୦ ରମ ଅର୍ଥାତ ପ୍ର ୪୮୦୦ ପୃଷ୍ଠା ହେବ ଏବଂ ସାଧ୍ୟମତ ଅଳ୍ପସମୟରେ ସମ୍ପୂର୍ଣ୍ଣ ପୁସ୍ତକ ଯୋଗାଇ ନ ପାରିଲେ ଗ୍ରାହକମାନଙ୍କର ତୃପ୍ତି ନ ହେବାଦୃଷ୍ଟିରେ ପ୍ରତିମାସରେ ପ୍ର ୧୪୪ ପୃଷ୍ଠା ଲେଖାଏଁ ମୁଦ୍ରିତ କରି ନ୍ୟୂନାଧିକ ତିନି ବର୍ଷମଧ୍ୟରେ ପୁସ୍ତକ ସମ୍ପୂର୍ଣ୍ଣ କରିବାକୁ ସଂକଳ୍ପ କରି ଅଛୁଁ; ମାତ୍ର ଅନ୍ୟୂନ ଶହେଶତ ଗ୍ରାହକ ନ ହେଲେ କାର୍ଯ୍ୟାରମ୍ଭ କରିପାରିବୁଁ ନାହିଁ । ଗ୍ରାହକମାନେ ଆପଣା ଆପଣା ସୁବିଧାକ୍ରମେ ନିମ୍ନଲିଖିତ ନିୟମରେ ମୂଲ୍ୟ ଦେଇ ପାରିବେ ଯଥା;—

| | | | | |
|---|---|---|---|---|
| ଏଥିର ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ଅଗ୍ରିମମୂଲ୍ୟ ସହର ନିମିତ୍ତ | | ଟ ୧୨ | | |
| ଡାକମାସୁଲ ସହିତ ମଫସଲ ନିମିତ୍ତ | | ଟ ୧୪ | | |
| ତ୍ରୈମାସିକ ଅଗ୍ରିମ ମୂଲ୍ୟ | | ଟ ୧୧ | ଡାକମାସୁଲ | ଟ ୦୬ |
| ଷାଣ୍ମାସିକ | . | ଟ ୩ | . | ଟ ୦।୮ |
| ବାର୍ଷିକ | . | ଟ ୫୧ | . | ଟ ୦୩ |

ଏମନ୍ତ ସୁଲଭମୂଲ୍ୟରେ ଏ ବୃହତ ମହାଭାରତ ଲଭିବାର ସୁଯୋଗକୁ ବିଜ୍ଞ, ଧାର୍ମିକ ଓ ବିଦ୍ୟାର୍ଥୀ ବ୍ୟକ୍ତିମାତ୍ରକେ ଉପେକ୍ଷା ନ କରିବେ ଏହା ସେମାନଙ୍କଠାରେ ଏକାନ୍ତ ପ୍ରାର୍ଥନା ।

ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରିବେ ସେମାନେ ଆପଣା ନାମ, ଧାମ ଓ ଯେଉଁପ୍ରକାରେ ମୂଲ୍ୟ ଦେବାକୁ ପ୍ରସ୍ତୁତ ହେବେ ତାହା ଲେଖି ପଠାଇବେ । ଗ୍ରାହକ ସଂଖ୍ୟା ପୂର୍ଣ୍ଣ ହେବାର ଏକମାସ ଉତ୍ତାରୁ କାର୍ଯ୍ୟାରମ୍ଭ ହେବ ଏବଂ ତହିଁପୂର୍ବରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

ପ୍ରକାଶ ଥାଉ କି ଯେଉଁମାନେ ଜ ୧୦ ଣ ଗ୍ରାହକଙ୍କର ଏକବର୍ଷର ମୂଲ୍ୟ ଅଗ୍ରିମ ଏକକାଳୀନ ଦାନକରିବେ ସେମାନଙ୍କ ନାମ ଏକେକସ୍ଥ ଶ୍ରେଣୀଭୁକ୍ତ କରି ବିନା ମୂଲ୍ୟରେ ଏକବର୍ଷର ମହାଭାରତ ଦାନ କରିବୁଁ ।

ଏହି ମହାଭାରତସମ୍ପର୍କୀୟ ମୂଲ୍ୟ ଏବଂ ସମସ୍ତ ପତ୍ରାଦି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେଟରୀ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ମାତ୍ର ଉତ୍ତର ଅର୍ଥାତ ଡବଲକାର୍ଡ ଅଥବା ଦୁଇପଇସିଆ ଡାକ ଟିକଟ ଏକଖଣ୍ଡ ନ ପଠାଇଲେ ଉତ୍ତର ଦିଆଯିବ ନାହିଁ । ବିନା ବେୟାରିଂପତ୍ର ଗୃହୀତ ହେବ ନାହିଁ

କଟକପ୍ରିଣ୍ଟିଂକମ୍ପାନି ଅଫିସ
ଦରଘାବଜାର କଟକ } ଶ୍ରୀଭଗୀରଥୀପାଠିଶର୍ମ୍ମା
ପ୍ରକାଶକ

Digitized by srujanika@gmail.com

ଜନଗଣ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କୁ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ଛଅବର୍ଷମଧ୍ୟରେ କୌଣସି ରୋଗୀ ଅରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନ ମଧ୍ୟରେ ତୁମ୍ଭଙ୍କୁ ଅରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ଅରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

---

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ବିକ୍ରୟ ହେଉଥିବା ନିମ୍ନଲିଖିତ ପୁସ୍ତକମାନଙ୍କର ମୂଲ୍ୟ ଊଣା ହୋଇଅଛି । ଯଥା;—

| | |
|---|---|
| କାଞ୍ଚିକାବେରୀ ନାଟକ | ଟ ୦ । |
| ପ୍ରେମଭକ୍ତି ( ଗାଥା ) | ଟ ୦ ⁄ |
| ଗୁରୁପାଠ ୧ ମ ଭାଗ | ଟ ୦ । |
| „ ୨ ୟ ଭାଗ | ଟ ୦ । |
| „ ୩ ୟ ଭାଗ | ଟ ୦ ୳ |

---

# ମେହରୋଗ ।

ପୃଥିବୀମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଦାର୍ଥି ଗୌଣକରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ସହାଯେ ଜୀବନର ମାୟା ପରିତ୍ୟାଗ କରିନୁହେ ।

ଏହି ଔଷଧ ଯଥାବିଧରେ ଏକପକ୍ଷ ସେବା କଲେ ନୂତନରୋଗ ଏବଂ ତିନ ସପ୍ତାହରେ ପୁରାତନରୋଗ ଅବଶ୍ୟ ଅରୋଗ୍ୟ ହେବ । ଯେଉଁମାନେ ଅରୋଗ୍ୟ ନ ହେବେ ନିଶ୍ଚୟ ଜନ୍ମଅଛି ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନଉତ୍ସର୍ଗସମୟ ପର୍ଯ୍ୟନ୍ତ ରହିବ । ଈଶ୍ୱର ବସୁନ୍ଧୁରିରେ ପତନତ ନ ହେଲେ ଅଉ ଯିବ ନାହିଁ ଅନେକ ରୋଗୀ ଅରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରେ ପ୍ରକାଶିତ ହେବ କଲିକତା ଅପ୍‌ଫରଷ୍ଟୋଲ ନମ୍ବର ଭବନରେ ସି, କେ, ସଗ୍ଗ କମ୍ପାନିଙ୍କଠାରେ ଏବଂ କଟକ ବରଦାବଜାର ପ୍ରିଣ୍ଟିଙ୍ଗକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ ।

---

# ବାଲିକାଗଜ ।

ଉପଲକ୍ଷିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧବିଶର କର କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୭ ପଣି | କାଗଜି ନମ୍ବର | ଦ୍ଦ ୧୬ ଟ ୨⁄ |
| ୧୮ ପଣି | „ | „ ଟ ୨। |
| ୧୨ ପଣି | „ | „ ଟ ୧⁄ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକଥରେ ଦୁଇ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରନ୍ତି । ମୂଲ୍ୟ ନଗଦ ।

---

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ତସରକୋଣା ଓ ଲୁଙ୍ଗି ଓ ରେଶମୀଓଢ଼ଣୀ ଲୁଗା ଓ ଷ୍ଟୋଭଲଣ୍ଠା ଓ ବନିଅନ ଇତ୍ୟାଦି ସମସ୍ତର ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅଉ କେତେକ ଫେନସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବଲେଇର ଷାଢ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଷାଢ଼ିମାନ ବିକ୍ରୟ ହେବା ପୂର୍ବେ ଆପଣା ମଫସଲ ସକାଶେ ଦତ୍ତ ସୁବାନ୍ତି ନେବେ ଏକ ମାସକୁ ଟ ଦଶ ଟ ୩୫ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ଆଜି ତାହାର ଛଅ ଖଣ୍ଡିଆଉର ଭାର ତାଙ୍କ ହାତରେ ଥିବ । ଋତୁ ହେଲେ ଷାଢ଼ିଙ୍କ ଦସ୍ତ ମଲ୍ୟ ତାଙ୍କୁ ଦେବାକୁ ହେବ ।

ଫେନସିଲ ।

ଲଇ ଖେଳଣା ବ ଦ- ଚହିଲେ ସୁକ ବେଲେ ଶୁଦେ ।
ତପେସଣ୍ଢ଼ି
ଫଗୋଶୀନ୍ ତେଲ କରବା ଝଣକ ସାବା ଓ ଲୋନ ସହିତ ।
ବାଜ ପିସ୍ତଲ ଓ ବନ୍ଧ ଭଞ୍ଜିନ ଓ ସ୍ତ୍ର
ବସଗ ବେହେସ
ରକ୍ତର୍ଷ ଧୁପଫଲନ୍ଦ
ଏକପଜ ତୁସ
ମେଲିଷଣ ଜପୋର ସନ ହେବା ଅବଲ
ତୁଇଂ ଅର୍ଥାତ୍ ନକସା କରିବା କାଗଜ ପେନ୍ସିଲ ଓ କଲମ ।
ପେଟଷିଲ କାଟବା ଯନ୍ତ୍ର ।
ନାନା ପ୍ରକାରର ଚଠି କାଗଜ ଓ ଲଫାଫା
ଷ୍ଟେସନାରୀ ବ୍ରାସ ।
ଚିଠିର କୁଣ୍ଡ ।
ଚଗପ ସାବୁନ ।
ଡାକାଦି ସାବାନ ଗନ୍ଧରେ ଲୁଗା ପରିଷ୍କାର ହୁଏ ।
ଅଟୋପ ରୋଜ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ ।
ଅତର ତୁଥ ।
ଓଏନ୍ଟଲ ସୁପ ଛତା ।
ମଡ଼ଲ ଅକ ।
ଫୋଟୋଗ୍ରାଫ ।
ପୋଲସ୍ଥିନର କେଷ୍ଟର ତେଲ ଓ ଡଳଳ ଲୋ ଶନ ଇତ୍ୟାଦି
ଟ୍ରାଙ୍କ ବାକ୍ସ ଅର୍ଥାତ୍ ଲୌହିକାଦେବଲେ ପଲ ଓ ଦୃଢ଼ିଲେ ବକ୍ସା ହେବ ।
ଅଇନା ଇତ୍ୟାଦି
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ନଂ ଏଲ ପାଞ୍ଚ ସହିତ ଟ ୦ ଲ୍ଷ
ମୋଜା ଓ ମୋଜାବନ୍ଦ
ଉତ୍ତମ ରୂପ ବନିଆନ
ରସଗ ସାଟିନ କଲା
କଳି ଓ ପାଇକର ବୋଡ଼ ପିତା
ମାର୍କିଂ କାଳୀ ଲୁଗାରେ ଥରେ ଲେଖିଲେ ଖୋଇ ସାରେ ଉଠେ ନାହିଁ ।
ଏ, ସୋଫର ଆଙ୍କୁଡ଼ିଠ କାଙ୍କିଳ ଓ କୁଣ୍ଡଳା ।
ରଙ୍ଗଣ ଅଗ୍ରସ୍ତେଶ ।
ଏଲାନ ବାଲସ ।
ସୁଅନ ପେନ ।
ଅଟମେଟିକ ପେନ୍ସିଲ ଅର୍ଥାତ୍ ଏ ପେନ୍ସିଲରେ ଲେଖି ସାରିଲେ ପେନ୍ସିଲ ଲେଖା ସରେ ବେଣ ଉଠାଇ ଦେଲେ ଚଢ଼ିଲ ହୁଏ ।
କଟଙ୍ଗ ପେପର ।
କମ୍ପାସ ଲେଲର ଭଲ ଘାଇ ଛାତ ।
ଲକେଟ ମୋପଡ଼ ଅର୍ଥାତ୍ ଫଟୋର ଭରଣ ଷା ଛପାଇ ରଖିବ ।
ମନ୍ଦଗନ୍ଧ ।
କେଭ୍ ବୁ, ପେନ୍ସିଲ୍
ସନ ବୋତଲ
କାଳୀକାଠି ଗୋଡ଼ି ଓ ଗୋଡ ଓ ଇଟ
ମଲମ୍ବୁରାଖ ଓ ଭିଲପାଇ ପାଉଡର ଓ ଶାଳୀ ।
ପ୍ରିଣ୍ଟିଂ କାର୍ଡ

ଅରଜ୍ଞଉଟର କରି କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର୍ପ । ଉକ୍ତ ପତ୍ରରେ ଥରେ ଦେବାଯାଇ ଥିବା ।—

ପ୍ରଥମପଙ୍କ୍ତି ପାଇଁ

| | |
|---|---|
| ଶାଲ ପଟ | ଟ ୦⁄ |
| ଅର୍ଦ୍ଧ ଦ୍ୱିବସ | ଟ ୦ ୮ |
| ପୂର୍ଣ୍ଣ ଏକ ଦ୍ୱିବସ | ଟ ୦ |

ଆଉ କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ଲେଖଣ ଦର ଟ ୦ ରୁ ଊଣା ହେବ ନାହିଁ ।

ନ ସପ୍ତ ଓ ଦ୍ୱାଦଶ ସକାଶେ ଏକ ପ୍ରକାର ଦର ହେବା ଓ ଉକ୍ତ ଲେଖା ନେବେ ।

ଅଗ୍ରିମ ଟଙ୍କା ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରେ ।

ବିଜ୍ଞାପନ ଦେବା ବିଜ୍ଞାପନ ସଙ୍ଗେ ମୂଲ୍ୟ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ପତ୍ର କଟକ ପ୍ରିଣ୍ଟିଂକମ୍ପାନି କର୍ତ୍ତୃକ ପ୍ରିଣ୍ଟିଂକମ୍ପାନିର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୨ ଭ
ସଂ ୧୧ ସଂଖ୍ୟା

ତା ୧୬ ଏଣ ମାହେ ମାର୍ଚ୍ଚ ସନ ୧୮୮୭ ମସିହା । ମୁ । ଚୈତ୍ର ୪ ୧ ଦିନ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯
ପଶ୍ଚାଦେୟ ଟ ୬୯

## ବାମଣ୍ଡା ।

ଉତ୍କଳଦୀପିକା ତା ୩।୩।୧୮୮୭ ମସୀହାର ଶ୍ରୀବାବୁ ଲଳିତ ମୋହନ ଚକ୍ରବର୍ତ୍ତୀଙ୍କ ପ୍ରସ୍ତାବ-ସମ୍ବନ୍ଧେ ।

ଲେଖକ ଯାହା ସତ୍ୟକୁ ଶାସ୍ତ୍ର ବୋଲି କହନ୍ତି ତାହା ତାଙ୍କର ନିତାନ୍ତ ଭ୍ରମ କାରଣ ସେ ଅଭ୍ୟାସ ଶାସ୍ତ୍ର ଏବଂ ସତ୍ୟର ମର୍ମ ବୁଝି ନାହାନ୍ତି ।

"ସତ୍ୟଂ ଶାସ୍ତ୍ର ମନଶ୍ଚରଂ„ ଏହା କେବଳ ବ୍ରାହ୍ମମାନେ କହନ୍ତି ତାହା ନୁହେ ହିନ୍ଦୁମାନେ ମଧ୍ୟ କହନ୍ତି ବୋଧହୁଏ ହିନ୍ଦୁମାନେ କହନ୍ତି ବୋଲି ବ୍ରାହ୍ମମାନେ ଉଠାଇ ନେଇ ଆପଣାର ଧର୍ମର ପରିଚୟ ଦେଇଅଛନ୍ତି କିନ୍ତୁ ତାହାର ସେପରି ଅର୍ଥ ନୁହେ । ହିନ୍ଦୁମାନେ ଯେତେବେଳେ ପୂର୍ଣ୍ଣଜ୍ଞାନୀ ହୋଇ ଗୃହଧର୍ମ ତ୍ୟାଗପୂର୍ବକ ସନ୍ନ୍ୟାସ-ଧର୍ମ ଅବଲମ୍ବନ କରି ବ୍ରହ୍ମଜ୍ଞାନୀ ହୋଇ ଥାଆନ୍ତି, ସେତେବେଳେ ସେମାନେ ଏପରି ଅଳଙ୍କାର-ପୂର୍ଣ୍ଣ ବାକ୍ୟମାନଙ୍କୁ ପ୍ରୟୋଗ କରନ୍ତି ହିନ୍ଦୁଶାସ୍ତ୍ରରେ ମଧ୍ୟ ସେହିପରି ଅନେକାନେକ ବାକ୍ୟ ଦେଖାଯାଏ ଏହା ବୋଲି କୃଷ୍ଣିମାନଙ୍କର ଏକଳ ଧର୍ମର ପରିଚୟ ଦେବା କେବଳ ଉପହାସ୍ୟମାତ୍ର ।

"ହିନ୍ଦୁଧର୍ମର ପ୍ରଧାନ ଗ୍ରନ୍ଥ ବେଦ, ସର୍ବବାଦୀ ସମ୍ମତ ନୁହେ„ ଏ ସମ୍ବନ୍ଧେ ଲେଖକ ଯାହା ବ୍ରହ୍ମବୈବର୍ତ୍ତ ପ୍ରଭୃତି କେତେକ ପୌରାଣିକ ଗ୍ରନ୍ଥର ପ୍ରଶଂସାବାଚକ ଶ୍ଳୋକମାନ ଉଦ୍ଧୃତ କରିଅଛନ୍ତି ଏଥିରେ ବକ୍ତବ୍ୟ ଯେ ଲେଖକ ହିନ୍ଦୁ ଶାସ୍ତ୍ରର ମର୍ମ ବା ତାତ୍ପର୍ଯ୍ୟ ଆଦୌ ବୁଝି ନାହାନ୍ତି କାରଣ ହିନ୍ଦୁଶାସ୍ତ୍ରର ବାକ୍ୟମାନେ ଯେଉଁ ଭଙ୍ଗିରେ ଓ ଯେପରି ତାତ୍ପର୍ଯ୍ୟରେ କଥିତ ହୋଇଅଛନ୍ତି ତତ୍ସମ୍ବନ୍ଧେ ବୈଦିକ * ଯୁ ପ୍ରସ୍ତାବରେ ପ୍ରକାଶ ହୋଇଅଛି ବୋଧହୁଏ ଲେଖକ ତାହା ଅବଶ୍ୟ ଦେଖିଥିବେ ତଥାପି ଅତାତ୍ପର୍ଯ୍ୟକ କଥା କହିବାର କୌଣସି ସୁହୃଦ୍ଗ୍ରର ବୋଧ ହେଉ ନାହିଁ ।

ପ୍ରଥମରେ ଲେଖକଙ୍କୁ ଉଚିତ ଯେ ଗ୍ରନ୍ଥଗତ ବାକ୍ୟମାନେ ପ୍ରଶଂସାପର କି ନିନ୍ଦାପର କି ଲୌକିକପର ଅଥବା ଉପଦେଶପର କମ୍ବା ଲୋଭମୂଳକ ବା ଦମ୍ଭମୂଳକ ଅଥବା ଅର୍ଥମୂଳକ ଇତ୍ୟାଦି ନାନାପ୍ରକାର ହିନ୍ଦୁଶାସ୍ତ୍ରାନ୍ତର୍ଗତ ତାତ୍ପର୍ଯ୍ୟ ଜାଣିବାର ଆବଶ୍ୟକ ତାହା ନ ଜାଣି ଯାନଦଚ୍ଛା ଗୃହସ୍ଥ ହିନ୍ଦୁଶାସ୍ତ୍ରକୁ ହୁଙ୍କାର କରି ଦେଲେ ଯେ ପ୍ରତିବାଦ ଅସ୍ଥିର ହେଲା ତାହା କଦାଚ ନୁହେ ଯଦ୍ୟପି ଲେଖକଙ୍କର ପ୍ରତିବାଦ କରିବାର ଇଚ୍ଛା ଥାଏ ତେବେ ହିନ୍ଦୁଶାସ୍ତ୍ରର ମର୍ମ ବୁଝି କହନ୍ତୁ ।

ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦ ଓ କୃତଜ୍ଞତାର ସହିତ କହୁଅଛୁଁ ଯେ ଶାରଦରସିଂହପୁରର ଏକଜଣ ଲେଖକ ଆମ୍ଭପ୍ରତିବାଦର ସହାନୁଭୂତି କରି ଆମ୍ଭମତରେ ଯୋଗ ଦେଇଅଛନ୍ତି ଏହା ଅତୀବ ଉପକୃତର ବିଷୟ । ଭରସା କରୁଁ ଉତ୍କଳର ହିନ୍ଦୁମହାତ୍ମାମାନେ ଏହିପରି ସମ୍ପୃକ୍ତରେ ଯୋଗ ଦେଲେ ହିନ୍ଦୁସନ୍ତାନମାନେ ଅଧର୍ମୀ ହୋଇ କଦାଚ ପିତା ମାତା ଓ ବନ୍ଧୁବର୍ଗଙ୍କର ଅପ୍ରିୟ ହେବେ ନାହିଁ ।

ଶ୍ରୀ———ବାମଣ୍ଡ

## ଉତ୍କଳଦୀପିକା

### ତା ୧୬ ଏଣ ମାର୍ଚ୍ଚ ସନ ୧୮୮୭ ମସିହା ।

ଗତ ଡେପୁଟୀ କଲେକ୍ଟରୀ ପରୀକ୍ଷାରେ ନିମ୍ନଲିଖିତ ଜ ୮ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯଥା;—ବାବୁ ମନମୋହନ ରାୟ ବି, ଏ, ବାବୁ ରାଜମୋହନ ଚକ୍ରବର୍ତ୍ତୀ ଏମ୍, ଏ, ବାବୁ କରଦାକାନ୍ତ ଗାଙ୍ଗୁଲି ବି, ଏ, ବାବୁ ନାରାୟଣ-ଚନ୍ଦ୍ର ସେନ ବି, ଏଲ, ବାବୁ କ୍ଷୀରୋଦଚନ୍ଦ୍ର ସେନ ବି, ଏ, ବାବୁ ଯାମିନୀମୋହନ ଦାସ ଏମ୍, ଏ, ବି, ଏଲ, ବାବୁ କୈଳାଶଗୋବିନ୍ଦ ଦାସ ଏମ, ଏ, ବାବୁ ପ୍ରତାପଚନ୍ଦ୍ର ସିଂହ ବି, ଏ ଏହି ଆଠଜଣଙ୍କ ମଧ୍ୟରୁ ଏକା ପୂର୍ବବଙ୍ଗର ଲୋକ ଜ ୬ ଣ ଅର୍ଥାତ ଢାକାବାସି ଜ ୩ ଣ ଓ ଫରିଦପୁର ତ୍ରିପୁରା ଓ ମାଇମେନସିଂହବାସୀ ଏକଜଣ ଲେଖାଏ ଅଛନ୍ତି । ବଙ୍ଗାଳମାନଙ୍କର ଅଧ୍ୟବସାୟ ଓ ବୁଦ୍ଧି କଳକତାକୁ ବଡ ଗଲା ।

———

✓ମାନ୍ଦ୍ରାଜ୍ଞ' ବାସୀ ହତଭାଗ୍ୟ ପାଥୁସାନ୍ତୁର ଅନାଥ ପିଲାମାନେ ଯେରୂପ ଦୁରବସ୍ଥାରେ ପଡ଼ିଅଛନ୍ତି ସର୍ବ ସାଧାରଣଙ୍କୁ ଅବିଦିତ ଜଣାଇଅଛୁଁ । ସାଧାରଣ ସାହାଯ୍ୟବିନା ଏମାନଙ୍କର

Digitized by srujanika@gmail.com

ଅନ୍ୟଗତ ନାହିଁ । ଏଥକୁ ଅମ୍ଭେମାନେ ଅନୁମାନ କରୁଅଛୁଁ ଯେ କନିକାର ରାଜା ଏହି ଅନାଥ ପିଲାଙ୍କ ସାହାଯ୍ୟନିମିତ୍ତ ଅଗ୍ରସର ହୋଇ ଟ ୧୦୦ଙ୍କା ଏବଂ ତାହାଙ୍କର ସୁଯୋଗ୍ୟ ଗାର୍ଡୀୟନ ବାବୁ ଅଭୟାଶଙ୍କର ଗୁହଠାକୁର୍ତ୍ତା ଟ ୫୧ ଙ୍କା ଦାନ କରିଅଛନ୍ତି । ଏଥିପାଇଁ ଅମ୍ଭେମାନେ ତାହାମାନଙ୍କୁ ଅସଂଖ୍ୟ ଧନ୍ୟବାଦ ଦେଉଅଛୁଁ ଅମ୍ଭମାନଙ୍କର ଏକାନ୍ତ ଆଶା ଯେ ରାଜା ସାହେବଙ୍କର ଏହି ମହତ ଉଦାହରଣକୁ ଅନ୍ୟାନ୍ୟ ଦାତାମାନେ ଅନୁକରଣ କରିବେ ଯେ ଯାହା ଦାନକରିବେ କୃତଜ୍ଞତାସହିତ ଏହି ପତ୍ରିକାରେ ସ୍ୱୀକାର କରିବୁଁ ।

---

ଗତ ଶନିବାର ଅପରାହ୍ନ ୫ ଘଣ୍ଟା ସମୟରେ ଅମ୍ଭମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ବୋଲଟନ ସାହେବ ଜାହାଜଯୋଗେ କଲିକତାକୁ ଯାତ୍ରା କଲେ । ଏହାଙ୍କୁ ସମ୍ମାନସହିତ ବିଦାୟଦେବା କାରଣ ଶ୍ରୀଯୁକ୍ତ କମିଶନର ସାହେବ ଗୃଇଟ ସାହେବ ଡେସ ଗ୍ରାଟ୍ଲେଟ ସାହେବପ୍ରଭୃତି ଇଂରେଜ ଏବଂ ଜମିଦାର ଡେପୁଟି ସବଡେପୁଟି ଓ ଅମଲାପ୍ରଭୃତି ପ୍ରାୟ ଚ ୬୦ ଣ ଦେଶୀୟ ଭଦ୍ରବ୍ୟକ୍ତିମାନେ ଯୋବ୍ରାଘାଟଠାରେ ସମବେତ ହୋଇଥିଲେ । ସାହେବ ମହୋଦୟ ଏମାନଙ୍କ ଅଭ୍ୟର୍ଥନା ସକାଶେ ଧନ୍ୟବାଦ ଦେଇ ବିଦାୟଗ୍ରହଣ କଲେ । ବୋଲଟନ ସାହେବଙ୍କପରି ନ୍ୟାୟବାନ ସୁଯୋଗ୍ୟ ହାକିମ ଅନେକଦିନ ଦେଖିବାରେ ଆସି ନ ଥିଲା । ଅଳ୍ପଦିନରେ ସେ ଏଠାରୁ ବାହାରି ଯିବାରୁ ସମସ୍ତଙ୍କର ଦୁଃଖ ହୋଇଅଛି ।

---

ଉତ୍କଳୋତ୍ସାହୀ ସଙ୍କୋଷବ ସ୍ତମ୍ଭରେ ଗତ ସପ୍ତାହରେ ହୃଶ୍ରୋଳ ଏକ୍ଷାର ସମ୍ବାଦ ଭ୍ରମବଶତଃ ଲେଖି ପାରି ନ ଥିଲୁଁ । ସେଠାରେ ଶୋଭାଇବାପାଇଁ ବଙ୍କମେଲ ଦରବାର ଶୃଙ୍ଖଳା ଇତ୍ୟାଦି ଅନ୍ୟାନ୍ୟ ସ୍ଥାନପରି ସମାରୋହସହିତ ସମ୍ପନ୍ନ ହୋଇଥିଲା । ଏହି ଉତ୍ସବକୁ ଚିରସ୍ଥାୟୀ କରିବା କାରଣ ଗୋଟିଏ ସଂସ୍କୃତ ସ୍କୁଲ ବସାଇବାର ସଂକଳ୍ପ ହୋଇଅଛି ଏବଂ ସେଠାର ସୁଯୋଗ୍ୟ ଦେବାନ ବାବୁ ଗୋବର୍ଦ୍ଧନ ଘୋଷାଲଙ୍କପ୍ରତି ଏହା ବନ୍ଦୋବସ୍ତ କରିବାର ଭାର ଅର୍ପିତ ହୋଇଅଛି । ଗଡ଼ଜାତ ରାଜାମାନେ ସଂସ୍କୃତବିଦ୍ୟାର ଉନ୍ନତି ନିମିତ୍ତ ପୂର୍ବେ ଅନେକ ଭୂମିଦାନ କରିଥିଲେ । ସେ ଦାନମାନ ଅବଧି ରହିଅଛି ମାତ୍ର ଯେଉଁମାନେ ଭୋଗ କରୁଅଛନ୍ତି ସେମାନେ ତହିଁର ଯୋଗ୍ୟ ହେଉ ନାହାନ୍ତି । ରାଜଦୃଷ୍ଟି ରହିଲେ ଅବଶ୍ୟ ଏହି ମହତଦାନର ଉଦ୍ଦେଶ୍ୟ ପୂର୍ଣ୍ଣ ହେବ ।

---

ଗତ ଅପରପ୍ରାଇମେରି ପରୀକ୍ଷାରେ ଏ ନଗରରେ ଉପସ୍ଥିତ ହୋଇଥିବା ପିଲାମାନଙ୍କର ବହୁତ କଷ୍ଟ ହୋଇଥିବା କଥା ଶୁଣି ବଡ଼ ଦୁଃଖିତ ହେଲୁଁ । ପ୍ରଥମେ ଅକାଡେମି ବିଦ୍ୟାଳୟରେ ପରୀକ୍ଷାର ସ୍ଥାନ ନିର୍ଦ୍ଦିଷ୍ଟ ହୋଇଥିଲା । ପିଲାମାନେ ସେଠାରେ ଉପସ୍ଥିତହୋଇ ବୁଝିଲେ ଯେ ଟାଉନସ୍କୁଲରେ ହେବ ତହୁଁ ସେଠାକୁ ଯାଇ ବନ୍ଦୋବସ୍ତ ଅନୁସାରେ ବସି ପ୍ରଶ୍ନକାଗଜ ପାଇବାକୁ ପ୍ରାୟ ଦୁଇଘଣ୍ଟାସମୟ ନଷ୍ଟ ହେଲା । ଏଣେ ଯଥାସମୟରେ କାଗଜ ନେବାକୁ ସୁପ୍ରଶ୍ନ । ଏକେ ପ୍ରଶ୍ନକାଗଜ ପିଲାମାନଙ୍କ ପକ୍ଷରେ କଠିନ ତହିଁଉପରେ ଏପରି ବେବନ୍ଦୋବସ୍ତ ଓ ତଡ଼ାବଡ଼ ଏଥିରେଇ ପିଲାମାନେ ଧୀରଭାବରେ ପରୀକ୍ଷା ଦେଇପାରନ୍ତି । ଶୁଣିଲୁଁ କେହି ପିଲା ଭୟରେ ମଳ ତ୍ୟାଗକଲେ ଓ କେହି ଅବା ପ୍ରହାର ଖାଇଲେ ଏବଂ କାହାର କାଗଜ ଟଣାଟଣିରେ ଚିରିଗଲା । ପ୍ରଶ୍ନ ଲେଖକ ଗତ ନବଯୁବକଙ୍କ ହାତରେ ପରୀକ୍ଷାର ଭାର ଦେବାରୁ ବୋଧହୁଏ ଏସମସ୍ତ ବିଶୃଙ୍ଖଳା ଘଟି ହେଉଅଛି ।

---

ଏଠା ହେବାରି ଅଦାଲତରେ ଏକପ୍ରକାର ଅଭିନବ ମକଦ୍ଦମାଟିଏ ଦାଏର ହୋଇଅଛି । ତହିଁର ବୃତ୍ତାନ୍ତ ଏହି—ଗତ ପାପାବଳୀ ଅମାବସ୍ୟା ସନ୍ଧ୍ୟାରେ ଦୁଇ ଏକଜଣ ସଡ଼କରେ ଫଟକା ମାରୁଥିଲେ । କୃଷ୍ଣ ବାବୁ ସବ୍ ଇନସ୍ପେକ୍ଟର ସେମାନଙ୍କୁ ଧରିବାର ଚେଷ୍ଟା କରନ୍ତେ ବାବୁ ଗଙ୍ଗାପ୍ରସାଦ ଭଗତ ବାଧା ଜନ୍ମାଇବାରୁ ଅବା ପୁଲିସ ସଙ୍ଗେ ଧସ୍ତାଧସ୍ତି କରିବାରୁ ପୁଲିସ ସେମାନଙ୍କୁ ଧରି ନ ପାରି ଗଙ୍ଗାପ୍ରସାଦ ଓ ଅନ୍ୟ ଏକଜଣଙ୍କୁ ଦଣ୍ଡବିଧିର ଧା [illegible] ଅନୁସାରେ ଗ୍ରେଫ୍ତାର କଲେ । ଭଲସ୍ୟୁମନ ସାହେବ ଡେପୁଟି ମେଜିଷ୍ଟର ଏ ମୋକଦ୍ଦମାର ବିଚାର କରି ଗଙ୍ଗାପ୍ରସାଦ ଓ ସେରଙ୍କୁ ମୁକ୍ତ କରି ନିଷ୍ପତ୍ତି କଲେ ଯେ ଏଥିରେ ହସ୍ତକ୍ଷେପଣ ସକାଶେ ଅଟୋ ପୁଲିସର ଅଧିକାର ନ ଥିଲା । ଗଙ୍ଗାପ୍ରସାଦ ତାଙ୍କଠାରୁ କୃଷ୍ଣବାବୁ ନାମରେ ଦଣ୍ଡବିଧିର ଧା ୨୧୧ ଅନୁସାରେ ନାଲିସ କରିବାର ଅନୁମତି ନେଇ ତାହା ନ କରି ଟ ୧୫୦୦ ଙ୍କା କ୍ଷେସାରତ ଦାବିରେ କୃଷ୍ଣବାବୁ ନାମରେ ଦେଓାନୀ ମକଦ୍ଦମା କରିଅଛନ୍ତି । ମେଜିଷ୍ଟର ସାହେବଙ୍କ ଫଇସଲାରେ କୃଷ୍ଣବାବୁଙ୍କର କାର୍ଯ୍ୟ ଠିକ ଥିବାରୁ ସେ ସରକାର ଓକିଲଙ୍କୁ ନିଯୁକ୍ତ କରିଅଛନ୍ତି । ଦେଖାଯିବ କଣ ହେବ ।

---

ବଙ୍ଗଳା କୃଷିବିଭାଗର ଡିରେକ୍ଟର ସାହେବ ଏବଂ ଉତ୍କଳବିଭାଗର କମିଶନର ବାର୍ଲୋ ସାହେବ ଗତ ସୋମବାର ଏଠାରେ ପହଞ୍ଚି ମଙ୍ଗଳବାର ଦିନ ସ୍ଥାନୀୟ କମିଶନର ଓ କଲେକ୍ଟର ଓ ତାଙ୍କର ସବଡେପୁଟିମାନଙ୍କସହିତ ସାକ୍ଷାତ କରି ବନ୍ଦୋବସ୍ତ ବିଷୟର ବିଚାର କରିଥିଲେ । ଏ ଜିଲ୍ଲାର ପୂର୍ବ କଲେକ୍ଟରମାନେ ଉକ୍ତ ବଣ୍ଟର ଅନେକ ଭୂମି ପ୍ରାୟ ପ୍ରତିବର୍ଷ ଧୋଇ ଯାଉଥିବା ଓ ବନ୍ୟା ଇତ୍ୟାଦିହେତୁ ସେ ଜମିମାନ ରକ୍ଷା କରିବା ପୂର୍ବ ବନ୍ଦୋବସ୍ତର ଫଳ ଅଶାନୁରୂପ ନ ହେବା ଦୃଷ୍ଟିରେ ଅସ୍ଥାୟୀ ବନ୍ଦୋବସ୍ତ କରିବାକୁ ଅଭିମତ ପ୍ରକାଶ କରିଥିଲେ । ମାତ୍ର ସାହେବମାନେ ତହିଁରେ ଏକମତ ନ ହୋଇ ବର୍ତ୍ତମାନ ବନ୍ଦୋବସ୍ତ କରିବାକୁ ସ୍ଥିରକଲେ । ଏମାନଙ୍କ ମତରେ ମାଣପ୍ରତି ଆଠଅଣା ଅର୍ଥାତ ମୋଟରେ ୬୦।୭୦ ହଜାର ଟଙ୍କା ମଧ୍ୟରେ ବନ୍ଦୋବସ୍ତ ହୋଇପାରିବ । କ୍ଷୋଭଧାରେ ଅଧିକବ୍ୟୟ ନ ହୁଏ ଏହି ସାମାନ୍ୟ ବ୍ୟୟରେ ଉକ୍ତ କାର୍ଯ୍ୟ ନିର୍ବାହ କରିବାର ଦରଖାସ୍ତ ହେବାମାତ୍ରେ ଆପଣା ହାତରେ ନେଇ ଅନୁଗ୍ରହର ବନ୍ଦୋବସ୍ତ କାର୍ଯ୍ୟ ଦେଖିବାକୁ ଯାତ୍ରା କଲେ । ବୋଧ ହୁଏ ସେଠା କାର୍ଯ୍ୟ ମଧ୍ୟ ଅଳ୍ପ ଦିନରେ ସମାଧା କରିବେ ମାତ୍ର ଫଳ କ ହେବ ତାହା ପରେ ଦେଖାଯିବ ।

---

ଏବର୍ଷ ଶୀତକାଳ ଶେଷହେବା ଦିନରୁ ଠାକେ ଗ୍ରୀଷ୍ମବାଦ ଆରମ୍ଭ ହେବାରୁ କଣେ ପତ୍ରପ୍ରେରକ ଲେଖିଅଛନ୍ତି କ ଗ୍ରୀଷ୍ମକାଳରେ ଏହି ଦୁର୍ଘଟଣା ବୃଦ୍ଧି ହୋଇପାରେ ଏବଂ ତହିଁର ପ୍ରତିବିଧାନ ନିମିତ୍ତ ମିଉନିସିପାଲିଟି କ ଗୋଟିଏ ଦମକଳ ରଖିବା ଗୃହବାସୀମାନଙ୍କୁ ଆପଣା ଘରଉପରେ କେତେଗୁଡ଼ିଏ ଜଳପୂର୍ଣ୍ଣ କଳସି ବସାଇବା ଏବଂ ପୁଲିସକୁ ଗୃହଦାହ ସମୟରେ ବିଶେଷ ସାହାଯ୍ୟ କରିବାକୁ ଅଦେଶକରିବାର ପରାମର୍ଶ ଦେଇଅଛନ୍ତି । ପରାମର୍ଶ ଉତ୍ତମ ବଟେ ଏବଂ ଏଠା ମିଉନିସିପାଲିଟି ଗୋଟିଏ

ଦମନର ରହିଥିବାର ଅସ୍ମେମାନେ ଜାଣୁ । ଜଗୁ ଜଳର ସୁବନ୍ଧା ସମ୍ବନ୍ଧରେ ନ ଥିବାରୁ ଦମଃ ନଙ୍କଦ୍ବାସ ଯଥାର୍ଥ ସାହାଯ୍ୟ ହୁଅଇ ନାହିଁ । ପୁଣି ଦମନର ବ୍ୟବହାର କରିବା ମଧ୍ୟ ସହଜବ୍ୟ- ପର ନୁହେ । ଦମକଳ ବସାଇବାଲୁ ଯେତେ- ସମସ୍ତ ଲାଗେ ତହିଁରେ ଏ ନଗରରେ ସତଗ- ତର ଯେପରି ହାଲୁକା ଛପର ଘରମାନ ଅଛି ତାହା ଯୋଉ ଶେଷ ହୋଇଯାଏ । ପ୍ରତ୍ୟେକ ଗୃହସ୍ଥ ଆପଣା ଘରଉପରେ ଅଥବା ନିକଟରେ ନିଜେ ଗୋଟିଏ ଜଳପୂର୍ଣ୍ଣ ମାଠିଆ ବସାଇରଖିଲେ ସେପରି ସମସ୍ତରେ ଅନେକ ଉପକାର ହେବ ଏହାଛଡ଼ା ପ୍ରତ୍ୟେକଥାଣ୍ଡି ଓ ମିଉନିସିପାଲ ଗାଡ଼ି ସ୍ଥାନରେ କେତେଗୁଡ଼ଏ ମାଠିଆ ମିଉନିସିପା- ଲିଟି ରଖାଇଦେବା ଉଚିତ ଯେ ପ୍ରୟୋଜନ- ବେଳେ ପୁଲିସ ସେ ସମସ୍ତ ବ୍ୟବହାର କରିବେ ।

---

ରେଭେନସା କଲେଜ ।

ରେଭେନସା କଲେଜାନ୍ତର୍ଗତ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ନିମିତ୍ତ ଗତଶନି- ବାର ପ୍ରାତଃକାଳରେ ଉକ୍ତ କଲେଜ ଗୃହରେ ଗୋଟିଏ ସଭା ହୋଇଥିଲା । ନଗରବାସି ଅନେକ ଭଦ୍ରଲୋକଙ୍କୁ ନିମନ୍ତ୍ରିତରୂପେ ଆମନ୍ତ୍ରଣ କରାଯାଇଥିବା ପ୍ରତ୍ୟକ୍ଷେ ଇସ୍କୁଲୋପାଧ୍ୟଙ୍କ ମଧ୍ୟରୁ କେବଳ ପାଦ୍ରସମ୍ପ୍ରଦାୟର ଜ ୬୭ ଣ ଖ୍ରୀଷ୍ଟ ଧର୍ମ୍ମ ଏବଂ ଦେଶୀୟ ଲୋକଙ୍କ ମଧ୍ୟରେ ଶିକ୍ଷକ ଓ ଅଧ୍ୟାପକ ଛଡ଼ା ସବ୍ଜଜ ଡେପୁଟି- ମାଜିଷ୍ଟ୍ରେଟ ଓ ୫ ଣ ହାକିମ ଏକଜଣ ଉକିଲ ଓ ଗୃହପାଶ୍ଚଜଣ ଅପର ଅନ୍ୟାନ୍ୟ ବର୍ମ୍ମଗୃହୀ ଉପସ୍ଥିତ ଥିଲେ । ଏ ନଗରମଧ୍ୟରେ ଅନେକ ଜମିଦାର ଉକିଲ ମହାଜନ ଏବଂ ଉଚ୍ଚବିଦ୍ୟା- ଧାରୀ ଉପାଧି ଧାରୀ ଥିବା ପ୍ରତ୍ୟକ୍ଷେ ଏମାନଙ୍କର ଅଧିକାଂଶ ଏ ସଭାରେ ଉପସ୍ଥିତ ନ ହେବା ଖେଦଃଜନକ ବିଷୟ ଅଟଇ । କଥିତ ହୁଅଇ ଯେ ଶ୍ରୀଯୁକ୍ତ ହୋଲିଟନ ସାହେବ କଲେକ୍ଟର ହୋଇ ଏଠାରୁ ଯାତ୍ରା କରିବାର ଥିବାରୁ ନିଜେ ବହୁଲୋକ ତାହାଙ୍କ ସାକ୍ଷାତ ନିମିତ୍ତ ଯାଇଥିଲେ ସୁତରାଂ ଏସଭାକୁ ଆସି ପାରିଲେ ନାହିଁ ମାତ୍ର ଏକଜଣ ହାକିମଙ୍କୁ ବିଦାୟ ଦେବା ପାଇଁ ସାଧାରଣସଭାର କାର୍ଯ୍ୟ ସ୍ଥଗିତର ସନ୍ଦେହ ନାହିଁ ଏବଂ ଅନ୍ତଃଦେଶୀୟମାନେ ଅବଶ୍ୟ ତାହା କରିବା ନାହାନ୍ତି ସୁତରାଂ ସାଧାରଣ କାର୍ଯ୍ୟପ୍ରତି ସମ୍ମୁତି ଇଚ୍ଛା ପ୍ରକାଶ ନ କରିବା ଉଚିତନଥିଲା । ସଭାପତି କମିଶ୍ନର ସାହେବ କାର୍ଯ୍ୟା- ରମ୍ଭ କରନ୍ତୁ ଶ୍ରୀଯୁକ୍ତ ଏକର ସାହେବ ବାର୍ଷିକ ବିବରଣୀ ପାଠକଲେ । ତହିଁରୁ ଜଣାଗଲା ଯେ ବର୍ତ୍ତମାନ କଲେଜରେ ଜ ୫୨ ଣ ଏବଂ ସ୍କୁଲରେ ଜ ୨୮୯ ଣ ଛାତ୍ର ପଢ଼ୁଅଛନ୍ତି ଏବଂ ଗତବର୍ଷ ପରୀକ୍ଷାର ଫଳ ବଡ଼ ସନ୍ତୋଷଜନକ ହୋଇଅଛି । ଛାତ୍ରମାନଙ୍କ ଚରିତ୍ର ବିରୁଦ୍ଧରେ କୌଣସି କଥା ପ୍ରକାଶ ପାଇ ନାହିଁ । ବିଦ୍ୟା- ଳୟର ଛାତ୍ରସଂଖ୍ୟା ସଙ୍ଗେ ଆୟ ମଧ୍ୟ ବୃଦ୍ଧି ହେଉଅଛି । ଅସ୍ମେମାନେ ଆଶା କରିଥିଲୁଁ ଯେ ଏହି କଲେଜ ସଙ୍ଗେ ଯେଉଁ ଛାତ୍ରାବାସଟି ସ୍ଥାପିତ ହୋଇଅଛି ତହିଁ ସମ୍ପର୍କରେ କିଛି ଶୁଭସମ୍ବାଦ ଶୁଣିବୁଁ ମାତ୍ର ସେ ଆଶା ପୂର୍ଣ୍ଣହେଲା ନାହିଁ । ସାହେବ ମହୋଦୟ ଏବିଷୟରେ ସମ୍ପୂର୍ଣ୍ଣ ନୀରବ ରହିବା ଭଲ ହୋଇ ନାହିଁ ଏସମ୍ପର୍କରେ ଆମ୍ଭମାନଙ୍କର ମନ୍ତବ୍ୟ ଅନ୍ୟ ସମ- ୟରେ ପ୍ରକାଶ କରିବାର ଇଚ୍ଛା ରହିଲା ।

ବିଜ୍ଞାପନୀ ପାଠଉତ୍ତାରୁ ପଲମାନଙ୍କର ମୁଖ- ସ୍ଥ ପାଠ ଶୁଣାଗଲା ଏବଂ ତହିଁରେ ସଭାସ୍ଥ ବ୍ୟକ୍ତିଙ୍କର ବଡ଼ ଆମୋଦ ହୋଇଥିଲା । ଏଥିଉତ୍ତାରୁ ଶ୍ରୀଯୁକ୍ତ କମିଶ୍ନର ସାହେବ ପୁରସ୍କାର ବଣ୍ଟନକରି ବାଳକମାନଙ୍କୁ ସମ୍ବୋଧନ ପୂର୍ବକ ଗୋଟିଏ ବକ୍ତୃତା କରି କେତେଗୁଡ଼ଏ ଉତ୍ତମ ହିତୋପଦେଶ ଦେଲେ । ସାହେବଙ୍କର ଏ ବକ୍ତୃତାଟି ବଡ଼ଭଲ ହୋଇଥିଲା । ସେ ପ୍ରଥମେ କହିଲେ ଯେ ବାଳକମାନଙ୍କର ଇଂରାଜିଉଚ୍ଚାରଣ ଭଲ ହେଉ ନାହିଁ ଏବିଷୟରେ ବିଶେଷ ମନୋଯୋଗୀ ହେବାର ଉଚିତ । ତହିଁ ଉତ୍ତାରୁ କହିଲେ ଯେ କେବଳ ସ୍କୁଲରେ ଭଲ ପଢ଼ିଲେ କିମ୍ବା ରାଜପ୍ରସାଦ ଲାଭକଲେ ପ୍ରକୃତଶିକ୍ଷା ହୁଅଇ ନାହିଁ । ସ୍କୁଲଛଡ଼ା ଘରେ ମଧ୍ୟ ଭଲ ଚରିତ୍ର ଶିକ୍ଷା କରିବା ଉଚିତ ଏବଂ ଅଭିଭାବକ- ମାନଙ୍କର ଏଥିରେ ଦୃଷ୍ଟି ରଖିବା ତାହାନ୍ତ କର୍ତ୍ତବ୍ୟ । ଅଉ ଏକମାତ୍ର ହପ୍ତାରୁ ସ୍ଥାନୀୟ ଆତ୍ମଶାସନବିଧି ଏଠାରେ ପ୍ରଚଳିତ ହେବ ଏବଂ ବର୍ତ୍ତମାନ ଯେଉଁମାନେ ବିଦ୍ୟାଳୟରେ ପଢ଼ୁଅଛନ୍ତି ଭବିଷ୍ୟତରେ ସେହିମାନେ ଏଥିର କାର୍ଯ୍ୟ ନିର୍ବାହ କରିବେ । ଶିକ୍ଷିତଲୋକଙ୍କର ଏ ଗୋଟିଏ ଗୁରୁତର ଦାୟିତ୍ୱ ଏବଂ ଏଥିର ସମଯୋଗୀ ହେବାପାଇଁ ସମସ୍ତଙ୍କୁ ଚେଷ୍ଟା- କରିବାର ଉଚିତ । ଗବର୍ଣ୍ଣମେଣ୍ଟ ଯୋଗ୍ୟତା ଦେଖିଲେ ହିଁ ତାଙ୍କ କାଳକୁ ଅନ୍ତର ଅଧିକ କାର୍ଯ୍ୟ ଭାର ଦେବେ । ପିଲଙ୍କ ଶାରୀରିକ ବଳସା- ଧନ ବିଷୟରେ ସାହେବ ମହୋଦୟ କହିଲେ ଯେ କ୍ରୀକେଟ ଖେଳର ଗୁଣ ଏମାନେ ଭଲ ଜାଣି- ନାହାନ୍ତି । ଯେବେ ଛାତ୍ରମାନେ ଇଚ୍ଛୁକ ହେବେ ତେବେ ସେ ଆପଣା ହତାମଧ୍ୟରେ ଗୋଟିଏ ସ୍ଥାନ ପ୍ରସ୍ତୁତକରି ଦେବେ ଯେ ସେଠାରେ ସେମାନେ ଯାଇ କ୍ରୀକେଟ ଖେଳିବେ ଓ ସେ ତହିଁର ନିୟମମାନ ଶିଖାଇ ଦେବେ ଛାତ୍ରମାନେ ଜୋର୍ କରତାଳିଦ୍ୱାରା ଏ ପ୍ରସ୍ତାବରେ ଆନନ୍ଦ ଓ ସମ୍ମତି ପ୍ରକାଶ କଲେ । ଏଥିଉତ୍ତାରୁ କଲେଜର ସବୃତ୍ତି ପରୀକ୍ଷାର ସୁଫଳ ଏବଂ ଛାତ୍ରମାନଙ୍କ ସଦାଚାରରେ ସନ୍ତୋଷ ପ୍ରକାଶକରି ବକ୍ତୃତା ଶେଷକଲେ ଏବଂ ସଭା ଭଙ୍ଗହେଲା । ସ୍ଥାନୀୟ ଆତ୍ମଶାସନ ବିଧି ଏଠାରେ ଶୀଘ୍ର ପ୍ରଚଳିତ ହେବବୋଲି ଏହି ସଭାରେ ଅସ୍ମେ- ମାନେ ପ୍ରଥମେ ଶୁଣିଲୁଁ ମାତ୍ର କେଉଁ ନିୟମ ଓ ପରିମାଣରେ ପ୍ରଚଳିତ ହେବ ଗବର୍ଣ୍ଣମେଣ୍ଟଙ୍କ ବିଜ୍ଞାପନ ବାହାରିବା ପର୍ଯ୍ୟନ୍ତ ନିଶ୍ଚୟ ବୋଲା- ଯାଇ ନ ପାରେ ।

---

ବଙ୍ଗୀୟ ଶିକ୍ଷା ବିଭାଗ ।

ସନ ୧୮୮୪।୮୫ ସାଲରେ ସମସ୍ତ ବଙ୍ଗ- ପ୍ରଦେଶରେ ସର୍ବସୁଦ୍ଧା ୭୨୭୪୧ ବିଦ୍ୟାଳୟରେ ୧୪୭୦୧୮୦ ପିଲା ପଢ଼ୁଥିଲେ । ସନ ୧୮୮୫- ୮୬ ରେ ବିଦ୍ୟାଳୟ ସଂଖ୍ୟା ୫୭୫୩୩ ଓ ଛାତ୍ର- ସଂଖ୍ୟା ୧୩୫୮୦୨୯ ହୋଇଥିଲା । ୯ବର୍ଷ- ମଧ୍ୟରେ ୧୫୦୦୦ ରୁ ଅଧିକ ବିଦ୍ୟାଳୟ ଏବଂ ଲକ୍ଷାଧିକ ଛାତ୍ର ଊଣା ହେବା ଦେଖିବାମାତ୍ରକେ ଶିକ୍ଷାବିଭାଗର ଅବନତିର ପରିଚୟ ଦେଉଅଛି । ମାତ୍ର ପ୍ରକୃତରେ ତାହା ନୁହଇ ଉଚ୍ଚ ଓ ମଧ୍ୟମ- ଶ୍ରେଣୀର ସ୍କୁଲ ଓ ଛାତ୍ର ସଂଖ୍ୟା ସନ୍ତୋଷଜନକ- ରୂପେ ବୃଦ୍ଧି ହୋଇଅଛି କେବଳ ଅସ୍ଥାୟୀ ଅଯୋଗ୍ୟ ଓ କ୍ଷୁଦ୍ରାକାର ପାଠଶାଳାମାନ ଯାହା ପୂର୍ବେ ବିଭାଗୀୟ ତାଲିକାରେ ଉଠୁଥିଲା ଏବର୍ଷ ପରିତ୍ୟାଗ କରିବାରୁ ଏପରି ଘଟିଅଛି ଏବଂ ଏକଥା ବଡ଼ ସନ୍ତୋଷଜନକ ଅଟଇ । ଏପ୍ରକାର ପାଠଶାଳାମାନଙ୍କୁ ହିସାବରେ ଆଣିବାରେ କିଛି ମାତ୍ର ସାଧାରଣ ଉପକାର ନ ଥିଲା ଅଧିକନ୍ତୁ ସାଧାରଣ ଧନର ଅପବ୍ୟୟ ହେଉଥିଲା । ପ୍ରକୃତରେ ଆୟ ବ୍ୟୟର ହିସା- ବରୁ ଦେଖା ଯାଉଅଛି ଯେ ଏକା ୧୫୦୦୦ ମୁଦ୍ରା ବିଦ୍ୟାଳୟ କଟିଯିବାଦ୍ୱାରା ମୋଟ ବ୍ୟୟରୁ ଏକଲକ୍ଷ ୭୭ ହଜାର ଟଙ୍କା ଊଣା ପଡ଼ିଅଛି । ଏହିପ୍ରକାର ବିଦ୍ୟାଳୟ କମିବାକୁ ଅସ୍ମେମାନେ ଅନେକଥର ସୁହାଇ କରିଥିଲୁଁ ଏଥର

Split by PDF Splitter
Digitized by srujanika@gmail.com

Split by PDF Splitter



ଗବର୍ଣ୍ଣମେଣ୍ଟଙ୍କର ଏହିପ୍ରତି ଦୃଷ୍ଟି ପଡ଼ିବା ଏବଂ ଏହାର ଫଳ ସନ୍ତୋଷଜନକ ହେବାର ଦେଖି ଆନନ୍ଦିତ ହେଲୁଁ ।

ଶିକ୍ଷାବିଭାଗର ମୋଟ ବ୍ୟୟ ସନ ୧୮୮୪-୮୫ ରେ ଟ ୭୮୧୪୦୦୦୧ ଙ୍କା ମଧ୍ୟରୁ ଗବର୍ଣ୍ଣମେଣ୍ଟର ବ୍ୟୟ ଟ ୩୦୮୦୦୦୦ ଙ୍କା ହୋଇଥିଲା । ସନ ୧୮୮୫-୮୬ ରେ ମୋଟ ବ୍ୟୟ ଟ ୭୭୪୮୦୦୦୧ ଙ୍କା ମଧ୍ୟରୁ ଗବର୍ଣ୍ଣମେଣ୍ଟର ଭାଗ ଟ ୨୯୯୦୦୦୧ ଙ୍କା ଥିଲା । ନାନାପ୍ରକାର ଖର୍ଚ୍ଚ ଊଣା କରିବାରୁ ସରକାରୀ ଖର୍ଚ୍ଚ ଟ ୯୦୦୦୧ ଙ୍କା ଊଣା ପଡ଼ିଅଛି । ସରକାରୀ ବ୍ୟୟ କେବଳ କଲେଜ ଓ ଉଚ୍ଚଶ୍ରେଣୀର ବିଶେଷ ବିଷୟର ଶିକ୍ଷା ଦେବା ବିଦ୍ୟାଳୟରେ ପଡ଼ିଅଛି ଅନ୍ୟ ସମସ୍ତ ବିଦ୍ୟାଳୟରେ ମୋଟ ବ୍ୟୟର ପଞ୍ଚମ ବା ଷଷ୍ଠାଂଶରୁ ସରକାରଙ୍କୁ ଅଧିକ ଦେବାକୁ ପଡ଼ୁ ନାହିଁ । ସୁତରାଂ ବିଦ୍ୟାଶିକ୍ଷା ପ୍ରତି ଲୋକଙ୍କର ବିଶେଷ ଅନୁରାଗ ରହିଅଛି ଏବଂ ଏହିପାଇଁ ସ୍ୱହସ୍ତରୁ ବହୁତ ଟଙ୍କା ବ୍ୟୟ କରୁଅଛନ୍ତି ପ୍ରତ୍ୟକ୍ଷ ଦେଖା ଯାଉଅଛି

କଲେଜଶିକ୍ଷା ସମ୍ବନ୍ଧରେ ରେବେନସା କଲେଜର ଛାତ୍ରସଂଖ୍ୟା ବୃଦ୍ଧି ହେବା ଏବଂ ଏଥିର ଛାତ୍ରସଂଖ୍ୟା ଅବଧି ଯଥେଷ୍ଟ ହୋଇ ନ ଥିଲେହେଁ ଓଡ଼ିଶାର ବିଶେଷ ଅବସ୍ଥା ଦୃଷ୍ଟିରେ ଏହାକୁ ରଖିବା ନିତାନ୍ତ ଉଚିତ ବୋଲି ବିବେଚିତ ହୋଇଥିବାର ପାଠ କରି ଆମ୍ଭେମାନେ ନିଶ୍ଚିନ୍ତ ହେଲୁଁ ଏବଂ କଲିକତାର ପ୍ରେସିଡେନ୍‌ସୀ କଲେଜକୁ ଉନ୍ନତାବସ୍ଥାରେ ରଖିବାର ଯେଉଁସବୁ ହେତୁ ମାନ୍ୟବର ଲେପ୍ଟେନାଣ୍ଟ ବାହାଦୁର ଦର୍ଶାଇ ଅଛନ୍ତି ସେସମସ୍ତ ପାଠ କରି ବଡ଼ ଆନନ୍ଦିତ ହେଲୁଁ । ବାସ୍ତବରେ ପ୍ରେସିଡେନ୍‌ସୀ କଲେଜ ଉଚ୍ଚ ଶିକ୍ଷାର ଆଦର୍ଶ ବିଦ୍ୟାଳୟ ଅଟଇ । ଗବର୍ଣ୍ଣମେଣ୍ଟ ବିସ୍ତାର କଲେଜଶିକ୍ଷା ଦେବାକୁ ଇଚ୍ଛା କରୁଅଛନ୍ତି ଏହିଠାରେ ଦେଖାଇବେ ଏବଂ ଅନ୍ୟ କଲେଜମାନେ ଏହାର ଅନୁଗାମି ହେବେ । ଏହାକୁ ଅତି ଉପଯୁକ୍ତ ଅବସ୍ଥାରେ ରଖିବା ସରକାରଙ୍କର ନିତାନ୍ତ କର୍ତ୍ତବ୍ୟ ସନ୍ଦେହ ନାହିଁ ।

ଶିଳ୍ପାଦି ଶିକ୍ଷା ଦେବା କାରଣ ବଙ୍ଗପ୍ରଦେଶରେ ଆଠ ଗୋଟି ବିଦ୍ୟାଳୟ ଅଛି ଏଥିମଧ୍ୟରୁ ଶିବପୁର ବିଦ୍ୟାଳୟକୁ ସରକାରୀ ସାହାଯ୍ୟ ପ୍ରଦତ୍ତ ହୁଅଇ । ଏପ୍ରକାର ବିଦ୍ୟାଳୟସମ୍ବନ୍ଧରେ ଆମ୍ଭମାନଙ୍କ ଲେପ୍ଟେନାଣ୍ଟ ବାହାଦୁର ଆଶା କରୁଅଛନ୍ତି ଯେ ଶିଳ୍ପକରମାନଙ୍କୁ ଅପଣା ବ୍ୟବସାୟ ଉନ୍ନତରୂପେ ଶିକ୍ଷା ଦେବା ନିମିତ୍ତ ବଡ଼ ବଡ଼ କାରଖାନା ସଂଲଗ୍ନରେ ବିଦ୍ୟାଳୟମାନ ଶୀଘ୍ର ସ୍ଥାପିତ ହେବ । ଇଷ୍ଟଇଣ୍ଡିଆ ରେଲକମ୍ପାନୀ ଆପଣାର ବଡ଼ ବଡ଼ କାରଖାନାଠାରେ ଏଥିର ସୂତ୍ରପାତ କରିଅଛନ୍ତି । ଲେପ୍ଟେନାଣ୍ଟଙ୍କର ଆଶା ଶୀଘ୍ର ସମ୍ପୂର୍ଣ୍ଣ ହେଉ ଆମ୍ଭମାନଙ୍କର ଏହି ପ୍ରାର୍ଥନା ।

ସ୍ତ୍ରୀ ଶିକ୍ଷାର ବିସ୍ତାର ସୁଖକର ଅଟଇ । ବିଦ୍ୟାଳୟ ସଂଖ୍ୟା ଗୋଟିଏ ଊଣା ପଡ଼ିଲେହେଁ ଛାତ୍ରୀ ସଂଖ୍ୟା ୭୬୫୪୬ ଠାରୁ ୭୮୦୩୬ ତ ବୃଦ୍ଧି ହୋଇଅଛି । ବାରହମ୍ପୁରରେ ଗୋଟିଏ ମୁସଲମାନବାଳିକା ଏବଂ ମେଦନୀପୁରରେ ଜଣେ ସାନ୍ତାଳ ବାଳିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନୂତନ କଥା ଅଟଇ । ଓଡ଼ିଶାରେ ଶିକ୍ଷାର ଫଳ ସର୍ବାପେକ୍ଷା ହୃଷ୍ଟ ହୋଇ ଅଛି ଏବଂ ଏଠା ସ୍ତ୍ରୀଶିକ୍ଷାର ଦୃଢ଼ ଏବଂ ସନ୍ତୋଷଜନକ ମୂଳଭୂମିରେ ସ୍ଥାପିତ ହେବାର ଲେଖା ଅଛି । ଆମ୍ଭମାନଙ୍କ ବିବେଚନାରେ ଏକଥା ଲେଖିବା ଅଧିକ । ଓଡ଼ିଶାରେ ସ୍ତ୍ରୀଶିକ୍ଷାର ଚର୍ଚ୍ଚା ବରାବର ରହିଅଛି ବରଂ ଏ ସମ୍ପର୍କରେ ଶୃଙ୍ଖଳା ପ୍ରାପ୍ତ ଗବର୍ଣ୍ଣମେଣ୍ଟଙ୍କର ବହୁ ଅପବ୍ୟୟ ହେଉଥିବାର ଅନୁମିତ ହୁଅଇ ।

---

ବାରତନ୍ତ୍ର ୧ମ ଖଣ୍ଡ ନାମରେ ଆମ୍ଭେମାନେ ଖଣ୍ଡିଏ ପୁସ୍ତକ ପ୍ରାପ୍ତ ହେବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ ।

ଏହାର ନାମ ଶ୍ରବଣ ମାତ୍ରରେ ବୋଧ ହେଉଅଛି ଯେ ଏଥିରେ ଅନେକ ଗୁଡ଼ିଏ ବୀରଙ୍କର ଚରିତ୍ର ବର୍ଣ୍ଣିତ ହେଉଅଛି । କିନ୍ତୁ ପାଠ କରିବାରେ ସେ ଆଶାରୁ ବଞ୍ଚିତ ହେବାକୁ ହେଲା । ଯେହେତୁ ଅପର ଖଣ୍ଡ କେବେ ମୁଦ୍ରିତ ହୁଏ କେବେ ହେଁ ସାର୍ଥିକ କେତେ ଜଣ ଭାରତ ବୀରଙ୍କର ଚରିତ ତହିଁରେ ସନ୍ନିବିଷ୍ଟ ହେବ । ବର୍ତ୍ତମାନ ଖଣ୍ଡରେ କେବଳ ପ୍ରତାପ ସିଂହଙ୍କ ଚରିତ ବର୍ଣ୍ଣିତ ହୋଇଅଛି ।

ଏ ପୁସ୍ତକର ରଚୟିତା ଦୁଇଜଣ । ପ୍ରଥମାଂଶ ପାଠ କଲେ ଏକଜଣଙ୍କର ରଚନା ବୋଲି ବୋଧହୁଏ ଓ ଅପରାଂଶ ପାଠ କଲେ ଆଉ ଜଣଙ୍କର ରଚନା ବୋଲି ସ୍ପଷ୍ଟ ଜଣାଯାଏ । ଉଭୟ ଲେଖକ ଶବ୍ଦାଡମ୍ବର ପ୍ରିୟ ହେଲେହେଁ ପ୍ରଥମ ଖଣ୍ଡ ପାଞ୍ଚ ପତ୍ରର ଲେଖକ ଅପେକ୍ଷା ଶେଷ ଜଣଙ୍କ ପ୍ରଥମାଂଶ ପାଠ କଲେ ସ୍ପଷ୍ଟ ଜଣା ଯାଉଅଛି ଯେ ତାହା କୌଣସି ଗ୍ରନ୍ଥରୁ ଅନୁବାଦିତ ହୋଇଅଛି । ଲେଖାର ପ୍ରବାହ ସୁନ୍ଦର । ବର୍ଣ୍ଣାଶୁଦ୍ଧି ଏହି ପୁସ୍ତକରେ ବହୁତ ରହିଅଛି । କେବଳ ଛାପାର ଦୋଷ ବୋଲି ବୋଧ ହୁଏ ନାହିଁ ଛାପାର ଦୋଷ ବୋଲି କହି ଛାଡ଼ି ଦେବା ଭଳି ଭ୍ରମ ସେ ସବୁ ନୁହଇ ।

ପୁସ୍ତକର ଗୁଣ ମଧ୍ୟରେ ଏହି ଯେ ଏହାର ଅଭିପ୍ରେତ ବିଷୟ ସୁନ୍ଦର ଓ ସ୍ୱଦେଶହିତ ଅଥଚ ସ୍ୱଦେଶଭକ୍ତି ଉଦ୍ଦେଶ୍ୟରେ ଉତ୍ସର୍ଗିତ ହୋଇଅଛି ପରିବର୍ତ୍ତନଦ୍ୱାରା ପରିମାର୍ଜିତ ହେଲେ କୌଣସି ବିଦ୍ୟାଳୟରେ ପାଠ୍ୟପୁସ୍ତକରୂପେ ବ୍ୟବହୃତ ହୋଇପାରେ ।

---

ମାଦାଙ୍କାନବାସୀ ଦ୍ୱିତୀୟ ସାଧୁସାହୁର ଅନାଥପିଲ୍ଲଙ୍କ ସାହାଯ୍ୟାର୍ଥେ ନିମ୍ନଲିଖିତ ଦାନମାନ କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ।

ଶ୍ରୀଶ୍ରୀ ରାଜା ବଇଷ୍ଣବ କନକା ଟ ୧୦୯
ବାବୁ ଅଧିକାଶୁତ ଗ୍ରହଶ୍ୟା ଟ ୩୯
„ ଗୌରୀଶଙ୍କର ରାୟ ଟ ୨୯

---

## ସାପ୍ତାହିକ ସଂବାଦ ।

ଏବର୍ଷ ଦୋଳଯାତ୍ରା ଏ ନଗରରେ ଉତ୍ତମରୂପେ ନିର୍ବାହ ହୋଇଗଲା । ପୂର୍ଣ୍ଣିମାର ଦୁଇଦିନ ପୂର୍ବରୁ ଏକ ଅଳ୍ପ ବୃଷ୍ଟି ହୋଇଥିବାରୁ ଗର୍ଦ୍ଦ ବା ଶୀତର କଷ୍ଟ ଅଧିକ ଜଣାଯାଇ ନାହିଁ । ନାନାସ୍ଥାନରେ ନାଚ ଗୀତର ଆମୋଦ ହୋଇଥିଲେ ହେଁ କେବଳ ବାବୁ ବିହାରୀଲାଲ ପଣ୍ଡିତ ନଗରବାସି ଭଦ୍ରସମ୍ପ୍ରଦାୟ ହିନ୍ଦୁ ମୁସଲମାନ ଲୋକଙ୍କୁ ଆମନ୍ତ୍ରଣ କରି ପୂର୍ଣ୍ଣିମା ରାତ୍ରି ଏକ ସ୍ୱରପର୍ଣ୍ଣ ମଜଲିସ କରିଥିଲେ । ଯୋଗିଣୀ ରାତ୍ରି ସୁବିଧାରେ ଉତ୍ସବ ଶେଷ ହେଲା ।

କଟକ ନର୍ମାଲସ୍କୁଲରେ ମାସିକ ଟ ୨୦ଙ୍କା ବେତନରେ ଜଣେ ଶିକ୍ଷକ ରହିବେ ଯେଉଁମାନେ ପ୍ରବେଶିକା ପରୀକ୍ଷା ୨ୟଶ୍ରେଣୀରେ ପାସ କରିଅଛନ୍ତି ଏବଂ ଓଡ଼ିଆଭାଷା ଉତ୍ତମରୂପେ ଜାଣନ୍ତି ସେମାନେ ଏଠା ନର୍ମାଲସ୍କୁଲର ସୁପରିଣ୍ଟେଣ୍ଡେଣ୍ଟ ବାବୁ ହରିହର ଦାସ ଙ୍କ ନିକଟରେ ଏହି ମାସ ମଧ୍ୟରେ ଆବେଦନ କରିବାର ବିଜ୍ଞାପନ ଦିଆ ଯାଇଅଛି ।

ଅବକାରୀ ଇନସ୍ପେକ୍ଟର ଏବଂ ଅକ୍‌ସନ୍ଟାଣ୍ଟ ଅସେସର ଏବ୍ଲରରେ ବୋର୍ଡରେଭିନିଉଙ୍କ ଆଦେଶମତେ ଏକ ହୋଇ ମିଶିବାରୁ ବାବୁ ପୂର୍ଣ୍ଣଚନ୍ଦ୍ର ଦାସ ଏବଂ ବାବୁ ରସେଶ୍ୱର ... ଉଭୟ ପଦ ଲଭାଇଥିଲେ । ଶ୍ରୀଯୁକ୍ତ କମିଶନର ସାହେବ ଏ ଦୁହିଙ୍କଦ୍ୱାରା ବାହାରେ ବାବୁ ... ଦାସଙ୍କୁ ଭଳି ପଦରେ ନିଯୁକ୍ତ କରିଅଛନ୍ତି । ରସେଶ ବାବୁଙ୍କର ଏହି ସ୍ଥାନରେ ବହୁତ ମହାଜନ ଥିବାରୁ ତାହାଙ୍କୁ ଏହି ପଦରେ ଅଧିଷ୍ଠିତ କରିବା ଉଚିତ ମନେ କଲେ ନାହିଁ ।

ବାବୁ ଜଗନ୍ନାଥ ଦତ୍ତ ଭଦ୍ରକର ଏଡ଼ିସନାଲ ଡେପୁଟି ହେବାରୁ ପୁରୀ କଲେକ୍ଟରର ସିରସ୍ତାଦାର ବାବୁ ... ପଦ ମଜଲର ଅସିଷ୍ଟାଣ୍ଟ ପୁଲିସର ମନୋନୀତ ହୋଇଅଛନ୍ତି ।

Digitized by srujanika@gmail.com

## କଲିକତା ଗେଜେଟ ।

ଅଶିକ୍ଷାଣ ମାଜିଷ୍ଟ୍ରେଟମାନଙ୍କ ଗତ ପାଣ୍ମାସିକ ପରୀକ୍ଷାରେ ପୁରୀର କଲେକ୍ଟର ସାରେଜ ସାହେବ ଓଡ଼ିଆଭାଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ପାଞ୍ଚଶହ ଟଙ୍କା ପୁରସ୍କାର ପାଇବାର ଯୋଗ୍ୟ ହୋଇଅଛନ୍ତି ।

ଏକଟ୍ରାକ୍ଟିଂ ଏସିଷ୍ଟାଣ୍ଟ କମିସନର ମିଡ଼ଲ୍ଟନ ସାହେବ ଫର୍ଲୋରୁ ପ୍ରତ୍ୟାଗମନ କରି ଓଡ଼ିଶାବିଭାଗରେ ସ୍ଥାପିତ ହୋଇଅଛନ୍ତି ।

ବାଲେଶ୍ୱରସ୍ଥ ଏକଟ୍ରାକ୍ଟିଂ ଇଞ୍ଜିନିୟର ଲମ୍ ସାହେବ ଭାଗଲପୁରକୁ ବଦଳି ହୋଇଅଛନ୍ତି ।

ଯାଜପୁର ରୋଡ଼ସେସ କମିଟିର ସଭ୍ୟସ୍ୱରୂପରେ ବାବୁ କାଳକୃଷ୍ଣ ଦାସ ମୋକ୍ତାର ମୃତ ବାବୁ ଶ୍ୟାମସୁନ୍ଦର ଦାସଙ୍କ ସ୍ଥାନରେ ନିଯୁକ୍ତ ହୋଇଛନ୍ତି ।

ଏଠା ମ୍ୟୁନିସିପାଲିଟିର ନ ୧ ମ୍ବର ଓ୍ୟାର୍ଡର ପୁନଃ ନିର୍ବାଚନ ଆଗତ ଅପ୍ରେଲମାସ ତା ୧୧ ରିଖରେ ହେବାର ଗେଜେଟରେ ପ୍ରକାଶିତ ହୋଇଅଛି ।

---

ଅମ୍ଭେମାନେ ଅତ୍ୟନ୍ତ ଦୁଃଖର ସହିତ ପାଠକମାନଙ୍କୁ ଜଣାଉଅଛୁଁ ଯେ ପୁନାର ଶ୍ୟାମନାମ୍ନୀ ଆନନ୍ଦୀବାଇ ବଯାଷି କ ଯେ ଅମେରିକା ଯାଇ ସେଠାରେ ଚିକିତ୍ସାଶାସ୍ତ୍ର ଅଧ୍ୟୟନ କରି କୃତବିଦ୍ୟ ହୋଇଥିବାରେ ସ୍ୱଦେଶକୁ ଅନ୍ତହିତ ହେଲେ ଫେରି ଆସିଥିବାର ସମ୍ବାଦ ପାଠକମାନଙ୍କୁ ଦେଇଥିଲୁଁ ସେ ଇହଲୀଳା ସମ୍ବରଣ କରିଅଛନ୍ତି । ସେ ଟ ୪୦୦ଙ୍କା ବେତନରେ କୋଲାପୁରର ସ୍ତ୍ରୀ ହସପାତାଲର ଅଧ୍ୟକ୍ଷ (principal କର୍ମରେ ନିଯୁକ୍ତ ହୋଇଥିଲେ ମାତ୍ର ଦାରୁଣକାଳ ତାହା ଭୋଗ କରିବାକୁ ନ ଦେଇ ଏତେ ଶୀଘ୍ର ଭାରତମାତାର ମୁଖୋଜ୍ଜ୍ୱଳକାରିଣୀ ରମଣୀରତ୍ନ ହରଣ କରି ଭାରତୀୟ ଦେଶବାସିଙ୍କି ଅକୂଳ ଦୁଃଖାର୍ଣ୍ଣବରେ ଭସାଇ ଦେଇଗଲା !

ବଳସ୍ୱାନଗରର ମହାରାଜା ବଙ୍ଗଦର ସାମ୍ରାଜ୍ୟସମିତି ନିମନ୍ତେ ଦୁଇ ସହସ୍ର ପାଉଣ୍ଡ ଚାନ୍ଦା ଦେବା ସଙ୍ଗେ ସେଠା ପ୍ରଦର୍ଶନୀ ଯେ ସମସ୍ତ ଦ୍ରବ୍ୟାଦି ପଠାଇଥିଲେ ତାହା ଦାନ କରିଅଛନ୍ତି । ଏ ଦାନ ଅତି ମହାନୁଭବକତାର ପରିଚାୟକ । ତ୍ରିବାଙ୍କୁଡ଼ର ମହାରାଜା ଟ ୧୦୦୦୦ ଙ୍କା ଦେଇଥିବାର ସମ୍ବାଦ ମିଳଇ ।

ଆୟର୍ଲଣ୍ଡରେ ବିଦ୍ରୋହସୂଚକ ବକ୍ତୃତା କରିଥିବା ଅପରାଧରେ ଜଣେ ପାର୍ଲିଆମେଣ୍ଟର ମେମ୍ବର ଡିଲନ୍ସାହେବ ବିଗ୍ରହାଳୟକୁ ଆନୀତ ହୋଇଥିଲେ । ବିଚାର ଶେଷ ହେବାରେ ଜୁରିମାନେ ନିର୍ଦ୍ଦୋଷୀ ଥିବାର ରାୟ ଦେବାରୁ ଆସାମୀ ମୁକ୍ତିଲାଭ କରିଥିବାର ସମ୍ବାଦ ମିଳଇ । ଡିଲନ୍ସାହେବଙ୍କୁ ଖାଲି ଛାଡ଼ିଦେଲେ ଏତେ ବଳରୁ ଆୟର୍ଲଣ୍ଡରେ ବ୍ୟସ୍ତତାଗ୍ର ଲାଗିଥାନ୍ତା ।

ଗତ ଜୁବିଲି ପର୍ବୋପଲକ୍ଷେ ଜୟପୁର ମହାରାଜା ଉଦାର ଦାନ କରିଥିବା ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟରୁ ସମ୍ମାନସୂଚକ ଅଧିକା ଦୁଇଗୋଟି ସଲାମି ତୋପ ପାଇବାର ପତ୍ର ପ୍ରାପ୍ତ ହେଲେ । ମହାରାଜା ଏ ତାବତ୍କାଳ ଗୋ ୧୭ ଟି ତୋପ ପାଉଥିଲେ ଏଣିକି ଗୋ ୧୯ ଟି ତୋପ ପାଇବେ । ବଡ଼ ସୁଖର ବିଷୟ । ମହାରାଜା ଲେଡ଼ି ଡଫରିନ ଫଣ୍ଡକୁ ଟ ୧୧୦୦୭୦ ଙ୍କା ଦାନ କରିଅଛନ୍ତି । ଏ ଦାନ ଅତି ପ୍ରଶସ୍ତ ଏବଂ ଉଦାର ଅଟଇ ।

ଗତ ଫେବ୍ରୁଆରି ମାସ ତା ୨୩ ରିଖ ପ୍ରାତଃକାଳ ସମୟ ସମୟରେ ଦକ୍ଷିଣ ଯୁରୋପରେ ଭୟାନକ ଭୂମିକମ୍ପ ହୋଇଥିଲା ଅନେକ ଘର ଭୂମିସାତ୍ ହୋଇ ଯାଇଅଛି ମଧ୍ୟ ଅନେକଗୁଡ଼ିଏ ଲୋକ ନଷ୍ଟ ହୋଇଅଛନ୍ତି । ଇଟାଲି ଅଞ୍ଚଳରେ ଏ ଭୂମିକମ୍ପ ଅତ୍ୟନ୍ତ ବିକଟରୂପ ଧାରଣ କରିଥିବାର ସମ୍ବାଦ ମିଳଇ । ଅନେକ ଗ୍ରାମ ଏକାବେଳକେ ଧ୍ୱଂସ ହୋଇଯାଇଥିବା ଓ ପ୍ରାୟ ୧୫୦୦ ଶ ଲୋକ ମରିଥିବା ଜଣାଉଛି ।

ପାୟୋନିୟର ଲେଖି ଅଛନ୍ତି ଯେ ଭାରତ ବଜେଟ ଏହି ମାସ ତା ୨୪ ରିଖରେ ବାହାରିବ । କଡ଼ଲଟ ବାହାଦୁର କଲିକତା ଛାଡ଼ି ତା ୧୭ ରିଖରେ ସ୍ୱର୍ଗଧାମ ସିମଲାପାହାଡ଼ାଭିମୁଖେ ଯାତ୍ରା କରିବା ସ୍ଥଳେ ତା ୨୪ ରିଖରେ ବଜେଟ ବାହାରିବା କଥାଟା ସ୍ୱଭାବତଃ କେମନ୍ତ ଅଦ୍ଭୁତ ଲାଗିପାରେ ମାତ୍ର ପାୟୋନିୟର ଲେଖି ଅଛନ୍ତି ଯେ ବଜେଟରେ କୌଣସି ନୂତନ ଟାକ୍ସର ପ୍ରସ୍ତାବ ହୋଇ ନ ଥିବାରୁ ତାହା ବ୍ୟବସ୍ଥାପକ ସଭାରେ ଅପିତ ନ ହୋଇ ଶଃପଦରେ ମାତ୍ର ଗଭର୍ଣ୍ଣରଙ୍କ ବାହାରି ପୃଥିବୀରେ ବିଚରଣ କରିବ ! ଅମ୍ଭେମାନେ କହୁଁ ଘର କଥାରେ ଭୁଲା ଆଡ଼ମ୍ବର ଦେଖାଇବାର ପ୍ରୟୋଜନ କଣ !

ମାନ୍ୟବର ଘୋଷେଲାଟ ଟମସନ ସାହେବ ଅସ୍ମମାନଙ୍କର ଲେଫ ଟଣ୍ଟ ଗବର୍ଣ୍ଣରଙ୍କ ସାହେବଙ୍କୁ ଆଗାମୀ ଅପ୍ରେଲ ମାସ ତା ୨ ରିଖରେ ଗୁର୍ଜ୍ଜ ଦେଇ ତହିଁ ଅନନ୍ତର ସବାଳେ ଦାର୍ଜିଲିଙ୍ଗାଭିମୁଖେ ଯାତ୍ରା କରିବେ ।

ହାଇଦରାବାଦର ଘୂର୍ଣ୍ଣିଝଡ଼ ଶେଷ ହୋଇ ଯାଇଅଛି । ଏଠା ଲୋକ କେହି ଜଣିଥିବାର ଜଣାଯାଏ ନାହିଁ ।

ଜୁବିଲି ଉପଲକ୍ଷ ଯେତେ ଏ ପର୍ଯ୍ୟନ୍ତ ମାନ୍ଦ୍ରାଜଠାରେ ଟ ୧୨୬୭୬୪ ଙ୍କା ଉଠିଥିବାର ସମ୍ବାଦ ମିଳଇ । ଏତେ ଟଙ୍କା କଲିକତା ଅଥବା ବମ୍ବାଇଠାରେ ଉଠି ନାହିଁ ।

ଅର୍କଟର ରାଜା ପକ୍ଷାଘାତ ରୋଗ ଭୋଗ କରୁଥିବାର ସମ୍ବାଦ ମିଳଇ । କଥିତ ହୁଏ ସେ ଆଉ ଅଧିକ ଦିନ ବଞ୍ଚି ପାରିବେ ନାହିଁ ।

କଥିତ ହୁଏ ହାଇଦରାବାଦର ନିଜାମ ଭାଇ ମନ୍ଦିରର ମୂଳ ଆଗାମୀ ଅପ୍ରେଲ କିମ୍ବା ମଇ ମାସରେ ଯୁରୋପ ଭ୍ରମଣାର୍ଥ ଯାତ୍ରା କରିବେ । ତାଙ୍କର ଇଚ୍ଛା ଯେ ସେ ରୁଷିଆ, ରୁମିଆ, ଜର୍ମାନୀ ଏବଂ ଫ୍ରାନ୍ସ ଦେଖି ଆଗାମୀ ଜୁନ ମାସରେ ଶ୍ରୀମତୀ ଇଂଲଣ୍ଡେଶ୍ୱରୀଙ୍କ ଜୁବିଲିପର୍ବରେ ଯୋଗ ଦେବେ । ବିଲାତରେ ଆଗାମି ଜୁନ ମାସ ତା ୨୧ ରିଖରେ ଜୁବିଲି ପର୍ବ ପାଳିତ ଓ ସେ ଦିନ ସେଠା ସମସ୍ତ କଚେରି ଅଦ ବନ୍ଦ ହେବ ।

ବ୍ରହ୍ମଦେଶର ସମ୍ବାଦମାନଙ୍କରୁ ସେ ଦେଶର ଅବସ୍ଥା ପୂର୍ବପ୍ରାୟ ଅତ୍ୟନ୍ତ ଅଶାନ୍ତ ଥିବାର ଜଣାଯାଏ । ଇଉରୋପୀୟ ଲୋକଙ୍କ ମୃତ୍ୟୁ ସଂଖ୍ୟା ଅଳ୍ପ ବଢ଼ିବ ଲାଗି ରହିଅଛି ।

ବଲୁଚିସ୍ଥାନ ରାଜ୍ୟ ଅବଧି ନଷ୍ଟ ତ ନୋଣ୍ଡ୍ରସ ସେଠାରେ ବିଦ୍ରୋହାଗ୍ନି ପ୍ରଜ୍ୱଳିତ ପ୍ରଜ୍ୱଳିତ ହୋଇଥିବା ସମ୍ବାଦ ମିଳଇ କିଲଷ୍ଟିସ୍ଥାଠାରେ ସହସ୍ର ସୈନ୍ୟ ବିଦ୍ରୋହି ଭାବେ ବସାଇ ଅଛନ୍ତି ଏବଂ ଏ ବିଦ୍ରୋହ ଦମନ ଅତ୍ୟନ୍ତ ଦୁଷ୍କର ହେବାର ସମ୍ଭାବ୍ୟ ଅଛି ରହିଅଛି । ଏଣେ ରାଜା ଅଲେକଜାଣ୍ଡର କଠିନ ଜ୍ୱର ରୋଗରେ ପତିତ ହୋଇଅଛନ୍ତି ।

ବ୍ରହ୍ମଦେଶର ଅଧିକା ସମ୍ବାଦ ମଧ୍ୟରେ ଗବର୍ଣ୍ଣମେଣ୍ଟ ସେଠା ପଦ୍ମଲାଗମଣି ଅକ୍ଷରକୁ କ୍ରିଷ୍ଟିଆନ ସାହେବଙ୍କୁ ପଞ୍ଚା ବା ଦେବାରେ ସେ ସାହେବ ଭଲ ଶାସିରେ ଅନ୍ୟ କୌଣସି ଲୋକଙ୍କ ଅଧିକାର ନ ଥିବାର ନୋଟିସ ଦେଇଅଛନ୍ତି — ଦେଖାଯିବ ଲୋକଙ୍କର ଦାବି ଦକ୍ଷ ଭୁଞ୍ଜାଯିବା ପର୍ଯ୍ୟନ୍ତ ପଞ୍ଚା ଦେବା ବନ୍ଦ କରିବାର ଯାହା କଥା ହେଉ ଥିଲା ତାହା ହେଲ ନାହିଁ ପରି । କେହି କହନ୍ତି ଏଣେ ନାଙ୍ଗ ସଲ ତେଣେ ପଦ୍ମଲାଗମଣି କଥାଟା ଝକଏ ଗୁରୁତର ।

ଗତ ଫେବ୍ରୁଏରି ମାସ ତା ୧୪ ରିଖ ସଭାରେ ଭାରତବର୍ଷର ଷ୍ଟେଟ ସେକ୍ରେଟରି ଅପ୍ଟେଷ୍ଟ ସରଜନଗର୍ଷ୍ଟ ସାହେବଙ୍କୁ ପ୍ରଶ୍ନ ହେଲା ଯେ ତିବ୍ବତୀୟମାନେ ବ୍ରିଟିଶ ପକ୍ଷରେ କାହାକୁ ସମ୍ବନ୍ଧରେ ଇଣ୍ଡିଆର ସମ୍ବାଦପତ୍ର ଯାହା ପ୍ରକାଶ କରିଅଛନ୍ତି ତାହା ସତ୍ୟ କି ମିଥ୍ୟା, ଏଥିକୁ ଷ୍ଟେଟ ସେକ୍ରେଟରି ମହାଶୟ ଏସମ୍ବନ୍ଧରେ କୌଣସି କଥା ଜ୍ଞାତ ନ ଥିବାର ବ୍ୟକ୍ତ କଲେ । ତାଙ୍କ ସଙ୍ଗେ ସନ୍ଧି ହୋଇଥିବାସ୍ଥଳେ ଏକଥା କାହିଁକି ? ।—

ବମ୍ବଇରେ ଶ୍ରୀମତୀ ମହାରାଣୀଙ୍କର "ଜୁବିଲି" ପର୍ବ ବହୁ ସମାରୋହରେ ସମ୍ପନ୍ନ ହେବାର ଉଦ୍ୟୋଗ ଲାଗିଅଛି । ଆଗାମୀ ଜୁଲାଇ ମାସରେ ଗୋଟିଏ ପ୍ରକାଣ୍ଡ ମେଳା ହେବ । ତହିଁରେ ଭାରତର ମାନ୍ୟଗଣ୍ୟ ଓ ବିଲାତ ଏବଂ ଭାରତବର୍ଷୀୟ ଉପାଧିଧାରୀମାନେ ଯୋଗ ଦେବାର ବନ୍ଦୋବସ୍ତ ହେଉଅଛି ।

ଆୟର୍ଲଣ୍ଡର ଲୋକମାନେ କ୍ରମେ ଭୟାନକ ଆକାର ଧାରଣ କରିବାର ଦେଖାଯାଏ । କ୍ୟୁରିଓସିଟି ଦେଶାନ୍ତର୍ଗତ କାଇବାର ଷ୍ଟେସନଠାରେ ଜଣେ ବେଲିଫ [ନାଜର] ଓ ଜ ୨ ଣ କନେଷ୍ଟବଲଙ୍କୁ କେତେକ ଦୁର୍ଦ୍ଦାନ୍ତ ଲୁଚାଇବାରେ ଥାଇ ଗୁଳିଦ୍ୱାରା ଗତ ମାସ ତା ୧୪ ରିଖରେ ମାରିପକାଇ ଥିବାର ସମ୍ବାଦ ମିଳଇ ।

ଅବସିନିଆ ଓ ଇଟାଲି ମଧ୍ୟରେ ଯେଉଁ ଯୁଦ୍ଧର ସୂତ୍ରପାତ ହୋଇଥିଲା ତାହା କଷ୍ଟକି ପାଇଥିବାର ସମ୍ବାଦ ମିଳଇ । ଇଟାଲିୟମାନଙ୍କର ଅବସିନିଆପ୍ରଦେଶ ଅକ୍ରମଣର ମିଥ୍ୟା ସମ୍ମତ ପ୍ରାପ୍ତ ହୋଇ ସମଅଲଭଲ ତତତ ଯୁଦ୍ଧର ଯୋଗାଡ଼ କରିଥିଲେ । ଯାହା ହେଉ ଲୋକମାନେ ରକ୍ଷା ପାଇଲେ ଖୁସିର ବିଷୟ ।

ବୋମ୍ବାଇଠାରୁ ଆସିଥିବା ଗତ ଫେବ୍ରୁଏରି ମାସର ତା ୧୯ ରିଖର ତାର ସମ୍ବାଦରୁ ପ୍ରକାଶ ଯେ ତହିଁ ପୂର୍ବ ସନ୍ଧ୍ୟାରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଦୁଇସମ୍ପ୍ରଦାୟ ଦଙ୍ଗାହଙ୍ଗାମା ହୋଇଯାଇଅଛି । ହିନ୍ଦୁଯାତ୍ରା ବାଦ୍ୟାଦିସହିତ ମସ୍ଜିଦ ସମ୍ମୁଖଦେଇ ଯିବାରେ ଏକାଣ୍ଡ ଉପସ୍ଥିତ ହେଲା । ବାଡ଼ ଏବଂ ଢେଲା ବାଡ଼ିଆଡ଼ିରେ ଅନେକେ ଆଘାତ ପ୍ରାପ୍ତ ହୋଇଅଛନ୍ତି । ଏସବୁ ଗୃହ ବିବାଦ ଅସ୍ମମାନଙ୍କୁ ଯତ୍ପରୋନାସ୍ତି ମନସ୍ତାପ ପ୍ରଦାନ କରେ ।

ହାଇଦରାବାଦର ଯେଉଁ ଘୂର୍ଣ୍ଣିଝଡ଼ର ଫଳରୁ ଲକ୍ଷାଧିକ ଲୋକ ଗୃହଶୂନ୍ୟ ଅନାଥ ହୋଇଥିଲେ ସେ ଶେଷ ହୋଇ ଯାଇଅଛି । ଚାଂଶତସହସ୍ର ମୁଦ୍ରାର ପ୍ରଥମ ପାରିତୋଷିକ ନ ୭୪୬୮୭ ନମ୍ବର ଟିକଟଧାରୀ ସାଲେମ ନିବାସୀ ଫିଫାରିସ ଗୁଣ୍ଡ ଦଶସହସ୍ର ମୁଦ୍ରାର ଦ୍ୱିତୀୟ ପାରିତୋଷିକ ନ ୩୮୧୮୬ ନମ୍ବରଧାରୀ ପୋର୍ଟ ନୋଭାଲ ନିବାସୀ ଏ, ଅଲ,ଉନଙ୍ଗ ଏବଂ ସପ୍ତସହସ୍ର ମୁଦ୍ରାର ତୃତୀୟ ପାରିତୋଷିକ ନ ୭୨୭୦୩ ନମ୍ବରଧାରୀ ପାଟକୁଡ଼ା ସୁବ୍ରମାନିୟା ପ୍ରାପ୍ତ ହେଲେ । କେହି ଦୁଃଖିତ ହେବେ ନାହିଁ ଏଥିରୁ ଗୋଟିଏ ଘଟିଥିଲେ ସେ ଏକାବେଳକେ ବଡ଼ଲୋକ ହୋଇଯାଇଥାନ୍ତା ।

ଶ୍ରୀମତୀ ମହାରାଣୀଙ୍କ ଜୁବିଲି ପର୍ବୋପଲକ୍ଷେ ଅଯୋଧ୍ୟାର ରାଜା କଲିକତାର ଦରିଦ୍ରମାନଙ୍କୁ ବଣ୍ଟନ କରିବା ନିମନ୍ତେ ଟ ୧୦୦୦ ଙ୍କା ଭାରତ ଗବର୍ଣ୍ଣମେଣ୍ଟଙ୍କ ସମୀପକୁ ପଠାଇ ଥିଲେ ।

ବଡ଼ଲାଟ ମହୋଦୟ ଚଳିତ ମାସ ତା ୧୭ ରିଖରେ କଲିକତା ତ୍ୟାଗ କରି ହରିଦ୍ୱାରରେ ତଥଣ ଦେଖିବେ ୦ = ବ ରୋଗରେ ତ ୧୫ ନ ମୁକାମ କରି ତଦନନ୍ତର ସିମଲାକୁ ଯିବେ ।

କାହ୍ନିବାରଠାରୁ ଆସିଥିବା ଗତ ଫେବ୍ରୁଏରି ମାସ ତା ୨୦ ରିଖର ତାର ସମ୍ବାଦରୁ ପ୍ରକାଶ ଯେ ପର୍ତ୍ତୁଗାଲବାସିମାନେ ଇଙ୍ଗ୍ରେଜଙ୍କ ଅଧିକାର ଭଳି କାହ୍ନିବାର ସୁଲତାନଙ୍କର ସ୍ୱଦେଶପୂର୍ଣ୍ଣ ଗୋଟିଏ ଦୁର୍ଗ ଭଳି ତାହାଙ୍କ ଧରି ରଖିଅଛନ୍ତି ।

କଥିତ ହୁଏ ଯେ ରୁଷିଆ ବର୍ତ୍ତମାନ ମୁଲଚେଞ୍ଜରେ ସାର୍ଦ୍ଧ ପଞ୍ଚଲକ୍ଷ ସେନା ଉପସ୍ଥିତ କରାଇ ପାରିବେ ।

Split by PDF Splitter



ମାନ୍ଦ୍ରାଜରେ ଜଣେ ଲୋକ ଶ୍ରୀମତୀ ମହାରାଣୀଙ୍କ ଜୁବିଲି ଛଳ ଅର୍ଥାତ୍ ଆଗାମୀ ଜୁନମାସ ତା ୨୦ ଦିନରେ ଭାରତବର୍ଷର ଚତୁର୍ଦ୍ଦିଗରେ ବୃକ୍ଷ ଲଗାଇବାର ପ୍ରସ୍ତାବ କରୁଅଛନ୍ତି । ସେ କହନ୍ତି ଏଥିରେ ଯେମନ୍ତ ପୃଥିବୀରେ ଛାୟା ବର୍ଦ୍ଧିତ ହେବ ତେମନ୍ତ ଫଳ ମଧ୍ୟ ହେବ । ମନ୍ଦ ନୁହେ ।

ବର୍ଦ୍ଧମାନର ବର୍ତ୍ତମାନ ମେନେଜର ଘଇ ସାହେବଙ୍କୁ ବରଖାସ୍ତ କରି ୪ ୨୦୦୦ ଙ୍କା ବେତନରେ ଜଣେ ସିବିଲସ୍ଵାନ କର୍ମଚାରୀ ଉକ୍ତ ପଦରେ ନିଯୁକ୍ତ କରିବାର ଗବର୍ଣ୍ଣମେଣ୍ଟ ସ୍ଥିର କରୁଅଛନ୍ତି । ଏ ଠିକ୍ ହୋଇଅଛି "କାର୍ଡ଼" ଦରମାମାନ ସିବିଲସର୍ବିସ ବାଗ୍ଧଏ ନ ପାଇଲେ ଲୋକମାନେ ହସିବେ ଯେ !

ବୋମ୍ବାଇ ମିଉନିସିପାଲିଟି ଜୁବିଲି ଉପଲକ୍ଷେ ସେଉ ୪ ୮୦୦୦୦ ଙ୍କା ଖର୍ଚ୍ଚ ଦେବାକୁ ସ୍ଥିର କରୁଅଛନ୍ତି ତାହା ଅନ୍ୟାୟସଙ୍ଗତ ବୋଲି କେତେକ ଉଦ୍‌ଯୋଗ ଲାଗିଅଛି । କଲିକତା ମିଉନିସିପାଲିଟିର ମଧ୍ୟ ଏହି ଦଶା ।

ରଙ୍ଗୁନଠାରେ ଗତ ମାସ ତା ୧୧ ଦିନରେ ଭୟାନକ ଅଗ୍ନିକାଣ୍ଡ ହୋଇଯାଇଥିବାର ସମ୍ବାଦ ମିଳିଲା । ଏଥିରେ ଅନୁମାନ ପାଞ୍ଚଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଅଛି ଏବଂ ଅଧିକାଂଶ କ୍ଷତିଗ୍ରସ୍ତମାନେ ଇମ୍ପ୍ରୁଭମେଣ୍ଟ ବା କମିସରିଆଟ କରଣୀ ଏବଂ ଅଧସ୍ତନ ଚାକର ଅଟନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁତ ମାନ୍ୟବର ଉତ୍କଳ ଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କେତେକ ପଙ୍‌କ୍ତିକୁ ଆପଣଙ୍କ ପାଠକମାନଙ୍କୁ ଜଣାଇବା ହେବେ ।

ଆଜିକାଲି "ସ୍ତ୍ରୀଶିକ୍ଷା" ବୋଲି ଚତୁର୍ଦ୍ଦିଗରେ ଗହଳ ପଡ଼ିଅଛି, କେହି କେହି ସ୍ତ୍ରୀ ଶିକ୍ଷା ବିଷୟରେ ପ୍ରବନ୍ଧ ରଚନା ଓ ବକ୍ତୃତା ପ୍ରଦାନ କରୁଅଛନ୍ତି । କେହି କେହି ବାଳିକା ବିଦ୍ୟାଳୟ ସ୍ଥାପନ ଅବା ଉହିଁର ଉନ୍ନତି ସାଧନରେ ଯତ୍ନ କରୁଅଛନ୍ତି । କିନ୍ତୁ ଅନେକ ବ୍ୟକ୍ତି (ଉତ୍କଳବାସୀ) "ସ୍ତ୍ରୀଶିକ୍ଷା" ନାମ ଶୁଣିବାମାତ୍ର ଖଡ୍ଗହସ୍ତ ହେଉଅଛନ୍ତି । ସେମାନଙ୍କ ମନରେ ଏ ଶବ୍ଦ ଗୋଟିଏ ନବାଗତ ଶବ୍ଦ ହୋଇଅଛି । ପାଠକମାନଙ୍କ ମଧ୍ୟରୁ କେହି ଏହାର ମୀମାଂସା କରିବେ । ସ୍ତ୍ରୀଶିକ୍ଷା ଶାସ୍ତ୍ରସମ୍ମତ କି ନା ? ପୂର୍ବେ ଏହା ଥିଲା କି ନା ? କୌଣସି ଶାସ୍ତ୍ରରେ ଏଥିର ପ୍ରମାଣ ଲେଖାଅଛି କି ନା ? ଅବା କୌଣସିଠାରେ ଏଥିର ନିଷେଧ ଲେଖାଅଛି କି ନା ? ଶାସ୍ତ୍ରର ବଚନସହିତ ଉକ୍ତ ପତ୍ରିକାରେ ପ୍ରକାଶ କଲେ ସନ୍ଦେହଭଞ୍ଜନ କରିବେ । ଉତ୍ତର ଦାନରେ କେହି ଯେପରି ମୁଖିକ ନୁହନ୍ତି ଅବା ତୁଚ୍ଛଜ୍ଞାନ ନ କରନ୍ତି । ବିଶେଷତଃ ଉତ୍କଳଧର୍ମ ସୁଧାରକ

ଓ ପୁରୁଷୋତ୍ତମ ମଣ୍ଡଳ ସମାଜର ସଭ୍ୟ ଏବଂ ଶ୍ରୀଯୁକ୍ତ ନରସିଂହପୁର ସ୍କୁଲ ଶିକ୍ଷକଙ୍କଠାରୁ ସନ୍ତୋଷଜନକ ଉତ୍ତର ପାଇବାର ସମ୍ପୂର୍ଣ୍ଣ ଆଶା ରହିଲା ।

୧।୩।୮୭ } କଟକ । ଶ୍ରୀ ରଘୁନାଥ ମିଶ୍ର । ଏରିସମା

---

## ଶ୍ରୀମତୀ ମହାରାଣୀଙ୍କର ଜୁବିଲି ପର୍ବୋପଲକ୍ଷେ ମାନସିକ ଭକ୍ତି ।

ସୁଖଦକାରକ, ହୃଦୟ ଏଥର
ଶୁଣ ହେ ଭାରତ ସନ୍ତାନ ।
ମହାରାଣୀଙ୍କର, ଜୁବିଲି ବ୍ୟାପାର
ନିର୍ବିଘ୍ନେ ସକଳ ହେବ ସମ୍ପୂର୍ଣ୍ଣ । ୧ ।

ଯେ ଦେଶ ଉତ୍ତରେ, ପ୍ରାଚୀର ରୂପରେ
ହିମାଳୟ ଗିରି ଦଣ୍ଡାୟମାନ ।
ମଧ୍ୟରେ ସୁନ୍ଦର, ଜାହ୍ନବୀ ଧରାଧର
ଗଙ୍ଗା ହାରରୂପେ ବିରାଜମାନ । ୨ ।

ଯେ ଦେଶ ସନ୍ତତି, କେତେକ ନୃପତି
ମହାବୀର ଭୀମାର୍ଜୁନ ଜନକ ।
ରାମଚନ୍ଦ୍ର ପୁଣ, ହୋଇଲେ ଜନମ
ଯା ଯଶ ବ୍ୟାପିତ ମହୀମଣ୍ଡଳ । ୩ ।

ଆଜି ସେ ଭାରତ, କରୁ କରୁଣତ
ଅଟନ୍ତି ଅଧିପତି ବ୍ରିଟିଶ ରାଣୀ ।
ଯାର ନ୍ୟାୟଧର୍ମ, ସ୍ୱାଧୀନତା ଦାନ
ସ୍ତ୍ରୀଙ୍କ ରତ୍ନମଧ୍ୟେ ଯାହାକୁ ଗଣି । ୪ ।

ଯାହାଙ୍କ ତେଜରେ, ମର୍ତ୍ତ୍ୟମଣ୍ଡଳରେ
ଦତସ୍କର ବଳେ ସନ୍ତେହଗଣ ।
ଘୋର ଦୁର୍ନିବାର, ଦସ୍ୟୁର ସ୍ୱେଚ୍ଛାର
ଦାକ୍ଷିଣାତ୍ୟର ଠଗାମଯବନ । ୫ ।

ସିନ୍ଧୁ ସୋବିପୁର, ବୃନ୍ଦାବନାନ୍ତର
କାଶ୍ମୀର ଉତ୍କଳ ବଙ୍ଗ ଭୂସ୍ଥାନ ।
କାଞ୍ଚି କୋଲାପୁର କୋଟା ତ୍ରିବାଙ୍କୁର
କାବେରୀ ମଧ୍ୟ ଶ୍ରୀରଙ୍ଗପତ୍ତନ । ୬ ।

ଯାର ଅଧିକାର, ମଧ୍ୟେ ଧନାଦର
ଭର ଅସ୍ତ୍ର ନୃପ ଦଧେ ଚରଣ ।
ଯାହାଙ୍କ ଅଜ୍ଞାରେ, ସାଗର ଗର୍ଭରେ
ଅସଂଖ୍ୟ ଜାହାଜ କରେ ଗମନ । ୭ ।

ଯାହାଙ୍କ ରାଜ୍ୟରେ, ସଦାସର୍ବଦାରେ
ଲକ୍ଷ୍ମୀ ସରସ୍ୱତୀ ପଦସେବିନୀ ।
ପୃଥିବୀ ମଧ୍ୟରେ, ବିଦ୍ୟା ବାଣିଜ୍ୟରେ
ପ୍ରଥମଶ୍ରେଣୀରେ ଇଂଲଣ୍ଡ ଗଣି । ୮ ।

କେତେ କେତେ ଜନ, ଉଡ଼ି ବ୍ୟୋମଯାନ
ଆକାଶମାର୍ଗରେ ବୁଲି ବୁଲନ୍ତି ।
ଚନ୍ଦ୍ର ଦର୍ଶନକୁ, ଗ୍ରହଗଣଙ୍କର
ଦୂରଦୂର ମାପି ସ୍ଥିର କରନ୍ତି । ୯ ।

ବାଷ୍ପୀୟ ବଳରେ, ଏକ ନିମିଷରେ
ପୃଥ୍ୱୀ ସମସ୍ତ ସନ୍ଦେଶ ମିଳଇ ।
ବାଷ୍ପୀୟ ଶକଟେ, ଉଡ଼ୁଛନ୍ତି କାହିଁ
ଏକମାସ ପଥ ଦିନେ ଲଗଇ । ୧୦ ।

ଜଗତେ ଅଜେୟ, ସର୍ବତ୍ର ଦୁର୍ଜ୍ଜୟ
ମହା ବୀର୍ଯ୍ୟବନ୍ତ ସର୍ବେ ସୁଦକ୍ଷ ।
ଭ୍ରୂରୁପାଦଲନ, ଦମ୍ଭୀ ନେପୋଲିୟନ
ପରାଜିତ ହେଲେ ହୋଇ ବିପକ୍ଷ । ୧୧ ।

ଧନ୍ୟ ତାଙ୍କ ପିତା, ଧନ୍ୟ ତାଙ୍କ ମାତା
ଧନ୍ୟ ଧନ୍ୟ ହେ ବ୍ରିଟନ ବଂଶ ।
ପୂର୍ବଜନ୍ମ ଫଳେ, ପୁଣ୍ୟ ତପୋବଳେ
ଆର୍ଯ୍ୟଙ୍କର ଆଜ ରାଜରାଜେଶ୍ୱରୀ । ୧୨ ।

ଦାନେ କର୍ଣ୍ଣ ସମ, ମାନେ ଦୁର୍ଯ୍ୟୋଧନ
ସମରେ ଯେସନ ପ୍ରଚଣ୍ଡ ଅନଳ ।
ନ୍ୟାୟେ ଯୁଧିଷ୍ଠିର, ପାଳନେ ଶ୍ରୀପତି
ଧନ୍ୟ ଧନ୍ୟ ଏ ଇଂରେଜ ଅମଳ । ୧୩ ।

କ୍ଷଣକେ ଦଣ୍ଡନ, କ୍ଷଣକେ ମଣ୍ଡନ
ନାହିଁ ହିଂସା ଯେଉଁ ବିଦ୍ୟାଧନ ।
ତଣ୍ତ୍ରୀକ ବ୍ରାହ୍ମଣ, ସମସ୍ତେ ସମାନ
ସର୍ବପର ନାହିଁ ତାଠାରେ ତାଣ । ୧୪ ।

ଯେତେକ ଗବର୍ଣ୍ଣର, ଦେବ ଜମିଦାର
ଜଜ କଲେକ୍ଟର ସକଳେ ମେଳି ।
ନଗରରେ ଧନ, ଜନ କରି ଏକ
ଏହି ରାଜଭକ୍ତି ପ୍ରକାଶ ସୁଦ । ୧୫ ।

ରାଜା ପ୍ରଜା ସର୍ବ, ଶୁଣ ଅକପଟ
ସର୍ବେ ଉଠି କରତାଳି ଦିଅ ହେ ।
ଜୟ ଭିକ୍ଟୋରିଆ, ଜୟ ଭିକ୍ଟୋରିଆ
ରାଜରାଜେଶ୍ୱରୀ ଉଚ୍ଚେ ବୋଲ ହେ ।
ପଞ୍ଚାନନ ରାଜ, ସକଳ ପ୍ରଦେଶ
ହେଲା ବୋଲି ସର୍ବେ କର ଏ ଧ୍ୱନି ।
ପ୍ରକାଶି ଆନନ୍ଦ, ଦୁଃଖ ସବୁ ଗଲା
ଲଗାଇଣ ସର୍ବେ ମଙ୍ଗଳ ବାଣୀ । ୧୬

ଯେତେ ତୀର୍ଥସ୍ଥଳ, ବ୍ରିଟନ ବଂଶର
ଅଗରେ କରନ୍ତୁ କାଳଯାପନ ।
ଅଟେ ପଦବନ୍ଦୁ, ଅଟେ ଉପାସିକ
ଆଜ୍ଞା ସ୍ଵସ୍ତ୍ରୀ ଯାଉଛନ୍ତି ରାଜନ । ୮ ।

ଶ୍ରୀ ସର୍ବେଶ୍ୱରାପ୍ରସନ୍ନ [ପଣ୍ଡିତ]ପ୍ରସାଦ ।

---

Digitized by srujanika@gmail.com

ପ୍ରଜ୍ଞାପ୍ରମଦଦାୟିନୀ, ପ୍ରମଦପାଦପୋଲ୍ଲଳନୀ,
ପ୍ରଜାପଥଚୋତ୍ତରୈଃ ପ୍ରଦରଦ୍ଦୈ ମହୋଦ୍ବୈଷିଣୀ।
ପ୍ରବୃଷ୍ଟଜନସୃଦ୍ଧିତା, ସୁମଣିମାଲକାଧାରିଣୀ,
ପଣ୍ଡର୍ଦ୍ଧିଣିତଜୀବନୀ, ଭବତୁ ରାଜରାଜେଶ୍ୱରୀ ॥
ଅଫଖ୍ୟକଳବୈଭବୈ, ରଣଦଶାସ୍ତ୍ରବଦ୍ଦୁର୍ଦ୍ଧକୈ-
ଜନାନନ୍ଦିତସାଧନେ, କୃତବତୀ ପ୍ରଯ୍ନାଫ ସଦା ॥
ହିନବ୍ରିରସ୍ତ୍ରଭାରତ, ପ୍ରଭବଭୂତବଧ୍ୟଂସିନୀ,
ପଣ୍ଡିଷଣିଜୀବନୀ, ଭବତୁ ରାଜରାଜେଶ୍ୱରୀ ॥
ବିଶେଷବସୁସାଧନୈ, ର୍ବିହୃବୟଙ୍କଲୋକେଶ୍ୱରୈଃ
ପ୍ରତିଷ୍ଠିକରଣୋପମୈ, ର୍ବିଲସୃଜାଲକୈର୍ନିର୍ମଲୈଃ ॥
ପ୍ରଜାଭଲୟମୂଢ଼ିତା, ତମିରରାଶିସଂଘାତନୀ,
ପଣ୍ଡିଷଣିଜୀବନୀ, ଭବତୁ ରାଜରାଜେଶ୍ୱରୀ ॥
ସର୍ବୌଷଧମହାକ୍ରିୟା, ରଣସମୁଦ୍ରନୌବାହକା,
ଯଦୀୟସଚିବବ୍ରଜାଃ, ପରମସାଧବଃ କର୍ମଣି ॥
ଜଗଦ୍ଧିତରଣକ୍ଷମା, ବଭୂହତାର୍ଥିନଃ ସନ୍ତି ସା,
ପଣ୍ଡର୍ଦ୍ଧିଣିତଜୀବନୀ, ଭବତୁ ରାଜରାଜେଶ୍ୱରୀ ॥
ସମୀରଜସ୍ମୃତୋ ରଥା, ଶ୍ୱପଲଗୃହଣଃ ସନ୍ତତଂ,
ତ୍ରିଜଗ୍ନ୍ତି ଜଲଧୌ ତଥା, ଜନପଦେ ନଭୋମଣ୍ଡଲେ
ଯଦୀୟକଟକବ୍ୟୟା, ଭୂଲଭଯୀପ୍ରଭବେଣ ସା,
ପଣ୍ଡର୍ଦ୍ଧିଣିତଜୀବନୀ, ଭବତୁ ରାଜରାଜେଶ୍ୱରୀ ॥
ଜଗଦ୍ଧିତମହାବ୍ରତା, ସୁଗୁଣଭାରରତ୍ନାକରା,
ମହାନ୍ତକୁଳବନ୍ଦିତା,—ମଲମହୋସୂଲାର୍ଦ୍ଧି ହସ୍ତା ॥
ପ୍ରବୀଣମନନ୍ଦାଂବଲୀ, ପରମଭକ୍ତିସଭାଜନା,
ପଣ୍ଡର୍ଦ୍ଧିଣିତଜୀବନୀ, ଭବତୁ ରାଜରାଜେଶ୍ୱରୀ ॥
ମହାର୍ଦ୍ଦ୍ଧନିଜଲେବର, ପ୍ରବରଶାରଦୂରକ୍ଷକା,
ଶାନ୍ତିତ୍ରିଦଶାମ୍ନୟା, ଜଗଦଧୀଶଭକ୍ତ୍ୟାଦରା ॥
ଅଥ୍ୟରାଶିବର୍ଦ୍ଧିନୀ, ଚଲବରୁଦ୍ଧଭାଗ୍ୟଶ୍ରିୟା,
ପଣ୍ଡର୍ଦ୍ଧିଣିତଜୀବନୀ, ଭବତୁ ରାଜରାଜେଶ୍ୱରୀ ॥୭॥

ବଶମ୍ବଦ

୧।୨।୮୭     ଶ୍ରୀ ପାରେଶ୍ୱର ନାୟକ

କମାପଡ଼ା

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଧର୍ମ୍ମ ମହାନ୍ତି | ବନ୍ତବୁଦ | ବାଙ୍କିପା | ଟ ୪୧ |
| ପଣ୍ଡିତ ସମ ନୁଆଲ | ସମ୍ବଲପୁର | ଅଗ୍ରିମ | ଟ ୧୧ |
| ହାଦକାନାଥ ଚକ୍ରବର୍ତ୍ତି କଟକ | | " | ଟ ୩୧ |
| ଗଡଣମ୍ଭ ରାଜଲ | " | " | ଟ ୧୨ |
| ବଟଜନାଥ ପାଲିତ | " | " | ଟ ୧୧ |
| ଗଙ୍ଗାଧରହାନ୍ଦ ଚୌଧୁରୀ | " | " | ଟ ୧୧ |
| ନାଥପୁରଣଚନ୍ଦ୍ର | " | " | ଟ ୧୧ |
| ବଦିନାଥପ୍ରସାଦ ମିତ୍ର | " | " | ଟ ୩୧ |
| ଶ୍ରୀ ମହନ୍ତ ଉଜଳଣୀ | " | " | ଟ ୧୧ |
| ବାବୁ ଘନେଶ୍ୱର ଦାସ | " | " | ଟ ୧୧ |
| ଗଣେଶପ୍ରସାଦ ସିଂହ | " | ବଦାପା | ଟ ୨୧ |
| ବଂଶୀକୃଷ୍ଣ ଦାସ ମହାପାତ୍ର | | " | ଟ ୩୧ |

# ବିଜ୍ଞାପନ ।

ବିଶେଷ ଦ୍ରଷ୍ଟବ୍ୟ ! ବିଶେଷ ଦ୍ରଷ୍ଟବ୍ୟ !!
ବିଶେଷ ଦ୍ରଷ୍ଟବ୍ୟ !!!
ରାଜା କୃଷ୍ଣସିଂହଙ୍କ କୃତ

# ମହାଭାରତ ।

—॰O॰—

ମହାଭାରତ ଯେ କେମନ୍ତ ପରମାଦରଣୀୟ ଗ୍ରନ୍ଥ ଏହା ପ୍ରାୟ କୌଣସି ହିନ୍ଦୁମଣ୍ଡଳୀରେ ଅପ୍ରକାଶ୍ୟ ନାହିଁ । ଏ ମହାଗ୍ରନ୍ଥକୁ ଧର୍ମ, ଅର୍ଥ, କାମ ଓ ମୋକ୍ଷ କାମନାରେ ବିଶୁଦ୍ଧମାନସରେ ସତତର ଶ୍ରବଣ କରିବାର ପ୍ରଥା ଥିବା ପ୍ରତ୍ୟକ୍ଷେ କେବଳ ପ୍ରଧାନ୨ ଗୃହମାନଙ୍କ ଗୃହରେ ଏଥିର ଏକ୨ ସାର ଯତ୍ନପୂର୍ବକ ସଞ୍ଚିତ ହୋଇ ରହିଥିବାର ଲକ୍ଷିତ ହୁଏ । ଏଥିର ପୂର୍ଣ୍ଣ ଅଷ୍ଟାଦଶପର୍ବ ଲେଖାଇ ରଖିବା ଯେମନ୍ତ ସୁବୃହତ ବ୍ୟାପାର ତେମନ୍ତ ବହୁବ୍ୟୟସାଧ୍ୟ । ସୁତରାଂ ଏଥିର ଅଭାବ ସାଧାରଣରେ ସର୍ବଦା ବିଦ୍ୟମାନ ରହିଅଛି ।

ଦେଶହିତୈଷୀ ବିଜ୍ଞ ଓ ଧନବାନଙ୍କ ସାହାଯ୍ୟ ବ୍ୟତିରେକେ ଏତଦଭାବ ନିବୃତ୍ତ ହେବାର ଉପାୟାନ୍ତର ନାହିଁ । ଏଥିପାଇଁ ଆମ୍ଭେମାନେ ଏକାବେଳକେ ସମସ୍ତ ବ୍ୟୟଭାର ବହନ କରିବାକୁ କାହାରିକି ଅନୁରୋଧ କରି ନ ପାରି କେବଳ ଏଥିର ମର୍ମଗ୍ରାହୀ ଓ ଅଭିଳାଷିଗଣ ଏଥିରୁ ଏକ୨ ସାର ଅନୁଗ୍ରହସହ ଗ୍ରହଣ କରିବା ବିଷୟରେ କୃତସଙ୍କଳ୍ପ ହେଲେ ଆମ୍ଭେମାନେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଅତି ସ୍ୱଳ୍ପମୂଲ୍ୟରେ ସାଧାରଣଙ୍କୁ ଉକ୍ତ ଗ୍ରନ୍ଥ ଯୋଗାଇବା ବିଷୟରେ ଅଗ୍ରସର ହେବୁଁ ।

ଏ ପ୍ରଦେଶରେ ଦୁଇପ୍ରକାର ମହାଭାରତ ପ୍ରଚଳିତ ଅଛି ଅର୍ଥାତ ଶାରଳାଦାସଙ୍କ କୃତ ଓ କୃଷ୍ଣସିଂହଙ୍କ କୃତ । ଶାରଳାଦାସ ମହାଭାରତଠାରୁ କୃଷ୍ଣସିଂହଙ୍କର ମହାଭାରତ ବୃହତ ଓ ଉତ୍କୃଷ୍ଟ, କାରଣ ଏହା ସଂସ୍କୃତମହାଭାରତରୁ ବିଶଦଭାଷାରେ ଅନୁବାଦିତ । ଏଥିର ଉଦ୍ୟୋଗପର୍ବରେ ଭଗବଦ୍‌ଗୀତା ସମ୍ପୂର୍ଣ୍ଣ, ଶାନ୍ତିପର୍ବରେ ରାଜଧର୍ମ, ଦାନଧର୍ମ, ମୋକ୍ଷଧର୍ମ ଓ ଶେଷଭାଗରେ ହରିବଂଶପର୍ବ ଇତ୍ୟାଦି ବହୁବିଧ ଉତ୍ତମ୨ ବିଷୟ ସନ୍ନିବିଷ୍ଟ ଅଛି । ଶାରଳାଦାସ ମହାଭାରତରେ ଏସବୁ ବିଷୟର ଖର୍ବତା ଲକ୍ଷିତ ହୁଏ । ଯେ ଏ ମହାଭାରତକୁ ଥରେ ମାତ୍ର ଶୁଣିଥିଲେ ବା ଶୁଣିବେ, ତାହାଙ୍କର ଶାରଳାଦାସ ମହାଭାରତ ଶ୍ରବଣରେ କଦାପି ତୃପ୍ତି ଜାତ ହେବ ନାହିଁ ଏଣୁକରି ଏହି ଉତ୍କୃଷ୍ଟଗ୍ରନ୍ଥକୁ ଛପା କରାଇବା ନିମନ୍ତେ ଆମ୍ଭେମାନେ ମନୋନୀତ କରିଅଛୁଁ ।

ଆମ୍ଭେମାନେ ଅନୁମାନ କରୁଁ କି ଏ ଗ୍ରନ୍ଥ ରଏଲ ଅଠପେଜି ଆକାରରେ ପା ୬୦୦ ରମ ଅର୍ଥାତ ପୃ ୪୮୦୦ ଷ୍ଠା ହେବ ଏବଂ ଯାଧମତ ଅଳ୍ପସମୟରେ ସମ୍ପୂର୍ଣ୍ଣ ପୁସ୍ତକ ଯୋଗାଇ ନ ପାରିଲେ ଗ୍ରାହକମାନଙ୍କର ତୃପ୍ତି ନ ହେବା-ଦୃଷ୍ଟିରେ ପ୍ରତିମାସରେ ପୃ ୧୯୪ ଷ୍ଠା ଲେଖାଏ ମୁଦ୍ରିତ କରି ନ୍ୟୂନାଧିକ ୨ ୬୫ ବର୍ଷମଧ୍ୟରେ ପୁସ୍ତକ ସମ୍ପୂର୍ଣ୍ଣ କରିବାକୁ ସଙ୍କଳ୍ପ କରି ଅଛୁଁ; ମାତ୍ର ଅନ୍ୟୂନ ଶହେଶତ ଗ୍ରାହକ ନ ହେଲେ କାର୍ଯ୍ୟାରମ୍ଭ କରିପାରିବୁଁ ନାହିଁ । ଗ୍ରାହକମାନେ ଆପଣା୨ ସୁବିଧାକ୍ରମେ ନିମ୍ନଲିଖିତ ନିୟମରେ ମୂଲ୍ୟ ଦେଇ ପାରିବେ ଯଥା;—

ଏଥିର ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ଅଗ୍ରିମମୂଲ୍ୟ

| | | | |
|---|---|---|---|
| ସହର ନିମିତ୍ତ | | | ଟ ୧୭ |
| ଡାକମାସୁଲ ସହିତ ମଫସଲ ନିମିତ୍ତ | | | ଟ ୧୯ |
| ତ୍ରୈମାସିକ ଅଗ୍ରିମ ମୂଲ୍ୟ | ଟ ୨୧ | ଡାକମାସୁଲ | ଟ ୦।୵ |
| ଷାଣ୍ମାସିକ | ଟ ୩୷ | " | ଟ ୦।୵ |
| ବାର୍ଷିକ | ଟ ୬୧ | " | ଟ ୦ ୩ |

ଏମନ୍ତ ସୁଲଭମୂଲ୍ୟରେ ଏ ବୃହତ ମହାଭାରତ ଲଭିବାର ସୁଯୋଗକୁ ବିଜ୍ଞ, ଧାର୍ମିକ ଓ ବିଦ୍ୟାର୍ଥୀ ବ୍ୟକ୍ତିମାତ୍ରକେ ଉପେକ୍ଷା ନ କରିବେ ଏହା ସେମାନଙ୍କଠାରେ ଏକାନ୍ତ ପ୍ରାର୍ଥନା ।

ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରିବେ ସେମାନେ ଆପଣା ନାମ, ଧାମ ଓ ଯେଉଁପ୍ରକାରେ ମୂଲ୍ୟ ଦେବାକୁ ପ୍ରସ୍ତୁତ ହେବେ ତାହା ଲେଖି ପଠାଇବେ । ଗ୍ରାହକ ସଂଖ୍ୟା ପୂର୍ଣ୍ଣ ହେବାର ଏକମାସ ଉତ୍ତାରୁ କାର୍ଯ୍ୟାରମ୍ଭ ହେବ ଏବଂ ତହିଁପୂର୍ବରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

ପ୍ରକାଶ ଥାଉ କି ଯେଉଁମାନେ କି ୧୦ ଣ ଗ୍ରାହକଙ୍କର ଏକବର୍ଷର ମୂଲ୍ୟ ଅଗ୍ରିମ ଏକକାଳୀନ ଦାନକରିବେ ସେମାନଙ୍କ ନାମ ଏକେସ୍ପଶ୍ରେଣୀଭୁକ୍ତ କରି ବିନା ମୂଲ୍ୟରେ ଏକବର୍ଷର ମହାଭାରତ ଦାନ କରିବୁଁ ।

ଏହି ମହାଭାରତସମ୍ପର୍କୀୟ ମୂଲ୍ୟ ଏବଂ ସମସ୍ତ ପତ୍ରାଦି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେଟେରୀ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ମାତ୍ର ଷ୍ଟାମ୍ପ ଅର୍ଥାତ ଡବଲକାର୍ଡ ଅଥବା ନୂଆପଇସିଆ ଡାକ

Split by PDF Splitter
Digitized by srujanika@gmail.com

Split by PDF Splitter



ଷ୍ଟାମ୍ପ ଏକଖଣ୍ଡ ନ ପଠାଇଲେ ଉତ୍ତର ଦିଆଯିବ ନାହିଁ । କମ୍ବା ବେରଂପତ୍ର ଗୃହୀତ ହେବ ନାହିଁ

କଟକପ୍ରିଣ୍ଟିଂକମ୍ପାନି ଅଫିସ } ଶ୍ରୀଭଗୀରଥୀସାଠିଆ
ଦରଘାବଜାର କଟକ } ପ୍ରକାଶକ

---

ଵଦଶଷ ଦ୍ରଷ୍ଟବ୍ୟ ।

ବେନ୍ତ୍ରାପଡ଼ାସ୍ଥ କବିରାଜ ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସ୍ୱକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କୁ ରୋଗରୁ ମୁକ୍ତ କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷମଧ୍ୟରେ କୌଣସି ରୋଗୀ ଅରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନ ମଧ୍ୟରେ ତୁମ୍ଭଙ୍କୁ ଅରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ଅରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

---

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ବିକ୍ରୟ ହେଉଥିବା ନିମ୍ନଲିଖିତ ପୁସ୍ତକମାନଙ୍କର ମୂଲ୍ୟ ଊଣା ହୋଇଅଛି । ଯଥା;—

| | |
|---|---|
| କାଞ୍ଚିକାବେରୀ ନାଟକ | ଟ ୦ । |
| ପ୍ରେମତରଙ୍ଗ ( ଗାଥା ) | ଟ ୦ ୵. |
| ଶିଶୁପାଠ ୧ ମ ଭାଗ | ଟ ୦ । |
| " ୨ ୟ ଭାଗ | ଟ ୦ । |
| " ୩ ୟ ଭାଗ | ଟ ୦ ୰ |

---

# ମେହରୋଗ ।

୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ନିଜାର୍ଜ୍ଜିତ ଗୌରବରକ୍ଷାର ନିମିତ୍ତ ନୂତନ ସାମାନ୍ୟ ଅର୍ଥବ୍ୟୟ ସହାଯେ ଜୀବନର ମାୟା ପରିତ୍ୟାଗ କରିବେ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଅରୋଗ୍ୟ ହେବ । ଯେଉଁମାନେ ଅରୋଗ୍ୟ ନ ହେବେ ବସ୍ତୁ ଯତ୍ନ କରୁଥିଲେ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନରକ୍ଷଣସମୟ ପର୍ଯ୍ୟନ୍ତ ରହିବ । ଶରୀର ଦଗ୍ଧଘାରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଅରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବିଳମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରଚିତପୋର ନଂମ୍ବର ଭବନରେ ସି, କେ,ଶ୍ରବସ୍ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ୨୲ ଟଙ୍କା । ପ୍ୟାକିଙ୍ଗ ଓ ଡାକଖର୍ଚ୍ଚ ପୃଥକ୍ ।

---

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୭ | ପଣି | କାଗଜ ଲମ୍ବାଇ | ଦ ୧୬ ଟ ୨୵ |
| ୧୦ | ପଣି | " | " ଟ ୨। |
| ୧୨ | ପଣି | " | " ଟ ୧୷ |

ବେପାରିମାନେ ଅର୍ଥାତ୍ ଯେଉଁମାନେ ଏକଥରେ ୧ ଟ ମ ବା ଅଧିକ କ୍ରୟ କରିବେ ଅଧିକ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

---

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଢାକାରକୋଣା ଓ କଲିକତା ଓ ରେସମୀଓ ଗେର ଲୁଗା ଓ ଷ୍ଟେସନାରୀ ଓ କଲିକତା ଇମାରତ ସରଞ୍ଜାମ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଅନ୍ୟ କେତେକ ଫେଲନ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ କଲିକତା ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଗାଡ଼ିମାନ ବିକ୍ରୟ ହେବା ପୂର୍ବେ ଅପଣା ମଫସଲ ସକାଶେ ଭଡ଼ା କରିବାକୁ ଚାହାନ୍ତି ତେବେ ଏକ ଦିନକୁ ଦୁଇ ଟଙ୍କା ଟ୦୵୬ ହିସାବରେ ଭଡ଼ା ଦେଲେ ପାଇ ପାରିବେ ! ମାତ୍ର ତାହାର ଖତ ଖର୍ଚ୍ଚନିବର ଭାର ତାଙ୍କ ଉପରେ ଥିବ । ଖତ ହେଲେ ଗାଡ଼ିର ପର ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦସିଲ ।

ବିଲାତ ସେଲାଣ୍ଟ ଓ ଟୋପି ପଦ୍ମିନୀ ସୂତା ପେଟେଲେ ଖୁଣ୍ଟେ ।
ବିଲେଇଖାଡ଼
ବେଗେସିନ୍ ଟେଲ କଟା ଶେଲ ସ୍ୱାଦା ଓ କୋମ ସହିତ ।
ଦାଡ଼ ସିଅବା ଓ ବଡ଼ ଙ୍ଗିନ ଓ ସୂତ
ଦସ୍ତାନା ବେଲ୍ଟେଲ
ଇଙ୍ଗର୍ଶ ଫୁଲପାଇଡ଼ୁସ ଏକପାଇ ଜୁତା
କେଲନ୍ତ ଉପୋର ସମ କେଉଁର ଅଣର
ଛତା ଅର୍ଥାତ୍ ଛତୀ କରିବା କାଗଜ ପେନ୍ସିଲ ଓ କଲମ ।
ପେନ୍ସିଲ କାଟିବା ଛୁରି ।
ନାନା ପ୍ରକାରର ଚଠି କାଗଜ ଓ ଲଫାଫା
ଷ୍ଟେସନାରୀ ଦ୍ରବ୍ୟ ।
ଚିଠିର ଛାପ ।
ଚଟଣି ସାବୁନ ।
ନାନାପ୍ରକାର ସାବୁନ ଓ ରଙ୍ଗ ଲୁଗା ପରିଷ୍କାର କରିବା ।
ଅକ୍ଷୋର ରେଡ଼—ଅର୍ଥାତ୍ ଗୁଲାବୀ ରଙ୍ଗ ।
ଖଦର ଲୁଗା ।
ଓ-ାରର ସୁଚ୍ ଛତା ।
ବିସ୍କୁଟ ।
କୋଁଦେଶୀଲନ୍ ।
ଯୋଡ଼ସ୍କୁଲର ଟେବୁଲ ମେଜ ଓ ବାକ୍ସ ଖୋଲରେ ରହେ
ବ୍ରାସ କାଟ ଅର୍ଥାତ୍ ଲେଖିବାବେଳେ ଗଲ ଓ ଶୁଖିଲେ କଳା ହେବ ।
ଅଇନା ବଡ଼ା
୧୨ × ୧୦ ଇଞ୍ଚ
୧୪ × ୧୨ ଇଞ୍ଚ
ପକେଟବୁକ ଓ ସଙ୍ଗୀ ପାଞ୍ଚ ସହିତ ଟ ୦ ୵୭
ମୋଜା ଓ ମୋଜାବନ୍ଦ ଉତ୍ତମ ଷ୍ଟୁ ନଜସିଏଃ
କଲମ ଗାଡ଼ି ଭଲ
କଡ଼ି ଓ ପାଇକର ଟୋପି ଫିତା
ମାର୍କିଂ କାଳୀ ଲୁଗାରେ ଚିହ୍ନ ଦେଲେ ଧୋଇ ଗଲେ ଉଠେ ନାହିଁ ।
ଏ ସୋଷଣ ରବରପେନ ଜାଲିଣ ଓ ବନ୍ଧନୀ ।
ଭଲ ଅସ୍କ୍ୟାପ ।
ଏଜନ୍ସି କାଗଜ ।
ସୁଅର ପେନ ।
ଅଟମେଟିକ ପେନ୍ସିଲ ଅର୍ଥାତ୍ ଏ ପେନସିଲରେ ଲେଡ଼ ଦେବା ପେନ ଉଭୟ ସେହି ପେନ୍ସିଲ ଲେଖା ହୁଏ ପରେ ତେଲ ଦ୍ୱାରା ଦେଲେ ଚଢ଼ିର ହେ ନ ରହେ ।
କପିଙ୍ଗ ପେପର ।
କପିଙ୍ଗ ଟେଲରେ ଜଡ କାଳ ଖାତା ।
ଲଜଭଲ ଫୋପର ଅଥାତ୍ ପଠାଇ କଣ୍ଡିଲ ବା ଲଗାଇବା ।
ନମନାମା ।
ରେଡ଼ ବ୍ଲୁ ପେନ୍ସିଲ୍
ଭଲ ବୋତଲ
କଳାରଙ୍ଗୀ ଶାଢ଼ୀ ଓ ଯୋଡ଼ ଓ କଲ
ମଲସୁଦାରାସ ଓ ଛିଟପାଇ ପାଟଯୋଡ଼ ଓ ଶାଢ଼ୀ ।
ଫ୍ରିଷ୍ଟିଂ କାଢ଼

ଅର୍ଦ୍ଧେନ୍ଦୁବିନ୍ଦ କର କମ୍ପାନି

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ନିୟମ । ଏକଣ ଶିତ ରୂପେ ସ୍ଥିର ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଆଠ ଧାଡ଼ି | ଟ ୦୵ |
| ଅଧ ସ୍ତମ୍ଭ | ଟ ୨୧ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେହେଁ ତହିଁର ଦର ଟ ୦୵ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଦର ପ୍ରଥମ ଥରର ଅର୍ଦ୍ଧେକ ଓ ଚତୁର୍ଥ ଥରଠାରୁ ସିକି ହେବ ।

ଅଧିକ ଥର ନିମନ୍ତେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ

---

ଏହି ଉତ୍କଳଦୀପିକା ପତ୍ରିକା କଟକ ବାଲୁବଜାର ମଧ୍ୟ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter





# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭ ୨୨ ଗ
୧୨ ସଂଖ୍ୟା

ତା ୧୯ ଉଣ ମାହେ ମାର୍ଚ୍ଚ ସନ ୧୮୮୭ ମସିହା । ମୂ । ଚୈତ୍ର ତ ୮ ଦ ସନ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୲
ପଶ୍ଚାଦେୟ ଟ ୬୲



## ବାମଣ୍ଡା ।

ବ୍ରହ୍ମଧର୍ମ, ଯେତ କାଲୀବରର ରତ୍ନବର୍ତ୍ତୀ-ତତ୍ତ୍ୱର ପ୍ରକାଶିତ; ଉପନିଷଦ କୁଟିଳାର୍ଥ ।

ଏହି ବ୍ରାହ୍ମଧର୍ମ ପୁସ୍ତକରେ ଯେଉଁ ବେଦ-ଋକ୍ ଗୁଡିକ ଉଦ୍ଧୃତ ହୋଇଅଛି ତାହା ଉପ-ନିଷଦରୁ କଷ୍ଟ ହୋଇ ଯହିଁରେ ନ ଲୋକ-ମାନେ ବଶ୍ଚିତ ହେବେ ସେହିପରି ଉଦ୍ଧୃତ କରି ଯାଇଅଛି କିନ୍ତୁ ଏହି ଋକ୍ ମାନଙ୍କର ତାତ୍ପର୍ଯ୍ୟାର୍ଥ ତ୍ୟାଗ କରି ହୋଇଅଛି ।

ତେବେ ହିନ୍ଦୁଶାସ୍ତ୍ରର ମର୍ମ ନ ଜାଣି ଏପରି-ଗୁଡଏ ହିନ୍ଦୁଶାସ୍ତ୍ରକୁ ଆଦର୍ଶ କରି କପଟାର୍ଥ କରି-ବାର ପ୍ରୟୋଜନ କଣ ? ।

ଯେବେ ବ୍ରାହ୍ମଧର୍ମ କରି ଗୋଟିଏ ଅଧିକା ଧର୍ମ ବ୍ୟାଖ୍ୟା କରିବାର ଇଚ୍ଛା ଥିଲା ତେବେ ହିନ୍ଦୁଶାସ୍ତ୍ରକୁ ଆଦର୍ଶ କରିବାର ଆବଶ୍ୟକ ନ ଥିଲା ।

ଏପରି ପୁସ୍ତକ ମଧ୍ୟରେ ଯେ୨ ସ୍ଥଳେ କୁଟି-ଳାର୍ଥ ଅଛି ତାହା କ୍ରମେ ପ୍ରକାଶ କରିଗଲା ।

୧ ମ ପୃ ୧୨୫ ଶ୍ଲୋ ଯଥା,

“ ଶାନ୍ତୋ ଦାନ୍ତ ଉପରତ ସ୍ତିତିକ୍ଷୁ ସମା-ହିତୋ ଭୂତ୍ୱା ଆତ୍ମନ୍ୟେବାତ୍ମାନଂ ପଶ୍ୟତି ” ।

ଟୀକା

“ ଶାନ୍ତଃ ଇନ୍ଦ୍ରିୟ ଲୌଲ୍ୟାତ ଉପଶାନ୍ତଃ ଦାନ୍ତଃ ଧୃତମନା ଉପରତଃ କର୍ମଭ୍ୟୋ ”

ଏପରି ଅର୍ଥ କାହିଁକି କରିଗଲା ଏହା କି ହିନ୍ଦୁ ଶାସ୍ତ୍ରାନ୍ତର୍ଗତ ଅର୍ଥ ? ।

ବୋଧହୁଏ ହିନ୍ଦୁଶାସ୍ତ୍ରାର୍ଥ ତାଙ୍କର ମତର ଉପଯୋଗୀ ନ ହେବାରୁ ଏପରି କୁଟିଳାର୍ଥ କରିଅଛନ୍ତି ।

ହିନ୍ଦୁଶାସ୍ତ୍ରରେ ଏପରି ଅର୍ଥ ହୁଏ ଯଥା, ଅପରୋକ୍ଷାନୁଭୂତିରେ ।

ସଦୈବ ବାସନାତ୍ୟାଗ ଶମୋଽୟମିତି ଶବ୍ଦିତଃ ।
ନିଗ୍ରହୋ ବାହ୍ୟବୃତ୍ତୀନାଂ ଦମ ଇତ୍ୟଭିଧୀୟତେ
ବିଷୟେଭ୍ୟଃ ପରାବୃତ୍ତିଃ ପରମୋପରତି ର୍ହି ସା ।
ସହନଂ ସର୍ବଦୁଃଖାନାଂ ତିତିକ୍ଷା ସା ଶୁଭାମତା ॥

ଅର୍ଥ । ଶମ ଅନ୍ତରେନ୍ଦ୍ରିୟ ନିଗ୍ରହ ।
ଦମ ବାହ୍ୟେନ୍ଦ୍ରିୟ ନିଗ୍ରହ ।
ଉପରତି ବିଷୟ ନିବୃତ୍ତି ।

୨ ଯୂ ପୃ ୧୮୨ ଶ୍ଲୋ ଯଥା,

“ ଯାନ୍ୟନବଦ୍ୟାନି କର୍ମାଣି ତାନି ସେବି-ତାନି ନୋ ଇତରାଣି ” ।

ଟୀକା

“ଯାନି ଅନବଦ୍ୟାନି ଅନିନ୍ଦିତା ନି କର୍ମାଣି ତାନି ସେବିତାନି ।”

ଏହାର ଭାଷ୍ୟ ବ୍ରାହ୍ମମତେ ।

“କଲ୍ୟାଣ କର ଯେ ସକଳ କର୍ମ ତାହାର ଅନୁଷ୍ଠାନ କରିବ । ”

ଏଥିରେ ସ୍ୱେଚ୍ଛାଚାରିତାକୁ ପ୍ରତି ଅନୁପଯୋ-ଗିତା ଘଟିବାରୁ ଅନିନ୍ଦିତକୁ କଲ୍ୟାଣକର ଅର୍ଥ କରିଅଛନ୍ତି ଏହା କି କପଟାର୍ଥ ନୁହେ ? ।

* ଯୂ ପୃ ୨୦୨ ଶ୍ଲୋ, ଯଥା,

“ବ୍ରହ୍ମନିଷ୍ଠୋ ଗୃହସ୍ଥଃ ସ୍ୟାତ୍ ତତ୍ତ୍ୱଜ୍ଞାନପରାୟଣଃ ଯଦ୍ ଯତ୍କର୍ମ ପ୍ରକୁର୍ବୀତ ତଦ୍‌ବ୍ରହ୍ମଣି ସମର୍ପୟେତ୍ ”।

ଏତତ୍‌ସମ୍ବନ୍ଧେ ବ୍ୟାଖ୍ୟା ବ୍ରାହ୍ମି ମତେ ।

ମାତା ପିତା ଭ୍ରାତା ଭଗ୍ନୀ ସ୍ତ୍ରୀ ପୁତ୍ର ପ୍ରଭୃତି ପରିବାର ବର୍ଗ ସହିତ ସମ୍ବନ୍ଧ ପରିତ୍ୟାଗ କରି ସନ୍ନ୍ୟାସୀ ହେବ ନାହିଁ ଇତ୍ୟାଦି ” ।

ଏ ଅର୍ଥ କାହୁଁ ଆସିଲା ? ସଂନ୍ୟାସୀ ନ ହେବାର କି ଏହି ଶ୍ଲୋକର ତାତ୍ପର୍ଯ୍ୟାର୍ଥ ଅଟେ?

ଏହାର ଅର୍ଥର ଅନ୍ତଃକରଣରେ ଭଗବଦ୍ଗୀ-ତାରେ ଉକ୍ତ ଅଛି ଯଥା,

ଯତ୍କରୋଷି ଯଦଶ୍ନାସି ଯଦ୍ ଜୁହୋଷି ଦଦାସି ଯତ୍ ଯତ୍ତପସ୍ୟସି କୌନ୍ତେୟ ! ତତ୍କୁରୁଷ୍ୱ ମଦର୍ପଣଂ ।

କ୍ରମଶଃ ।

ଦେବଗଡ
୨।୩।୮୭ } ଶ୍ରୀ ———— ବାମଣ୍ଡା

## ଉତ୍କଳଦୀପିକା

### ତା ୧୯ ଉଣ ମାର୍ଚ୍ଚ ସନ ୧୮୮୭ ମସିହା ।

ଉତ୍କଳଦୀପିକା ଯଥା ସମୟରେ ନ ପାଇ-ବାର ଶୁଦ୍ଧାର ମୋଫସଲର କେତେକ ଗ୍ରାହାଙ୍କଠାରୁ ଆମ୍ଭେମାନେ ଏଥିମଧ୍ୟରେ ପାଇ-ଅଛୁଁ । ଗ୍ରାହକମାନଙ୍କୁ ଅନୁରୋଧ ଯେ ଏପ୍ରକାର ଶୁଦ୍ଧାର କରିବା ବେଳେ ଯେଉଁ କାଗଜରେ ଦୀପିକା ବନ୍ଦ ହୋଇ ଯାଇଥାଏ ସେହି କାଗଜ-ଉପରେ ପାଇବାର ତାରିଖ ଲେଖି ଆମ୍ଭମା-ନଙ୍କ ନିକଟକୁ ପଠାଇ ଦେଲେ ଉଚିତ ପ୍ରତି-

Digitized by srujanika@gmail.com

ଛାଡ଼ ପାଇବାର ଚେଷ୍ଟା କରନ୍ତୁ ଉକ୍ତ କାଗଜ କଳା ଡାକଘରର ଦୋଷ ଧରିବାର ଅନ୍ୟ ଉପାୟ ନାହିଁ ।

---

ରଙ୍ଗପୁରରେ ଭିକ୍ଟୋରିୟା ସତ୍କୋତ୍ସବ-ସମ୍ବନ୍ଧୀୟ ଚିରସ୍ଥାୟୀ କୀର୍ତ୍ତି ସ୍ୱରୂପ ଯେଉଁ ଛାତ୍ର-ବୃତ୍ତି ସ୍ଥାପିତ ହୋଇଅଛି ତହିଁ ନିମିତ୍ତ ଟ ୧୩୦୦ ଟଙ୍କା ଦାନ କରିବାର ଅମ୍ଭେମାନେ ଗତସପ୍ତାହରେ ଯାହା ଲେଖିଥିଲୁଁ ତାହା ଭ୍ରମାତ୍ମକ ଥିଲା । ଛାତ୍ରବୃତ୍ତି ଟ ୪ ଙ୍କା ମାତ୍ରକୁ ମାସ ଗଜସରକାରରୁ ତଥା ଯିବ ଉପରଲିଖିତ ଟ ୧୩୦୦ ଙ୍କା ପୃଥକ୍ ଦାନ ଅଟଇ ତହିଁ ମଧ୍ୟରୁ ଟ ୫୦୦ ଙ୍କା ହଟ୍ଲ ପାର୍କ ନିମିତ୍ତ ଏବଂ ଟ ୮୦୦ ଙ୍କା ଉକ୍ତ ଜିଲ୍ଲାର ନିର୍ଜଳ ସ୍ଥାନମାନଙ୍କରେ ଗୃହଗୋଷ୍ଠ କୂପ ଖୋଳାଇ ଦେବା ନିମିତ୍ତ ଦିଆ ଯାଇ ଅଛି ।

---

ବ୍ରହ୍ମଯୁଦ୍ଧ ସମ୍ପର୍କୀୟ ସରକାରୀ ଚିଠିପତ୍ରମାନ ଗତ ଜାନୁଏରି ମାସ ପର୍ଯ୍ୟନ୍ତ ବାହାରି ଅଛି । ତହିଁରୁ ପ୍ରକାଶ ଯେ କର୍ତ୍ତୃପକ୍ଷମାନେ ବ୍ରହ୍ମ ଯୁଦ୍ଧ ଆରମ୍ଭ ସମୟରେ ଉକ୍ତ ଦେଶକୁ ଶୀଘ୍ର ଆୟତ୍ତ କରିବାର ଯେଉଁ ଆଶା କରିଥିଲେ ତାହା ଭଙ୍ଗ ଯାଇଅଛି । ଏବେବେଳେ ଗବର୍ଣ୍ଣମେଣ୍ଟ କହୁଅଛନ୍ତି କି ବ୍ରହ୍ମଦେଶ ଆୟତ୍ତ କରିବା ସମୟ ସାପେକ୍ଷ ଇଂରାଜମାନଙ୍କ ଅଧ୍ୟବସାୟ ଓ ବଳବୀର୍ଯ୍ୟ ନିକଟରେ ବ୍ରହ୍ମବାସୀମାନେ ନିତାନ୍ତ ତୁଚ୍ଛ ଏ କଥା ସମସ୍ତେ ଜାଣନ୍ତି ଓ ଇଂରାଜ ଯେ ସମୟରେ ବ୍ରହ୍ମରେ ନିର୍ବିଘ୍ନରେ ରାଜତ୍ୱ କରିବେ ଏଥିରେ ମଧ୍ୟ ସନ୍ଦେହ ନାହିଁ । କିନ୍ତୁ ବର୍ଷେ ୨ ଦେଢବର୍ଷ ବାହାର ଗଲ ଏବଂ ଏଥି ମଧ୍ୟରେ କେତେ ସେନା ଓ ଅର୍ଥ ନଷ୍ଟ ହେଲ ଓ ହେବ ତହିଁର କି କଳ୍ପନା ନାହିଁ । ଇଂରାଜ ବଣିକଙ୍କ ଉପକାର ସକାଶେ ଗବର୍ଣ୍ଣମେଣ୍ଟ ଏହି ବ୍ୟାପାରରେ ହାତ ଦେଇଅଛନ୍ତି ଭାରତବର୍ଷ ଟଙ୍କା ଯୋଗାଉଅଛି । ଯେବେ ଏହି ଟଙ୍କା ବଣିକଙ୍କୁ ଦେଣ ପଡ଼ନ୍ତା ତେବେ ଏ ସବୁ ପାର୍ଲିମେଣ୍ଟରେ କେତେ କଥା ଉଠିଥାନ୍ତା ।

---

ସି, ଏମ୍, ମାଲ୍ସ ନାମରେ ଜଣେ ସାହେବ ଅଲସିମ୍ବୁକାମରେ ଧାନକୁଟାକଳ ବସାଇ ଧାନ ବେପାରିମାନଙ୍କୁ ସେଠାକୁ ଧାନ ନେଇଯିବାକୁ ବିଜ୍ଞାପନ ଦେଇଅଛନ୍ତି । ଗୃହୁଲ ଓଡ଼ିଶାର ପ୍ରଧାନ ଭୂଙ୍ଗ ଜବ୍ୟ । ଧାନକୁଟା କଳ ଏଦେଶରେ ବିଶେଷ ସହକାରୀ ହେବାର ଆଶା ହେଉଅଛି । ପକ୍ଷାନ୍ତରେ ଏଠାରେ ଗୃହୁଳର କାରବାର ଅଧିକ ହେବାରୁ ଚଷାମାନେ ଧାନ କିଣି ଘରେ ସିଝାଇ ଘରେ ଧାନ କୁଟି ଚାଉଳ କରୁଅଛନ୍ତି ଏବଂ ତହିଁରେ ଗୋଟିଏ ପରିଶ୍ରମର ଉପାୟ ଓ କୁଣ୍ଡା ଓ ଟଙ୍କା ପାଉଅଛନ୍ତି । ଏସ୍ଥଳେ ସେମାନେ ଆପଣା ଲଭ ଛାଡ଼ିଦେଇ ଧାନକୁଟା କାରଖାନାକୁ ଅଧିକ ପରିମାଣରେ ଧାନ ନେବେ କି ନାହିଁ ସହସା ବୋଲିଯାଇ ନ ପାରେ । କିଛିଦିନ କାରଖାନା ଚାଲିଲରୁ ସବୁ ଜଣାପଡ଼ିବ । ଯେବେ ଲାଭକର ହେବ ତେବେ ଏ ଦେଶୀୟ ଲୋକଙ୍କୁ ଏ ବ୍ୟବସାୟରେ ମନ ବଳାଇବାର ଦେଖିଲେ ଆନନ୍ଦିତ ହେବୁଁ ।

---

ଏ ନଗରର ଅନତିଦୂରରେ ସ୍ଥିତ ଏକ ଡାକଘରର ପୋଷ୍ଟମାଷ୍ଟରଙ୍କ ବିରୁଦ୍ଧରେ କେହି ପତ୍ରପ୍ରେରକ ଗୁହାରି କରିଅଛି କି ଉକ୍ତ କର୍ମଚାରୀ ଅବଧାନମାନଙ୍କ ପୁରସ୍କାର ବାବଦୁ ମନିଅର୍ଡର ଟଙ୍କା ଦେବା ସମୟରେ ଟଙ୍କାପ୍ରତି ପଇସାଏ ଲେଖାଏ ଦସ୍ତୁରି କାଟି ନେଇଅଛନ୍ତି ଏବଂ ତେଉଙ୍କ ଚିଠିରେ ଏକ-ଅଣା ସ୍ଥଳେ ପାଞ୍ଚପଇସା ଉସୁଲ କରନ୍ତି । ଏହାଙ୍କର ଅନ୍ୟାନ୍ୟ ଦୁଷ୍ଟକର୍ମର କଥା ମଧ୍ୟ ଲେଖାଅଛି । ଅମ୍ଭେମାନେ ଏଥର ଏହାଙ୍କ ନାମ ପ୍ରକାଶ କରି ଜଣାଇ ଦେଉଅଛୁଁ ଯେ ସେ ଶୀଘ୍ର ଆପଣା ଚରିତ୍ର ସଂଶୋଧନ ନ କଲେ ବିପଦରେ ପଡ଼ିବେ କାରଣ ତାହାଙ୍କ ଉପରିସ୍ଥ ଲୋକଙ୍କର ଦୃଷ୍ଟି ପଡ଼ିଲାଣି । ଅନ୍ୟ ଲୋକମାନଙ୍କର ମଧ୍ୟ ଉଚିତ ଯେ ସେହି ସମୟରେ ମନିଅର୍ଡର ଟଙ୍କା ବା ଚିଠି ପାଇଲେ କି ତାହିଁ ବୁଝି ନେବେ ଓ କଲମ୍ ଦେଲେ ମନିଅର୍ଡର କୁପନ ବା ଚିଠିର ଲଫାଫା ଉପରେ ପାଇବାର ତାରିଖ ଲେଖି ପୋଷ୍ଟମାଷ୍ଟରଙ୍କ ନିକଟକୁ ପଠାଇ ଦେବେ ତାହା ହେଲେ ବହୁତ ପ୍ରତିକାର ହେବ ।

---

ବଙ୍ଗାଳ ପ୍ରଦେଶାନ୍ତର୍ଗତ କାମ୍ପେଲଗଞ୍ଜର ପୋଲିଟିକଲ୍ ଏଜେଣ୍ଟ ଡଲସନ୍‌ସାହେବ ସେଠା ଦେବାନଙ୍କ କଦାଚାରିତ ସଦକାର କରିବାର ଇଚ୍ଛା ଦେବାନଙ୍କଠାରେ ପ୍ରକାଶ କରିଥିବାରୁ ଦେବାନ ତାହାଙ୍କ ନାମରେ ନାଲିଶ କଲେ । ତହୁଁ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ମତେ ଡଲସନ ସାହେବଙ୍କ ଉପରେ ଅନୁସନ୍ଧାନ ନିମିତ୍ତ ଗୋଟିଏ ସମିତି ବା କମିସନ ବସିଲା । କମିସନଙ୍କ ଅନୁସନ୍ଧାନରେ ଡଲସନ ସାହେବଙ୍କର ଅନ୍ୟାୟ୍ୟ କାର୍ଯ୍ୟ ପ୍ରକାଶ ପାଇଲା ଓ ବମ୍ବଇର ଗବର୍ଣ୍ଣର ଲର୍ଡ ରେଏ ବାହାଦୁର ଡଲସନ ସାହେବଙ୍କୁ ଦୋଷୀ ସାବ୍ୟସ୍ତ କରି ଭାରତର ସେକ୍ରେଟେରିଙ୍କ ନିକଟକୁ ରିପୋର୍ଟ କରୁଅଛନ୍ତି କି ତାଙ୍କୁ ପେନସନ ଦେଇ କର୍ମତ୍ୟାଗ କରିବାକୁ ଆଦେଶ ଦିଆଯାଉ । ଯେଉଁ କର୍ମଚାରୀ ଆପଣା ପଦ ମର୍ଯ୍ୟାଦା ନ ବୁଝି ଏତାଦୃଶ ନିନ୍ଦନୀୟ କାର୍ଯ୍ୟରେ ପ୍ରବୃତ୍ତ ହୁଅଇ ତାହାକୁ ପଦଚ୍ୟୁତ କରିବାର ଉଚିତ । ସୁତରାଂ ଡଲସନସାହେବଙ୍କୁ କର୍ମତ୍ୟାଗ କରିବାକୁ ବାଧ୍ୟ କରିବାର ଆଦେଶ ଉଚିତ ଥିଲା । ମାତ୍ର ପେନସନ ପାଇବା ସଦାଚାର ଓ ସୁଯୋଗ୍ୟତା ଉପରେ ନିର୍ଭର କରୁଥିବାରୁ ସେ କିରୂପେ ତାହା ପାଇବାର ଉଚିତ ହେଲା ଅମ୍ଭେମାନେ ବୁଝିପାରୁ ନାହୁଁ । ଲର୍ଡ ରେଏଙ୍କ ବମ୍ବଇର ସୁଖ୍ୟାତି ଅମ୍ଭେମାନେ ବରାବର ଶୁଣି ଆସିଅଛୁଁ । ଏଠାରେ ସ୍ୱଜାତୀୟ ସ୍ନେହ କି ତାହାଙ୍କର ନ୍ୟାୟର ଲାଘବ କଲାନି ?

---

ଗତ ଦୋଳପୂର୍ଣ୍ଣିମା ଦିନ ଶ୍ରୀ ଚୈତନ୍ୟଦେବଙ୍କ ଜନ୍ମ ଅବର୍ଗାନ ଉପଲକ୍ଷରେ ଏଠା ଭଗବଦ୍ ଭକ୍ତିପ୍ରଦ ଯିମାନ ସ୍ଥଳରେ ସକାଳଠାରୁ ଶ୍ରୀ-ଚୈତନ୍ୟଚରିତାମୃତ ପାଠ ଓ ସନ୍ଧ୍ୟାସମୟରେ ନଗରକୀର୍ତ୍ତନ ହୋଇଥିଲା । ଏଥର ପୂର୍ବାପେକ୍ଷା ଚୌଧୁରିବଜାର ନୂଆସଡ଼କ ବାଲୁବଜାର କାଳୀଗଡ଼ କାଜିବଜାର ଓ ଗଙ୍ଗାମଣ୍ଡଳର ବାଟେ ବୁଲି ଆସିଥିଲା ଓ ନାମସଙ୍କୀର୍ତ୍ତନ ସଙ୍ଗେ ୨ ଅନେକ ଲୋକ ମଧ୍ୟ ହେଉଥିଲା । ସଙ୍କୀର୍ତ୍ତନ ପରେ ସଭ୍ୟମାନେ ଶ୍ରୀ ଗୋପାଳଚନ୍ଦ୍ର ମହାଶୟଙ୍କ ସଙ୍ଗେ ଏକତ୍ର ହେଲରୁ ସନ୍ନ୍ୟାସୀ ଶଙ୍କରଦତ୍ତ ପଣ୍ଡିତ ସାର୍ବଭୌମ ଭଗବାନଙ୍କ ପ୍ରତି ଭକ୍ତିବିଷୟରେ ଶାସ୍ତ୍ରୋକ୍ତବଚନୋଦ୍ଧୃତ ପୂର୍ବକ ଗୋଟିଏ ସୁନ୍ଦର ସଦୁପଦେଶକ ଶ୍ଳୋକ ବକ୍ତୃତା କରି ଅତି ସ୍ପଷ୍ଟଭାବରେ ବୁଝାଇ କହିଲେ ଯେ ବସ୍ତୁ, ଜ୍ଞାନ, ବୃଦ୍ଧି, ବଂଶମର୍ଯ୍ୟାଦା ଅଥବା କୌଣସି ଅର୍ଥବ୍ୟୟ ହେଲେ ଯେ ଭଗବାନ୍ ଲୋକ ପ୍ରତି ସନ୍ତୁଷ୍ଟ ହୁଅନ୍ତି ତାହା ନୁହେ । କୌଣସି ଲୋକର ସବୁ କେବଳ ବିଶୁଦ୍ଧଭକ୍ତି ଉଦ୍ରେକ ହେବାରୁ ସେ ଭଗବାନଙ୍କର ସେବା, ଜ୍ଞାନ-କୀର୍ତ୍ତନ, ନାମ ଶ୍ରବଣ ଅଥବା ନାମ ସ୍ମରଣ

Split by PDF Splitter



ଇତ୍ୟାଦି ସର୍ବପ୍ରକାର ଅଥବା ଏକପ୍ରକାର ସାଧନ କଲେ ସେବେ ତାହାଙ୍କଠାରେ ଈଶ୍ୱର ପ୍ରସନ୍ନ ହୁଅନ୍ତି ଏବଂ ସେ ସୁତରାଂ ମୋକ୍ଷପ୍ରାପ୍ତ ହେବାକୁ ସକ୍ଷମ ହୁଏ । ଅତଏବ ଭକ୍ତିଯୋଗ ପ୍ରଧାନ ଯୋଗ ଏବଂ ତାହା ସାଧନ କରିବା ଲୋକାନ୍ତ କର୍ତ୍ତବ୍ୟ । ଇତ୍ୟାଦି ପ୍ରକାର ବକ୍ତୃତା ଗାଙ୍କ ନିକଟରୁ ସଭ୍ୟମାନେ ପ୍ରସାଦସେବା କରି ସ୍ଥଳରୁ ବାହୁଡ଼ି ଆସିଲେ ।

---

ପରୀକ୍ଷା ପ୍ରଶ୍ନପତ୍ର ବିଷୟରେ ଗତ ତା ୧୦ ରିଖର ନବସମ୍ବାଦରେ ଗୋଟିଏ ଦୀର୍ଘ ପ୍ରବନ୍ଧ ହୋଇ ଅଛି । ତହିଁରେ ଲେଖା ଅଛି କି ସାଧୁ- ବାବୁ ଓ ଭୂପତିବାବୁଙ୍କ ଘରରେ ଏହି ପ୍ରଶ୍ନ ପତ୍ର ପଡ଼ିଲ । ସଧୁବାବୁ ପ୍ରଥମେ ପିଲାମାନଙ୍କଠାରୁ ପ୍ରଶ୍ନ ଯିବା କଥା ଶୁଣିଲେ ଏବଂ ସେମାନଙ୍କଠାରୁ କେତେ ପ୍ରଶ୍ନ ମଧ୍ୟ ଜାଣିପାରି ଏଣ୍ଟ ଇନସ୍ପେକ୍ଟରଙ୍କ ହେଡ଼କ୍ଲର୍କ ଜଗନ୍ନାଥବାବୁଙ୍କୁ ଜଣାଇଲେ । ତହିଁ ପୂର୍ବରୁ ଭୂପତିବାବୁ ବିଶ୍ୱସ୍ତସୂତ୍ରେ ଏ ବିଷୟ ଜାଣିପାରି ଥିଲେ ଏହି ଦୁଇଜଣ ପ୍ରଶ୍ନ ଜାଣି ଥିବାର ଆମ୍ଭମାନଙ୍କ ପତ୍ରପ୍ରେରକ ଯାହା ଲେଖି ଥିଲେ ତାହା ଅମୂଳକ ବିଷୟ ହେଲ ଆମ୍ଭେମାନେ ବୁଝି ପାରିଲୁଁ ନାହିଁ । ଜଏଣ୍ଟ ଇନସ୍ପେକ୍ଟରଙ୍କ ଅନୁସନ୍ଧାନର ଫଳ ପ୍ରକାଶ ପାଇ ନ ଥିବାରୁ ପ୍ରକୃତ ଘଟଣା ସର୍ବସାଧାରଣ ଜାଣିବାକୁ ସମର୍ଥ ହୋଇ ନାହାନ୍ତି କିନ୍ତୁ ସେହି ଅନୁସନ୍ଧାନରେ ପ୍ରକାଶ ଅଛି ଯେ ପ୍ରଶ୍ନ ଛପାକାର୍ଯ୍ୟ ପ୍ରକାଶ୍ୟଭାବରେ ହେଉଥିବାର ଜଣେ ଭଦ୍ରଲୋକ ଉକ୍ତ ପ୍ରେସର ମାନେଜରଙ୍କୁ ସାବଧାନ ହେବା କାରଣ ଉପଦେଶ ଦେଇଥିଲେ । ଏପରି ସ୍ଥଳେ ପ୍ରେସରୁ ଯିବା ଆସିବା କରିବା ଅପର ମାନେ ଦେଖିଥିବେ ଏପରି ଅନୁମାନ କରିବା ଅସଙ୍ଗତ ନୁହଇ । ସାଧୁବାବୁ ଓ ଭୂପତିବାବୁ ପ୍ରଶ୍ନ ଅପରି ଦେଇ ଭଲ କରିଅଛନ୍ତି କଥା କେହି ଅସ୍ୱୀକାର କରୁ ନାହିଁ, ଏବଂ ମାନେ ଯେବେ ସ୍ୱୟଂ କହିବେ ଯେ ଛପା- ଘରେ ବା ଅନ୍ୟ ସ୍ଥାନରେ ପ୍ରଶ୍ନ ସବୁ ଦେଖି ଅଛନ୍ତି ତେବେ ସେ କଥା ମଧ୍ୟ କେହି ଅବିଶ୍ୱାସ କରିବ ନାହିଁ କିନ୍ତୁ ନବସମ୍ବାଦର ଲେଖକ ଅନୁସନ୍ଧାନରେ ମନ ମାନୁ ନାହିଁ ସେ ଅଛନ୍ତି ସେ ମାନେଜର ବାହାରର କୌଣସି ବ୍ୟକ୍ତିକି ପ୍ରଶ୍ନ ଦେଖାଇ ନାହାନ୍ତି । ତ ବାହାର ଲୋକ ଦେଖିବାର ସୁବିଧା ଥିଲ ଏ କଥା ସେ ଜାଣିପାରି ନାହାନ୍ତି ତାହା ପ୍ରକାଶ କରି ନାହାନ୍ତି । ପୁଣି ସେ ନିଜେ ସ୍ୱୀକାର କରିଅଛନ୍ତି ଯେ ପ୍ରେସରୁ କାଗଜ ଟଙ୍କା ପ୍ରଭୃତି ଚୋରି ଯିବା ଯେମନ୍ତ ପ୍ରଶ୍ନ ଚୋରି ଯିବା ସେମନ୍ତ ଅଟଇ ଅର୍ଥାତ୍ ପ୍ରଶ୍ନ ଛପା କରିବା ବିଷୟରେ ଅଧିକ ସାବଧାନତାର କିଛି ମାତ୍ର ପ୍ରୟୋଜନ ନାହିଁ ପ୍ରେସର ଟଙ୍କା ଦ୍ରବ୍ୟ ପ୍ରଭୃତି ରକ୍ଷା କରିବାର ଯେଉଁ ସାଧାରଣ ଉପାୟ ଅଛି ପ୍ରଶ୍ନ ସମ୍ବନ୍ଧରେ ତାହାଇ ଯଥେଷ୍ଟ ! ଏପରି ଯାହାଙ୍କର ବିଶ୍ୱାସ ତାହାଙ୍କ ଅନୁସନ୍ଧାନ କାର୍ଯ୍ୟ ଭଲ ହେବାର କେଉଁ ସମ୍ଭାବନା ? ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟର ଦୋଷ ଦେଖାଇବା ଅଭିପ୍ରାୟରେ କାଗଜ ଓ ଟଙ୍କା ଚୋରିର ଉଲ୍ଲେଖ ହୋଇଅଛି ଓ ଆମ୍ଭେମାନେ ସେ ଦୋଷ ସ୍ୱୀକାର କରୁଅଛୁଁ । ମାତ୍ର ଏଥିରେ ଲେଖକ ବା ଅନ୍ୟ ପ୍ରେସର କି ବାହାଦୁରୀ ହେଲା ବୁଝି ପାରିଲୁଁ ନାହିଁ ।

---

## ମିଉନିସିପାଲିଟିର ଭ୍ରମ ସଂଶୋଧନ ।

ଏଠା ମିଉନିସିପଲ କମିଶ୍ନରମାନେ ବାବୁ କାଳୀପଦ ବାନାର୍ଜୀଙ୍କ ପ୍ରସ୍ତାବମତେ ବେଣ୍ଟମାଜେଷ୍ଟ୍ରେଟଙ୍କୁ ଜଣେ ଉପରସ୍ଥ ହେବା କାରଣ ବାର୍ଷିକ ଟ ୬୦ ଙ୍କା ମଞ୍ଜୁର କରିଥିବା ଓ ତାହା ନିତାନ୍ତ ଅନ୍ୟାୟ ହୋଇଥିବା କଥା ପାଠକମାନଙ୍କୁ ଏଥି ପୂର୍ବେ ଜଣାଇ ଥିଲୁଁ । ଏଥିମଧ୍ୟରେ କେତେକ ଜଣ କରଦାତା କମିଶ୍ନରମାନଙ୍କ ଏହି କାର୍ଯ୍ୟ ଅନ୍ୟାୟ ଓ ବେଆଇନ ଥିବା ମର୍ମରେ ଏକ ଆବେଦନପତ୍ର ଚେୟାରମାନଙ୍କ ନିକଟକୁ ପଠାବାରୁ ଗତ ବୁଧବାର ତହିଁର ବିଚାର ନିମନ୍ତେ କମିଶ୍ନରମାନଙ୍କର ଗୋଟିଏ ଅଧିବେଶନ ହୋଇଥିଲା । ସଭାରେ ଅନେକ ତର୍କବିତର୍କ ଉତ୍ତାରୁ ପୂର୍ବ ବିଚାର ବେଆଇନ ଓ ଅନ୍ୟାୟ ଥିବାର ସିଦ୍ଧାନ୍ତ ହେବାରୁ କମିଶ୍ନରମାନେ ତାହା ରହିତ କଲେ । କାଳୀପଦବାବୁ ଆବେଦନ ପତ୍ରର ବିରୁଦ୍ଧ ଓ ଆପଣା ପ୍ରସ୍ତାବ ସପକ୍ଷରେ ଅନେକ ଆପତ୍ତି କରିଥିଲେ ମାତ୍ର ସେ ସବୁ କାର୍ଯ୍ୟକର ହେଲା ନାହିଁ । ଏ ବିଷୟରେ କରଦାତାମାନଙ୍କ ତତ୍ପରତା ଏବଂ କମିଶ୍ନରମାନଙ୍କର ସୁବିଚାର ଦେଖି ଆମ୍ଭେମାନେ ଆନନ୍ଦିତ ହୋଇଅଛୁଁ । ଏହାଦ୍ୱାରା ନିର୍ବାଚନ ପ୍ରଣାଳୀର ମହତ୍ତ୍ୱ ରକ୍ଷା ପାଇଲା ଏବଂ କମିଶ୍ନରମାନେ ଆପଣା ଭ୍ରମ ଜାଣି ପାରିବାମାତ୍ରକେ ତାହା ସଂଶୋଧନ କରି ଯଥାର୍ଥ ଯୋଗ୍ୟତାର ପରିଚୟ ଦେଲେ । ମାତ୍ର କାଳୀପଦବାବୁ ମାଜିଷ୍ଟ୍ରେଟ ସାହେବଙ୍କ ଦୁହାଇ ଦେଇ କମିଶ୍ନରମାନଙ୍କୁ ଯେରୂପ ଧମକାଇଲେ ତାହା ଶୁଣି ଆମ୍ଭେମାନେ ଆଶ୍ଚର୍ଯ୍ୟ ଓ ଦୁଃଖିତ ହେଲୁଁ । ତାହାଙ୍କ କଥାରୁ ଜଣାଗଲା ଯେମନ୍ତ କମିଶ୍ନରମାନେ ମାଜିଷ୍ଟ୍ରେଟ ସାହେବଙ୍କ ଅଧୀନ ଓ ନିର୍ବାଚନପ୍ରଣାଳୀ କେବଳ ନାମ ଓ ତାହା ଉଠିଯିବା ଉଚିତ । ଅନେକ କଷ୍ଟରେ ପ୍ରଜାମାନେ ପାଇଥିବା ନିର୍ବାଚନ ଅଧିକାର ବିରୁଦ୍ଧରେ ଯେ କଥା କହେ ସେ ଦେଶର ଶତ୍ରୁ ସନ୍ଦେହ ନାହିଁ ଆମ୍ଭେମାନେ ଜାଣୁ କାଳୀପଦ ବାବୁଙ୍କର ଏ ଭାବ ପୂର୍ବେ ନ ଥିଲା କାରଣ ତାହା ଥିଲେ ସେ ଆପେ ନିର୍ବାଚନର ପ୍ରାର୍ଥୀ ହୋଇ ନ ଥାନ୍ତେ ବା କେତେଗୁଡ଼ିଏ ମତ ସଂଗ୍ରହ କରିବାର ଚେଷ୍ଟା କରି ନ ଥାନ୍ତେ । ସେତେବେଳେ ବିଫଳ ମନୋରଥ ହୋଇ ଫେରିଥିଲେ । ସମ୍ପ୍ରତି ମାଜିଷ୍ଟ୍ରେଟଙ୍କ ଅନୁଗ୍ରହରୁ ସରକାରୀ କମିଶ୍ନର ହେବାରୁ ପୂର୍ବମତ ଲେଉଟି ଯାଇଅଛି ଏବଂ କଥାକେ ମାଜିଷ୍ଟ୍ରେଟ ସାହେବଙ୍କ ଧମକ ଦେଉଅଛନ୍ତି । ସଭାରେ ଏପରି କହିବା କେମନ୍ତ ବ୍ୟବହାର ପାଠକମାନେ ତହିଁର ବିଚାର କରିବେ । ବାସ୍ତବରେ ଶ୍ରୀଯୁକ୍ତ ବୋଲଟନ ସାହେବ ମାଜିଷ୍ଟ୍ରେଟ ଏହାଙ୍କୁ ସରକାରୀ କମିଶ୍ନରୀ ପଦରେ ନିଯୁକ୍ତ କରି ମିଉନିସିପଲ ଜଗତରେ ଏକ ଧୂମକେତୁ ଛାଡ଼ି ଦେଇ ଅଛନ୍ତି । ଏହି ଆଶ୍ଚର୍ଯ୍ୟ ଧୂମକେତୁ ଆପଣାର ଅନିୟମିତ ମାର୍ଗରେ ଗତି କରି ନିଷ୍ପଦରେ ବାହାରି ଯିବେ କି ସମସ୍ତ ଗ୍ରହମଣ୍ଡଳର ବିଶୃଙ୍ଖଳା ଘଟାଇ ଜଗତକୁ ଚୂର୍ଣ୍ଣ କରିବେ ସ୍ଥିର କହିବା କଠିନ । ଯାହା ହେଉ ମିଉନିସିପଲ ଚେୟାରମ୍ୟାନଙ୍କର ଏ ସମୟରେ ଖୁବ ସାବଧାନ ହୋଇ ଚଳିବାର ଉଚିତ ।

---

## ରଙ୍ଗପୁରର ହରଣ ମୋକଦମା !

ଏ ମୋକଦମାର ବିବରଣ ପାଠକମାନଙ୍କୁ ଯଥାସମୟରେ ଜଣାଇ ଅଛୁଁ । ସେ ସମ୍ବନ୍ଧରେ ନୂତନ କିଛି କହିବାର ନାହିଁ । ସମ୍ବାଦପତ୍ରରେ ଏ ମୋକଦମାର ଆନ୍ଦୋଳନ ହେବାରୁ ବଙ୍ଗେଶ୍ୱର ତହିଁର ଅନୁସନ୍ଧାନରେ ପ୍ରବୃତ୍ତ ହୋଇଥିଲେ । ଏବେ ଫଳ ତହିଁର ନିଷ୍ପତ୍ତି ବାହାରିଅଛି । ବଙ୍ଗେଶ୍ୱର ଟ ମନ ସହେବ ଏହି ନିଷ୍ପତ୍ତିଦ୍ୱାରା ଇଂରାଜ ଧର୍ମ୍ମଯାଜକର ମମତା

Digitized by srujanika@gmail.com

Split by PDF Splitter



ଭାଗ କର ନ୍ୟାୟ ବିଚାର କରିବାର ଦେଖି ଆମ୍ଭେମାନେ ସନ୍ତୁଷ୍ଟ ହୋଇଅଛୁଁ ଏବଂ ତାହାଙ୍କର ପ୍ରଶଂସା କରୁଅଛୁଁ ଯେବେ ଏହିପରି ସୁବିଚାର ପ୍ରଥମରୁ କରିଥାନ୍ତେ ତେବେ ଉକ୍ତ ଶାସନ କାଳ ଏତାଦୃଶ କଳଙ୍କିତ ହୋଇ ନ ଥାନ୍ତା ଏବଂ ଅଧୀନସ୍ଥ କର୍ମଚାରୀଙ୍କର ସ୍ୱେଚ୍ଛାଚାରିତା କହ୍ନୁ ପରିମାଣରେ ଲାଘବ ହୋଇ ଥାନ୍ତା । ଯାହା ହେଉ ଏ ମୋକଦ୍ଦମାରେ ଲିପ୍ତଥିବା ସମସ୍ତ କର୍ମଚାରୀଙ୍କ ଅନ୍ୟାୟ କାର୍ଯ୍ୟମାନ ନିରପେକ୍ଷଭାବରେ ଦେଖାଇ ଦେଇ ଯଥୋଚିତ ଦଣ୍ଡ କରିଅଛନ୍ତି । ଏ ମୋକଦ୍ଦମାର ଉଦ୍ୟୋକ୍ତା ରଙ୍ଗପୁରର ଅଶିଷ୍ଟାଣ୍ଟ ପୁଲିସ ସୁପରିଣ୍ଟ ସଟଲୱର୍ଥ, ତାହାଙ୍କର ସାହାଯ୍ୟକାରୀ ତାହାଙ୍କ ଉପରସ୍ଥ ଡିଷ୍ଟ୍ରିକ୍ଟ ସୁପରିଣ୍ଟ ଷ୍ଟାକ ସାହେବ ମୋକଦ୍ଦମାର ବିଚାରକର୍ତ୍ତା ବାବୁ ଚଣ୍ଡୀଚରଣଘୋଷ ଡେପୁଟୀ ମାଜିଷ୍ଟ୍ରେଟ ଏବଂ ଏମାନଙ୍କର ତତ୍ତ୍ୱାବଧାରକ ଜଇଣ୍ଟ ମାଜିଷ୍ଟ୍ରେଟ କ୍ରାଉଫର୍ଡ ସାହେବ ଅଟନ୍ତି । ଡେପୁଟୀ ମାଜିଷ୍ଟ୍ରେଟ ମୋକଦ୍ଦମାର ବିଚାରରେ ସାମାନ୍ୟ ଭୁଲ କରିଥିବା ଏବଂ ଆପଣାର ଦାମ୍ଭିକତା ଦେଖାଇ ନ ପାରି ମାଜିଷ୍ଟ୍ରେଟ ସାହେବଙ୍କ ପରାମର୍ଶ ନେଇଥିବାରୁ ତାହାଙ୍କର ଦୋଷ ଗବର୍ଣ୍ଣମେଣ୍ଟ ବିଶେଷ ନ ଧରି ଛାଡ଼ି ଦେଇଅଛନ୍ତି । ଅଶିଷ୍ଟାଣ୍ଟ ସଟଲୱର୍ଥ ସାହେବ ଚଟ୍ଟଗ୍ରାମକୁ ବଦଳି ହୋଇଅଛନ୍ତି ତହିଁ ଭିତରୁ ତାହାଙ୍କୁ ଦ୍ୱିତୀୟଶ୍ରେଣୀରୁ ମାତ୍ର ଛଅ ମାସ ୩ ୟ ଶ୍ରେଣୀକୁ ଓହ୍ଲାଇ ଦେବା ଆଦେଶ କରିଅଛନ୍ତି ଓ ଏହି ସମୟ ଭିତରୁ ଯେବେ ତାହାଙ୍କର କାର୍ଯ୍ୟ ଭଲ ଦେଖା ଯିବ ତେବେ ଉନ୍ନତ ପାଇବେ । ସୁପରିଣ୍ଟ ଷ୍ଟାକ ସାହେବ ଜିଲ୍ଲାର ଅଧିକାରରୁ ରହିତ ହୋଇ ଅନ୍ୟ ଜିଲ୍ଲାକୁ ବଦଳି ହୋଇଅଛନ୍ତି । ଏକ ବର୍ଷ ପର୍ଯ୍ୟନ୍ତ ସେ କୌଣସି ଜିଲ୍ଲାର ଭାର ପାଇବେ ନାହିଁ ଏବଂ ତହିଁ ଭିତରୁ ତାହାଙ୍କର ସନ୍ତୋଷଜନକ ସ୍ୱାଧୀନ ସହିତ କାର୍ଯ୍ୟ କରିବା ଉପରେ ନିର୍ଭର କରିବ । ଜଇଣ୍ଟ ମାଜିଷ୍ଟ୍ରେଟ କ୍ରାଉଫର୍ଡ ସାହେବଙ୍କର ବିଶେଷ ଅଯୋଗ୍ୟତା ପ୍ରକାଶ ପାଇ ଅଛି ଏବଂ ଏଥି ମଧ୍ୟରେ ସେ କର୍ମରୁ ଇସ୍ତଫା ଦେଇ ଥିଲେହେଁ ଇସ୍ତଫା ମଞ୍ଜୁର ହେବା ପର୍ଯ୍ୟନ୍ତ ତାହାଙ୍କୁ ପ୍ରଥମ ଶ୍ରେଣୀରୁ ଦ୍ୱିତୀୟ ଶ୍ରେଣୀକୁ ଓହ୍ଲାଇ ଦେଇ ଗବର୍ଣ୍ଣମେଣ୍ଟ ଆପଣା ଅସନ୍ତୋଷ ପ୍ରକାଶ କରିଅଛନ୍ତି । ଯେବେ ସର ରିଭର୍ସ ଟମସନଙ୍କ ଅମଳରେ ପୁଲିସ ଓ ଜିଲ୍ଲାର ପ୍ରଧାନ କର୍ମଚାରୀମାନଙ୍କର ଏପ୍ରକାର ଅନ୍ୟାୟ କାର୍ଯ୍ୟର ପ୍ରଥମ ଉଦାହରଣ ହୋଇଥାନ୍ତା ତେବେ ଆମ୍ଭେମାନେ ଏ ଦଣ୍ଡକୁ ଯଥେଷ୍ଟ ଜ୍ଞାନ କରନ୍ତୁ । ଦୁର୍ଭାଗ୍ୟକ୍ରମେ ଏହାଙ୍କ ଅମଳରେ ଜିଲ୍ଲା ପୁଲିସ ଓ ମାଜିଷ୍ଟ୍ରେଟଙ୍କ ଅନ୍ୟାୟର ଅନେକ ଉଦାହରଣ ଘଟିଅଛି । ସମସ୍ତ ଅଭାଗ୍ୟର ଅଗଣନମତେ ପ୍ରମାଣ କରିବା ଲୋକଙ୍କର ସାଧ୍ୟାତୀତ ନୁହଇ ତଥାଚ କୃଷ୍ଣନଗରର ହମସେ ସାହେବ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ଟେଲର ସାହେବ ମାଜିଷ୍ଟ୍ରେଟ ଏହିପରି ଦଣ୍ଡନୀୟ ହୋଇଥିଲେ ପୁଣି ସେପରି ଘଟନା । ଅତଏବ ଛୋଟଲାଟଙ୍କ ବିଚାର ଯେପରି ଦଣ୍ଡାଜ୍ଞା ସେପରି ହୋଇ ନାହିଁ । ଯେଉଁ ହାକିମମାନେ ସାଧାରଣ ସ୍ୱାର୍ଥ ଛାଡ଼ି ନିଜର ଅଭିପ୍ରାୟ ସିଦ୍ଧ କରିବା ନିମିତ୍ତ ଆପଣା ଅଧିକାରର ଅପବ୍ୟବହାର କରନ୍ତି ସେମାନଙ୍କର ହୃଦୟ ବଡ଼ ଦନ ଦଲମ୍ ହେଲେ ବା ବେତନରୁ ଦୁଇଗୁଣ ଶତ ଟଙ୍କା କଟିଗଲେ ସେ ଭଲ ମନୁଷ୍ୟ ହୋଇ ଯିବେ ଏଥିର ସମ୍ଭାବନା ଅଳ୍ପ ଏପ୍ରକାର ଅନ୍ୟାୟ କାର୍ଯ୍ୟ ସ୍ଥଳେ ଦୁଇ ଏକ ଜଣଙ୍କୁ ବିଦାୟ ଦେବାର ଉଚିତ ଏବଂ ଛୋଟଲାଟ ତାହା କରିଥିଲେ ଉଚିତ ପ୍ରତୀକାର ହୋଇଥାନ୍ତା ।

— * —

## ଭଗବଦ୍ଭକ୍ତିପ୍ରଦାୟିନୀ-ସଭା ।

ଗତ ଶୁକ୍ରବାର ଶୁକ୍ଳଫାଲ୍ଗୁନଦଶମୀଦିନ ଏ ନଗରରେ ସ୍ଥାପିତ ଶ୍ରୀଶ୍ରୀଭକ୍ତିସଭାର ସାମ୍ବତ୍ସରିକ ଉତ୍ସବ ଗୋପାଳଜିଉଙ୍କମଠରେ ମହାସମାରୋହରେ ସମ୍ପାଦିତ ହୋଇଥିବାର ଦେଖାଗଲା । ଏପରି ଅଲ୍ପ କେବେ ହୋଇ ନ ଥିଲା ସଭାର ଆମନ୍ତ୍ରଣମତେ ଅନେକ ପଣ୍ଡିତ ଓ ଭଦ୍ରଲୋକ ଉତ୍ସବରେ ଯୋଗ ଦେଇଥିଲେ । ଉତ୍ସବ ଦିନ ପ୍ରାତଃକାଳରେ ସଭାପଣ୍ଡିତ ଶ୍ରୀ ନରହରିଷଡ଼ଙ୍ଗୀ ସାର୍ବଭୌମ ଦଶମସ୍କନ୍ଧରୁ ଦୁଇଗୋଟି ଅଧ୍ୟାୟ ପାଠ କରି ଈଶ୍ୱରଙ୍କଠାରେ ଅଦ୍ଭୁତ କାରୁଣ୍ୟ ପ୍ରେମ ପରାକାଷ୍ଠାର ଦୃଷ୍ଟାନ୍ତ ପ୍ରଦର୍ଶନ କରାଇ ସଭ୍ୟବୃନ୍ଦଙ୍କୁ ମୋହିତ କରିଥିଲେ ଏମନ୍ତ କି ଦଶଘଣ୍ଟାପର୍ଯ୍ୟନ୍ତ ସମସ୍ତ ଅଧ୍ୟାପକମାନେ ଶ୍ରୋତୃବୃନ୍ଦ ଆପଣାର ନିତ୍ୟକର୍ମ ବିସ୍ମୃତ ହୋଇ ପ୍ରାୟ ସାଢ଼େ ଦଶଘଣ୍ଟାପର୍ଯ୍ୟନ୍ତ ଭକ୍ତିରସରସାସ୍ୱାଦନରେ ମଗ୍ନ ଥିଲେ । ଉପରେ ସନ୍ଧ୍ୟାର ଅବ୍ୟବହିତପୂର୍ବରୁ ନାମସଙ୍କୀର୍ତ୍ତନ ମଠଠାରୁ ଆରମ୍ଭ ହୋଇ ନୂତନସହିତ କଦୋବଦନ୍ଧାସ, ହାତିବଜାର ଗଙ୍ଗାମନ୍ଦିର ଓ ଚୌଧୁରୀବଜାରବାଟେ ମନ୍ଦିରକୁ ବୁଲି ଆସିଲା । ଏ ନାମସଙ୍କୀର୍ତ୍ତନର ପ୍ରଧାନ ଅଙ୍ଗ ଭକ୍ତିସଭାର ସଭ୍ୟବୃନ୍ଦ । ସଭ୍ୟମାନେ ଅଧିକାଂଶ ଅଧୁନାତନ ଶିକ୍ଷିତଯୁବକ । ବର୍ତ୍ତମାନ ନଗରରେ ବ୍ରାହ୍ମଣଆଦି ଅନେକ ଶିକ୍ଷିତ ଯୁବକବୃନ୍ଦଙ୍କୁ ଖୋଳ ମୃଦଙ୍ଗ ଘେନି ବାହାରିବାର ଦେଖା ନ ଥିଲା । ସେ ଦିନ ଯୋବଧାନଜଣ ବାବୁମାନେ ପ୍ରେମଭକ୍ତିରେ ହରିନାମ ଗାୟନ କରିବାର ଦେଖି ପ୍ରଥମଦୃଷ୍ଟିରେ ଅନେକ ସେମାନଙ୍କୁ ବାତୁଳ ବୋଲି ଠଟ୍ଟା କଲେ ଥିଲେ ମାତ୍ର ସେମାନଙ୍କ ସଙ୍ଗେ ଉକ୍ତ ଉତ୍ସବ ଖଳ୍ପା ଏବଂ ସଙ୍କୀର୍ତ୍ତନୀୟ ଏକଦଳ ଓ ଅନେକ ସନ୍ନ୍ୟାସୀ ମହନ୍ତାଦି ଯାଉଥିବାରୁ ସେ ସନ୍ଦେହ ମେଣ୍ଟି ଗଲା । ପ୍ରକୃତରେ ଏ ଅଭିନବଦୃଶ୍ୟ ଦେଖି ଆମ୍ଭେମାନେ ଯାରପରନାସ୍ତି ପ୍ରୀତ ହୋଇଅଛୁଁ । ଶିକ୍ଷିତ ଯୁବକବୃନ୍ଦ ହିନ୍ଦୁଧର୍ମରେ ମାତିବାର ଏହି ପ୍ରଥମ ଉଦାହରଣ । ନଗରସଙ୍କୀର୍ତ୍ତନଶେଷରୁ ପ୍ରାୟ ରାତ୍ର ୯ ଘଣ୍ଟାସମୟରେ ସଭ୍ୟମାନେ ମଠଠାରେ ପଣ୍ଡିତମାନେ ଅନେକ ଭଦ୍ରଲୋକ ସେଠାରେ ଜମା ହୋଇଥିଲେ । ସଙ୍କୀର୍ତ୍ତନ ଭିତରୁ ସଭ୍ୟମାନେ ଆସନଗ୍ରହଣ କଲାରୁ ସଭାପଣ୍ଡିତ ମହୋଦୟ ସଦୁପଦେଶ ଗର୍ଭକଳ୍ପତାଦ୍ୱାରା ଅତି ଉପଦେଶକରେ ହରିନାମ କୀର୍ତ୍ତନର ମହାତ୍ମ୍ୟ, ଆବଶ୍ୟକତା ଏବଂ ଫଳାଫଳ ଉତ୍ତମ ଭାବେ ଶାସ୍ତ୍ରୋକ୍ତିଦ୍ୱାରା ବର୍ଣ୍ଣନାକରି ଓ ତାହାର ବ୍ୟାଖ୍ୟା କରି ଉପସ୍ଥିତ ସହସ୍ରାଧିକ ଦର୍ଶକବୃନ୍ଦଙ୍କୁ ବୁଝାଇ ଦେଇ କହିଲେ ଯେପରି ଜଳନପଡ଼ିଲା ପର୍ଯ୍ୟନ୍ତ କାଷ୍ଠଖଣ୍ଡରେ ଅଗ୍ନି ଲଗାଇଲେ ତାହା ପ୍ରଥମରେ ପଙ୍କ ଏବଂ ଜଳ ଦୂର କରିବାପର୍ଯ୍ୟନ୍ତ ଦାଉଦାଉ ଜଳଇ ନାହିଁ ସେହିରୂପ ଅଭ୍ୟାସ କରୁଁ ହରିନାମ ମନୋମଳ ଦୂର କରି ଭକ୍ତିକୁ ମୋହିନୀ କରାଏ ଏବଂ ଏହା ସତ୍ୟ ମୂଳ ରସିକା ଆବଶ୍ୟକ ଯେ ଯେପରି କୌଣସି ଦରିଦ୍ରବୃକ୍ଷ ଗୋଟିକରେ ଗୋଟିଏ ମାତ୍ର ଫଳ ଫଳିଥିଲେ ସୁଦ୍ଧା ତାହାକୁ ଫଳବାନ୍ ବୃକ୍ଷ ବୋଲିଯାଏ ସେହିପରି ଅହୋରାତ୍ର ମଧ୍ୟରେ କ୍ଷଣମାତ୍ର ହରିନାମ କରୁଥିଲେ ସେ ଦିନକୁ ସଫଳ ବୋଲିଯିବ ଏବଂ ଯେଉଁଦିନରେ ହରିନାମ କୀର୍ତ୍ତନ ହୁଏ ସେଦିନ ବଡ଼ ଅନ୍ୟସମସ୍ତ ସତ୍କର୍ମ ଆଦି ସୂର୍ଯ୍ୟ ଉଦୟ ଅସ୍ତ ହୋଇ ଆୟୁଷର କ୍ଷୟ କରୁଅଛନ୍ତି । ପଣ୍ଡିତଙ୍କର ପ୍ରାୟ ଅର୍ଦ୍ଧଘଣ୍ଟା କାଳ ବକ୍ତୃତା କରିଥିଲେ ଏବଂ ଶ୍ରୋତୃବୃନ୍ଦ ଘଡ଼ି ଘଡ଼ି ହରିବୋଲ ଧ୍ୱନିଦ୍ୱାରା ନିଜର ଆନନ୍ଦପ୍ରକାଶ ସଙ୍ଗେ ବକ୍ତାଙ୍କୁ ଧନ୍ୟ-

Digitized by srujanika@gmail.com

ବାଦ ପ୍ରଦାନ କରଥିଲେ । ବକ୍ତୃତା ଶେଷ ହେଲରୁ ପଣ୍ଡିତ, ବ୍ରାହ୍ମଣ, ବୈଷ୍ଣବ, ଦରିଦ୍ରଙ୍କ ଅଭ୍ୟାଗତ ଏବଂ କଙ୍ଗାଳମାନେ ପ୍ରସାଦ ସେବା କଲେ । ଅନ୍ୟୂନ ବାରଶହଲୋକ ପ୍ରସାଦ ସେବା କରଥିଲେ । ଉତ୍କଳମଠର ମହନ୍ତ ନରସିଂହଦାସ ଏଥିରେ ବିଶେଷ ସାହାଯ୍ୟ କରିଥିଲେ । ବକ୍ତୃତାପରେ ସଭାର ବାର୍ଷିକ ରିପୋର୍ଟ ଶ୍ରୀବାବୁ କୃଷ୍ଣଚନ୍ଦ୍ର ମହାନ୍ତି ପାଠ କରଥିଲେ ଏବଂ ତହିଁର ଉନ୍ନତିର ଉପାୟ ପାଇଁ ଅନେକ ହୋଇଅଛି।

ସଭାପତିଙ୍କ କର୍ତ୍ତୃକ ଶାସ୍ତ୍ରୋକ୍ତ ବଚନାବଳୀ ଯଥା—

ଶ୍ରୀମଦ୍ଭାଗବତେ ।

କଲେର୍ଦୋଷନିଧେ ରାଜନ୍ନସ୍ତି ହ୍ୟେକୋ ମହାନ୍ ଗୁଣଃ । କୀର୍ତ୍ତନାଦେବ କୃଷ୍ଣସ୍ୟ ମୁକ୍ତବନ୍ଧଃ ପରଂ ବ୍ରଜେତ୍ ॥ କୃତେ ଯଦ୍ଧ୍ୟାୟତୋ ବିଷ୍ଣୁଂ ତ୍ରେତାୟାଂ ଯଜତୋ ମଖୈଃ । ଦ୍ୱାପରେ ପରିଚର୍ଯ୍ୟାୟାଂ କଲୌ ତଦ୍ଧରିକୀର୍ତ୍ତନାତ୍ ॥ କଲିଂ ସଭାଜୟନ୍ତ୍ୟାର୍ଯ୍ୟା ଗୁଣଜ୍ଞାଃ ସାରଭାଗିନଃ । ଯତ୍ର ସଙ୍କୀର୍ତ୍ତନେନୈବ ସର୍ବସ୍ୱାର୍ଥୋଽପି ଲଭ୍ୟତେ ॥ ତଥା ଚୈବୋତ୍ତମଂ ଲୋକେ ତପଃ ଶ୍ରୀହରିକୀର୍ତ୍ତନଂ । କଲୌ ଯୁଗେ ବିଶେଷେଣ ବିଷ୍ଣୁପ୍ରୀତ୍ୟୈ ସମାଚରେତ୍ ॥

ସ୍କନ୍ଦେ ।

ମଧୁରମଧୁରମେତନ୍ମଙ୍ଗଲଂ ମଙ୍ଗଲାନାଂ ।
ସକଳନିଗମବଲ୍ଲୀ ସତ୍ଫଳଂ ଚିତ୍ସ୍ୱରୂପଂ ॥
ସକୃଦପି ପରିଗୀତଂ ଶ୍ରଦ୍ଧୟା ହେଳୟା ବା ।
ଭୃଗୁବର ନରମାତ୍ରଂ ତାରୟେତ୍ କୃଷ୍ଣନାମ ॥
ନ ନାମସଦୃଶଂ ଜ୍ଞାନଂ ନ ନାମସଦୃଶଂ ବ୍ରତଂ ।
ନ ନାମସଦୃଶଂ ଧ୍ୟାନଂ ନ ନାମସଦୃଶଂ ଫଳଂ ॥
ନାମୈବ ପରମା ମୁକ୍ତିର୍ନାମୈବ ପରମା ଗତିଃ ।
ନାମୈବ ପରମା ଶାନ୍ତିର୍ନାମୈବ ପରମା ସ୍ଥିତିଃ ॥
ଇତ୍ୟାଦି ।

---

ମାଡ଼ାଙ୍ଗାନିବାସୀ ଦରିଭଗୀ ସାଧୁସାହୁର ଅନାଥପିଲାଙ୍କ ସାହାଯ୍ୟାର୍ଥ ଏ ସପ୍ତାହରେ ନିମ୍ନଲିଖିତ ଦାନମାନ ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ।

| | | |
|---|---|---|
| ଶ୍ରୀମାନ ଉପେନ୍ଦ୍ରନାଥ ଦେ | ବାଲେଶ୍ୱର | ଟ ୧୦୲ |
| ବାବୁ ଗୋବିନ୍ଦଚନ୍ଦ୍ର ପାଣିଗ୍ରାହୀ | | ଟ ୨୲ |
| ପଣ୍ଡିତ ସନାତନ ଦାସ | କଟକ | ଟ ୨୲ |
| ପୂର୍ବ ସପ୍ତାହ ପର୍ଯ୍ୟନ୍ତ ଆଦାୟ | | ଟ ୧୪୯ |
| ମୋଟ | | ଟ ୨୧୯ |

---

# ସାପ୍ତାହିକ ସଂବାଦ ।

ହୋଲିପର୍ବ ସମସ୍ତେ ଆମୋଦ ପ୍ରମୋଦରେ ମାତି ଥାନ୍ତି । ସେଦିନ ଜଣେ ଲୋକ ପିଚକାରୀ ମାରୁଁ ଅକସ୍ମାତ୍ ରେଭିନ୍ସା କଲେଜର ସେକେଣ୍ଡ ମାଷ୍ଟରଙ୍କ ଦେହରେ ଟିକିଏ ପଡ଼ିଗଲା । ସେ ତତ୍କ୍ଷଣାତ୍ ତାହାକୁ ପୋଲିସକୁ ଧରି ନେଇ ଗଲେ ଏବଂ ନାଲିସ କରିବା ନିମନ୍ତେ ପୋଲିସଠାରୁ ଅନୁମତି ପାଇଲେ । ପିଚକାରୀ ମାରିବା ଲୋକ ମଧ୍ୟ ବଜାରରେ ଧରି ନେଇ ମାନହାନି କରିବା ଅଭିଯୋଗରେ ନାଲିସ କରି ଅଛନ୍ତି ।

ଶ୍ରୀ ଜଗନ୍ନାଥ ମନ୍ଦିର ସମ୍ପର୍କୀୟ ହାଇକୋର୍ଟ ଆପିଲ ମୋକଦ୍ଦମା ମହଲତ ହେବାରୁ ଆସାମୀ ସେମାନଙ୍କୁ ଘୃଣା ଯାଉଅଛି । ସେ ଦିନ ବିଗୁଡ଼ି ହେବାର ଆଶା ଅଛି ।

ସ୍କୁଲ ଇନସ୍ପେକ୍ଟର ବାବୁ ରାଧିକାମୋହନ ମଲ୍ଲିକ ଗତ ବୁଧବାର ଏଠାରୁ ଯାଜପୁରକୁ ଯାତ୍ରା କଲେ ସେଠାରୁ ଉତ୍ତରବାଟେ ବାଲେଶ୍ୱରକୁ ଯିବେ ।

ବାବୁ ଫକୀରମୋହନ ସେନାପତିଙ୍କର ମୟୂରଭଞ୍ଜ ଛାଡ଼ି ହେବ ତ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ । ବାବୁ ଦକ୍ଷିଣ ପକ୍ଷୀର ଗର୍ଦ୍ଦ ହେଉ ଏଠାରେ ପହୁଞ୍ଚିବାରୁ ମୟୂରଭଞ୍ଜ କର୍ମରେ ଅନ୍ୟ ବନ୍ଦୋବସ୍ତ ହେବାରୁ ତାହାଙ୍କୁ ଖଲଗିର ପଠାଇବା କଥା ହେଲା । ଶେଷରେ ତାହାଙ୍କୁଆ ସ୍ୱଃ ନାହିଁ । ଅନ୍ୟ କର୍ମ ଖାଲିହେଲେ ସେ ପାଇବେ ବୋଲି ସାହେବ ଅପେକ୍ଷା କରୁଅଛନ୍ତି । ଗଡ଼ଜାତରେ କି ସବୁ ବେଆଇନ ବଗୁଡ଼ ହୁଏ ।

କାଠଯୋଡ଼ୀର ତଟ କଣ୍ଟ୍ରାକ୍ଟ ଶ୍ରୀଶିବାବୁ ନଗରବାସିଙ୍କ କ୍ଲେଶ ଦେଖି ଟଙ୍କା ଅନେକ ବାଟେ ଅଧିକ ଜଳ ପଡ଼ିବା କାରଣ ଏଠା ମ୍ୟୁନିସିପାଲିଟି କମିଶନରମାନଙ୍କ ନିକଟରେ ପ୍ରାର୍ଥନା କରିଅଛନ୍ତି । କମିଶନରମାନଙ୍କଠାରୁ ମଞ୍ଜୁର ନ ହେଲେ ନଗରବାସିଙ୍କର ବଡ଼ କଷ୍ଟ ହେବ ।

ଓଡ଼ଗା ଜଙ୍ଗଲଟଙ୍ଗର କର୍ତ୍ତା ହେଡସ ସାହେବ ପଦୋନ୍ନତି ପାଇଅଛନ୍ତି ।

ମାଡ଼ାଙ୍ଗା ଖୁନ ଅପରାଧ ମୋକଦ୍ଦମାରେ ସାଧୁସାହୁ ଓ ସୀତାନାଥ ପ୍ରଭୃତି ଅସାମିମାନେ ଦୋଷମୁକ୍ତ ହୋଇ ଅଛନ୍ତି ।

## କଲିକତାଗେଜେଟ ।

ପୁରୀର ଡେପୁଟୀମାଜିଷ୍ଟ୍ରେଟ ଓ ଡେପୁଟୀ କଲେକ୍ଟର ବାବୁ ପ୍ରସନ୍ନଚନ୍ଦ୍ର ଗଙ୍ଗୋପାଧ୍ୟାୟ ତିନିମାସ ଛୁଟୀ ପ୍ରାପ୍ତ ହୋଇଅଛନ୍ତି ।

ମିଃ ରମେଶଚନ୍ଦ୍ର ଦତ୍ତ ଫର୍ଲୋରୁ ଫେରି ଆସି ପାବନାର ମାଜିଷ୍ଟ୍ରେଟ ଓ କଲେକ୍ଟର କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

କଟକର ପୋଲିସବିଭାଗର ଆଃ ସୁପରିଣ୍ଟେଣ୍ଡେଣ୍ଟ ପାଉଲ ସାହେବ ପୁରୀକୁ ବଦଳି ହୋଇଅଛନ୍ତି ।

ସନ ୧୮୮୭-୮୮ ମସିହା ନିମନ୍ତେ ଓଡ଼ିଶାବିଭାଗର ଇଂରାଜୀ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ନିମନ୍ତେ ମୋଟ ୧୦ ଟି ବୃତ୍ତି ପ୍ରଦାନ କରିବାର ନିର୍ଦ୍ଦିଷ୍ଟ ହୋଇ ଅଛି ତନ୍ମଧ୍ୟରୁ ଗୋଟିଏ ଟ ୧୫ ଙ୍କା ଓ ବାକୀ ଟ ୧୦ ଙ୍କା ହିସାବରେ । ପ୍ରଥମ ଗୋଟିଏ ବୃତ୍ତି ପରୀକ୍ଷୋତ୍ତୀର୍ଣ୍ଣ ପ୍ରଥମ ସ୍ଥାନପ୍ରାପ୍ତଙ୍କୁ ବାକି ସବୁ ପ୍ରତ୍ୟେକ ଜିଲ୍ଲାରେ ତିନିଗୋଟି ହିସାବରେ ଦିଆଯିବ । ବୃତ୍ତିଭୋଗୀ ଛାତ୍ରମାନେ କେବଳ ରେଭିନ୍ସା କଲେଜରେ ଅଧ୍ୟୟନ କରିପାରିବେ । ତାହାଙ୍କ ଇଞ୍ଜିନିୟର ଅବା ଡାକ୍ତରୀ ପଢ଼ିବା ଇଚ୍ଛା ଥିଲେ ଏଠାରେ ବହୁକାଳସ୍ଥିତ ଛାତ୍ରମାନଙ୍କୁ ସେପରି କଲେଜମାନଙ୍କରେ ପାଠ କରିବାକୁ ଅନୁମତି ଦିଆଯାଇପାରେ ।

ପ୍ରେସିଡେନ୍ସି ଜେଲର ଅଧ୍ୟକ୍ଷ ଡାକ୍ତର ରାମସିଂହ ଓ କୋଷପ୍ରଦାୟୀମାନଙ୍କର ଉପକାରାର୍ଥେ ଯଶୋହରର ରାୟ ମହେଶଚନ୍ଦ୍ର ଚକ୍ରବର୍ତ୍ତୀ ବାହାଦୂର ଦୁଇଶତ ଟଙ୍କା ପ୍ରଦାନ କରିଅଛନ୍ତି ଗେଜେଟ ବାହାଦୂର ଏଥିନିମନ୍ତେ ତାହାଙ୍କୁ ଧନ୍ୟବାଦପ୍ରଦାନ କରିଅଛନ୍ତି ।

---

କଲିକତା କ ୬୨ ନମ୍ବର କଲେଜ ଷ୍ଟ୍ରିଟରୁ ଶ୍ରୀଯୁକ୍ତ କୃଷ୍ଣ ବନ୍ଦ୍ୟୋପାଧ୍ୟାୟ ମହାଶୟ ଲେଖିଅଛନ୍ତି "ବଙ୍ଗପ୍ରଦେଶରେ ଯେତେ ଅର୍ଥଶାସ୍ତ୍ର, ହରି ସଭା, ଗୃହଚତ୍ୱର, ବାଲ୍ୟାଶ୍ରମ ପ୍ରଭୃତି ଅଛି ତାହାର ଗୋଟିଏ ସମ୍ପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବାକୁ ସଙ୍କଳ୍ପ କରିଅଛୁଁ । ତାଲିକା ଛପା ହେଲେ ଆମ୍ଭେ ଏକ ଖଣ୍ଡ ପ୍ରତ୍ୟେକ ସଭା ନିକଟକୁ ପଠାଇବୁଁ । ଏହି ପଦ ସଭାମାନଙ୍କରେ ପରସ୍ପର ସହାନୁଭୂତି ଜନ୍ମି ପାରେ । ସଭା ସବୁ ମିଳିମିଶି କାର୍ଯ୍ୟ କଲେ ଅନେକ ସୁଫଳ ଫଳି ପାରେ ସକଳ ସମ୍ପାଦକମାନେ ସଭାର ନାମ ସମ୍ପାଦକ ଓ ଉପଦେଷ୍ଟାର ନାମ ଓ ଠିକଣା ଆମ୍ଭମାନଙ୍କୁ ଲେଖି ପଠାଇଲେ ଆମ୍ଭେ ବିଶେଷ ଉପକୃତ ହେବୁଁ ।"

ନବବାସୀ

ଲଣ୍ଡନନଗରରୁ ଆସିଥିବା ତାରଟମାସ ତା ୧୫ ରିଖର ତାର ସମ୍ବାଦରୁ ପ୍ରକାଶ ଯେ ଆୟର୍ଲଣ୍ଡର ଅବସ୍ଥା ଦିନ୍‌ କୁ ଗୁରୁତର ଅବା ଧାରଣ କରୁଅଛି । ଇମରିଟବେଶରେ ଯେଉଁମାନେ ଖଜଣା ଦେଉଅଛନ୍ତି ସେମାନଙ୍କର ପରଜନ ଅଭାବ ହୋଇ ଅଛି ।

ଆୟର୍ଲଣ୍ଡର ଡିଲନ ସାହେବ ମୁକ୍ତି ପାଇଥିବା ବିଷୟ ପାଠକମାନଙ୍କୁ ଜଣାଇଅଛୁଁ । ତାଙ୍କର ତେଜ ଅକ୍ଷୁଣ୍ଣ ରହି ଅଛି । ଲଣ୍ଡନନଗରରୁ ଆସିଥିବା ତାରଟମାସ ତା ୪ ରିଖର ତାର ସମ୍ବାଦରୁ ପ୍ରକାଶ ଯେ ତହିଁ ପୂର୍ବଦିନରେ ପାର୍ଲିମେଣ୍ଟ ମହାସଭାରେ ଆୟର୍ଲଣ୍ଡ ସେନ ଘୋର ତର୍କ ବିତର୍କ ହୋଇ ଥିଲା । ଡିଲନ ସାହେବ ତେଜସ୍ୱୀ ବକ୍ତୃତାଦ୍ୱାରା ଆୟର୍ଲଣ୍ଡର ସଭାମାନ ଦମନ କରିବା ବିଷୟରେ ଗବର୍ଣ୍ଣମେଣ୍ଟର କାର୍ଯ୍ୟକୁ ନିନ୍ଦାକରି କହିଲେ ଯେ ଆୟର୍ଲଣ୍ଡରେ ଯେବେ ରକ୍ତପାତ ହୁଏ ତାହା ହେଲେ ତନ୍ନିମିତ୍ତ ଗବର୍ଣ୍ଣମେଣ୍ଟ ଦାୟୀ ଅଟନ୍ତି ।— ପାଠକେ ! ଏ ବକ୍ତୃତାର ମର୍ମ ଉପ୍ଲବ୍ଧି କରି ଦେଖ !! ପ୍ରକୃତକଥା ମନ୍ତ୍ରିବର ଗ୍ଲାଡ଼ଷ୍ଟୋନଙ୍କ ମତ ସମର୍ଥିତ ନ ହେଲେ ଆୟର୍ଲଣ୍ଡରେ ରୁଦ୍ରକାଣ୍ଡ ଲାଗିବ ନିତାନ୍ତ ସମ୍ଭବ ।

ତାରଟମାସ ତା ୨ ରିଖ ରାତ୍ର ପ ୧୦ ଘଣ୍ଟା ମି ୭ ଏଟ ବାଜିଥିବା ସମୟରେ ସମ୍ବଲପାହାଡ଼ଠାରେ ପ୍ରାୟ ୨୦୦ ଗ୍ରାମବ୍ୟାପି ଭୂମିକମ୍ପ ଅନୁଭୂତ ହୋଇଥିଲା । ଏହାରଦିନ ପୂର୍ବରୁ ପଶ୍ଚିମକୁ ଥିଲା ଏବଂ ସେ ସମୟରେ ଭୂମି ପାଣି ଉଠିଥିବାର ଦେଖି ଜଣାଯାଇଥିଲା ।— ଯେଉଁ ସମ୍ବଲପାହାଡ଼ ଏହାରୂପ ସନ ୨ ଭୂମିକମ୍ପମାନଙ୍କର ଅବାସ ଭୂମି ତାହାକୁ ଆମ୍ଭମାନଙ୍କର ବଡ଼ଲାଟ ବାହାଦୂରମାନେ ସ୍ୱର୍ଗପ୍ରାପ୍ୟ ମଣନ୍ତି । ମସୁରିପାହାଡ଼ରେ ମଧ୍ୟ ଏହି ଏହି ସମୟରେ ଭୂମିକମ୍ପ ହୋଇଥିଲା ।

ସମ୍ବାଦ ଏରୂପ ଯେ କର୍ମୀଙ୍କ ମଧ୍ୟ ହେବାରୁ ପର୍ତ୍ତୁଗାଲ ଓ ଜାଞ୍ଜିବାରର ଗୋଳମାଳ ନିବାରିତ ହୋଇଅଛି ।

## କେନ୍ଦ୍ରାପଡ଼ା ସମ୍ବାଦ ।

ହୋଲି ଉପଲକ୍ଷରେ କେନ୍ଦ୍ରପଡ଼ାରେ ଟ ୧୫୪ ଙ୍କା ଶୁଦ୍ଧା ସଂଗୃହୀତ ହୋଇଥିଲା ତନ୍ମଧ୍ୟରେ ଜଗନ୍ନାଥ ବାବୁ ଟ ୨୫ ଙ୍କା ପଦ୍ମବାବୁ ଟ ୨୫ ଙ୍କା ପଦ୍ମନାଭ ନାୟକ ଟ ୨୫ ଙ୍କା ଓ ପ୍ରେଜର ଟ ୧୨ ଙ୍କା ଦେଇଥିଲେ ।

କେନ୍ଦ୍ରାପଡ଼ା ଇଂରାଜୀ ବିଦ୍ୟାଳୟ ସମ୍ପ୍ରଦାୟ ପକ୍କା ହେବାର ସ୍ଥିର ହୋଇଅଛି ହିସାବ କରି ଜଣାହୋଇଅଛି ସେଥିରେ ଟ ୪୦୦୦ ଙ୍କା ଲାଗିବ ଏ ମହତ୍‌କାର୍ଯ୍ୟରେ ଦେଶୀୟ ଓ ବଦେଶୀୟ ଉଚ୍ଚ ପଦସ୍ଥ ଲୋକମାନଙ୍କର ସମ୍ପୂର୍ଣ୍ଣ ସାହାଯ୍ୟ ଆବଶ୍ୟକ କରଇ ।

Split by PDF Splitter



ଜୁବିଲିବିନ କେନ୍ଦ୍ରାପଡ଼ା ସ୍କୁଲର ୧ମ ୨ୟ ୩ୟ ଶ୍ରେଣୀ ଛାତ୍ରମାନେ ଗୋଟିଏ ସାହିତ୍ୟ ଅସୋସିଏସନ ସ୍ଥାପନ କରିଅଛନ୍ତି ଏବଂ ତାହାର ନାମ ଜୁବିଲି ମିଟିଂ ।

ତା ୧୬ ରିଖ ସ୍କୁଲର ଜୁବିଲି ଉପଲକ୍ଷେ ଏଠା ଡି, ପି, ଡବଲିଉ ସୁପରିଣ୍ଟେଣ୍ଡେଣ୍ଟ ବାବୁ ପ୍ରସନ୍ନକୁମାର ପାଲ ମହାଶୟ ନିଜବ୍ୟୟରେ ଏଠାର ସମସ୍ତ ଭଦ୍ରଲୋକଙ୍କୁ ପଲାନ୍ନ ପ୍ରଭୃତି ଗୁରୁଭୋଜନ ପ୍ରଦାନ କରିଥିଲେ ।

ଫେବୃଏରୀମାସ ତା ୨୭ ରିଖରେ ପଟ୍ଟାମୁଣ୍ଡାଇର ଜମିଦାର ମିତ୍ରଙ୍କର ନୂତନ ଅଟ୍ଟାଳିକାର ଦ୍ୱାରୋଦ୍‌ଘାଟନ କାର୍ଯ୍ୟ ମହାସମାରୋହରେ ହୋଇଥିଲା ।

ସାମୟିକ ରକ୍ଷକ କାର୍ଯ୍ୟ ଉଭୟ ଗୃହାରୁ ୫୬୨ ଙ୍କା ଉଦ୍ଧୃତ ହେଲା ସେ ଟଙ୍କାରେ ତଳଲିଖିତ ଯୋଡ଼ିଏ କାର୍ଯ୍ୟ ହେବାର ସ୍ଥିର ହୋଇଅଛି । ୫୩୦ ଙ୍କା ଖର୍ଚ୍ଚରେ ସବ୍‌ଡିଭିଜନକଚେରୀ ହତାମଧ୍ୟରେ ଗୋଟିଏ Sundial ସ୍ଥାପିତ ହେବ ଏବଂ ଲଞ୍ଚିପୁର କାଠପୋଲରେ ଗୋଟିଏ ପଲ୍ଲାବାଣି ହେବ । ଯଦି ଉକ୍ତ ଉଭୟକାର୍ଯ୍ୟରେ ଟଙ୍କା ଅନଟନ ହେବ ତେବେ ମିଉନିସିପାଲଟୀ ଏଥିରେ ସାହାଯ୍ୟ କରିବେ ।

ଏବର୍ଷ କେନ୍ଦ୍ରାପଡ଼ା ସ୍କୁଲରୁ ୫ ଜଣ ପରୀକ୍ଷାର୍ଥୀ ଅଗାମି ଏଣ୍ଟ୍ରେନ୍ସପରୀକ୍ଷାକୁ ଯିବାର ସ୍ଥିର ହୋଇଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁତ ମାନ୍ୟବର ଉତ୍କଳ ଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ମୋହର ଏକାନ୍ତ ବିଶ୍ୱାସ ଯେ, ଇଂରେଜମାନଙ୍କ ଶାସନାଧୀନ ପ୍ରଦେଶରେ ସୁରତଖେଳ (Lottery) ସମ୍ପୂର୍ଣ୍ଣରୂପେ ନିଷେଧ ଏବଂ ପେନାଲ କୋଡ଼ରେ ତହିଁର ଦଣ୍ଡବିଧାନ ଲିଖିତ ହୋଇଅଛି । ଏଥିପୂର୍ବେ ଏ ନଗରକୁ ତୁଳସୀଏ ସାହେବ ଆସି ସୁରତର ବିଜ୍ଞାପନ ପ୍ରକାଶକରି ପଣେଇଣ୍ଟାଏ ଲୋକଙ୍କର ନେଇଥିଲେ ପୁନଶ୍ଚ ଅଜକାଲି ଏ, ସ୍ମିର୍ଥ ସ୍କ୍ୱାୟରର ଖଣ୍ଡିଏ "ଅଦୃଷ୍ଟ ପରୀକ୍ଷା" ର ବିଜ୍ଞାପନ ଛାପା ହୋଇଅଛି । କେଉଁ ଆଇନ ଅନୁସାରେ ଏପରି କାର୍ଯ୍ୟ ହେଉଅଛି ଏବଂ ପୁଲିସ କାହିଁକି ଏଥିର ତତ୍ତ୍ୱ ନେଉ ନାହାନ୍ତି ଏ ବିଷୟରେ ଅନେକ ସନ୍ଦିହାନ ହେଉଅଛନ୍ତି । ଅମ୍ଭମାନଙ୍କର ବିଶେଷ ପ୍ରାର୍ଥନା ଯେ କର୍ତ୍ତୃପକ୍ଷୀୟମାନେ ଏ ବିଷୟରେ ଦୃଷ୍ଟିପାତ କରନ୍ତୁ । ଇତି ।

୧୬।୩।୮୭ } ଆପଣଙ୍କର ।
କଟକ } ଶ୍ରୀ—ମ

---

## ଅଦର୍ଶ ବୋକା-ରହସ୍ୟ ।

ମହାଶୟ !

ଏକଦା ଦୁଇଜଣ ବାବୁ ଏକସ୍ଥାନରେ ବସି କଥୋପକଥନ କରୁଥିଲେ । ସେମାନଙ୍କ ମଧ୍ୟରେ ଜଣେ ତୈଳବ୍ୟବସାୟୀ ବା "ତେଲି" ସୁତରାଂ ସେ କୁଳୋଚିତ "କାଣ୍ଡିମିଶା" ବୁଦ୍ଧି ଜଗି ରଖି ବ୍ୟବହାର କରୁଥିଲେ । ଅନ୍ୟଜଣକ ମା ସରସ୍ୱତୀଙ୍କ ବରପୁତ୍ର । ତାଙ୍କର "ପିଉଦଅ" ବୁଦ୍ଧିର ମହିମା ବିଚିତ୍ର । କେହି କୌଣସି ଜଘନ୍ୟ କାର୍ଯ୍ୟ କଲେ, ଚକ୍ଷୁଲଜ୍ଜାରେ ତାହା ଗୋପନ ନ କରି ବରଂ ସାଧାରଣଙ୍କ ନିକଟରେ ତାହା ପ୍ରକାଶ କରିବା, ସତ୍ୟର ମର୍ଯ୍ୟାଦା ରକ୍ଷା କରିବା ନିମିତ୍ତ ଅନ୍ୟାୟାଗ୍ରସ୍ତ ବନ୍ଧୁର ମର୍ଯ୍ୟାଦା ପ୍ରତି ଦୃଷ୍ଟି ନ ରଖିବା ଏବଂ ସାଧାରଣଙ୍କ ଉପକାର ନିମିତ୍ତ କୌଣସି ଦୁଃସାହସି କାର୍ଯ୍ୟରେ ପ୍ରବୃତ୍ତ ହେବା ପ୍ରଭୃତି କାର୍ଯ୍ୟ ସେମାନଙ୍କ ବିବେଚନାରେ ନିତାନ୍ତ ଘୃଣିତ ଏବଂ ଲଜ୍ଜାଜନକ । ଜୁବିଲି ଉପଲକ୍ଷେ ପଣ ପଣ ହୋଇ ଉପାଧି ବିତରିତ ହୋଇଥିବା ପ୍ରତ୍ୟକ୍ଷେ ଏତାଦୃଶ ସୂକ୍ଷ୍ମଦର୍ଶୀ ବ୍ୟକ୍ତିମାନେ ଲାଙ୍ଗୁଳଶୂନ୍ୟ ହୋଇଥିବା ବଡ଼ ଶୋଚନୀୟ । କାଳେ ଶେଷରେ ସେମାନଙ୍କ ଉପାଧି ନିମିତ୍ତ ଅମ୍ଭମାନଙ୍କ ସ୍ୱଜାତିପ୍ରେମିକଙ୍କ ନାମ କଳଙ୍କିତ ହେବ, ଏହି ଭୟରେ ମୁଁ ସ୍ୱଜାତିର ମର୍ଯ୍ୟାଦା ରକ୍ଷା ନିମିତ୍ତ ସେମାନଙ୍କୁ କ୍ରମାନ୍ୱୟେ "ଶଙ୍କଷ୍ଟା ସାନ୍ତୁ" ଏବଂ "ବୁଦ୍ଧିକୁବେର ଦାସ" ଉପାଧି ପ୍ରଦାନ କଲି ।

ଶ୍ରୀ ଧୂଆଁବାଣ ।

---

ମହାଶୟ !

ଗତମାସ ତା ୩ ରିଖର ପ୍ରକାଶିତ ୯ମ ସଂଖ୍ୟକ ବାଲେଶ୍ୱର ସମ୍ବାଦ ବାହିକାରେ ଖଣ୍ଡାଏତକୁଳ ଚୂଡ଼ାମଣି ବାବୁ ରମାନାଥଙ୍କ ଶୂରତ୍ୱ ବିଷୟ ପାଠକରି ଅମ୍ଭେ ପରମାହ୍ଲାଦିତ ହୋଇଅଛୁଁ । ବାହବା ବାବୁ ମହାଶୟଙ୍କ ଶୌର୍ଯ୍ୟବର୍ଣ୍ଣନା କରୁ? ତାଙ୍କ ପୂର୍ବପୁରୁଷମାନେ ସୈନ୍ୟମାନଙ୍କର ନେତା ହୋଇ ଦକ୍ଷିଣରୁ ବାଲେଶ୍ୱରକୁ ଆସିଥିଲେ ବୋଲି ଲେଖିଅଛନ୍ତି । ଏକଥା ପାଠକରି ବାବୁ ରମାନାଥଙ୍କ ପୂର୍ବପୁରୁଷମାନେ କେଉଁ ସମୟରେ କେଉଁ ରାଜାଙ୍କର କେଉଁ ସୈନ୍ୟମାନଙ୍କର ନେତା ହୋଇ ଆସି କେଉଁ ଯୁଦ୍ଧରେ ଜୟ ବା, ପରାଜୟଲାଭ କରିଥିଲେ ଏ ବିଷୟ ଜାଣିବାକୁ ଅମ୍ଭପରି ଔତ୍ସୁକ୍ୟମାନଙ୍କର ବଡ଼ କୌତୂହଳ ହୋଇଅଛି । ସମ୍ବାଦବାହିକା ଏହିସମସ୍ତ ଐତିହାସିକ ରହସ୍ୟ ପ୍ରକାଶ କଲେ ଅନେକ ଖଣ୍ଡାଏତ ପୁଏ ଆପଣାକୁ କୃତାର୍ଥ ମଣିବେ । ଅମ୍ଭଙ୍କ ବାଲେଶ୍ୱରବାସୀ ଜଣେ ଖଣ୍ଡାଏତଙ୍କର କଥୋପକଥନ ସମୟରେ ସେ ଆପଣାକୁ କୃଷ୍ଣ ରାଜବଂଶୀୟ ଖଣ୍ଡାଏତବୋଲି ପରିଚୟ ଦେଲେ । ବାବୁ ରମାନାଥ ସେହି ରାଜବଂଶୀୟ କିମ୍ବା ଅନ୍ୟ ରାଜବଂଶୀୟ ଖଣ୍ଡାଏତ ହୋଇଥିବେ । ଏ ବାବୁ ସ୍କୁଲ ସବ୍ ଇନସ୍‌ପେକ୍ଟର ବାବୁ ଗୋଲୋକନାଥ ଦାସଙ୍କର ପୁତ୍ର ବୋଲି ଅମ୍ଭେମାନେ ଜାଣୁ, ତାଙ୍କ ପୂର୍ବପୁରୁଷମାନେ ଏତାଦୃଶ ବିଖ୍ୟାତ ସେନାପତି ଥିବା କଥା ଅମ୍ଭେ ଗୋଲୋକନାଥ ବାବୁଙ୍କଠାରୁ କେବେହେଁ ଶୁଣି ନାହୁଁ । ବାହବା ତାଙ୍କର ବଂଶାବଳୀ ଅନୁସନ୍ଧାନକରି ପ୍ରକାଶ କରୁଥିବାର ଦେଖି ପ୍ରଶଂସା ନ କରି ରହିପାରୁ ନାହୁଁ । ଇତି ।

କଟକ } ବଶମ୍ବଦ
୫।୩।୮୭ } ଜଣେ ଓଡ଼ିଆ ।

---

## କପିଳାସ ଶିବରାତ୍ରି ।

ମହାଶୟ !

ଏଥର ଶିବରାତ୍ରିର ମେଳା ଗତମାସ ତା ୨୧ ରିଖ ସୋମବାର ଦିନ ନିର୍ବିଘ୍ନ ଏବଂ ନିରାପଦରେ ନିର୍ବାହ ହେଲା । ଏଥିରେ ମାରିଭୟର ଭୟ ଆଶଙ୍କା ଥାଏ ତାହା ଈଶ୍ୱରଙ୍କ କୃପାରୁ ଘଟି ନାହିଁ । ବଡ଼ ଆନନ୍ଦର ବିଷୟ । ଏବର୍ଷ ଯାତ୍ରିର ସଂଖ୍ୟା ୧୦ ହଜାରରୁ ନ୍ୟୁନ ନ ଥିଲେ । ଏମାନଙ୍କ ମଧ୍ୟରୁ ସ୍ତ୍ରୀର ସଂଖ୍ୟା ଅଧିକ ବୋଲି ବୋଧ ହେଲା । ଅମ୍ଭମାନଙ୍କର ଅସିଷ୍ଟାଣ୍ଟ ମାଜିଷ୍ଟର ବାବୁ ଶ୍ରୀ ଉପେନ୍ଦ୍ରଚନ୍ଦ୍ର ସରକାର ସେଠାରୁ ଯାଇ ପୁଲିସ କର୍ମଚାରୀମାନଙ୍କଦ୍ୱାରା ଯାତ୍ରିମାନଙ୍କର ଅନେକ ଯତ୍ନ ନେଇଥିଲେ । ଏ ବଡ଼ ଖୁସିର କଥା । କପିଳାସରେ ଏଥର ଯାହାକୁ ଯାତ୍ରିମାନଙ୍କର ଯେତେଦୂର ଯନ୍ତ୍ରଣା ଆଉ କଷ୍ଟ ଭୋଗ କରିବା ଦେଖାଯାଇଥିଲା । ମାନେଜର ବାବୁ ଶ୍ରୀ ମୃଦାନନ୍ଦଚରଣ ଭାଦୁଡ଼ି ମହାଶୟଙ୍କ ଯତ୍ନଦ୍ୱାରା ଅନୁଦାନ ଦେଇ ତାହା ଅନେକ ପରିବର୍ତ୍ତନ ହୋଇଅଛି କେବଳ ନବାଗତଙ୍କ ନଜରରେ କାର୍ଯ୍ୟଟି ଅବଶିଷ୍ଟ ରହି ବଡ଼ ଜଦାକାର ଦେଖାଉଅଛି । ଆଶା କରୁଁ ଏ ମହାଶୟଙ୍କଦ୍ୱାରା ଅମ୍ଭମାନଙ୍କ ମନସ୍କାମନା ଶୀଘ୍ର ପୂର୍ଣ୍ଣ ହେବ । ହେତୁନର ମୋହନ, ସୁବର୍ଣ୍ଣଅଳୀର କାଠର କାର୍ଯ୍ୟ ଦେଖିଲେ ମନ ଅବଶ୍ୟ

Digitized by srujanika@gmail.com

Split by PDF Splitter



ଭୋଗକରି ହୋଇଯିବ । ବହୁବ୍ୟୟ ହେଲେ-ସୁଦ୍ଧା ସେହିକାର୍ଯ୍ୟ ହେବା ନିତାନ୍ତ ଆବଶ୍ୟକ ବୋଧହୁଏ । କାହିଁ ସେପରି କାରିଗର ଆଉ ଦେଖାଯାଉ ନାହାନ୍ତି ! ଏହାର ଦୁରବସ୍ଥା ଦେଖିଲେ କାହାର ମନୋଦୁଃଖ ନ ହେବ ? ବର୍ତ୍ତମାନ ଯଦି ଏଥିପ୍ରତି ଶୀଘ୍ର ଦୃଷ୍ଟି ରଖା ନ ଯାଇ ଏହାର ରକ୍ଷଣାବେକ୍ଷଣ ବିଷୟରେ ବନ୍ଦୋବସ୍ତ ନ ଯାଏ । ତାହା ହେଲେ ଏଭଳି କାର୍ଯ୍ୟ ହୋଇପାରିବ ନାହିଁ । ମନରେ ଗୋଟିଏ ବିଶେଷ ଚିରକାଳନିମନ୍ତେ ଦୁଃଖ ରହିଯିବ । ମହାପ୍ରଭୁଙ୍କ ଭଣ୍ଡାରଘର ବର୍ତ୍ତମାନ ଅନ୍ତୁର ଭଗ୍ନାଳୟ । ମନୁଷ୍ୟ ଜୀବନରେ ବଡ ସଂଶୟ । ଏସବୁ ପରିବର୍ତ୍ତନ ଦେଖିବା କି ଉଚିତ ବୋଧହୁଏ ନା ? ଯଦି ବୋଲନ୍ତି ହୁଏ ତେବେ ତହିଁର ଅତିଶୀଘ୍ର ପ୍ରତିକାର କରିବା ଉଚିତ । ଯାହା ହେଉ ଉଲ୍ଲିଖିତ କାରୁମହାଶୟଙ୍କୁ ବାରମ୍ବାର ବିନୟପୂର୍ବକ ପ୍ରାର୍ଥନା କରି ଅନୁରୋଧ କରୁଁ ଯେ ବାକି ଅଭାବମାନ ଶୀଘ୍ର ମୋଚନକରି ଚନ୍ଦ୍ରଶେଖର ମହାପ୍ରଭୁଙ୍କର ସ୍ନେହଭାଜନ ହେଉନ୍ତୁ । ଇତି ।

## ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ବାବୁ କ୍ଷେମମୋହନ ଗୁପ୍ତ | କଟକ ଅଗ୍ରିମ | ଟ ୮ |
| „ ଯଶୋଧରଣ ସାନ୍ତରା ଯାଜପୁର | „ | ଟ ୩୮ |
| [illegible] ପଣ୍ଡା | „ | ଟ ୩୮ |
| ବାବୁ ମହାଦେବ ପରମଗୁରୁ ଡିପିଲ କ୍ଲାସ | | ଟ ୧୦୮ |
| „ ସନ୍ତୋଷଚନ୍ଦ୍ର | କଟକ ଅଗ୍ରିମ | ଟ ୨୮ |

## ବିଜ୍ଞାପନ ।

କଟକ ମିଉନିସିପାଲିଟୀ ।

ବିଜ୍ଞାପନ ।

ଯେହେତୁ ଚଉଧୁରୀ ବଜାର ମିଉନିସିପଲ ମାର୍କେଟ ମଧ୍ୟସ୍ଥିତ ପଥରଗୋଦାମ ଭଡ଼ା ଦିଆଯିବା ନିମନ୍ତେ ଖାଲି ଅଛି ଯେ କେହି ଉକ୍ତ ଗୋଦାମ ଭଡ଼ା ନେବାକୁ ଇଚ୍ଛା କରୁଥିବେ ସେମାନେ ମାସିକ ଟ ୧୫ କୀ ଭଡ଼ାରୁ ନ୍ୟୂନ ନୁହେ ଏପରି କୌଣସି ଏକରେଣ୍ଟରେ ପାଇପାରିବେ ଗ୍ରହଣେଚ୍ଛୁମାନେ ଚଳିତ ମାର୍ଚ୍ଚମାସ ତା ୩୧ ରିଖ ପୂର୍ବେ ବନୋବସ୍ତ କରିବେ । ଇତି ।

୧୨।୩।୮୭ } ଆଜ୍ଞାକ୍ରମେ ଶ୍ରୀ କ୍ଷେତ୍ରମୋହନ ଗୁପ୍ତ ଟାଉନ ଓଭରସିୟର

ବିଶେଷ ଦ୍ରଷ୍ଟବ୍ୟ ! ବିଶେଷ ଦ୍ରଷ୍ଟବ୍ୟ !!

ବିଶେଷ ଦ୍ରଷ୍ଟବ୍ୟ !!!

ରାଜା କୃଷ୍ଣସିଂହଙ୍କ କୃତ

# ମହାଭାରତ ।

—୦—

ମହାଭାରତ ଯେ କେମନ୍ତ ପରମାଦରଣୀୟ ଗ୍ରନ୍ଥ ଏହା ପ୍ରାୟ କୌଣସି ହିନ୍ଦୁମଣ୍ଡଳୀରେ ଅପ୍ରକାଶ୍ୟ ନାହିଁ । ଏ ମହାଗ୍ରନ୍ଥକୁ ଧର୍ମ୍ମ ଅର୍ଥ କାମ ଓ ମୋକ୍ଷ କାମନାରେ ବିଶୁଦ୍ଧମାନସରେ ସତତ୍ପର ଶ୍ରବଣ କରିବାର ପ୍ରଥା ଥିବା ପ୍ରତ୍ୟକ୍ଷେ କେବଳ ପ୍ରଧାନ ପ୍ରଧାନ ଗୃହସ୍ଥମାନଙ୍କ ଗୃହରେ ଏଥିର ଏକ ଏକ ସାର ଯତ୍ନପୂର୍ବକ ସଞ୍ଚିତ ହୋଇ ରହିଥିବାର ଲକ୍ଷିତ ହୁଏ । ଏଥିର ପୂର୍ଣ୍ଣ ଅଷ୍ଟାଦଶ ପର୍ବ ଲେଖାଇ ରଖିବା ଯେମନ୍ତ ସୁବୃହତ ବ୍ୟାପାର ତେମନ୍ତ ବହୁବ୍ୟୟସାଧ୍ୟ । ସୁତରାଂ ଏଥିର ଅଭାବ ସାଧାରଣରେ ସର୍ବଦା ବିଦ୍ୟମାନ ରହିଅଛି ।

ଦେଶହିତୈଷୀ ବିଜ୍ଞ ଓ ଧନବନ୍ତଙ୍କ ସାହାଯ୍ୟ ବ୍ୟତିରେକେ ଏତାଦୃଶ ଅଭାବ ନିବାରିତ ହେବାର ଉପାୟାନ୍ତର ନାହିଁ । ଏଥିପାଇଁ ଆମ୍ଭେମାନେ ଏକାବେଳକେ ସମସ୍ତ ବ୍ୟୟଭାର ବହନ କରିବାକୁ କାହାରିକି ଅନୁରୋଧ କରି ନ ପାରୁଁ କେବଳ ଏଥିର ମର୍ମ୍ମଗ୍ରାହୀ ଓ ଅଭିଲାଷିଗଣ ଏଥିରୁ ଏକ ଏକ ସାର ଅନୁଗ୍ରହପୂର୍ବକ ଗ୍ରହଣ କରିବା ବିଷୟରେ କୃତସଂକଳ୍ପ ହେଲେ ଆମ୍ଭେମାନେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଅତି ସ୍ୱଳ୍ପମୂଲ୍ୟରେ ସାଧାରଣଙ୍କୁ ଉକ୍ତ ଗ୍ରନ୍ଥ ଯୋଗାଇବା ବିଷୟରେ ଅଗ୍ରସର ହେବୁଁ ।

ଏ ପ୍ରଦେଶରେ ଦୁଇପ୍ରକାର ମହାଭାରତ ପ୍ରଚଳିତ ଅଛି ଅର୍ଥାତ୍ ଶାରଳାଦାସଙ୍କ କୃତ ଓ କୃଷ୍ଣସିଂହଙ୍କ କୃତ । ଶାରଳାଦାସ ମହାଭାରତଠାରୁ କୃଷ୍ଣସିଂହଙ୍କର ମହାଭାରତ ବୃହତ୍ ଓ ଉତ୍କୃଷ୍ଟ, କାରଣ ଏହା ସଂସ୍କୃତମହାଭାରତରୁ ବିଶଦଭାଷାରେ ଅନୁବାଦିତ । ଏଥିର ଉଦ୍‌ଯୋଗପର୍ବରେ ଭଗବଦ୍‌ଗୀତା ସମ୍ପୂର୍ଣ୍ଣ ଶାନ୍ତିପର୍ବରେ ରାଜଧର୍ମ, ଦାନଧର୍ମ, ମୋକ୍ଷଧର୍ମ ଓ ଶେଷଭାଗରେ ହରିବଂଶପର୍ବ ଇତ୍ୟାଦି ବହୁବିଧ ଉତ୍ତମ ଉତ୍ତମ ବିଷୟ ସନ୍ନିବିଷ୍ଟ ଅଛି । ଶାରଳାଦାସ ମହାଭାରତରେ ଏସବୁ ବିଷୟର ଖର୍ବତା ଲକ୍ଷିତ ହୁଏ । ଯେ ଏ ମହାଭାରତକୁ ଥରେ ମାତ୍ର ଶୁଣିଅଛନ୍ତି ବା ଶୁଣିବେ, ତାହାଙ୍କର ଶାରଳାଦାସ ମହାଭାରତ ଶ୍ରବଣରେ କଦାପି ତୃପ୍ତି ଜାତ ହେବ ନାହିଁ ଏଣୁକରି ଏହି ଉତ୍କୃଷ୍ଟଗ୍ରନ୍ଥକୁ ଛପା କରାଇବା ନିମନ୍ତେ ଆମ୍ଭେମାନେ ମନୋନୀତ କରିଅଛୁଁ ।

ଆମ୍ଭେମାନେ ଅନୁମାନ କରୁଁ କି ଏ ଗ୍ରନ୍ଥ ରଏଲ ଆଠପେଜି ଆକାରର ପାଁ ୬୦୦ ରମ ଅର୍ଥାତ୍ ପୃ ୪୮୦୦ ଷ୍ଠା ହେବ ଏବଂ ସାଧ୍ୟମତ ଅଳ୍ପସମୟରେ ସମ୍ପୂର୍ଣ୍ଣ ପୁସ୍ତକ ଯୋଗାଇ ନ ପାରିଲେ ଗ୍ରାହକମାନଙ୍କର ତୃପ୍ତି ନ ହେବା-ଦୃଷ୍ଟିରେ ପ୍ରତିମାସରେ ପୃ ୧୪୪ ଷ୍ଠା ଲେଖାଏ ମୁଦ୍ରିତ କରି ନ୍ୟୂନାଧିକ ବ ୨୫ ର୍ଷମଧ୍ୟରେ ପୁସ୍ତକ ସମ୍ପୂର୍ଣ୍ଣ କରିବାକୁ ସଂକଳ୍ପ କରି ଅଛୁଁ; ମାତ୍ର ଅନ୍ୟୂନ ଶହେଶତ ଗ୍ରାହକ ନ ହେଲେ କାର୍ଯ୍ୟାରମ୍ଭ କରିପାରିବୁଁ ନାହିଁ । ଗ୍ରାହକମାନେ ଆପଣା ଆପଣା ସୁବିଧାକ୍ରମେ ତଳଲିଖିତ ନିୟମରେ ମୂଲ୍ୟ ଦେଇ ପାରିବେ ଯଥା;—

| | | | |
|---|---|---|---|
| ଏଥିର ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ଅଗ୍ରିମମୂଲ୍ୟ | | | |
| ସହର ନିମିତ୍ତ | ଟ ୧୦ | | |
| ଡାକମାସୁଲ ସହିତ ମଫସଲ ନିମିତ୍ତ | ଟ ୧୫ | | |
| ତ୍ରୈମାସିକ ଅଗ୍ରିମ ମୂଲ୍ୟ | ଟ ୨୮ | ଡାକମାସୁଲ | ଟ ୦।୶ |
| ଷାଣ୍ମାସିକ „ | ଟ ୪୮ | „ | ଟ ୦।୶ |
| ବାର୍ଷିକ „ | ଟ ୬୮ | „ | ଟ ୦।୩ |

ଏତାଦୃଶ ସ୍ୱଳ୍ପମୂଲ୍ୟରେ ଏ ବୃହତ୍ ମହାଭାରତ ଲଭିବାର ସୁଯୋଗକୁ ବିଜ୍ଞ, ଧାର୍ମିକ ଓ ବିଦ୍ୟାର୍ଥୀ ବ୍ୟକ୍ତିମାତ୍ରେ ଉପେକ୍ଷା ନ କରିବେ ଏହା ସେମାନଙ୍କଠାରେ ଏକାନ୍ତ ପ୍ରାର୍ଥନା ।

ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରିବେ ସେମାନେ ଆପଣା ନାମ, ଧାମ ଓ ଯେଉଁପ୍ରକାରେ ମୂଲ୍ୟ ଦେବାକୁ ପ୍ରସ୍ତୁତ ହେବେ ତାହା ଲେଖି ପଠାଇବେ । ଗ୍ରାହକ ସଂଖ୍ୟା ପୂର୍ଣ୍ଣ ହେବାର ଏକମାସ ଉତ୍ତାରୁ କାର୍ଯ୍ୟାରମ୍ଭ ହେବ ଏବଂ ତହିଁପୂର୍ବରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

ପ୍ରକାଶ ଥାଉ କି ଯେଉଁମାନେ କି ୧୦ ଣ ଗ୍ରାହକଙ୍କର ଏକବର୍ଷର ମୂଲ୍ୟ ଅଗ୍ରିମ ଏକକାଳୀନ ଦାନକରିବେ ସେମାନଙ୍କ ନାମ ଏକ୍ସେଷ୍ଟ ଶ୍ରେଣୀଭୁକ୍ତ କରି ବିନା ମୂଲ୍ୟରେ ଏକ ସେଟ ମହାଭାରତ ଦାନ କରିବୁଁ ।

ଏହି ମହାଭାରତସମ୍ବନ୍ଧୀୟ ମୂଲ୍ୟ ଏବଂ ସମସ୍ତ ପତ୍ରାଦି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେଟେରୀ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ମାତ୍ର ଟଙ୍କାଇ ଅର୍ଥାତ୍ ଡବଲକାର୍ଡ ଅଥବା ଭ୍ୟାଲୁପେଏବଲ ଡାକ

Digitized by srujanika@gmail.com

ଟିକଟ ଏକଖଣ୍ଡ ନ ପଠାଇଲେ ଉତ୍ତର ଦଆଯିବ ନାହିଁ । ବିନା ବେରଂପତ୍ର ଗ୍ରାହ୍ୟ ହେବ ନାହିଁ

କଟକଟ୍ରିଙ୍କୁ ଅଫିସ
ଚଉଧୁରୀବଜାର କଟକ } ଶ୍ରୀଭଗୀରଥୀ ସାମନ୍ତ ପ୍ରକାଶକ

ବିଜ୍ଞାପନ ଦ୍ରଷ୍ଟବ୍ୟ ।

କେନ୍ଦ୍ରାପଡ଼ାସ୍ଥ ଡାକ୍ତର ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ପ୍ରସ୍ତୁତ ମେହରୋଗଗ୍ରସ୍ତ ମନୁଷ୍ୟମାନଙ୍କୁ ରୋଗରୁ ମୁକ୍ତ କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି । ଗତ ଦ୍ୱାଦଶବର୍ଷମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ରୋଗର ବିବରଣ ଜଣାଇଲେ ଅଳ୍ପ ବ୍ୟୟରେ ଅଳ୍ପଦିନ ମଧ୍ୟରେ ତୁମ୍ଭକୁ ଆରୋଗ୍ୟ କରିଦେବେ । ସେ ଅନେକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ବିକ୍ରୟ ହେଉଥିବା ନିମ୍ନଲିଖିତ ପୁସ୍ତକମାନଙ୍କର ମୂଲ୍ୟ କମା ହୋଇଅଛି । ଯଥା;—

| | |
|---|---|
| କାଞ୍ଚିକାବେରୀ ନାଟକ | ଟ ୦ । |
| ପ୍ରେମତରଙ୍ଗ ( ଗାଥା ) | ଟ [illegible] |
| ସ୍ୱପ୍ନପାଠ ୧ ମ ଭାଗ | ଟ ୦ । |
| „ ୨ ୟ ଭାଗ | ଟ ୦ । |
| „ ୩ ୟ ଭାଗ | ଟ ୦ ୮ |

# ମେହରୋଗ ।

[illegible] ମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉକ୍ତ ରୋଗ ନିବାରଣ କରିବାର ଉପାୟ ନୁହେ ସାମାନ୍ୟ ଅର୍ଥବ୍ୟୟ ସହକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାରୀତିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ସପ୍ତାହରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ସେମାନଙ୍କୁ ଔଷଧ ଓ [illegible] ସମସ୍ତ ପର୍ଯ୍ୟନ୍ତ ଫେରାଇ ଦିଆଯିବ । ରୋଗୀ [illegible] ପର୍ଯ୍ୟନ୍ତ ରହିବ । ଔଷଧର ଗୁଣ ବିଷୟରେ ଅଧିକ ନ ଲେଖି ଏତିକି କହିବା ଯେ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅଳ୍ପଦିନରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା [illegible] ନମ୍ବର ଭବନରେ ଜି, ଦେ, ସନ୍ସ କମ୍ପାନୀଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୮ ଟଙ୍କା । ପ୍ୟାକିଂ ଓ ଡାକମାଶୁଲ ପୃଥକ ।

# ବାଲି କାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀବଜାର ବାବୁ ଗୌରୀଶଙ୍କର ରାୟଙ୍କ କଣ୍ଟ୍ରାକ୍ଟରେ ବାବୁ ଅର୍ଜୁନ ଦାସ କମ୍ପାନୀଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୨ | ପଣ | ବାଲିକାଗଜ | ଟ ୧୫ ଟ ୨୮ |
| ୧୦ | ପଣ | „ | „ ଟ ୨। |
| ୮ | ପଣ | „ | „ ଟ ୧୮ |

ବେପାରୀମାନେ ଅର୍ଥାତ ଯେଉଁମାନେ ଏକାଥରେ ୧ ୫ ମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚଉଧୁରୀବଜାର ବଡ଼ ଜକାଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦରକୋଣା ଓ ବଙ୍ଗଳା ଓ ବେରହମପୁରର ଲୁଗା ଓ ଷ୍ଟେସନାରୀ ଓ ବିଲାତି ସମସ୍ତ ଜିନିଷ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଜଣାଇବାକୁ ଯାଉଅଛୁ [illegible] ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବିଲାତର ଝାଡ଼ ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁ । କେହି ଖରିଦ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯଦି ଉକ୍ତ ଝାଡ଼ମାନ ବିକ୍ରୟ ହେବା ପୂର୍ବେ ଆପଣା ମଜଲିସ ସକାଶେ ଭଡ଼ା ନେବାକୁ ଚାହିଁବେ ଏକ ରାତିକୁ ପ୍ରତି ଝାଡ଼ ଟ ୦।୫ ହିସାବରେ ଭଡ଼ା ଦେଲେ ପାଇ ପାରିବେ ! ମାତ୍ର ଝାଡ଼ର କୌଣସି ଅଂଶ ନଷ୍ଟ ହେଲେ ତାହାର ଦାୟୀ ରହିବେ । ଭଙ୍ଗ ହେଲେ ଝାଡ଼ର ପୂର୍ଣ୍ଣ ମୂଲ୍ୟ ଆମ୍ଭଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ।

ବଡ଼ର ଧୋତି ଓ [illegible] ପାଟକୂଳ ଓ ସୂତର ସେଟ ।
ବାଲି [illegible] ଓ [illegible] ଓ ସୂତା ।
ଦଶଟେଚ ଲାଠି ।
ରେଳ୍ଗପଟକଣ୍ଟ ।
ଚଉଦେସ ।
କଟକଣ୍ଟା ।
ଦଉଡ଼ି ଗୁଣ ଓ ସମସ୍ତ ପ୍ରକାର ।
ଗେଟ ଗାଡ଼ା ଓ ଘୋଡା ସହିତ ।
ଚିଙ୍ଗୁଳି ଖାପ ।
ରେଲଗାଡ଼ି ଓ ବେଢ଼ି ଘରେ ।

ଦୁଇ ଅର୍ଥାତ ଜନ୍ମ ରକ୍ଷା କାଗଜ ପେନ୍ସିଲ ଓ କଲମ ।
ପେଟେଣ୍ଟ କାନ୍ଧରେ ଯନ୍ତ୍ର ।
କାଚ ପ୍ରକାରର ୫୦ ବାଲିଶ ଓ ଲଣ୍ଠନ ।
ଦେଶୀ ଛାତ ।
ଚିଲ ଛତ ।
ନଳୀ ସାବୁନ ।
ତାକାଦି ଖଇବାର ଗର୍ଭ ରେ ଦୁଇ ପନ୍ଦର ପାଉ ।
ଟକୋର ଗେଟ—ଅର୍ଥାତ ସୁଲକ୍ଷଣ ।
ଅଫିସ ଛୁରି ।
ଔଷଧ ସୂଚ ଛତା ।
କପୂର ଅର ।
କୋଟଫୋଲାଣ ।
ଗୋଲହୁକର ଚେଆର ଓ ଲଣ୍ଠନ ଟେବୁଲରେ ଲାଗେ ।
ଲୁଣ୍ଠନ ବାଣ ଅର୍ଥାତ ଲେଖିବାକୁ ପଡ଼ ଓ ଶୁଖିଲେ କଳା ହେବ ।
ଖଇରା ଦଣ୍ଡା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ
ପକେଟବୁକ ରଂଗୀନ ପାଟ ସହିତ ଟ ୦ ।୮୦
ମୋଜା ଓ ଗୋଞ୍ଜିବନ୍ଧ
ଉତ୍ତମ ଧୂପ ନଟୋଇଟ
ଚଉଡ଼ା ବାଇଚ କଳା
କଲିଓ ପାଉଡ଼ର ଶୌଖି ଟିଟା

ମାଙ୍କ ଦାଢ଼ୀ ଲୁଗାରେ ଦାଗ ଦେଲେ ଧୋଇ ଗଲେ ଉଠିବ ନାହିଁ ।
୧, କୋମ୍ପାନୀ ରଙ୍ଗ ଫିତା ଜାମିନ ଓ ଲୁଗା ।
ଚଟଣ ଅପୋଷା ।
ଏକକ ଜାଇଙ୍ଗ ।
ସୁଆଁ ଗେଜ ।
ଅଟମେଟିକ ପେନ୍ସିଲ ଅର୍ଥାତ ଏ ପେନ୍ସିଲରେ ସିସା କଟିବା ଦରକାର ହୁଏ ନାହିଁ ଲେଖା ସରିଲେ ଆଉ ଦେଲେ ଚମ୍ପି ନେଉଥିବେ ।
କଟିଙ୍ଗ ପେଡ ।
ଦରିବି ଦେଖିବା କାଚ ଟାଙ୍ଗ ।
ଗରିବର ଆଲୁଅ ଅଥାତ ପଠାଇ ମଶିଣ ଓ ତାହାର ଉପକରଣ ।
ସନଖାନା ।
ବେଷ୍ଟ ଓ ପେନ୍ସିଲ ଓ ମୋଡ଼କ ।
ସାଜ୍ ସିନ୍ଦୂର ଗାମୁଛା ଓ ଗୋଲ ଓ ଇତ୍ୟାଦି ।
ମସ୍ୟାଟା ଓ ଶିଲ୍ପ ପାଉ ପାଉଡ଼ର ଓ ଯାତ୍ରୀ ।
ଛୁରିଷ୍ଟ ବାକ

ଆମ୍ଭେମାନଙ୍କ ଦର ଦସ୍ତାଗ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । [illegible] ନିମ୍ନରେ ଲେଖାଗଲା ।—

ପ୍ରଥମଥର ସକାଶେ

| | |
|---|---|
| ଆଠ ଧାଡ଼ି | ଟ ୦୮ |
| ଅଷ୍ଟ ଧାଡ଼ି | ଟ ୦୧ |
| ପୂର୍ଣ୍ଣ ପତ୍ର ପୃଷ୍ଠା | ଟ ୨ |

[illegible] ବିଜ୍ଞାପନ ଯେତେ ଥର ହେଲେ [illegible] ୧ ୦୦ ରୁ କମ ହେବ ନାହିଁ ।

[illegible] ବାର୍ଷିକ ସକାଶେ ଏକ ପ୍ରଥମ [illegible] ଠାରେ ହେବ ।

[illegible] ସକାଶେ ଏଟଙ୍କ ଅଗ୍ରୀମ ଦେବାକୁ ହେବ ।

ବିଜ୍ଞାପନ [illegible] ଅଗ୍ରୀମ ଦେବାକୁ ହେବ

ଏହି ପତ୍ର ଉତ୍କଳଦୀପିକା ପ୍ରତି ଶନିବାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେବ

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୨ ଶ
ସଂ ୧୩ ସଂଖ୍ୟା

ତା ୨୬ ଏକ ମାହେ ମାର୍ଚ୍ଚ ସନ ୧୮୮୭ ମସିହା । ମୂ । ଚୈତ୍ର ୭ ୧୪ ଦ ଅଙ୍କ ୧୨୯୪ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୧
ପଶ୍ଚାଦେୟ ଟ ୬୧

## ବ୍ରାହ୍ମଣ ।

ବ୍ରାହ୍ମଧର୍ମପୁସ୍ତକ ସମ୍ବନ୍ଧ ଉପଷ୍ଟାର୍ଥ ।

ବ୍ରାହ୍ମଧର୍ମ ପୁସ୍ତକାନ୍ତର୍ଗତ ପୃ ୧୮୧ ଶ୍ଲୋ ଯଥା,

"ମାତୃଦେବୋ ଭବ, ପିତୃଦେବୋ ଭବ, ଅଗ୍ନ୍ୟର୍ଯ୍ୟଦେବୋ ଭବ" ।

ଏହି ଗ୍ରନ୍ଥରୁ ଅନ୍ୟେକ କେଉ ଅନ୍ୟେକ ଉଠିଅଛନ୍ତି ବ ଯନ୍ତ୍ରରେ ଲୋକମାନେ ବଞ୍ଚିତ ହେବେ ।

ଏହି ଶ୍ରୁତି ତୈତ୍ତିରୀୟ ଉପନିଷଦ୍‌ରେ ସ୍ପଷ୍ଟ-ରୂପରେ ଉକ୍ତଅଛି, ଯଥା; ।

" ଦେବପିତୃକାର୍ଯ୍ୟାଭ୍ୟାଂ ନ ପ୍ରମଦିତବ୍ୟଂ, ମାତୃଦେବୋ ଭବ, ପିତୃଦେବୋ ଭବ, ଅଚାର୍ଯ୍ୟଦେବୋ ଭବ, ଅତିଥିଦେବୋ ଭବ, " ।

ଅର୍ଥ । ଦେବାର୍ଚ୍ଚନାଦି ଦେବକାର୍ଯ୍ୟ ଓ ତର୍ପଣ ଶ୍ରାଦ୍ଧାଦି ପୈତୃକ କାର୍ଯ୍ୟରେ ସାବଧାନ ଥାଅ; ଦେବ ପୈତୃକାର୍ଯ୍ୟରେ ଅନାଦର କରନ ନାହିଁ; ମାତା, ପିତା, ଆଚାର୍ଯ୍ୟ ଅତିଥି ଏହାଙ୍କୁ ଦେବତା ତୁଲ୍ୟ ଜ୍ଞାନକରି ସର୍ବଦା ତାଙ୍କଙ୍କର ସେବା କରନ୍ତ ।

ଏହି ରୂପରେ ଦେବକାର୍ଯ୍ୟ ଓ ପିତୃକାର୍ଯ୍ୟ ଏହାକୁ ତ୍ୟକ୍ତ କର ଉପଷ୍ଟାର୍ଥ କରିଅଛନ୍ତି ।

ବ୍ରାହ୍ମଧର୍ମ ପୁସ୍ତକାନ୍ତର୍ଗତ ସେହି ପୃ ୧୮୧-ଶ୍ଲୋକରେ । ଯଥା ।

"ଶ୍ରଦ୍ଧୟା ଦେୟଂ, ଅଶ୍ରଦ୍ଧୟା ଅଦେୟଂ; ଶ୍ରିୟା ଦେୟଂ; ହ୍ରିୟା ଦେୟଂ; ଭିୟା ଦେୟଂ; ସମ୍ବିଦା ଦେୟଂ" ।

ଅର୍ଥ । ଶ୍ରଦ୍ଧାରେ ଦେବ; ଅଶ୍ରଦ୍ଧାରେ ଦେବ ନାହିଁ; ଆପଣା ସମ୍ପତ୍ତି ଅନୁସାରେ ଦେବ; ଲଜ୍ଜା ଓ ଭୟକାର୍ଯ୍ୟ ଉପସ୍ଥିତ ହେଲେ ଦେବ; ଏବଂ ମିତ୍ରାଦିର କାର୍ଯ୍ୟ ସାଧନାର୍ଥ ଦାନକରିବ ।

ଏଥିରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ହିନ୍ଦୁଶାସ୍ତ୍ରକୁ ଆଦର୍ଶକରି ଉପାସ୍ୟ ତାତ୍ପର୍ଯ୍ୟ ପରିତ୍ୟାଗ ପୂର୍ବକ ଆପଣାମାନଙ୍କୁ ହିନ୍ଦୁଶାସ୍ତ୍ରାନ୍ତର୍ଗତ କରି ହିନ୍ଦୁ ସନ୍ତାନମାନଙ୍କୁ ବଞ୍ଚିତ କରିବା କଦାଚ ମଙ୍ଗଳକର ନୁହେ । କ୍ରମଶଃ

ଶ୍ରୀ—ବ୍ରାହ୍ମଣ

## ଉତ୍କଳଦୀପିକା

ତା ୨୬ ଋଷ ମାର୍ଚ୍ଚ ସନ ୧୮୮୭ ମସିହା ।

କେନ୍ଦ୍ରାପଡ଼ାରୁ ସମ୍ବାଦ ପାଇଅଛୁ ଯେ ମୋଫସଲର ସ୍କୁଲ ସବ୍‌ଇନ୍‌ସପେକ୍ଟର ଦୁଇଅଣା ଲେଖାଏଁ ହୋଇଅଛି । ଲୁଣର୍‌ବିକ୍ରି ଶସ୍ତା କରିବାପ୍ରତି ସରକାରଙ୍କର ସର୍ବଦା ଯତ୍ନଥିବାପ୍ରତ୍ୟକ୍ଷେ ଏପରି ହେବା ବଡ଼ ଶୋଚନୀୟ ଅଟଇ ଏବଂ ଏଥିରେ ଲୋକଙ୍କର ବିଶେଷକଷ୍ଟ ହେଉଅଛି । ଆମ୍ଭମାନଙ୍କର ବୋଧ ହେଉଅଛି ଯେ ଏହା ଉଚିତ ଉଲ୍ଲଙ୍ଘର ନୂତନ ବନ୍ଦୋବସ୍ତର ଫଳ ଅଟଇ । ଯାହା ହେଉ ସ୍ଥାନୀୟ କଲେକ୍ଟର ଓ କମିଶ୍ନରମାନଙ୍କର ଏହିବିଷୟ ଶୀଘ୍ର ବିଶ୍ୱର କରିବାର ଉଚିତ ।

ବୋର୍ଡରୁ ଆଦେଶ ହୋଇଅଛି ସ୍ବବସ୍ଥ ପ୍ରାର୍ଥନାର ଦରଖାସ୍ତମାନଙ୍କରେ ଅଠଅଣିଆ କୋର୍ଟଫିସ ଲାଗିବ । ସେମିତିଏ କର୍ମଖାଲିରେ ଅନେକ ଉମେଦବାର ପଡ଼ୁଥିବାରୁ ବୋର୍ଡ ସେମାନଙ୍କ ପ୍ରତି ବିରକ୍ତ ହୋଇ ଅଥବା ରୋଜଗାରର ବାଟ ଦେଖି ଏପରି ବ୍ୟବସ୍ଥା କଲେ କି ? କେହି କେହି ଜମିଦାରପ୍ରଭୃତି ଯାହାକୁ ଗୁମସ୍ତାଗିରି ଉଦ୍ୟାଦ ଗ୍ରୁବସ୍ଥରେ ନିଯୁକ୍ତ କରନ୍ତି ତାହାଠାରୁ ସଲାମି ନଅନ୍ତି ମାତ୍ର ସରକାର ଯେଉଁମାନଙ୍କ ଗ୍ରୁବସ୍ଥ ନ ଦେବେ ସେମାନଙ୍କଠାରୁ ସ୍ୱର୍ଣ୍ଣ ସଲାମି ନେବାର ନିୟମ କରିଦେଲେ । ଇଂଗ୍ରେଜଗବର୍ଣ୍ଣମେଣ୍ଟଙ୍କ ପକ୍ଷେ ବ୍ୟବସ୍ଥା ରୁଚି ଆଉ କାହାର ହେବ କି ?

ସମ୍ବାଦବାହିକାରେ ପାଠକଲୁଁ କି ଗୋଷ୍ଠୀଏଁ ବନ୍ୟବରାହ କେଉଁଆଡ଼ୁ ନଗରମଧ୍ୟରେ ପ୍ରବେଶ କରି ଷ୍ଟାଟେଞ୍ଜର ମନ୍ଦିରବାଟେ ବର୍ଣ୍ଣପନ୍ନଣାରେ ପଶିଲେ । ଏହି ସମୟରେ ସେଠା ଫଉଜଦାରୀର ମୁନ୍‌ସୀ ବାବୁ ଶାରଦାପ୍ରସାଦ ବୁଲିବାକୁ ଯାଇଥିଲେ ଅକସ୍ମାତ ବରାହ ତାହାଙ୍କୁ ଆକ୍ରମଣ କରନ୍ତେ ସେ ଆପଣା ଛଡ଼ି ମେଲି ତାହା ମୁହଁରେ ପକାଇଦେଲେ । ଦୁଷ୍ଟଜନ୍ତୁ ଛଡ଼ିକୁ ଛନ୍ଦିଭଙ୍ଗ କରି ବାବୁ ଡାକ୍ତରଖାନା ଚିକିତ୍ସା ଏବଂ ପୋଷଣ ଭିତରକୁ ପଶିଗଲେ । ବରାହ ମଧ୍ୟ ତାହାଙ୍କ ପଛେ ପଛେ ପଶିଲା ଏବଂ ତାହାଙ୍କର ଏକେ

Digitized by srujanika@gmail.com

Split by PDF Splitter
104



ଉତ୍କଣ୍ଠିତ ହୋଇଥିଲେ ଯେ ତାହାଙ୍କ ବାଣିଅଙ୍ଗୁଳରୁ ଏକପଦ ବାହାରିଲା । କେବଳ ଲୋକମାନେ ଗୃହଅଭ୍ୟନ୍ତ ଭାଙ୍ଗିପଡ଼ନ୍ତେ ବସିବ ପଳାୟନ କଲେ ଓ କେହି ତାହାଙ୍କୁ ମାଟିପକାଇ ପାରିଲେ ନାହିଁ ।

---

ଏ ବର୍ଷ ଓଡ଼ିଶାବିଭାଗରୁ ଜ୪୮ଣ ମାଟ୍ରିକ୍ ପରୀକ୍ଷା ଦେଇଥିଲେ ତନ୍ମଧ୍ୟରୁଁ ନିମ୍ନଲିଖିତ ଜ ୧୧ ଣ ପରୀକ୍ଷୋତ୍ତୀର୍ଣ୍ଣ ହୋଇଅଛନ୍ତି । ଯଥା—

| | | |
|---|---|---|
| ବାବୁ | ମହେନ୍ଦ୍ରନାଥ ପୃଣ ଦାସ | ବାଲେଶ୍ୱର |
| ,, | ହରେକୃଷ୍ଣ ମହାପାଣ୍ଡ | ପୁରୀ |
| ,, | ମୁକ୍ତେଶ୍ୱର ଦାସ | କଟକ |
| ,, | ଈଶ୍ୱର ଖୁଣ୍ଟିଆ | ,, |
| ,, | ବୈକୁଣ୍ଠ ମହାପାତ୍ର | ,, |
| ,, | ଗୋଲୋକପ୍ରସାଦ ସିଂହ | ,, |
| ,, | ଗଣେଶ୍ୱର ଜାନଗୋଡ଼ | ପୁରୀ |
| ,, | ନଭୋଂଜନ ଦତ୍ତାଗୁର୍ଦ୍ଧ | ବାଲେଶ୍ୱର |
| ,, | ଗୌରହରି ମହାନ୍ତି | ,, |
| ,, | ଗୋଲୋକପ୍ରସାଦ ଦତ୍ତ | ,, |
| ,, | ଜେ. ଗିନେନା | କଟକ |

---

ଶ୍ରୀମତୀ ଭିକ୍ଟୋରିଆଙ୍କ ପଞ୍ଚାଶଦ୍ବାର୍ଷିକ ସନ୍ତୋଷର ଚିରସ୍ମରଣୀୟ କରିବା ନିମିତ୍ତ ଏ ନଗରରେ ଭିକ୍ଟୋରିଆପାର୍କ ନାମରେ ଗୋଟିଏ ଉଦ୍ୟାନ ନିର୍ମାଣ ହେବାର ସଙ୍କଳ୍ପ ହୋଇଥିବାର ପାଠକମାନେ ଜାଣନ୍ତି । ଏହି ବ୍ୟୟସୃଷ୍ଟି ବହୁବ୍ୟୟସାଧ୍ୟ ଏବଂ ଏଥିରେ ନଗରବାସିଙ୍କର ବଡ଼ ଉପକାର ହେବ । ଏହି ଉଦ୍ୟାନରେ ଭ୍ରମଣ ଓ କ୍ରୀଡ଼ା କରିବାର ସ୍ଥାନ ଛଡ଼ା ଗୋଟିଏ ପୁସ୍ତକାଳୟ ଓ ସଭାଗୃହ ମଧ୍ୟ ସ୍ଥାପିତ ହେବାର କଥା ଅଛି । ସାଧାରଣ ସହାନୁଭୂତି ଓ ଦେଶହିତ ସବୁ ନିର୍ଭର କରଇ । ଏ ପର୍ଯ୍ୟନ୍ତ ଯେତେ ଟଙ୍କା ସ୍ୱାକ୍ଷରିତ ହୋଇଅଛି ବିଜ୍ଞାପନ ସ୍ତମ୍ଭରେ ପାଠକମାନେ ଦେଖିବେ । ବ୍ୟୟହେବାର ଟଙ୍କାରୁ ଊର୍ଦ୍ଧ୍ୱ ହେବା ହୋଇଥିବା ଏବଂ ଏ ଟଙ୍କା ଆଦାୟରେ କୌଣସି ସନ୍ଦେହ ନ ଥିବା ପ୍ରଯୁକ୍ତେ ଆମ୍ଭେମାନେ ଅନୁରୋଧ କରୁଅଛୁଁ ଯେ କାର୍ଯ୍ୟଟି ଶୀଘ୍ର ଆରମ୍ଭ ହେଉ । କାର୍ଯ୍ୟ ଲାଗିଲେ ଲୋକଙ୍କର ଉତ୍ସାହ ବଢ଼ିବ ଏବଂ ଯେଉଁମାନେ ଅଦ୍ୟାପି ଦେବା ଦେଇ ନାହାନ୍ତି ସେମାନେ ତତ୍ପର ହେବେ ।

---

କଲିକତା ବିଶ୍ୱବିଦ୍ୟାଳୟର ପରୀକ୍ଷାମାନ ଆଗାମୀ ସୋମବାରଠାରୁ ଆରମ୍ଭ ହେବ । ଓଡ଼ିଶାର ଯେଉଁ ବିଦ୍ୟାଳୟରୁ ଯେତେ ଛାତ୍ର ପରୀକ୍ଷା ଦେବା କାରଣ ଅନୁମତି ପାଇଅଛନ୍ତି ତହିଁର ତାଲିକା ନିମ୍ନେ ପ୍ରକାଶିତ ହେଲା ଯଥା—

ବି, ଏ, ପରୀକ୍ଷା ରେଭେନସା କଲେଜ ଜ୧୧ଣ

ଏଥି ମଧ୍ୟରୁ ଜ୨ଣ ଅଙ୍କ ଏବଂ ସଂସ୍କୃତରେ ଅନର ପରୀକ୍ଷା ଦେବେ ।

| | | |
|---|---|---|
| ଏଫ, ଏ ପରୀକ୍ଷା | ଏକାଳ | ଜ୧୮ଣ |
| ପ୍ରବେଶିକା | ରେଭେନସା କଲେଜିଏଟ୍‌ସ୍କୁଲ | ଜ୨୦ଣ |
| | ପ୍ୟାରିମୋହନ ଏକାଡେମି | ଜ ୭ଣ |
| | କଟକ ମିଶନ ହାଇସ୍କୁଲ | ଜ ୩ଣ |
| | କେନ୍ଦ୍ରାପଡ଼ା ,, | ଜ ୫ଣ |
| | ପୁରୀ ଜିଲ୍ଲା ,, | ଜ ୫ଣ |
| | ଭଦ୍ରକ ,, | ଜ ୪ଣ |
| | ବାହାର ଛାତ୍ର | ଜ ୨ଣ |
| | ବାଲେଶ୍ୱର ଜିଲ୍ଲାସ୍କୁଲ | ଜ୧୪ଣ |

ବାଲେଶ୍ୱର ଛଡ଼ା ଅନ୍ୟ ସମସ୍ତ ସ୍କୁଲର ଛାତ୍ରମାନଙ୍କର ପରୀକ୍ଷା କଟକ କେନ୍ଦ୍ରରେ ଗ୍ରହଣ ହେବ । ଓଡ଼ିଶାରୁ ଜ ୭୦ ଣ ପ୍ରବେଶିକା ପରୀକ୍ଷା ଦେବାକୁ ବାହାରିବା ବଡ଼ ସୁଖର ବିଷୟ ଅଟଇ । ଲକ୍ଷ୍ମଣନାଥସ୍କୁଲରୁ କେହି ପରୀକ୍ଷା ଦେଉଅଛନ୍ତି କି ନା ଜଣାଯାଇ ନାହିଁ ।

---

ମଧୁପୁର ଓ ଉନ୍ଦାନାଲର କୁଦଳ ସମାଚାର ଏବେବେ ଆମ୍ଭମାନଙ୍କର ହସ୍ତଗତ ହୋଇଅଛି । ମଧୁପୁରରେ ରାଜା ଆପଣା ସିଂହଦ୍ୱାରଠାରେ ଏକ ସୁନ୍ଦର ମଣ୍ଡପ ରଚନା କରି କଲାର ସମସ୍ତ ଭଦ୍ରଲୋକ ସରକରଦାର ଓ ପାଏକ ସରଦାରମାନଙ୍କୁ ଆମନ୍ତ୍ରଣ କରି ନୃତ୍ୟଗୀତାଦି ଆମୋଦ କରିଥିଲେ । ମଣ୍ଡପ ଓ ଭିତରର ବେଶକାଳ ବହୁ ହୋଇଥିଲା ଏବଂ ସିଂହଦ୍ୱାରର ସମ୍ମୁଖସ୍ଥ ଏକ ପୁଷ୍କରିଣୀର ମଧ୍ୟଅଞ୍ଚଳେ ପୁଲ୍ ଫାନୁସ ଇତ୍ୟାଦିର ଶୋଭାକର ଜଳରେ ପ୍ରତିବିମ୍ବିତ ହୋଇ ଅପୂର୍ବଶୋଭା ପାଉଥିଲା । ନଗରର ରାସ୍ତାମାନରେ ଠିଆପାଣ ସମସ୍ତ ଆଲୋକମାଳାପ୍ରଭୂତ ହୋଇଥିଲା । ଦରିଦ୍ର ଓ ବାଳକମାନଙ୍କୁ ମଧ୍ୟ ଭୋଜନ ଦିଆଯାଇଥିଲା ।

ଢେଙ୍କାନାଳରେ ପ୍ରଥମଦିନ ନାମସଙ୍କୀର୍ତ୍ତନ ନୃତ୍ୟଗୀତ ନଗର ପ୍ରଦକ୍ଷିଣ ଓ ବାଣପୋଡ଼ା ହୋଇଥିଲା । ଶ୍ରୀକର୍ଣ୍ଣ ଦରଦୀବନ୍ଧୁ ପଟ୍ଟନାୟକ ସଭାପତିରେ ସଭା ହୋଇଥିଲା । ଦ୍ୱିତୀୟ-

ଦଳ ପୁଲିସ ଓ ଅଶ୍ୱାରୋହୀଙ୍କର ପେରେଡ ବୃଷ୍ଟି ଓ ରାତ୍ରିରେ ଆତସବାଜି ଓ ନୃତ୍ୟଗୀତ ହେଲା । ଛତ୍ରପୁର କଲାକ୍ଟରେ ଓ ବିକଳାଙ୍ଗମାନଙ୍କୁ ବସ୍ତ୍ରଦାନ କରାଗଲା ।

---

ମାନ୍ଦ୍ରାଜର ସୀତାନାଥ ସ୍ୱାମୀ ଦୌସ୍ପପର୍ଦ୍ଦ ସଙ୍ଗେ୨ ତାହାଙ୍କ ନାମରେ ଆଉ ଗୋଟିଏ ମାମଲା ଉପସ୍ଥିତ ହୋଇଅଛି । ଗତ ସୋମବାର ସାଥିର ବଗ୍ଗୀଯାନ ମଧ୍ୟ ପୋଲିସ ମେଜିଷ୍ଟ୍ରେଟଙ୍କ ଦରଖାସ୍ତ ଦେଇଅଛି ଯେ ସୀତାନାଥ ଏମାସ ତା ୧୪ ରିଖରେ ଦୌସ୍ପପର୍ଦ୍ଦ ଦେଇ ସେହି ଦିନ ରାତିରେ ସାଥିର ପୁଷ୍ପ ଲଦୁଆକୁ ଫୁସୁଲାଇ ଆଣି ଆପଣା ସଙ୍ଗରେ ମାନ୍ଦ୍ରାଜ ନେଇଯାଇ ଆପଣା ବୈଠକଖାନାରେ ଲୁଚାଇ ରଖିଛି । ଏହି ଲଦୁଆ ସଙ୍ଗେ ଅସ୍ୱାଭାବିକ ଅପରାଧ ମାମଲା ଅଛି ଓ ସେ ସେ ମାମଲାରେ ପ୍ରଧାନ ସାକ୍ଷୀ ଅଟେ ମୁଁ ଏଥିର ଖବର ପାଇ ମାନ୍ଦ୍ରାଜ ଯାଇ ଦେଖିଲି ଯେ ସୀତାନାଥ ଓ ଲଦୁଆ ଉଭୟ ବୈଠକଖାନାରେ ଅଛନ୍ତି ଓ ଟୋକାକୁ ନେବାକୁ ଯେତେବେଳେ ସୀତାନାଥ ମନେ ଗତ କରିଥିଲେ ମୁଁ ବସ୍ତ୍ରରେ ଏଠାକୁ ଫେରି ଆସିଲି ଓ ଏଠାରେ ଶୁଣିଲି ଯେ ସୀତାନାଥ ଲଦୁଆକୁ ସେହି ତା ୧୮ ରୁ ଲୁଚାଇ ରଖିଅଛି ଠିକଣା ମିଳୁ ନାହିଁ । ଏଣୁ କରି ସେ ଟୋକା ସଙ୍ଗେ ପୂର୍ବକୃତ ଅସ୍ୱାଭାବିକ ଗମନ କରୁଥିବାର କଥା ତାକୁ ଗୁମ କରିବାର ସମ୍ଭବ । ମେଜିଷ୍ଟ୍ରେଟ ସାହେବ ତାହାଠାରୁ ଇଜହାର ନେଇ ଏଥିର ଅନୁସନ୍ଧାନ କରିବା ସକାଶେ ପୁଲିସ ପ୍ରତି ଆଦେଶ ଦେବାରୁ ତଦନ୍ତ ଆରମ୍ଭ ହୋଇଅଛି ।

---

କେନ୍ଦ୍ରାପଡ଼ାର ଡାକ୍ତର ଲକ୍ଷ୍ମୀନାରାୟଣ ଦାସ ଗୁପ୍ତ ଆମ୍ଭମାନଙ୍କ ନିକଟକୁ କେତେ ବୁଦ୍ଧି ଓ ଔଷଧଠାରୁ ଔଷଧ ପରୀକ୍ଷାନିମିତ୍ତ ପଠାଇଥିଲେ । ଜ୍ୱରର ଔଷଧ ଏଯାବତ୍ ପରୀକ୍ଷା କରିବାକୁ ସମର୍ଥ ହୋଇ ନାହୁଁ । କେବଳ ଏଥିମଧ୍ୟରେ ଓଲଉଠା ରୋଗର ଔଷଧ ଏକବାର ଦେଇ ତହିଁର ଫଳ ଦେଖି ବଡ଼ ସନ୍ତୁଷ୍ଟ ହୋଇଅଛୁଁ । ଏ ବ୍ୟକ୍ତିର ଔଷଧର ଦାନରେ ପ୍ରାପ୍ୟ ତୁଲନା ମଧ୍ୟରେ ପାରିପାର୍ଶ୍ୱ ଗୁଣ ହେବ ଏବଂ ସବୁ ସମୟରେ ଏକଥର ଦମନ ହେବାର ଆମ୍ଭେମାନେ ଜବାବ ପାଇ କମି ହେବାନିମିତ୍ତ ଯେଉଁ ଔଷଧ ଥିଲା ତାହା ଏକବଟିକା ଦେବାରେ ଅନୁସନ୍ଧାନରେ ସେଠିକ

Digitized by srujanika@gmail.com

ବମନଲେଖା ଶାନ୍ତ ହୋଇଗଲା ଏବଂ ତହିଁଉତ୍ତାରୁ ତାହାର ଏପରି ନିଦ୍ରା ହେଲା ଯେ ସକାଳପର୍ଯ୍ୟନ୍ତ ଶୋଇ ରହିଲା ଏବଂ ସକାଳକୁ ଆରୋଗ୍ୟ ହୋଇଗଲା । ଓଲଉଠାର ଉନ୍ନତ ଅବସ୍ଥାପ୍ରାପ୍ତ ରୋଗୀଙ୍କ ପାଇଁ ଏହି ବଟିକା ପ୍ରସ୍ତୁତ ହୋଇଅଛି । ଅତଏବ ଏ କଥାର ପରୀକ୍ଷାରେ ଔଷଧର ସମସ୍ତ ଗୁଣାଗୁଣ ନିଷ୍ପନ୍ନ ହୋଇଯାଇ ନ ପାରେ କିନ୍ତୁ ଯେପରି ଫଳ ହେଲା ତହିଁରୁ ଅନୁମାନ ହେଉଅଛି ଯେ ଏହି ଔଷଧର ଗୁଣ ଭଲ ହେବ । ଓଲଉଠା ଗ୍ରୀଷ୍ମକାଳରେ ଅଧିକ ହୁଏ ଓ ସେ ସମୟ ପ୍ରାୟ ଉପସ୍ଥିତ । ଅତଏବ ଆମ୍ଭେମାନେ ଅନୁରୋଧ କରୁଅଛୁଁ କି ସଙ୍ଗତିପନ୍ନ ବ୍ୟକ୍ତିମାନେ ଏ ଔଷଧ ଆଣାଇ ରଖି ଆପଣାର ଓ ପ୍ରତିବାସିଙ୍କର ଉପକାର କରନ୍ତୁ । ଔଷଧ ଖୁଆଇବାର ପ୍ରଣାଳୀ ଅତିସହଜ ଅଟଇ ।

---

ବମ୍ବେଇରେ ହିନ୍ଦୁବିବାହ ଘଟିତ ଯେଉଁ ଅଦ୍ଭୁତ ମୋକଦ୍ଦମା ହୋଇଥିଲା ତହିଁର ବିବରଣ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ । ମୋକଦ୍ଦମାର ସଂକ୍ଷେପ ବୃତ୍ତାନ୍ତ ଏହି କି ଦାଦାଜୀ ଭିଖାଜି ନାମକ ଏକବ୍ୟକ୍ତି ଆପଣା ସ୍ତ୍ରୀ ରୁକ୍ମିଣୀ ବାଇନାମରେ ବିବାହ ସ୍ୱତ୍ୱର ନାଲିସ କଲା । ରୁକ୍ମିଣୀ ଉତ୍ତର ଦେଲା କି ସେ ବାଲ୍ୟାବସ୍ଥାରେ ବିବାହ ହୋଇଥିଲା ଏତେବେଳେ ସେ ଅଜ୍ଞାନୀ ଓ ତାହାର ସ୍ୱାମୀ ଗଣ୍ଡମୂର୍ଖ ଓ ନିତାନ୍ତ ଅଯୋଗ୍ୟ । ତାହାର ନାବାଳିଗ ଅବସ୍ଥାରେ ତାହାର ସମ୍ମତିବିନା ବିବାହ ହୋଇଥିବାରୁ ତହିଁରେ ସେ ବାଧ ନୁହଇ । ବମ୍ବେ ହାଇକୋର୍ଟ ସରେଜମୀ ବିଚାରରେ ଏପରି ଅବସ୍ଥାରେ ବିବାହ ଆଇନସିଦ୍ଧ ନ ଥିବାର ବିବେଚନା କରି ମୋକଦ୍ଦମା ଡିସମିସ କଲେ । ସ୍ୱାମୀ ଏହିବିଚାର ବିରୁଦ୍ଧରେ ଅପିଲ କରନ୍ତେ ହାଇକୋର୍ଟର ପ୍ରଧାନଜଜ ଉଭୟପକ୍ଷର ବାଦାନୁବାଦ ଶୁଣି ସରେଜମୀ ବିଚାରକୁ ରଦ ଓ ମୂଳନାଲିସ ଡିକ୍ରି କରି ହୁକୁମ ଦେଇଅଛନ୍ତି କି ରୁକ୍ମିଣୀ ବାଇ ଦୁଇ ମାସ ମଧ୍ୟରେ ଆପଣା ସ୍ୱାମି ଘରକୁ ଯାଇ ସ୍ତ୍ରୀ ସ୍ୱରୂପ ରହିବ ଓ ଏହି ହୁକୁମ ଅନୁସାରେ କାର୍ଯ୍ୟ କରିବାର ସମ୍ବାଦ ସ୍ୱାମିଘରଠାରୁ ଅଦାଲତକୁ ପଠାଇବ । ଏଥିର ଶେଷିତ କାର୍ଯ୍ୟ କି ହେବ ଦେଖିବାରେ ଅସିଦ୍ଧ । ତାହାଙ୍କ ଉକିଲ ପକ୍ଷରୁ ଅଦାଲତରେ ପ୍ରକାଶ କରୁଅଛନ୍ତି କି ରୁକ୍ମିଣୀ ବରଂ ଛମାସ କାରାବାସ କରିବେ ତେବେହେଁ ମୂର୍ଖସ୍ୱାମିର ସହବାସ କରିବେ ନାହିଁ । ଯାହା ହେଉ ହିନ୍ଦୁବିବାହ ଆଇନର ଟେକ ରହିଲା । ଏଥିର ପରିଣାମ ଫଳ ଦେଖାଯିବ । ଯେବେ ଯୌବନକାଳରେ ହିନ୍ଦୁମହିଳାମାନେ ସ୍ୱାମି ତ୍ୟାଗ କରିବାକୁ ବାଧ ହେବେ ତେବେ ଆଉ କେଉଁ କଥା ।

---

ପୁରୀ ବଡ଼ଦେଉଳ ମୋକଦ୍ଦମାର ପ୍ରଥମପାଳି ଶେଷହେଲା । କଲିକତାରୁ ତାରଯୋଗେ ସମ୍ବାଦ ଆସିଅଛି କି ରସିଭର ନିଯୋଗ କରୁଥିବାରେ ହାଇକୋର୍ଟରେ ଯେଉଁ ଅପିଲ ହୋଇଥିଲା ତାହା ଡିକ୍ରି ଏବଂ ରସିଭର ଉଠିଯିବାର ଆଦେଶ ହୋଇଅଛି । ହାଇକୋର୍ଟଙ୍କ ନିଷ୍ପତ୍ତି ଯଥାସମୟରେ ଦେଖିପାରୁ ନାହୁଁ ବୋଲି ଏ ସପ୍ତାହରେ ତହିଁର ପରିଚୟ ପାଠକମାନଙ୍କୁ ଦେବାକୁ ଅକ୍ଷମ ହେଲୁଁ । ଫଳକଥା ଯେବେ ରସିଭର ଉଠିଗଲେ ତେବେ ଅପାତତ ସମସ୍ତଙ୍କର ଚିନ୍ତା ଦୂର ହେଲା । ଜଗନ୍ନାଥଙ୍କର ସେବା ଯେପରି ଚାଲୁଅଛି ସେହିପରି ନିର୍ବିଘ୍ନରେ ଚାଲିବ ଏବଂ ମୂଳମୋକଦ୍ଦମାର ଯୋଗାଡ କରିବାକୁ ଉଭୟପକ୍ଷଙ୍କର ଅବକାଶ ହେବ । ଗବର୍ଣ୍ଣମେଣ୍ଟ ଏହି ରସିଭରୀ କାଣ୍ଡ ଉଠାଇବା ଅକାରଣରେ ଲୋକଙ୍କ ମନରେ ମହାକଷ୍ଟ ଜାତ କରିଥିଲେ । ହାଇକୋର୍ଟରେ ବିଚାର ହେଲା ବୋଲି ସିନା ରକ୍ଷାହେଲା କିନ୍ତୁ ଏହିସ୍ୱତ୍ୱର ପାଇବାକୁ ଯେତେ ଧନ ବ୍ୟୟ ହୋଇଅଛି ତାହା କିଏ କଳନା କରିବ । ପୁରୀର ରାଣୀ ବୋଲି ସେପରି ବ୍ୟୟ କଲେ । ସାମାନ୍ୟଲୋକ କେହି ଏଥିକି ପାରନ୍ତା କି ? ଗବର୍ଣ୍ଣମେଣ୍ଟଙ୍କର ମଧ୍ୟ ଏଥିରେ ବ୍ୟୟ ହୋଇଥିବ କିନ୍ତୁ ତହିଁ ପାଇଁ ଚିନ୍ତା କାହାର ? ପର ହୋଡିକଣା ପର କଣାଯାଏ । ମଜାଇ ଦେବାଲୋକ ମଜାଇଦେଲେ ପ୍ରଜାଙ୍କର ଧନ ବ୍ୟୟହେଲା । ଯେବେ ଏହିଟଙ୍କା ଗବର୍ଣ୍ଣମେଣ୍ଟ ଆପଣା କର୍ମଚାରୀଙ୍କଠାରୁ କ୍ଷତିପୂରଣ ସ୍ୱରୂପ ଆଦାୟ କରନ୍ତେ ତେବେ ସେମାନଙ୍କ ଶିକ୍ଷା ହୁଅନ୍ତା ଏବଂ ଆଉ ସରକାରୀ ଟଙ୍କା ଅପବ୍ୟୟ କରିବାକୁ ସାହସ କରନ୍ତେ ନାହିଁ ।

---

ଶ୍ରୀମତୀ ଭାରତେଶ୍ୱରୀଙ୍କ କୋଷ୍ଠୀ ।

ଜୁବିଲି ଉପଲକ୍ଷରେ ଏ ଜିଲ୍ଲା ହରିହରପୁର ପ୍ରଗଣା ପୁନାଙ୍ଗ ଗ୍ରାମନିବାସି ଶ୍ରୀପଣ୍ଡିତ ନିମାଇଚରଣ ବିଦ୍ୟାସାଗର ଶ୍ରୀମତୀ ଭିକ୍ଟୋରିୟାଙ୍କର କୋଷ୍ଠୀ ଏବଂ ୪୫ ଗୋଟା ସଂସ୍କୃତଶ୍ଳୋକ ରଚନାକରି ଖଣ୍ଡିଏ କାଗଜରେ ଛପା କରାଇ ବିତରଣ କରୁଅଛନ୍ତି । ଆମ୍ଭେମାନେ ତହିଁରୁ ଏକଖଣ୍ଡ ପାଇବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁଁ । କୋଷ୍ଠୀ ପ୍ରସ୍ତୁତ କରିବାଟି ଅଭିନବ ଓ କୌତୁକଜନକ ହୋଇ ଅଟଇ । ଆମ୍ଭେମାନେ ଆନନ୍ଦସହିତ ତାହା ଏଠାରେ ପ୍ରକାଶ କଲୁଁ ଜ୍ୟୋତିଷମାନେ ଏଥିର ଫଳାଫଳ ବିଚାର କରିବେ । ଶ୍ଳୋକଗୁଡିକ ଏଥରକେ ପ୍ରକାଶ କରିବାର ସ୍ଥାନ ନାହିଁ ଓ ସବୁ ପ୍ରକାଶକରିବାର ପ୍ରୟୋଜନ ନାହିଁ ବାରନ୍ତରେ କେତେଗୁଡିଏ ଶ୍ଳୋକ ପାଠକମାନଙ୍କୁ ଉପହାର ଦେଇ କବିଙ୍କର ଶ୍ରମ ସାର୍ଥକ କରିବାର ଇଚ୍ଛା ରହିଲା ।

ଶ୍ରୀ ଶ୍ରୀ ମହାରାଜ୍ଞ୍ୟାଃ କୋଷ୍ଠୀ ।

| ଜାତପଳ | ଜାତାଦି | ଶ୍ରୀ ସ୍ୱସ୍ତିରସ୍ତୁ । | | | |
|---|---|---|---|---|---|
| ୩ | ୨ | ର, ଚ, ଲ | ବୃ, ଶୁ | ମ, ଶ, ରା | ର ୪ ବୃ |
| ୧୩।୪୪ | ୧୧।୧୪ | ୦ | | ୦ | ଚ ୪ ବୃ |
| ୪୧।୧୧ | ୪୨୦ | ୦ | ୪।୨ | ବୃ | ମ ୨୭ ମୀ |
| ୨୩୩।୨୦ | ୧୨୦ | ୦ | | ୦ | ବୁ ୨ ମେ |
| ୪୨।୪୦ | ୭୪।୨୨ | କେ | ୦ | ୦ | ବୃ ୨୩ ମ |
| ୧୩।୪୪ | ୧୦୧।୪୪ | | | | ଶୁ ୧ ମେ |
| ୧୧୪୦।୩୯ | ୧୦୪।୪୪ | | | | ଶ ୨୭ ମୀ |
| ୧୪ | ୧୩ | | | | ରା ୨୭ ମୀ |
| ୧୭।୨୧ | ୧୨।୨୦ | | | | କେ ୧୩ କ |

ଅବତ୍ୟାବ ଗ୍ରହାଃ ସର୍ବେ ନଶସ୍ତାପି ତଥଗସ୍ଥଃ । ସାର୍ବଭୌମାୟୁଃ ପ୍ରସୂତିଲ୍ଲ ଯସ୍ୟେୟଂ ଜନ୍ମପତ୍ରିକା । ଶ୍ରୀ ଇଂରାଜୀ ସନ ୧୮୧୯ ମସିହା ମଇ ତା ୨୪ରିଖ ଭକ୍ତିଶ୍ରବଦ ସନ ୧୨୨୬ ସାଲରୁ ସୁଗାଦ ବ ୪୯୨୦ ଶକାବ୍ଦାଃ ୧୭୪୧।୧।୧୨।୨। ବୃ ସୌରଜ୍ୟେଷ୍ଠ ଦ ୧୨ ର ଚନ୍ଦ୍ରଜ୍ୟେଷ୍ଠ କୃଷ୍ଣଅମାବାସ୍ୟା ପ୍ରେଶ ପ୍ରତିପଦ ଚନ୍ଦ୍ରବାସରେ ଦଣ୍ଡ ୦।୨ ଶ୍ର ସମୟରେ ବୃଷଲଗ୍ନେ ଜାତ । ୪।୨ ରବିବାସରେ ଇତ୍ୟାଦି ।

Digitized by srujanika@gmail.com

### ପୁରୀ ବଡଦେଉଳ ମୋକଦମା ।

ଏ ମୋକଦ୍ଦମାର ଚର୍ଚ୍ଚା ସମ୍ପ୍ରତି ଭାରତବର୍ଷର ନାନାସ୍ଥଳରେ ଲାଗିବାର ଦେଖାଯାଏ । ଇଂରାଜୀ ଓ ଦେଶୀୟ ସମ୍ବାଦ ପତ୍ରମାନଙ୍କରେ କେତେ ପ୍ରବନ୍ଧ ଓ ପ୍ରେରିତ ପତ୍ରମାନ ବାହାରୁଅଛି ଏବଂ ଏପରି ମୋକଦ୍ଦମାଟିଏ କରିବାକୁ ହିନ୍ଦୁ ଓ ଖ୍ରୀଷ୍ଟିୟାନ ଉଭୟେ ଗବର୍ଣ୍ଣମେଣ୍ଟଙ୍କର ନିନ୍ଦା କରୁଅଛନ୍ତି । କଲିକତା ଷ୍ଟେଟ୍ସମାନ ଗବର୍ଣ୍ଣମେଣ୍ଟଙ୍କର ଏହି କାର୍ଯ୍ୟର ଭାରି ସମାଲୋଚନା କରୁଅଛନ୍ତି ଏବଂ ଡେଲିନିଉସର ଜଣେ ପତ୍ରପ୍ରେରକ ଦେଖାଇ ଦେଉଅଛନ୍ତି କି ଗବର୍ଣ୍ଣମେଣ୍ଟ ଏ ମୋକଦ୍ଦମା ଦାଏରକରି ହିନ୍ଦୁଧର୍ମପ୍ରତି ସହାୟତା କରୁଅଛନ୍ତି ଏବଂ ପୁରୀର କଲେକ୍ଟର ପ୍ରକୃତ ଅନୁସନ୍ଧାନ ନ କରି କେବଳ ଦ୍ୱେଷରୁ ଅଫିଡେଭିଟ କରିଅଛନ୍ତି । ଯେଉଁ ଉଦ୍ଦେଶ୍ୟରେ ଗବର୍ଣ୍ଣର ଏ ମୋକଦ୍ଦମା କରିଅଛନ୍ତି ଅଦ୍ୟ କେହି ସ୍ଥିର କରି ପାରୁ ନାହାନ୍ତି । ଅମ୍ଭେମାନେ ଏ ବିଷୟରେ ଖଣ୍ଡିଏ ଇଂରାଜୀପତ୍ର ସ୍ଥାନାନ୍ତରେ ପ୍ରକାଶ କଲୁଁ ତହିଁରୁ ପାଠମାନେ ଦେଖିବେ ଯେ ଅନ୍ୟାନ୍ୟ ସ୍ଥାନପରି ଏଠାଲୋକେ ମଧ୍ୟ ସରକାରଙ୍କ ମତଲବ ଠଉରିପାରୁ ନାହାନ୍ତି । ପତ୍ରପ୍ରେରକ ନାନାପ୍ରକାର କଳ୍ପନା କରିଅଛନ୍ତି ଏବଂ ତହିଁମଧ୍ୟରେ କେଉଁ ସତ୍ୟ ହୋଇପାରେ କି ନା କେହି ତାହା ପ୍ରକାଶ କଲେ ଲୋକଙ୍କର ଅନେକ ଭ୍ରମ ଭାଙ୍ଗିଯିବ ଓ ଯଥାର୍ଥକଥା ପ୍ରକାଶ ପାଇବ । ଅମ୍ଭେମାନେ ଅଦ୍ୟ କିଛି ସ୍ଥିର କରିପାରି ନ ଥିବାରୁ ଅପଣା ମତ ବ୍ୟକ୍ତ କରିବାକୁ ଅକ୍ଷମ କିନ୍ତୁ କାର୍ଯ୍ୟରୁ ଏତିକି ବୁଝୁଅଛୁଁ ଯେ ହିନ୍ଦୁଧର୍ମ ଲୋପକରିବା କାରଣ ଗବର୍ଣ୍ଣମେଣ୍ଟ ଏ ମୋକଦ୍ଦମା କରିଅଛନ୍ତି । ଗବର୍ଣ୍ଣମେଣ୍ଟ ସ୍ୱୟଂ କହୁଅଛନ୍ତି କି ଶ୍ରୀ ଜଗନ୍ନାଥଙ୍କ ସେବାର ଭଲ ବନ୍ଦୋବସ୍ତ କରିବା କାରଣ ଏ ମୋକଦ୍ଦମା ଦାଏର ହୋଇଅଛି । ମାତ୍ର ଏ କଥାରେ ମନ ମାନୁ ନାହିଁ । ହିନ୍ଦୁଧର୍ମର ଉନ୍ନତିସାଧନ ଖ୍ରୀଷ୍ଟିୟାନ ବା ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତବ୍ୟକାର୍ଯ୍ୟ ନୁହଇ ଓ ହିନ୍ଦୁମାନେ ତନ୍ନିମିତ୍ତ ଗବର୍ଣ୍ଣମେଣ୍ଟଙ୍କୁ ପ୍ରାର୍ଥନା ମଧ୍ୟ କରୁ ନାହାନ୍ତି । ବରଂ ଅପଣାମଧ୍ୟରେ ମାମଲା ଭାଙ୍ଗିବାର ପ୍ରସ୍ତାବ ରାଣୀ କରିଥିଲେ ମଧ୍ୟ ସରକାର ତହିଁରେ ସମ୍ମତ ହେଲେ ନାହିଁ । ମୋକଦ୍ଦମାଟି ଯେପରି ଧୂମଧାମରେ ଚାଲୁଅଛି ତହିଁରେ ଅନେକଟଙ୍କା ବ୍ୟୟ ହେବ ଓ ଏଥିମଧ୍ୟରେ ଜଜ୍ଜ ଅଦାଲତରୁ ହାଇକୋର୍ଟପର୍ଯ୍ୟନ୍ତ ରାଣୀଙ୍କର ଅନେକ ଟଙ୍କା ଖର୍ଚ୍ଚ ହୋଇ ଗଲାଣି । ଏହି ଖର୍ଚ୍ଚ ଯୋଗାଇବାଦ୍ୱାରା ରାଣୀଙ୍କର ଭଣ୍ଡାର ଶେଷ ଓ ସମ୍ପତ୍ତି ସର୍ବନାଶ ହେବ ସୁତରାଂ ଆଉ ଦେବସେବା କାର୍ଯ୍ୟ ନିର୍ବାହ ହେବ ! ଅତଏବ ଅମ୍ଭେମାନେ ବୁଝୁଅଛୁଁ ଯେ ହିନ୍ଦୁଧର୍ମର ବିନାଶ ସାଧନନିମିତ୍ତ ଏ ମୋକଦ୍ଦମା ହୋଇଅଛି ଯେମନ୍ତ କି କେହି କେହି ବଡଲୋକ ଅପଣା ଶତ୍ରୁକୁ ଉଚ୍ଛିନ୍ନ କରିବା ଅଭିପ୍ରାୟରେ ତାହା ନାମରେ ଅନର୍ଥକ ମୋକଦ୍ଦମା ମାମଲା ଲଗାଇଦିଅନ୍ତି ନଚେତ୍ ଗବର୍ଣ୍ଣମେଣ୍ଟଙ୍କୁ ସୁପରାମର୍ଶ ଦେବା କାରଣ କେତେ ବାରିଷ୍ଟର ଉକିଲ ଏବଂ ଅନ୍ୟ ଉଚ୍ଚ କର୍ମଚାରୀ ଥିବା ପ୍ରତ୍ୟକ୍ଷେ କି କାରଣରୁ ଏମନ୍ତ ଭାବରେ ମାମଲା ଚଳଲା ଯେ ହାଇକୋର୍ଟରୁ ପିଟାମାରହେ ସବୁ ରଦ ହୋଇଗଲା । ଉପରଲୁ ଖର୍ଚ୍ଚାନ୍ତ ଓ ଦଳିତ କରିବା ଉଦ୍ଦେଶ୍ୟ ବିନା ଏପରି ଉତ୍ପାତ ଧୂମଧାମର ଅନ୍ୟ ପ୍ରୟୋଜନ କିଛି ଦେଖାଯାଉ ନାହିଁ ।

———

ହତଭାଗ୍ୟ ସାଧୁ ସାହୁର ଅନାଥ ପିଲାଙ୍କ ସାହାଯ୍ୟ ନିମିତ୍ତ ନିମ୍ନଲିଖିତ ଦାନ ପାଇଥିବାର କୃତଜ୍ଞତାସହିତ ସ୍ୱୀକାର କରୁଅଛୁଁ ଯଥା—

| | |
|---|---|
| ଶ୍ରୀ ଶ୍ରୀ ରଜା ବଛେ ତାଲଚେର | ଟ ୧୦ |
| ପୂର୍ବ ସପ୍ତାହର ମୋଟ | ଟ ୨୯ |
| ଏଠ | ଟ ୩୯ |

———

## ସାପ୍ତାହିକ ସଂବାଦ ।

ଗତ ଶନିବାର ଓ ରବିବାର ସନ୍ଧ୍ୟା ସମୟରେ ଏଠାରେ ବୃଷ୍ଟି ହୋଇଅଛି । ଗ୍ରୀଷ୍ମ କେତେ ବୃଦ୍ଧି ହେଉଅଛି ।

ଗତ ବୁଧବାର କମିଶନର ସାହେବଙ୍କ ଦ୍ୱାରରେ ଘୋଡା ଗାଈ ଓ ଅନ୍ୟାନ୍ୟ ପଶୁ ପ୍ରଦର୍ଶନ ଉତ୍ସବ ହୋଇଥିଲା । ଶୁଣିବାରେ ସାହେବ ଦର୍ଶକଙ୍କଠାରୁ ଏ ସମସ୍ତ ଟିକେଟ ପାଇଥିଲେ ତହିଁର ଜରିମାନ ଉପଘନ ଫଣ୍ଡରେ ଜମା ହେବ ।

ଆଗାମୀ ସୋମବାରଠାରୁ ମାଇନର ଓ ଛାତ୍ରବୃତ୍ତି ପରୀକ୍ଷା ଆରମ୍ଭ ହେବ । ଏ ନଗରରେ ପ୍ୟାରୀମୋହନ ଏକାଡେମୀ ପରୀକ୍ଷାର ସ୍ଥାନ ନିର୍ଦ୍ଦିଷ୍ଟ ହୋଇଅଛି । ଏଥି ମଧ୍ୟରେ ଗୋଳମାଳ ନ ହେଲେ ରକ୍ଷା ।

ବାବୁ ରାଧାନାଥ ରାୟ ଡେପୁଟି କଲେକ୍ଟର ଗତ ଗୁରୁବାର ଏଠାରେ ପହୁଞ୍ଚ କାର୍ଯ୍ୟଭାର ଗ୍ରହଣ କଲେ ।

ବାବୁ ମନମୋହନ ଚକ୍ରବର୍ତ୍ତୀ ଡେପୁଟି କଲେକ୍ଟର ପୁରୀକୁ ବଦଳି ହେଲେ ।

ଜିଲ୍ଲା ବାଲେଶ୍ୱର ପୁର ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଜଣେ ଚଷାର ଚାରୋଟି କନ୍ୟା ପ୍ରସବ ହୋଇ ସମସ୍ତେ ଜୀବିତାବସ୍ଥାରେ ଅଛନ୍ତି ।

ଏ ବର୍ଷର ଗତ ମେଳାରେ ଏକ ବିବାହ ଜଣେ ପାଣ୍ଡୁ ବନ୍ଦରେ ଦଶ ମାସ ପଡାଇଅଛି ।

ଅଣ୍ଣାମାଳୟୀପରୁ ଅନ୍ଦୋଳନ ଚଳେ ଶରତ ହୋଇ ଅଣ୍ଡପ୍ରତା ତ ୩ ଶ ଜଣେ କଲିକତା ଇକାଲୟଠାରେ ବାସ କରୁଥିଲେ । ତହିଁ ମଧ୍ୟରୁ ଜଣକର ୫ ୧୭ ରେ ଜଣ୍ଡୁସା ଗୋଟିଏ କନ୍ୟା ସନ୍ତାନରେ ଦନ୍ତ ଏବଂ ନେଜର ବଳାତ୍ ସମ୍ବନ୍ଧ ହେଉଥିଲା । ତତ୍କାଳେ ଉକ୍ତ କନ୍ୟାଟି ଅନ୍ୟ ଏକ ଅଗ୍ରାମୀ ସଙ୍ଗେ ଅତ୍ୟନ୍ତ ପ୍ରେମରେ ଆସକ୍ତ ଥିବାର ଦେଖି,ରାଗାନ୍ଧ ହୋଇ କେଶଟାଏ ଛଡା ଛୁରୀ ଛଣି ଆଣି ତହିଁରେ କନ୍ୟାଟିର ଉଦରରେ ଆଘାତ କଲା । ଛୁରୀ ବୁଝି ଧଉଡବାରେ ମାତ୍ର ଅଗ୍ରାମୀ ତାହା ନେଇ ପ୍ରକାଶ କରି ଥାନା ନେବାରୁ ଛୁରୀର ହାତପାଇବା ସୁସ୍ତକନକରେ କଟନଥ । ଦୟେର ଅଗ୍ରାମୀ ଅନ୍ୟ ଏକ ଆଘ ତଲେ ଛୁରୀକଲ ସମ୍ପାଦ୍ୟ ନାହିଁ କାଟଦେଲ । ଏହି କାଣ୍ଡର ଏକଦେଶ ଇଗରୁ ଅଗ୍ରାମୀ ଧର ହୋଇ ବର୍ତ୍ତମାନ ଚାଲାଣରେ ଅଛି । କ ଭୟଙ୍କର ହତ୍ୟା ।

ଅସ୍ଟ୍ରେଲିଆରେ ଲୁଥେରାନ ସମ୍ପ୍ରଦାୟ ଚନ୍ଦା କରିବାର ଉଦ୍‌ଯୋଗ ହୋଇଅଛି । ଧର୍ମବଳରେ ସନ୍ତୁଷ୍ଟ ତହିଁରୁ ଦଶି ରଲେ । ବର୍ତ୍ତମାନ ଏତଦ୍‌ଭିନ୍ନରେ ୧୦୦ ଶ ଲୋକ ଧୃତ ହୋଇଥିବାର ସମ୍ବାଦ ମିଳଇ ।

କାବୁଲର ଅମୀର ଏବଂ ଗିଲଜାଇ ଜାତୀୟଙ୍କ ମଧ୍ୟରେ ଏପର୍ଯ୍ୟନ୍ତ କୌଣସି ମୀମାଂସା ହୋଇ ନ ଥିବାର ସମ୍ବାଦ ମିଳଇ । ଉଭୟ ପକ୍ଷରୁ ଯୁଦ୍ଧର ଅଯୋଜନ ହେଉଥିବାର ଜଣା ଯାଏ ।

ମଦ୍ରାଜସହରରେ କତ୍ରୋଡ ଫଳବାନ ହେବ ର ସେଇଁ କୋଲେଷ ପ୍ରକାଶ କରିଥିଲ ତାହାକୁ ୫ ୧୦ ର୍ଥ ମିଥ୍ୟ ହୋଇଥିବାର କଷ୍ଟ ତ ନଳଇ ।

ଏ ସପ୍ତାହରେ ବ୍ରହ୍ମଦେଶରୁ ଅଦିଥିବା ସମ୍ବାଦମାନଙ୍କରୁ ଜଣା ଯାଏ ଯେ ବୋଲଗାଣ ସସି ଉଦ୍ଧୃତବାରୁ ପ୍ରକାଶ ପାଏ । ଉ ଓ ପ୍ରଦେଶରେ ଅନେକ ସଂଖ୍ୟକ ଡକାଏତଙ୍କ ସଙ୍ଗେ ଇଂରାଜମାନଙ୍କର ଯୁଦ୍ଧ ହୋଇଯାଇଅଛି । ଏଥିରେ ଡକାଏତମାନେ ପରାସ୍ତ ହୋଇଅଛନ୍ତି ଏବଂ ୩ ୩ ଶ ଡକାଏତ ମରା ପଡିଅଛନ୍ତି । ଦ୍ୱିତୀୟ ଥରରେ ଅନ୍ୟ ଏକଦଳ ଡକାଏତ ଇଂରାଜମାନଙ୍କ ସଙ୍ଗେ ଲଢିଥିଲେ, ଏଥିରେ ଜଣେ ସିପାହୀ ହତ ଓ ଅନ୍ୟ ଏକଜଣ ଆହତ ହୋଇଅଛି । ଗିନଗିନାଳ ପର୍ବତମାଳାରେ ଅନ ଏକଲଡାଇ ହୋଇଯାଇଥିବାର ସମ୍ବାଦ ମିଳଇ । ଏଥିରେ ଲେଫଟେନେଣ୍ଟ ଗାଇସ ଗୁରୁତରରୂପେ ଆଘାତ ପ୍ରାପ୍ତ ଏବଂ ୩ ୩ ଶ ସିପାହୀ ମରା ପଡିଅଛନ୍ତି । ଏ ପ୍ରକାର ଅନ୍ୟାନ୍ୟ ଅନେକ ଯୋଟ ଯୁଦ୍ଧ ହୋଇଯାଇଅଛି । ଫଳକଥା ବ୍ରହ୍ମଦେଶୀୟ ଉପଦ୍ରବ ଅଦ୍ୟ ଶାନ୍ତ ହୋଇ ନାହିଁ ।

### କେନ୍ଦ୍ରାପଡ଼ା ସମ୍ବାଦ ।

କେନ୍ଦ୍ରାପଡ଼ା କମିଟୀର ସଭ୍ୟ ବାବୁ ଜଗନ୍ନାଥ ଭ୍ରମରବରରାୟ ଗତ ଶନିବାର ଦିନ କଣ୍ଟକଠାରୁ ଜଣାଶୀ ପ୍ରଦର୍ଶନୀରୁ ଫେରି ପତାକାକୁ ବହୁ ଉପକରଣ ଓ କରିଶ ସ୍ଥାନ ସହିତ ଅଭ୍ୟର୍ଥନା କରିଥିଲେ ଏମାନଙ୍କ ସକାଶେ ବାବୁଙ୍କର ପ୍ରାୟ ପାଞ୍ଚ ସାତ ଟଙ୍କା ଖରଚ ହୋଇଅଛି । ବାବୁଙ୍କର ବନ୍ଧୁମାନଙ୍କ ସହିତ ସହାନୁଭୂତି ବଡ ପ୍ରୀତିକର ଅଟେ ।

କେନ୍ଦ୍ରାପଡ଼ା ସବଡିଭିଜନ ମଧ୍ୟରେ ବଳାକୋଠା, ଉଚ୍ଚଖଲି, ପଞ୍ଚପାଲ୍ଲକ ପ୍ରଭୃତି ସ୍ଥାନରେ ହାଇଜା ଘାଟା ହୋଇଥିଲା । ଏଥିରେ ବଳାକୋଠାର ସାହା ପ୍ରବିଷ୍ଟ ।

ଏ ବର୍ଷ ଏ ସବଡିଭିଜନରେ ଅମ୍ବଫଳ ଭଲ ହୋଇ ନାହିଁ ।

Split by PDF Splitter

Digitized by srujanika@gmail.com

ଅତଗକାଙ୍କର ତେଜସ୍କର ପ୍ରଭାରେ ନଗରପୋଡର ବୋଲି ଗୋଟିଏ ପ୍ରବାଦ ପ୍ରସ୍ତୁତି ଅଛି ସେଥିରେ ଲୋକମାନେ ମାତୁଛନ୍ତି ନଥିବ ।

ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ଅଲଗଠାରେ ଜଣେ କେପାସ ସାହେବ ଗୋଟିଏ ଖାଳକୁଣ୍ଡା କଳ ବସିଅଛି ସେଥିରେ ଅଧ୍ୟକ୍ଷମାନଙ୍କ ମଧ୍ୟରେ ପ୍ରଚୁର ଧାନ କୁଟା ହେଉଅଛି । ସାହେବଙ୍କର ଉଦ୍ଦେଶ୍ୟ ଯେ ଏଠାରୁ କଲିକତାକୁ ଚାଉଳ ରପ୍ତାନି କରିବେ ଓ ମଧ୍ୟ ଚାଉଳ ଧରୁଅଛନ୍ତି ।

ଅଳ୍ପ କାଳ ଚନ୍ଦବାଲିର ଯେଉଁ ଧୂଆଁକଳମାନ ଅଛି ସେଥିରେ ଯାତ୍ରିମାନଙ୍କୁ ଦୁଇ ଟଙ୍କା ଭଡ଼ାସ୍ଥଳେ ଦୁଇ ଅଣା ହୋଇଅଛି ।

---

## ପ୍ରେରିତପତ୍ର ।

**ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।**

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ-
ମହାଶୟ ସମୀପେଷୁ ।

ମହାଶୟ !

ମୁଁ ମୋହର ଜଣେ ବନ୍ଧୁଙ୍କ ନିକଟରୁ ଶୁଣିଲି ଯେ ଅନ୍ୟ ଏକ ଛାପାଖାନାର ଜଣେ ପ୍ରଧାନ କର୍ମଚାରୀ, ପ୍ରିଣ୍ଟିଂକମ୍ପାନୀଙ୍କ ପ୍ରେସର ଜଣେ ଇଂରାଜୀ ଓଡ଼ିଆ ଜାଣିଥିବା କମ୍ପୋଜିଟରକୁ ନାନା ପ୍ରକାର ପ୍ରଲୋଭନ ଦେଖାଇ, ଯଥା;—ତୁମ୍ଭେ ଏଠାକୁ ଆସିଲେ ତୁମ୍ଭର ଭଲ ହେବ, ମୁଁ ତୁମ୍ଭଙ୍କୁ ପିଲାଦିନେ ପଢ଼ାଇଥିଲି, ମୋହର ଏ ଅନୁରୋଧଟା ତୁମ୍ଭଙ୍କୁ ଅବଶ୍ୟ ରକ୍ଷା କରିବାକୁ ହେବ; ଇତ୍ୟାଦି ! ଇତ୍ୟାଦି ! ! କହି ଉକ୍ତ କମ୍ପୋଜିଟରଙ୍କୁ ଓଟାଇ ନେବାକୁ ବସି ଅଛନ୍ତି । ସମ୍ପାଦକ ମହାଶୟ ! ଏହାକୁ କେଉଁ ନୀତି ବୋଲି ? ଯେ ଯାହାର ଅନ୍ନଜଳ ଖାଇଥାଏ, ସେ ଟିକିଏ ହେଲେ ଅନିଷ୍ଟ ଚିନ୍ତା କରେ ନାହିଁ ! ଏହିକି ଅଠଦିନେ ଥରେ ସମସ୍ତଙ୍କ ସଙ୍ଗରେ ବସି ଅଶିବୃତବାର ଫଳ ? ଯେଉଁ ମହାତ୍ମା ଗତ ନବମ୍ବର ମାସ ତା ୨ ରଖ ଉତ୍କଳଦୀପିକାରେ, ସ୍ୱତନ୍ତ୍ରର ମାନେଜର କୌଣସି ଛାପାଖାନାର କର୍ମଚାରୀକୁ ଫୁସଲାଇଥିବା ଓ ଅନ୍ୟ କେତେକ ବିଷୟ ଲେଖି, ଦୀପିକାର ୨ ଲମ୍ବ ପୂର୍ଣ୍ଣ କରି ଦେଇଥିଲେ, ଆଜି ସେହି ପୁଣି, ଅନ୍ୟଗୋଟିଏ ଛାପାଖାନାର ଅନିଷ୍ଟ ଚିନ୍ତାକରି, ଜଣେ କର୍ମଚାରୀକୁ ଶିଖାଇ ଦେଇ ପଳେଇବାକୁ ଟାଣ ଲାଗିଅଛନ୍ତି ଏବଂ ଯାହାଙ୍କ ଯୋଗୁଁ କଟକରେ ସ୍ଥାୟୀ ହେଲେ, ତାହାଙ୍କ ଗର୍ତ୍ତ କରୁଛନ୍ତି ଦଣ୍ଡାୟମାନ ହୋଇଅଛନ୍ତି ! ସାବାସ୍ ଲେଖକ ମହାଶୟ ! ଏତେବେଳେ ଆପଣଙ୍କ ବୁଦ୍ଧିଟା କଣ ଗୋଡ଼ରେ ଗୁଡ଼ୁଛି କି ? ତା ନୋହିଥିଲେ ଆପଣଙ୍କର ଲେଖାଟା ଅବଶ୍ୟ ଆପଣଙ୍କ ମନେ ଆଥନ୍ତା ! ଲୋକେ କହନ୍ତି "ଶିଖାଇଦିଏ ପରକୁ ବୁଦ୍ଧି ନ ଆସଇ ଘରକୁ" । ଇତି ।

୨୨—୩—୮୭ } ବଶମ୍ବଦ
ମର୍ଚ୍ଚେଣ୍ଟପୁର } ଶ୍ରୀ—ଗୋସ୍ୱାମୀର

---

ମହାଶୟ ?

ଅମ୍ଭମାନଙ୍କର ପରମ ପ୍ରତିଷ୍ଠିତ ଶ୍ରୀ ଜଗନ୍ନାଥ ସନାତନ ଧର୍ମରକ୍ଷଣୀ ସଭାର ଏଥିଂପୂର୍ବ ଗୋ ୩ଟି ଅଧିବେଶନ ହୋଇ ପୁରାଣାଦି ପାଠ ଓ ସଙ୍କୀର୍ତ୍ତନାଦି କାର୍ଯ୍ୟମତ କରି ଯାଇଅଛି କିନ୍ତୁ ଉକ୍ତ ସଭାର ବିଗତ ତା ୧୭ ରଖ ଅଧିବେଶନରେ ନିମ୍ନଲିଖିତ ବିଷୟମାନ ଆନ୍ଦୋଳନ କରାଯିବାରୁ ଆପଣମାନଙ୍କ କ୍ଷିତ ସକାଶ ନିବେଦନ କଲୁଁ,

୧ । ବର୍ତ୍ତମାନ ଆପଣଙ୍କର ଜଗଦ୍ୱିଖ୍ୟାତ ପତ୍ରିକାରୁ ଅବଗତ ହେଲୁଁ ଯେ ଆଶିଷ୍ଟାଣ୍ଟ ରସିଭର ଶ୍ରୀ ବାବୁ ନଦୀୟାଗୃଜଦତ୍ତ ସବ୍‌ଡେପୋଟୀ କର୍ମରେ ନିଯୁକ୍ତ ହେବାରୁ ତାଙ୍କ କର୍ମରେ ଶ୍ରୀଯୁତ ଭଗବାନ ବାବୁ ନିଯୁକ୍ତ ହେବାର ମନୋନୀତ ହୋଇଅଛନ୍ତି ଏ ଅତି ଉତ୍ତମ ହୋଇଅଛି ମାତ୍ର ଆମ୍ଭେମାନେ ଆଶା କରୁଁ ବାବୁ ମହାଶୟ ଯେପରି ଉକ୍ତ କର୍ମର ଭାର ଗ୍ରହଣକରି ତାହାଙ୍କର କର୍ତ୍ତବ୍ୟକର୍ମ କାଳ ଦେଶ ଓ ପାତ୍ରକାଳରେ ସୁଶୃଙ୍ଖଳରେ ସମାଧାନକରି ସମସ୍ତ ହିନ୍ଦୁଧର୍ମାବଲମ୍ବି ମାନଙ୍କର ସନ୍ତୋଷ ଓ ଆଶୀର୍ବାଦର ପାତ୍ର ହେଉନ୍ତୁ ।

୨ । ଏବର୍ଷ ଦୋଲଯାତ୍ରା ପର୍ବଟି ଉତ୍ତମରୂପେ ସମାଧା ହୋଇଥିଲେ ମଧ୍ୟ ଦୁଃଖର ବିଷୟ ଯେ ଉକ୍ତପର୍ବ ଉପଲକ୍ଷେ ଏଠାକୁ କଲିକତା ନିବାସୀ ଏକଜଣ ପ୍ରସିଦ୍ଧ ଜମିଦାର ଯେଉଁ ସପରିବାରରେ ଅନେକ ଗୃହସ୍ଥ ଲୋକସଙ୍ଗେ ଘେନି ଆସିଥିଲେ ତାହାଙ୍କର ମନ୍ଦିରରେ ଥିବା ନୂତନ ପୁଲିସମାନଙ୍କ ଦ୍ୱାରା ବିଶେଷ ଅପମାନ କରା ଯାଇଥିଲା—ଶୁଣାଯାଏ ବାବୁ ମହାଶୟ ଏ ବିଷୟରେ ମେଜେଷ୍ଟ୍ରରଙ୍କ ନିକଟକୁ ରପୋର୍ଟ କରିଥିବାରୁ ପୁଲିଶଙ୍କ ବିପକ୍ଷରେ ମୋକଦ୍ଦମା ଚଳୁଅଛି ।

୩ । ବର୍ତ୍ତମାନ ବାବୁଙ୍କ ଓ ଏଠାର ଲୋକମାନଙ୍କ ମଧ୍ୟରେ ଏକ ବିଶେଷ ଗଣ୍ଡଗୋଳ ଲାଗିଅଛି ବାବୁମାନେ ଶାଳଗ୍ରାମମୂର୍ତ୍ତି ଧାରଣକରୁଅଛନ୍ତି ତାହାର ସୀମା ନାହିଁ ମାମଲା ମୋକଦ୍ଦମାର ସଂଖ୍ୟା ନାହିଁ ଯାତ ମାଲ ଦେଇ ଟଙ୍କା ଅସୁଲ ସମୟକୁ ଏତେ ଅତ୍ୟାଚାର ନାହିଁ ଓ ପଲବା ନ ଥାଇ ଏତେ ବାବୁଗିରି ନାହିଁ ଅତଏବ ପ୍ରାର୍ଥନା ଯେ ବର୍ତ୍ତମାନର ଅବସ୍ଥା ଦୃଷ୍ଟିରେ ଉତ୍ତପ୍ୟତକୁ ଶୁଙ୍ଖଳା ବାବୁଗିରି କରିବା ବିଷୟରେ ସମସ୍ତଙ୍କର ସତର୍କ ରହିବାର ଉଚିତ ।

୧୭।୩।୮୭ } ଶ୍ରୀ ଶ୍ରୀ ଜଗନ୍ନାଥ ସନାତନଧର୍ମ-
ପୁରୀ } ରକ୍ଷଣୀ ସଭାର ସମ୍ପାଦକ—
} ଶ୍ରୀ ରଘୁନାଥ ସେଠେଦାର ପଟ୍ଟନାୟକ
ସହକାରୀସମ୍ପାଦକ

---

To the Editor of Utlal Dipika.

Sir,

I have read a good deal about the Juggernath temple case in the Vernacular and the English papers of the several Presidencies of India. I think a collection of these in the form of a pamphlet will be acceptable reading to the public. One evening I was just trying to guess the real object of Government in instituting this suit. I am neither a philosopher nor a lexicographer and I have never been able to grasp the distinction between motive and object, so pardon me Mr. Editor if I have wrongly used the word *object.* I tried to examine the several motives attributed to Government by the different classes of the Indian population from the highest Government official to the poor *Chasa,* but none of these explanations seemed reasonable to me. Some people say the object of this suit is to improve the ceremonials; this I cannot believe, for it will be unworthy of a Xtian Government and opposed to the policy which Government has always pursued in regard to religious matter. I am sure we are not going to have Hindu Chaplains in the Government of India's pay. Besides, the Government of India is bound by a most serious pledge to the Chritian public both in England and in India not to revive its connection in any form with this temple. This pledge may be read in the minutes of the Governor General of the time in the minutes by the members of his Council, in the despatches by the Court of Directors, in the letters to the representatives of Christian assemblies in India, in the returns to the House of Commons and in the speeches in the House by the Hon'ble

Split by PDF Splitter

Digitized by srujanika@gmail.com

Messrs Ingles and Kinard. I cannot believe that the object of the suit is to improve the management of the temple. But there are many people who believe it and not only here but even in England, some people believe this to be the object of the suit. I have heard that the matter has attracted the notice of the Christian people in England and they believe this to be the object of the suit.

Some people believe that the object of the suit is to prevent the spread of disease and consequent loss of life from the consumption of unwholesome food in the shape of stale *Mahaprasad*. I cannot believe this, for I cannot understand how this can be effected. The Hindus believe Mahaprasad to be the most sacred food, no part of it ought to be thrown away. Pilgrims carry this sacred food thousands of miles to be given to their relatives as a most acceptable present. By the time the food reaches its destination, it becomes unfit for human food. How can any system of management in the temple at Puri prevent the consumption of unwholesome food in the Punjab or in the Bombay Presidency.

The only effectual means to prevent this evil will be the addition of a section to the Penal Code making the consumption of this unwholesome food punishable. But will the Legislature have the courage to do this?

While musing and amusing myself in this strain I fell asleep and I saw a dream. I saw Sir George Campbell hold a serious conversation with a person whose official designation was the settlement officer of Khordah but whose name I could not learn. I heard the latter point out to Sir George the difficulty of increasing the revenue of Khordah by reason of a portion of that state having been made over unconditionally to the temple. Sir George seemed anxious to raise the revenue by resettlement of the state, the settlement officer was willing to carry out Sir George's orders, but how could he enhance the rents of a portion of the estate when the other portion which had been made over to the Rajah of Khordah was exempted from enhancement under the terms of the deeds of transfer. Sir George seemed to think that those deeds of transfer purported to be assignment of revenue and not of land, and this construction seemed to please the settlement officer. Just at this moment I was disturbed by a sound. I awoke and both Sir George and the settlement officer vanished. I again fell asleep and strange to say the scene changed. Sir George appeared with another gentleman who I learnt was the Secretary of State for India. This gentleman in a very serious tone disapproved of the forced construction put by Sir George on the deeds of transfer and of the conduct of the settlement officer in treating the portion of Khordah covered by those deeds as much under Khas management as the rest of it. Here I was again disturbed by a sound which I discovered this time was caused by a big rat which had entered the drawers of a toilet table and was trying to get out.

A few minutes after I again fell asleep and I saw an altogether new scene. I saw a number of gentlemen with Sir Ashley Eden at their head sitting in solumn and serious deleberation over this Khordah settlement question. It will not interest you to know the opinions of the several gentlemen present at this meeting, and I am not sure whether I shall be able to reproduce a dream correctly but the resolution arrived at was that recourse should be had to legislation for the purpose of removing the Raja of Khordah, to whom a portion of this estate had been assigned over, from the management of the temple and thus get out of this difficulty in the settlement of Khordah.' It was dawn, the cock crew I woke up, to this world of state secrets never to be admitted again to the privilege of listening to the conversation of angels.

This dream puzzled me very much and I tried to ascertain if this dream had any reality. All that I could learn was that for some years subsequent to the transfer of a portion of Khordah to the Raja as Superintendent of the temple, Government undertook the management of this portion of the estate as well, realized arrears of rent by the certificate procedure, surveyed the lands, in short treated the deeds of transfer as assignments of Revenue and not conveyances of lands.

Mr. Editor, do you know any one who could read this dream for me? or do you know any Government official who could enlighten me as to whether this vision is a mere dream or has a corresponding reality in the red tape world.

Yours &c.
*A Lunatic.*

---

## ମୂଲ୍ୟ ପ୍ରାପ୍ତି ।

| | | |
|---|---|---|
| ମୁନ୍ସୀ ଏଲାହି ... | କଟକ | [illegible] |
| ଶ୍ରୀ ଗଙ୍ଗାଧର ମଠ ଭର୍ତ୍ତା | ଅସ୍ତିମ | [illegible] |
| ଶ୍ରୀ ବେଲ ସାହେବ | ... | [illegible] |
| ବାବୁ କୃଷ୍ଣଚନ୍ଦ୍ର ଘୋଷ | କଟକ | [illegible] |

---

# ବି ଜ୍ଞା ପ ନ ।

( କୋଠା ବିକ୍ରୟ )

ଅମ୍ଭେ ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଏହି କଟକ ନଗରର ଶୁଦ୍ଧସାଗରୀ ... ଅମ୍ଭର ଏକ ପକ୍କା କୋଠାକୁ ବିକ୍ରୀ କରିବୁଁ ... ମୂଲ୍ୟ ଅନ୍ୟୂନ ... ଏହି କୋଠାରେ ଥିବା ... ଘର ... ଜମି ... [illegible]

ସାହେବଙ୍କ ହତାକୁ ଲାଗିଅଛି, ଉତ୍ତମ ପବନ ଖାଇବାର ଯାଗା ଯାହାଙ୍କର ଲୋଡ଼ାର ଅନ୍ୟ କୌଣସି ବିଷୟ ବୁଝିବାକୁ ହେବ ସେ ଅମ୍ଭଠାକୁ ପତ୍ର ଲେଖିଲେ ଜମା ଉଚ୍ଚେ ଅସଂଲେ ସମସ୍ତ ବିଷୟ ଜାଣି ପାରିବେ ।

୨୧।୩।୮୭ } କୋଠାଅଧିକାରୀ
ଗୁଜରାଟୀକ
କଟକ } ଶ୍ରୀ ସ୍ୱରୂପଚନ୍ଦ୍ର ଦତ୍ତ

କଟକ ଭିକ୍ଟୋରିୟା ବିଦ୍ୟାଳୟର ଚାନ୍ଦା ।

| | | |
|---|---|---|
| ରାୟ ବୈଦ୍ୟନାଥ ପଣ୍ଡିତ ବାହାଦୁର | | ଟ ୧୦୦୦ |
| ଶ୍ରୀ ମହାରାଜା | କେନ୍ଦୁଝଡ଼ | ଟ ୧୦୦୦ |
| ଶ୍ରୀ ରାଜା | ତାଳଚେର | ଟ ୫୦୦ |
| " | ରଣପୁର | ଟ ୫୦୦ |
| " " | ଅଠମଲ୍ଲିକ | ଟ ୩୦୦ |
| " " | ହିନ୍ଦୋଳ | ଟ ୨୦୦ |
| " ଚୌଧୁରୀ କାଶୀନାଥ ଦାସ | | ଟ ୩୦୦ |
| ବାବୁ ବିହାରୀଲାଲ ପଣ୍ଡିତ | | ଟ ୨୦୦ |
| " ଲକ୍ଷ୍ମୀକାନ୍ତପୂର୍ଣ୍ଣ ଚୌଧୁରୀ | | ଟ ୧୦୦ |
| " ହରବଲ୍ଲଭ ବୋଷ | | ଟ ୧୦୦ |
| ଶ୍ରୀ ରାମଚନ୍ଦ୍ର ରାୟ ମୟୂରଭଞ୍ଜ | | ଟ ୫୦ |
| ବାବୁ ଦୁର୍ଗାପ୍ରସାଦ ଭଗତ | | ଟ ୨୦ |
| କଟକ ମିଉନିସିପାଲିଟି | | ଟ ୫୦୦୦ |
| କଟକ କୂଲଜ କମିଟିଙ୍କ ହସ୍ତଗତ ହେବାଥିବା ସାମୟିକ ଚାନ୍ଦାର ବଳକା ଟଙ୍କାରୁ ଅବଶିଷ୍ଟ | | ଟ ୮୫୦ |
| ମୋଟ | | ଟ ୧୦୧୨୦ |

କଟକ ମିଉନିସପାଲିଟୀ ।

ବିଜ୍ଞାପନ ।

ଯେହେତୁ ଚୌଧୁରୀ ବଜାର ମିଉନିସିପଲ ଷ୍ଟେଟ ମଧ୍ୟସ୍ଥିତ ଅଫରଗୋଦାମ ଘର ବଡ଼ା ଦଅ-ଯିବା ଉପରେ ଖାଲି ଅଛି ଯେ କେହି ଉକ୍ତ ଗୋଦାମ ଘର ନେବାକୁ ଇଚ୍ଛା କରୁଥିବେ ସେମାନେ ମାସିକ ଟ ୧୫ ଟଙ୍କା ଭଡ଼ାରୁ ନ୍ୟୁନ ନୁହେ ଏପରି କୌଣସି ଏକରେଟରେ ପାଇପାରିବେ ଆବେଦନକାରୀମାନେ ଆସନ୍ତା ମାର୍ଚ୍ଚମାସ ୩୧ ତାରିଖ ପୂର୍ବେ ବନ୍ଦୋବସ୍ତ କରିବେ । ଇତି ।

୨୧।୩।୮୭ } ଅକ୍ଷରକ୍ରମେ
ଶ୍ରୀ କ୍ଷେତ୍ରମୋହନ ରାୟ
ଟାଉନ ଓଭରସିୟର

ବିଶେଷ ଦ୍ରଷ୍ଟବ୍ୟ ! ବିଶେଷ ଦ୍ରଷ୍ଟବ୍ୟ !!
ବିଶେଷ ଦ୍ରଷ୍ଟବ୍ୟ !!!

ରାଜା କୃଷ୍ଣସିଂହଙ୍କ କୃତ

# ମହାଭାରତ ।

—୦—

ମହାଭାରତ ଯେ କେମନ୍ତ ପରମାଦରଣୀୟ ଗ୍ରନ୍ଥ ଏହା ପ୍ରାୟ କୌଣସି ହିନ୍ଦୁମଣ୍ଡଳୀରେ ଅପ୍ରକାଶ୍ୟ ନାହିଁ । ଏ ମହାଗ୍ରନ୍ଥକୁ ଧର୍ମ୍ମ ଅର୍ଥ କାମ ଓ ମୋକ୍ଷ କାମନାରେ ବିଶୁଦ୍ଧମାନସରେ ସତତର ଶ୍ରବଣ କରିବାର ପ୍ରଥା ଥିବା ପ୍ରତ୍ୟକ୍ଷେ କେବଳ ପ୍ରଧାନ ପ୍ରଧାନ ଗୃହମାନଙ୍କ ଗୃହରେ ଏଥିର ଏକ ଏକ ସାର ଯତ୍ନପୂର୍ବକ ସଞ୍ଚିତ ହୋଇ ରହିଥିବାର ଲକ୍ଷିତ ହୁଏ । ଏଥିର ପୂର୍ଣ୍ଣ ଅଷ୍ଟାଦଶ ପର୍ବ ଲେଖାଇ ରଖିବା ଯେମନ୍ତ ସୁବୃହତ ବ୍ୟାପାର ତେମନ୍ତ ବହୁବ୍ୟୟସାଧ୍ୟ । ସୁତରାଂ ଏଥିର ଅଭାବ ସାଧାରଣରେ ସର୍ବଦା ବିଦ୍ୟମାନ ରହିଅଛି ।

ଦେଶହିତୈଷୀ ବିଜ୍ଞ ଓ ଧନବାନଙ୍କ ସାହାଯ୍ୟ ବ୍ୟତିରେକେ ଏତଦଭାବ ନିବୃତ୍ତ ହେବାର ଉପାୟାନ୍ତର ନାହିଁ । ଏଥିପାଇଁ ଆମ୍ଭେମାନେ ଏକାକୀ ସମସ୍ତ ବ୍ୟୟଭାର ବହନ କରିବାକୁ ତାହାଙ୍କୁ ଅନୁରୋଧ କରି ନ ପାରୁଁ କେବଳ ଏଥିର ମର୍ମ୍ମଗ୍ରାହୀ ଓ ଅଭିଳାଷିଗଣ ଏଥିରୁ ଏକ ଏକ ସାର ଅନୁଗ୍ରହପୂର୍ବକ ଗ୍ରହଣ କରିବା ବିଷୟରେ କୃତସଂକଳ୍ପ ହେଲେ ଅମ୍ଭେମାନେ ପ୍ରଗାଢ଼ ଅଧ୍ୟବସାୟ ସହକାରେ ଅତି ସ୍ୱଳ୍ପମୂଲ୍ୟରେ ସାଧାରଣଙ୍କୁ ଉକ୍ତ ଗ୍ରନ୍ଥ ଯୋଗାଇବା ବିଷୟରେ ଅଗ୍ରସର ହେଉଁ ।

ଏ ପ୍ରଦେଶରେ ଦୁଇପ୍ରକାର ମହାଭାରତ ପ୍ରଚଳିତ ଅଛି ଅର୍ଥାତ ଶାରଳାଦାସଙ୍କ କୃତ ଓ କୃଷ୍ଣସିଂହଙ୍କ କୃତ । ଶାରଳାଦାସ ମହାଭାରତଠାରୁ କୃଷ୍ଣସିଂହଙ୍କର ମହାଭାରତ ବୃହତ ଓ ଉତ୍କୃଷ୍ଟ, କାରଣ ଏହା ସଂସ୍କୃତମହାଭାରତରୁ ବିଶଦଭାଷାରେ ଅନୁବାଦିତ । ଏଥିର ଉଦ୍ୟୋଗପର୍ବରେ ଭଗବଦ୍‌ଗୀତା ସମ୍ପୂର୍ଣ୍ଣ, ଶାନ୍ତିପର୍ବରେ ରାଜଧର୍ମ, ଦାନଧର୍ମ, ମୋକ୍ଷଧର୍ମ ଓ ଶେଷଭାଗରେ ହରିବଂଶପର୍ବ ଇତ୍ୟାଦି ବହୁବିଧ ଉତ୍ତମ ଉତ୍ତମ ବିଷୟ ସନ୍ନିବେଶ୍ଟ ଅଛି । ଶାରଳାଦାସ ମହାଭାରତରେ ଏସବୁ ବିଷୟର ଅଭାବ ଲକ୍ଷିତ ହୁଏ । ଯେ ଏ ମହାଭାରତକୁ ଥରେ ମାତ୍ର ଶୁଣିଅଛନ୍ତି ବା ଶୁଣିବେ, ତାହାଙ୍କର ଶାରଳାଦାସ ମହାଭାରତ ଶ୍ରବଣରେ କଦାପି ତୃପ୍ତି ଜାତ ହେବ ନାହିଁ ଏଣୁକରି ଏହି ଉତ୍କୃଷ୍ଟଗ୍ରନ୍ଥକୁ ଛାପା କରାଇବା ନିମନ୍ତେ ଅମ୍ଭେମାନେ ମନୋନୀତ କରିଅଛୁଁ ।

ଅମ୍ଭେମାନେ ଅନୁମାନ କରୁଁ କି ଏ ଗ୍ରନ୍ଥ ରଏଲ ଅଠପେଜି ଅକ୍ଷରରେ ପ୍ରା ୬୦୦ ରିମ ଅର୍ଥାତ ପୃ ୪୮୦୦ ଷ୍ଠା ହେବ ଏବଂ ସାଧ୍ୟମତ ଅଳ୍ପସମୟରେ ସମ୍ପୂର୍ଣ୍ଣ ପୁସ୍ତକ ଯୋଗାଇ ନ ପାରିଲେ ଗ୍ରାହକମାନଙ୍କର ତୃପ୍ତି ନ ହେବା-ଦୃଷ୍ଟିରେ ପ୍ରତିମାସରେ ପୃ ୧୪୪ ଷ୍ଠା ଲେଖାଏ ମୁଦ୍ରିତ କରି ନ୍ୟୁନାଧିକ ବ ୨୫ ର୍ଷମଧ୍ୟରେ ପୁସ୍ତକ ସମ୍ପୂର୍ଣ୍ଣ କରିବାକୁ ସଂକଳ୍ପ କରି ଅଛୁଁ; ମାତ୍ର ଅନ୍ୟୁନ ଦୁଇଶତ ଗ୍ରାହକ ନ ହେଲେ କାର୍ଯ୍ୟାରମ୍ଭ କରିପାରିବୁଁ ନାହିଁ । ଗ୍ରାହକମାନେ ଆପଣା ଆପଣା ସୁବିଧାକ୍ରମେ ନିମ୍ନଲିଖିତ ନିୟମରେ ମୂଲ୍ୟ ଦେଇ ପାରିବେ ଯଥା;—

ଏଥିର ସମ୍ପୂର୍ଣ୍ଣ ଅଷ୍ଟାଦଶପର୍ବର ଅଗ୍ରିମମୂଲ୍ୟ

| | | | | |
|---|---|---|---|---|
| | ସହର ନିମିତ୍ତ | | | ଟ ୧୩ |
| ଡାକମାସୁଲ ସହିତ ମଫସଲ ନିମିତ୍ତ | | | | ଟ ୧୫ |
| ତ୍ରୈମାସିକ ଅଗ୍ରିମ ମୂଲ୍ୟ | | ଟ ୨୧ | ଡାକମାସୁଲ | ଟ ୦।୷ |
| ଷାଣ୍ମାସିକ | " | ଟ ୩୵ | " | ଟ ୦।୷ |
| ବାର୍ଷିକ | " | ଟ ୭୧ | " | ଟ ୦।୩ |

ଏମନ୍ତ ସ୍ୱଳ୍ପମୂଲ୍ୟରେ ଏ ବୃହତ ମହାଭାରତ ଲଭିବାର ସୁଯୋଗକୁ ବିଜ୍ଞ, ଧାର୍ମିକ ଓ ବିଦ୍ୟାର୍ଥୀ ବ୍ୟକ୍ତିମାତ୍ରକେ ଉପେକ୍ଷା ନ କରିବେ ଏହା ସେମାନଙ୍କଠାରେ ଏକାନ୍ତ ପ୍ରାର୍ଥନା ।

ଯେଉଁମାନେ ଗ୍ରାହକ ହେବାକୁ ଇଚ୍ଛା କରିବେ ସେମାନେ ଆପଣା ନାମ, ଧାମ ଓ ଯେଉଁପ୍ରକାରେ ମୂଲ୍ୟ ଦେବାକୁ ପ୍ରସ୍ତୁତ ହେବେ ତାହା ଲେଖି ପଠାଇବେ । ଗ୍ରାହକ ସଂଖ୍ୟା ପୂର୍ଣ୍ଣ ହେବାର ଏକମାସ ଉତ୍ତାରୁ କାର୍ଯ୍ୟାରମ୍ଭ ହେବ ଏବଂ ତହିଁପୂର୍ବରୁ ଅଗ୍ରିମ ମୂଲ୍ୟ ଦେବାକୁ ହେବ ।

ପ୍ରକାଶ ଥାଉ କି ଯେଉଁମାନେ ନ ୧୦ ଣ ଗ୍ରାହକଙ୍କର ଏକବର୍ଷର ମୂଲ୍ୟ ଅଗ୍ରିମ ଏକକାଳୀନ ଦାନକରିବେ ସେମାନଙ୍କ ନାମ ଏତେଣ୍ଟଶ୍ରେଣୀଭୁକ୍ତ କରି ବିନା ମୂଲ୍ୟରେ ଏକବର୍ଷର ମହାଭାରତ ଦାନ କରିବୁଁ ।

ଏହି ମହାଭାରତସମ୍ପର୍କୀୟ ମୂଲ୍ୟ ଏବଂ ସମସ୍ତ ପତ୍ରାଦି କଟକ ପ୍ରିଣ୍ଟିଂକମ୍ପାନୀଙ୍କ ସେକ୍ରେଟେରୀ ଶ୍ରୀ ବାବୁ ଗୌରୀଶଙ୍କର ରାୟ ମହାଶୟଙ୍କ ନିକଟକୁ ପଠାଇବାକୁ ହେବ ମାତ୍ର ରପ୍ଲାଇ ଅର୍ଥାତ ଡବଲକାର୍ଡ ଅଥବା ତୁଇପଇସିଆ ଡାକ

ଟିକଟ ଏକଖଣ୍ଡ ନ ପଠାଇଲେ ଉତ୍ତର ଦିଆଯିବ ନାହିଁ । କମ୍ ବେଇଂପତ୍ର ଗ୍ରାହ୍ୟ ହେବ ନାହିଁ

କଟକପ୍ରିଣ୍ଟିଂକମ୍ପାନି ଅଫିସ ଦରଘାବଜାର କଟକ } ଶ୍ରୀଭଗୀରଥୀପାଠିଶ୍ରୀ ପ୍ରକାଶକ

ଉଦଣ୍ଡସ ଦ୍ରବ୍ୟଗୁଣ ।

କେନ୍ଦ୍ରାପଡ଼ାସ୍ଥ ଡାକ୍ତର ଶ୍ରୀବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସଙ୍କଳିତ ରୋଗଗ୍ରସ୍ତ ମନୁଷ୍ୟମାନଙ୍କ ରୋଗରୁ ମୁକ୍ତ କରିବା ନିମନ୍ତେ ପ୍ରସ୍ତୁତ ଅଛନ୍ତି । ଗତ ଛଅବର୍ଷମଧ୍ୟରେ କୌଣସି ରୋଗୀ ଅନାରୋଗ୍ୟ ହୋଇ ଫେରିଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପବ୍ୟୟରେ ଅଳ୍ପଦିନ ମଧ୍ୟରେ ତୁମ୍ଭଙ୍କୁ ଆରୋଗ୍ୟ କରିବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ବିକ୍ରୟ ହେଉଥିବା ନିମ୍ନଲିଖିତ ପୁସ୍ତକମାନଙ୍କର ମୂଲ୍ୟ ଊଣା ହୋଇଅଛି । ଯଥା:—

| | |
|---|---|
| ବାଞ୍ଛାବେଣୀ ନାଟକ | ଟ ॰ । |
| ପ୍ରେମଲହରୀ ( ଗାଥା ) | ଟ ॰ ⁄ |
| ଗୁରୁପାଠ ୧ ମ ଭାଗ | ଟ ॰ । |
| „ ୨ ୟ ଭାଗ | ଟ ॰ । |
| „ ୩ ୟ ଭାଗ | ଟ ॰ ୵ |

# ମେହରୋଗ ।

ଗର୍ଭସ୍ଥାନମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣା ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଜଳାର୍ଦ୍ର ରୋଗୀଣରହିବାର କାରଣ ନୁହେ ସାମାନ୍ୟ ଅର୍ଥବ୍ୟୟ ସହାଯେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକପ୍ରସ୍ଥ ସେବା କଲେ ନୂତନରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ କିମ୍ବା ଯନ୍ତ୍ରଣାଅର୍ଥୀ ଏ ବ୍ୟାଧିସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନରକ୍ଷଣସମ୍ପୂର୍ଣ୍ଣ ପର୍ଯ୍ୟନ୍ତ ରହିବ । ସମସ୍ତ ବିଜ୍ଞାପନରେ ସତ୍ୟଣତ ନ ହେଲେ ଅଭିଯୋଗ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆକଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅନ୍ତଃପାତୀ ଭଗ୍ଗଡ଼ ଠାକୁରଙ୍କ ନମ୍ବର ଭବନରେ ସି, କେ, ସେନ୍ କମ୍ପାନିଙ୍କଠାରେ ଏବଂ କଟକ

ଦରଘାବଜାର ପ୍ରିଣ୍ଟିଙ୍ଗ୍‌କମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକସିସିଙ୍କ ଟ୍ ୨୵ ଟା । ପ୍ୟାକିଂ ଓ ଡାକମାସୁଲ ପୃଥକ ।

# ବାଲିକାଗଜ ।

ନିମ୍ନଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟ ବାବୁ ଅର୍ଜୁନଦାସ ଜଗନ୍ନାଥଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୭ ପଣ୍ଡି | ରିମ | ଦ ୧୯ ଟ ୨୷ | ଦ ୧୯ ଟ ୦ ⁄୨ |
| ୧୮ ପଣ୍ଡି | „ | „ ଟ ୨୵ | „ ଟ ୦ ⁄୩ |
| ୧୬ ପଣ୍ଡି | „ | „ ଟ ୨। | „ ଟ ୦ ⁄ |
| ୩୦ ପଣ୍ଡି | „ | „ ୩ ଟ। | „ ଟ ୦ ⁄୨ |

ବେପାରୀମାନେ ଅର୍ଥାତ୍ ଯେଉଁମାନେ ଏକତ୍ରରେ ୧୦ ରିମ ବା ଅଧିକ କ୍ରୟ କରିବେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ପାଇ ପାରିବେ । ମୂଲ୍ୟ ନଗଦ ।

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କରଙ୍କ ବାସାର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନକୋଣା ଓ ଲଙ୍ଗଳ ଓ ରେଶମୀଓଗେରି ଲୁଗା ଓ ଷ୍ଟେସନରି ଓ କାଗଜ ଇତ୍ୟାଦି ସମସ୍ତ ବିକ୍ରୟ ହେଉଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭବ ଅଲ୍ପ କେତେକ ଫେନ୍ସି ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ ବିଲାତ ଜୋତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ ହୋଇଯିବ । ଯତ ଉକ୍ତ ଜୋତାମାନ ବିକ୍ରୟ ହେବା ହେତୁ ଆପଣା ମଫସଲ ସକାଶେ ଉତ୍ତ ସ୍ୱଦାଗ୍ର ହେବେ ଏବଂ ମଣକୁ ୨ ଭାଗ ଟ ୧୷୨ ହିସାବରେ କଡ଼ା ଦେଲେ ପାଇ ପାରିବେ । ମାଲ ବାହାରି ଗଲା ଖଚ୍ଚାକଲେ ଭାର ତାଙ୍କ ଉପରେ ଥିବ ; ଯତ ନେଲେ ଜୋତାର ଦାମ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

ଫର୍ଦ୍ଦ ।

| | |
|---|---|
| ଜର୍ମନ୍ ସେମଣା ଓ ଠାକୁରେ ଗୁଡ଼ ହେଲେ ସବୁ । | ଗାତ ଓଭନ୍ ଓ ବାଟ ଓକେଟ ଓ ସୁତ |
| ଟିନେଇଖାନ | ବସାଗ କେବୁନ |
| ଡକେଟିଙ୍ଗ ହେଉ ଲଣ୍ଡନ ଥେନ ଖାଦା ଓ କୋମ୍ପ ଆଦି । | ଇଙ୍ଗ୍ଲିସ ଗୁଡ଼ଫର୍ଣ୍ଣିଚ ଏବଂ ଫସ କୁସ |
| | ଜେଲଗନ ଓଟୋର ସମ କେଉରଟ ଇନେ |

ହୁକ୍ସ ଅର୍ଥାତ୍ ଡକଗା କଡ଼ିକା କାଗଜ ପେନ୍ସିଲ ଓ କଲମ ।

ପେନ୍‌ସିଲ କାଟିବା ଛୁରୀ ।

କାଳି ଚୁବାଇବା ପଠାକାଗଜ ଓ କଲମଦାନି ।

ନେପାଳୀ ଦ୍ରୁଆ ।

ପେନ୍ ହୁକ ।

କଲମ ସାବୁନ ।

ଡାକଘର ଖାମରେ ଲଗାଇବା ପୋଷ୍ଟେଜ ଷ୍ଟାମ୍ପ ।

ଡଲୋର ଗ୍ରେନ—ଅର୍ଥାତ୍ ସୁଗନ୍ଧି ଦ୍ରବ୍ୟ ।

ଅଏଲ ଗ୍ଲାସ ।

ଓରେଞ୍ଜର ସ୍ପ୍ ଭଳା ।

କପିର ଅବ ।

କୋଟେଷ୍ଟୋଗନ୍ ।

ପୋରକୁଲର କେଶକଟା ମେନ ଓ ଡକର ଜୋଡ଼ କପେ ସବେ

ଟୁଆଳ କାଟ ଅର୍ଥାତ୍ ବେଶିବେଳେ ଘର ଓ ଶୁଖିଲେ ଭଲା ହେବ ।

ଅଲଗା ଭଙ୍ଗା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ

ପକେଟବୁକ ପାଇଁ ଟଙ୍କା ୫ ॰ ୷

ମୋଜା ଓ ମୋଜାବନ୍ଧ

ଭଲନ ଔଷଧ ଜଳଗାଇଟ

ତରଣୀ ସାଟିନ ଉଭା ଗଣ୍ଠି ଓ ଘାଟିଟନ କୌଟି ଇତ୍ୟାଦି

ମାଣିକ ଖାଡ଼ୀ ବ୍ରୁସାଦେ ତଲ୍ଲ ଜେଠେଲ ଶୋବ ସବେ ଜତନ ହେବ ନାହିଁ ।

ଏ, ଗୋଷ୍ଠନ ସମ୍ପର୍କେ ଦାମୀକ ଓ ବ୍ରହ୍ମା ।

ଚଗଣ ଅବରୋଟ ।

ଏକୀନ ଜାଉଗ ।

ସୁଗନ୍ଧ ତେଲ ।

ଅଟମେଟିକ ପେନ୍‌ସିଲ ଓ ଏହି ଏ ପେନ୍‌ସିଲରେ ଦେଇ ଦୁଇ ପେନ ଲଭ ଘଡ଼ାର ସେହି ପେନ୍‌ସିଲ ଲେଖା ର ପରେ ରେଡ ଢଗାଇ ଦେଲେ ଉଠିଣ ଲଭ ଲ ଲଦେ ।

କଟିଙ୍ଗ ପେପର ।

କଳିକିନ ନେଲରେ ଲଗ ଭାଲ ଶାଡ ।

ଲବଙ୍ଗ ଷ୍ଟୋଫନ ଅର୍ଥାତ୍ ରଠୀର ଲଣ୍ଡନ ବଜାର ଲବଲ ।।

ନମଭାଗ ।

ଲେଭ ଗୁ ପେନ୍‌ସିଲ୍

ଲମ କୋଟଲ

ବନାରଶୀ ଶାଢ଼ୀ ଓ ଗୋଟ ଓ ଲଭ

ନବଦ୍ୱୀପଭାଷ ଓ ଶାନ୍ତିପୁର ଓ ଢାକା ।

ତ୍ରିଶଂ ଭାତ

ଅବ୍ରହମାନ ଜର କମ୍ପାନି

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଦର । ଉପରି ଲିଖିତ ଗୁରେ ଖାର୍ଜ ହୋଇପାର ଶବ—

ପ୍ରଥମଥର ସକାଶେ

| | |
|---|---|
| ଆଠ ଧାଡ଼ି | ଟ ॰ ⁄ |
| ଅଷ୍ଟ ବାଇବି | ଟ ୨ ୧ |
| ପୂର୍ଣ୍ଣ ଏକ ପୃଷ୍ଠା | ୨ ॰ |

ଆଉ ଯେତିକି ଥରପାଇଁ ଦେବେ ଥରେ ପ୍ରଥମ ଥରର ଆଧା ଟ ୮ ॰ ଭାଗ ହେବ ମାତ୍ର ।

ଜୟବାସୁ ଓ ଦରବାରକ ସକାଶେ ଅଧିକ ଥରଳ ଅଧିକ ଦେବା ଓ ବିବରଣ ପଠାଇଲେ ହେବ ।

ଅଗ୍ରିମ ଦେବା ସକାଶେ ସବୁ ଡାକୋଷ୍ଟୁ ହୋଇ ପାରିବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ସଙ୍ଗେ ପଠାଇବାକୁ ହେବ

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଭା ୨୨ ଶ } ତା ୨ ରଶ ମାହେ ଅପ୍ରେଲ ସନ ୧୮୮୭ ମସିହା । ମୂ । ଚୈତ୍ର ୨ ୧୪ ଦିନ ସନ ୧୨୯୪ ସାଲ ଶନିବାର { ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ସ ୧୪ ସଂଖ୍ୟା } { ପଶ୍ଚାଦେୟ ଟ ୬

ରଙ୍ଗପୁର ଦଙ୍ଗାର ମୋକଦ୍ଦମାରେ ବିଖ୍ୟାତ ନାଭକଗା ସାହେବ ମ୍ୟାଜିଷ୍ଟ୍ରେଟ ଗତତ ମାସ ତା ୧ ରିଖଠାରୁ କର୍ମ ତ୍ୟାଗ କରିବାର ଅନୁମତି ପାଇଅଛନ୍ତି ଏବଂ କଥିତ ହୁଅଇ ଲେପ୍‌ଟନଣ୍ଟ ଗବର୍ଣ୍ଣରଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅପୀଲ କରୁଅଛନ୍ତି ।

---

ଭାରତବର୍ଷର ଆୟବ୍ୟୟର ବଜେଟ ଗତମାସ ତା ୨୬ ରିଖର ଅତିରିକ୍ତ ଇଣ୍ଡିଆ ଗଜେଟରେ ବାହାରିଅଛି । ଅବକାଶ ଅଭାବରୁ ଏଥିର ସବିଶେଷ ବୃତ୍ତାନ୍ତ ଏ ସପ୍ତାହରେ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ । ସାରକଥା ଏହି ଯେ ବ୍ରହ୍ମଦେଶ, ଉତ୍ତର ପଶ୍ଚିମ ସୀମା ରେଲବାଟ ଏବଂ ସୈନ୍ୟ ବୃଦ୍ଧିରେ ସବୁ ଖର୍ଚ୍ଚ ହୋଇ ଯାଇଅଛି । ଦୁର୍ଭିକ୍ଷ ନିବାରଣ ପାଣ୍ଠି ଏହାବେଳକେ ଲୋପ ପାଇଲା । ଦୁର୍ଭିକ୍ଷ ନିବାରଣ ରେଲବାଟମାନ ଏବର୍ଷଠାରୁ ଋଣ ଟଙ୍କା ଦ୍ୱାରା ନିର୍ମିତ ହେବ ।

---

ମୁର୍ଶିଦାବାଦ କାଶିମବଜାର ନିବାସିନୀ ଶ୍ରୀମତୀ ମହାରାଣୀ ସ୍ୱର୍ଣ୍ଣମୟୀ ଆପଣା ଭବନରେ ଗୋଟିଏ ଚତୁଷ୍ପାଠୀ ଟୋଲ ସ୍ଥାପନ କରିଅଛନ୍ତି । ମହାମହୋପାଧ୍ୟାୟ ଶ୍ରୀ ରାମଶିରୋମଣି ନ୍ୟାୟଶାସ୍ତ୍ରର ପଣ୍ଡିତ, କାଳୀବର ବେଦାନ୍ତ ବାଗୀଶ ବେଦାନ୍ତର ଏବଂ ପଣ୍ଡିତ ଶ୍ରୀରାମଶରଣ ବିଦ୍ୟା ବାଗୀଶ ସ୍ମୃତି ଶାସ୍ତ୍ରର ଅଧ୍ୟାପକ ହୋଇଅଛନ୍ତି । ଏମାନଙ୍କ ବେତନ ବିଦ୍ୟାଳୟର ଅନ୍ୟାନ୍ୟ ବ୍ୟୟ ଏବଂ କେତେକ ଜଣ ଉପଯୁକ୍ତ ଛାତ୍ରଙ୍କୁ ବିନାଖର୍ଚ୍ଚାରେ ବସା ଓ ଆହାର ଯୋଗାଇବାରେ ବାର୍ଷିକ ବାରହଜାର ଟଙ୍କା ବ୍ୟୟ ହେବାର ଧାର୍ଯ୍ୟ ହୋଇଅଛି । ଶ୍ରୀମତୀ ଅନ୍ନାକାଳୀଦେବୀଙ୍କର ଏହି ସତ୍କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ଅଟଇ ।

---

ଏ ନଗରସ୍ଥ 'ନବସମ୍ବାଦ' ଏବଂ 'ସଂସ୍କାରକ' ମଧ୍ୟରେ ଅତି କାଳି ଭୟ ଯୁଦ୍ଧ ଲାଗିଅଛି । ସଂସ୍କାରକ ବାମଣ୍ଡାରାଜାଙ୍କ ସାହାଯ୍ୟରେ ଚଳୁଥିବାର ସମସ୍ତେ ଜାଣନ୍ତି ପୁଣି ସଂସ୍କାରକଙ୍କ ଲେଖିବାରୁ ବୋଧ ହୁଅଇ ନବସମ୍ବାଦ ମଧ୍ୟ କେନ୍ତ ରାଜାଙ୍କଠାରୁ ସାହାଯ୍ୟ ପାଇବେ ବା ପାଇଅଛନ୍ତି । ଉଭୟେ ରାଜାଙ୍କର ପ୍ରତିପାଳିତ ହେବା ସ୍ଥଳେ ଆଉ ବିବାଦ କାହିଁକି ? ସ୍ୱଚ୍ଛ ଦେଖି ମନେ ହେଉଅଛି ଯେ ପୂର୍ବେ ରାଜା ବାଦସାହମାନେ ମୂକର୍ଷ ତଡ଼େଇଠାରୁ ହଣ୍ଡିପର୍ଯ୍ୟନ୍ତ ନାନା ଜାତି ଜନ୍ତୁ ଓ ମଲ୍ଲମାନଙ୍କୁ ଲଢ଼ାଇ ଦେଇ କ୍ରୀଡ଼ା ଦେଖୁଥିଲେ କିନ୍ତୁ ସେକାଳରେ ସମ୍ବାଦପତ୍ର ନ ଥିବାରୁ ସେ ଖେଳଟି ହୋଇ ପାରି ନ ଥିଲା । ଇଦାନୀ ବାମଣ୍ଡାଧିପତି ସମ୍ବାଦପତ୍ରର ଯୁଦ୍ଧ କୌତୁକ ସର୍ବସାଧାରଣଙ୍କୁ ଦେଖାଇ ଆମୋଦ ପ୍ରଦାନ କରୁଅଛନ୍ତି ।

---

କଲିକତା ବିଶ୍ୱବିଦ୍ୟାଳୟର ବି, ଏଲ, ପରୀକ୍ଷାର ଫଳ ବାହାରିଅଛି । ଏଥିର ସର୍ବସୁଦ୍ଧା ନ ୧୫୦ ଜଣ ଛାତ୍ର ଉତ୍ତୀର୍ଣ୍ଣ ହୋଇଅଛନ୍ତି ଅର୍ଥାତ ପ୍ରଥମ ଶ୍ରେଣୀରେ ନ ୧୩ ଜଣ ଏବଂ ଦ୍ୱିତୀୟ ଶ୍ରେଣୀରେ ନ ୧୩୭ ଜଣ ପାଟନା କଲେଜ ଏ ପରୀକ୍ଷାରେ ସର୍ବ ପ୍ରଥମ ହୋଇଅଛି । ଏବଂ କଲିକତା ମଧ୍ୟରେ ପଣ୍ଡିତ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କର ମେଟ୍ରୋପଲିଟାନ କଲେଜରୁ ଅଧିକ ଛାତ୍ର ପାସ କରିଅଛନ୍ତି । ଏ ନଗରର ରେଭେନସ କଲେଜରୁ ବାବୁ ହରିଶ୍ଚନ୍ଦ୍ର ଘୋଷ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ଯୋଗ୍ୟତାନୁସାରେ ପଞ୍ଚମ ସ୍ଥାନ ଅଧିକାର କରିଅଛନ୍ତି । ଓଡ଼ିଶା ପ୍ରତି ଏ ଫଳ ଅତ୍ୟନ୍ତ ଗୌରବାନ୍ୱିତ ଅଟଇ ଅମ୍ଭେମାନେ ଆଶା କରୁଁ କି ବାବୁ ମହାଶୟ ଯେମନ୍ତ ପରୀକ୍ଷାରେ ସେହିପରି ବ୍ୟବସାୟରେ ଉଚ୍ଚ ସ୍ଥାନ ଲଭି ଓଡ଼ିଶାର ଶ୍ରୀବୃଦ୍ଧି କରନ୍ତୁ ।

---

ଅଦ୍ୟମାନ୍ୟବର ସରୁଚର୍ସ ଇଲିୟଟ୍ ଜନ୍‌ଷ୍ଟନ ବଙ୍ଗଦେଶର ସିଂହାସନ ତ୍ୟାଗ କରିବେ । ଏବଂ ସର ଷ୍ଟୁଆର୍ଟ ବେଲିଙ୍କର ନୂତନ ଲେପ୍‌ଟନଣ୍ଟ ଗବର୍ଣ୍ଣର ସ୍ୱରୂପ ଅଭିଷେକ ହେବ ସରଇର୍ଚ୍ଚ ଇଲିୟଟ ସନ ପୂର୍ଣ୍ଣ ପାଞ୍ଚବର୍ଷ ଶାସନ କଲେ ଏବଂ ସ୍ୱଭାବ କି ରୂପେ ନିର୍ବାହ କଲେ କତ୍ତବ୍ୟନ ହେଲ ବଙ୍ଗଳାର ସମ୍ବାଦପତ୍ରମାନଙ୍କରେ ଏତେ ବାହୁଲ୍ୟରୂପେ ସମାଲୋଚିତ ହୋଇଅଛି ଯେ ଅମ୍ଭମାନଙ୍କର ସେ ବିଷୟରେ ଅଧିକ କହିବାର ନାହିଁ । ଯେତେବେଳେ ଏ ମହାଶୟ ବଙ୍ଗର ଶାସନଭାର ପାଇଥିଲେ ସେତେ-

Digitized by srujanika@gmail.com

Split by PDF Splitter



ବେଳେ ଲୋକମାନେ ବଡ଼ ଅଜ୍ଞାନ ହୋଇଥିଲେ । ବାସ୍ତବରେ ସର୍ ଷ୍ଟାମସନ ସାହେବ ବଡ଼ ଧାର୍ମିକ ଦୟାଳୁ ଏବଂ ପ୍ରଜାବତ୍ସଳ ଥିଲେ ପ୍ରଜାଙ୍କ ପ୍ରତି ତାହାଙ୍କର ବିଶେଷ ସହାନୁଭୂତି ଥିଲା ଦୁର୍ଭାଗ୍ୟ ବଶତଃ ତାହାଙ୍କ ପୁରୁଣାକାଳର ଭାବମାନ ମନରୁ ଦୂର ହୋଇ ନାହିଁ ଏବଂ ପ୍ରଜାଙ୍କର ବର୍ତ୍ତମାନ ସମୟର ନୂତନ ଓ ଉନ୍ନତ ଭାବମାନ ତାହାଙ୍କୁ ଅପ୍ରୀ ସ୍ୱଚ୍ଛ ଲାଗିଲା ନାହିଁ ପକ୍ଷାନ୍ତରେ ସ୍ୱଜାତୀୟ ପ୍ରେମର ଏତେଦୂର ବଶବର୍ତ୍ତୀ ହେଲେ ଯେ ତାହାଙ୍କ ସ୍ୱାର୍ଥ ନିମିତ୍ତ ଆପଣା ଅଧୀନସ୍ଥ ପ୍ରଜାଙ୍କ ଅବସ୍ଥା ବିବେଚନା କରି ପାରିଲେ ନାହିଁ । ଏହି ନିମିତ୍ତ ବଙ୍ଗଳାର ଶିକ୍ଷିତ ଲୋକଙ୍କୁ ସେ ବିଶେଷ ଦୃଷ୍ଟିରେ ଦେଖିଲେ ଏବଂ ଓଡ଼ିଶା ଯେତେଦୂର ଉନ୍ନତ ହୋଇନାହିଁ ବୋଲି ଓଡ଼ିଆଙ୍କ ପ୍ରତି ତାହାଙ୍କର ହୃଦୟ ସ୍ୱବଂଶୀର ହରବାକୁ ସେ ସକ୍ଷମ ହୋଇଥିଲେ । ଏ ଛଡ଼ା ଅଧିକାଂଶ ଡାଳ ସେ ସ୍ୱୟଂ ପୀଡ଼ିତ ଥିବାରୁ ଅପେ କାର୍ଯ୍ୟ ଦକ୍ଷ ନ ଥିବା ଅଧୀନସ୍ଥ ସେକ୍ରେଟେରୀଙ୍କ ଉପରେ ଅଧିକ ନିର୍ଭର କଲେ । ସୁତରାଂ ତାହାଙ୍କ ସ୍ୱଭାବର ଫଳରୁ ଆମ୍ଭେମାନେ ବଞ୍ଚିତ ହେଲୁଁ । ଖୋର୍ଦ୍ଧା ବନ୍ଦୋବସ୍ତ ଓ ନାଇ ଅନ୍ତାଗ୍ରହର ସମ୍ପର୍କରେ ପ୍ରଜାଙ୍କ ପ୍ରତି ତାହାଙ୍କ ଦୟା ଥିବାର ପରିଚୟ ମିଳିଥିଲା । ମାତ୍ର ଅଧୀନସ୍ଥ କର୍ମଚାରୀଙ୍କ ଉପରେ ନିର୍ଭର କରି ଆଶାନୁରୂପ କିଛି କରି ପାରିଲେ ନାହିଁ । ଏହିରୂପେ ସେ ଭଲ ଲୋକ ଥିଲେହେଁ ତାହାଙ୍କ ଶାସନ କାର୍ଯ୍ୟ ଏପରି ହେଲା ଯେ ସେ ତାହା ତ୍ୟାଗ କରିବାରୁ କେହି ଦୁଃଖିତ ହୋଇ ନାହାନ୍ତି । ନୂତନ ଲେଫ୍‌ଟେଣ୍ଟ ଗବର୍ଣ୍ଣର ବିଷୟ ଯେତେବେଳେ କ୍ରମଶଃ ଦେଖିବାରେ ଆସିବ ।

---

**ସରକାରୀ କାର୍ଯ୍ୟର ଅନୁସନ୍ଧାନ ସମିତି —**

ଏହି ଅନୁସନ୍ଧାନ ସମିତି ଉଚ୍ଚିତ ଓ ଅଚଛିତ କର୍ମର ଓ କାର୍ଯ୍ୟବିଭାଗୀୟ କର୍ମଚାରୀଙ୍କ ସମ୍ବନ୍ଧରେ ସାକ୍ଷ୍ୟଗ୍ରହଣ ଶେଷ କରିବାରୁ ଅପର କେତେଗୁଡ଼ିଏ ବିଭାଗ ଅର୍ଥାତ୍ ଶିକ୍ଷା, ଯେଲ, ଟେଲିଗ୍ରାଫ, ଅଫିମ, ଜଙ୍ଗଲ ପ୍ରଭୃତି ବିଭାଗରେ କି ପରିମାଣରେ ଦେଶୀୟଲୋକ ନିଯୋଗ ହୋଇପାରିବେ ତହିଁର ଅନୁସନ୍ଧାନ ଏହି ସମିତିର ଗୋଟିଏ ଶାଖାଦ୍ୱାରା ହେବାର ଗବର୍ଣ୍ଣମେଣ୍ଟ ଆଦେଶ ଦେଇଅଛନ୍ତି ଏବଂ ତଦନୁସାରେ ଶୀଘ୍ର କାର୍ଯ୍ୟାରମ୍ଭ ହେବ । ଉଚ୍ଚ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ସମ୍ବନ୍ଧରେ ଯେଉଁ ସାକ୍ଷ୍ୟ ଗୃହୀତ ହୋଇଅଛି ତାହା ଦେଶୀୟ ଲୋକଙ୍କ ଅନୁକୂଳରେ ଥିବାର ଜଣାଯାଏ । କେବଳ ଆମ୍ଭମାନଙ୍କର ପୁରୁଣା ବନ୍ଧୁ ଗ୍ରାମସ୍ ସାହେବ ଏବଂ ତାହାଙ୍କ ପ୍ରକୃତିର ଆଉ ଦୁଇଏକ ସିଭିଲିଆନ ଭିନ୍ନ ଅଧିକାଂଶ ଇଂରାଜ ହାକିମ ଏବଂ ଉଚ୍ଚପଦସ୍ଥ ଚଳିତ କର୍ମଚାରୀମାନେ ଦେଶୀୟଲୋକଙ୍କ ସପକ୍ଷରେ ଅତ୍ୟନ୍ତ ସ୍ୱାଧୀନ ଓ ନ୍ୟାୟଭାବରେ ସାକ୍ଷ୍ୟ ଦେଇ ଚଳିତ କର୍ମଚାରୀ ସମ୍ପ୍ରଦାୟର ଗୌରବ ବଢ଼ାଇ ଅଛନ୍ତି । ଅଧିକାଂଶ ସାକ୍ଷ୍ୟ ଦେଶୀୟଲୋକଙ୍କ ସପକ୍ଷରେ ହେବାରୁ ଭାରତବାସି ଇଂରାଜମାନଙ୍କର ଭୟ ହୋଇଅଛି ଯେ ଦେଶୀୟ ଲୋକମାନେ ଅଧିକ ପରିମାଣରେ ଉଚ୍ଚପଦ ପାଇଲେ ସେମାନଙ୍କର ସ୍ୱାର୍ଥର ହାନି ହେବ । ଏଥିପାଇଁ ସେମାନେ ଆଉ ସମ୍ଭାଳି ନ ପାରି ଏଥିମଧ୍ୟରେ ଗବର୍ଣ୍ଣମେଣ୍ଟକୁ ଏକ ଆବେଦନପତ୍ର ପଠାଇଅଛନ୍ତି ଏବଂ ତହିଁରେ ଯେସବୁ କଥା ଲେଖାଅଛି ତହିଁରୁ ସେମାନଙ୍କର ଦେଶୀୟଲୋକଙ୍କ ପ୍ରତି କେମନ୍ତ ଭାବ ତାହା ସ୍ପଷ୍ଟ ଜଣା ଯାଉଅଛି । ସେମାନେ ଲେଖିଅଛନ୍ତି ଯେ ଦେଶୀୟଲୋକମାନେ କେବଳ କରାଣୀଗିରି କରିବାକୁ ଯୋଗ୍ୟ । କରାଣୀଗିରି ଏମାନଙ୍କର ମୌରସି ଓ ସ୍ୱାଭାବିକ ବ୍ୟବସାୟ, ଜଜ୍ ମାଜିଷ୍ଟ୍ରେଟ ବା ଇନସ୍ପେକ୍ଟରି କରିବାକୁ ଏମାନେ କଦାଚ ଯୋଗ୍ୟ ନୁହନ୍ତି । ଏମାନଙ୍କୁ ସେପରି ଉଚ୍ଚକର୍ମ ଦେଲେ ଏଦେଶର ରାଜକାର୍ଯ୍ୟ ଶୌଣିଧିମନ୍ତେ ଗୃହପାଳକ ନାହିଁ ତହିଁ ସଙ୍ଗେ ସେମାନେ ଧମକ ଦେଇଅଛନ୍ତି ଯେ ଭାରତବର୍ଷର ଯେତେ ଉନ୍ନତି କେବଳ ଇଂରାଜମାନଙ୍କ ଧନ ଓ ପରିଶ୍ରମଦ୍ୱାରା ହୋଇଅଛି ଯେବେ ଦେଶୀୟଲୋକମାନେ ଉଚ୍ଚ ପଦରେ ହାକିମ ହୋଇ ରହିବେ ତେବେ ଇଂରାଜମାନେ ମୋଫସଲ ଛାଡ଼ି ପଳାଇ ଆସିବେ ସୁତରାଂ ଭାରତବର୍ଷର ଉନ୍ନତି ଆଉ ହେବ ନାହିଁ ଓ ଗବର୍ଣ୍ଣମେଣ୍ଟଙ୍କର ରାଜସ୍ୱ ହାନି ହୋଇ ଦେଶ ଉଚ୍ଛନ୍ନ ହେବ । ଇଲବର୍ଟବିଲ ସମୟରେ ଏହିପରି ଭାରତୀୟ ଇଂରାଜ ମହାଜନ ଓ ବ୍ୟବସାୟୀମାନଙ୍କ କଥା ଶୁଣାଯାଉଥିଲା ପୁଣି ଏଥର ପ୍ରକାଶ ପାଇଲା । ଏମାନଙ୍କର କହିବା ଇଚ୍ଛା ନୁହେଁ ଯେ ଦେଶୀୟଲୋକଙ୍କରି ଉନ୍ନତି ହେଉ ବା ଏମାନେ ଆପଣା ଦେଶର ଉଚ୍ଚ କାର୍ଯ୍ୟମାନ ନିର୍ବାହ କରନ୍ତୁ । ସେମାନଙ୍କର ଇଚ୍ଛା ଯେ ଦେଶୀୟଲୋକମାନେ ଚିରକାଳ ଗରିବ ହୋଇ ପଡ଼ି ରହନ୍ତୁ ଏବଂ ଦେଶର ଯାବନ୍ତ ଧନ ସେମାନେ ବସ୍ତୁଗତକର ଆପଣା ରାଜ୍ୟକୁ ବହିନେଇ ଯାଉନ୍ତୁ । ଇଂରାଜ ବଣିକମାନେ ଆମ୍ଭମାନଙ୍କର ଏପରି ହିତକାରୀ ଆମ୍ଭେମାନେ ଯାହା ଏପର୍ଯ୍ୟନ୍ତ ବୁଝି ନାହୁଁ ବା ତହିଁର ବ୍ୟବସ୍ଥା କରୁ ନାହୁଁ ଏଥିରୁ ଆଶ୍ଚର୍ଯ୍ୟର ବିଷୟ ଆଉ କଅଛି ?

---

### ରେଭେନ୍‌ସା କାଲେଜ- ବିଦ୍ୟାଳୟ

ଏ ନଗରରେ ସ୍ଥାପିତ ଏହି ବିଦ୍ୟାଳୟର ବାର୍ଷିକ ପୁରସ୍କାର ଦାନ ନିମିତ୍ତ ଗତ ଶନିବାର ଗୋଟିଏ ସଭା ହୋଇଥିଲା । ଶ୍ରୀଯୁକ୍ତ କମିଶନର ସାହେବ ସଭାପତି ହୋଇଥିଲେ ଏବଂ ତାହାଙ୍କ ସହଧର୍ମିଣୀ ସ୍ୱହସ୍ତରେ ପାରିତୋଷିକମାନ ବାଣ୍ଟିଥିଲେ । ଇଂରାଜଙ୍କ ମଧ୍ୟରେ କେବଳ ଖ୍ରୀଷ୍ଟଧର୍ମପ୍ରଚାରକ ସମ୍ପ୍ରଦାୟ ପୁରୁଷ ଓ ସ୍ତ୍ରୀ ଉଭୟରୁ କେ ଏ ସଭାକୁ ଆସିଥିଲେ ଏବଂ ଦେଶୀୟ ଲୋକଙ୍କ ମଧ୍ୟରେ ରାୟବାହାଦୁର ବାବୁ ବୈଦ୍ୟନାଥ ପଣ୍ଡିତ ଓ ମୋରୁ ବହାଲେଲ ପଣ୍ଡିତ ଓ ଉପସ୍ଥିତ ଜଣ ହାକିମ ୨ ଶିକ୍ଷକ ଏବଂ ଏକଜଣ ଓକିଲ ଆଗମନ କରିଥିଲେ । ସ୍ତ୍ରୀଲୋକଙ୍କ ସଂଖ୍ୟା ଅଧିକ ଦେଖିଥିବାରୁ ଆମ୍ଭେମାନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଥାଉଁ ।

ବିଦ୍ୟାଳୟର ସୁଯୋଗ୍ୟ ସମ୍ପାଦକ ବାବୁ ଶ୍ୟାମଦାସ ଚକ୍ରବର୍ତ୍ତୀ ଏଥିର ଅବସ୍ଥା ଏହିପରି ଜଣାଇଲେ ଯେ ଗତବର୍ଷ ଆରମ୍ଭରେ ନ ୮୭ ଜଣ ଛାତ୍ର ଏଠାରେ ଅଧ୍ୟୟନ କରୁଥିଲେ ସମ୍ପ୍ରତି ସେମାନଙ୍କର ସଂଖ୍ୟା ୬୦ ହୋଇଅଛି । ବର୍ଷ ଆୟ ଟ ୧୦୦୮ ୯୬ ୨ ଅର୍ଥାତ୍ ଗବର୍ଣ୍ଣମେଣ୍ଟ ଦାନ ଟ [illegible] । ୬ ଏବଂ ସ୍ଥାନୀୟ ଚାନ୍ଦା ଇତ୍ୟାଦି ଟ ୬୭୬ ୫ ଏଥି ମଧ୍ୟରୁ ସର୍ବମୋଟ ଟ ୯୮୦ ୧୧ ଖର୍ଚ୍ଚ ଯାଇ ଟ ୨୮ । ୫ ଜମା ଅଛି । କେବଳ ଏଥିରୁ ମହାରାଜାଙ୍କର ଦାନ ଟ ୩୧୦୦ ହାର ଆୟକୁ ଧରି ଖର୍ଚ୍ଚ ହୋଇ ନାହିଁ । ସୁତରାଂ ବିଦ୍ୟାଳୟର ଅବସ୍ଥା ସନ୍ତୋଷଜନକ ଅଟଇ । [illegible] ଜଣେ ଓଡ଼ିଆ ବାଳକାକୁ ଏବର୍ଷରୁ ବୃତ୍ତି ଦିଆଯାଉଅଛି । ଏ ବିଦ୍ୟାଳୟ ସଙ୍ଗେ ଗୋଟିଏ ପୁସ୍ତକାଳୟ ଆରମ୍ଭ ହୋଇ ଏଥି ମଧ୍ୟରେ ସ ୧୬୫ ଖଣ୍ଡ ପୁସ୍ତକ ଗୋଟିଏ ଗୋଲକ ଏବଂ ସ ୧୨ ଖଣ୍ଡ ମାନଚିତ୍ର ସଂଗୃହୀତ ହୋଇଅଛି । ଦୁଇଜଣ ବାଳକ ଛାତ୍ରବୃତ୍ତି ପରୀକ୍ଷାରେ ଏବଂ ଡ ୫ ଜଣ ଅପରପ୍ରାଇମେର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ସ୍କୁଲ କମିଟି ମଧ୍ୟ

Digitized by srujanika@gmail.com

Split by PDF Splitter



ଥିବାରୁ ସ୍ଥାନ ନିଅନ୍ତ ଥରଅଛି ଏବଂ ଗୋଟିଏ କୋଠରି ବଢ଼ାଇବାର ଆବଶ୍ୟକ ହୋଇଅଛି । ଅତଏବ ଏ ବିଦ୍ୟାଳୟର ଆର୍ଥିକ ଅବସ୍ଥା ଏବଂ ଶିକ୍ଷାକାର୍ଯ୍ୟ ଉଭୟ ସନ୍ତୋଷଜନକ ଏବଂ ଏଥି-ମଧ୍ୟରେ ଶିକ୍ଷାବିଭାଗର ଇନ୍‌ସ୍ପେକ୍ଟର ମହାଶୟ ଏ ବିଦ୍ୟାଳୟ ଦର୍ଶନ କରି ଆପଣା ମନ୍ତବ୍ୟ-ରେ ଅନେକ ପ୍ରଶଂସା କରି ଲେଖିଅଛନ୍ତି କି ଏହାକୁ ଓଡ଼ିଶାର ଆଦର୍ଶ ବାଳିକା ବିଦ୍ୟାଳୟ ବୋଲି ଯିବ ।

ବିଜ୍ଞାପନ ଳିପିରୁ ମୂଳସ୍ତ ପାଠ ଶୁଣା ଯାଇ ପାରିତୋଷିକ ପୁସ୍ତକମାନ ବଣ୍ଟନ ହେଲା ମାତ୍ର ଏ ସମ୍ପର୍କରେ ଅମ୍ଭେମାନେ ବଡ଼ ଦୁଃଖିତ ହୋଇ କହୁଅଛୁଁ କି ବାବୁ ରାମଦାସ ଚକ୍ରବର୍ତ୍ତୀ ଏ ବିଦ୍ୟା-ଳୟର କାର୍ଯ୍ୟ ଅତି ପ୍ରଶଂସନୀୟରୂପେ ନିର୍ବାହ କରି ଯେମନ୍ତ ସୁଖ୍ୟାତି ଭାଜନ ହୋଇଅଛନ୍ତି, ପୁରସ୍କାର ପୁସ୍ତକ ନିର୍ବାଚନ ଦ୍ୱାରା ସେପରି ହୋଇ ପାରିଲେ ନାହିଁ । ଅବଶ୍ୟ ଅନ୍ୟୋପାନ୍ତ ବିଦ୍ୟାଳୟର ଉନ୍ନତି ଦେଖାଇବା ତୁଳନାରେ ପୁରସ୍କାର ପୁସ୍ତକ ବାଛି ନେବାରେ ତ୍ରୁଟି କରିବା ସାମାନ୍ୟ କଥା କିନ୍ତୁ ଏଡ଼େ ଯୋଗ୍ୟ ଲୋକର ଏପରି ଦୋଷ ଧର୍ତ୍ତବ୍ୟ ନ ହେଲେହେଁ ପୂର୍ବେ ମିଉନିସିପାଲ ବାଳିକାଙ୍କୁ ପୁରସ୍କାର ଦେବାବେଳେ ଏବଂ ବର୍ତ୍ତମାନ ମଧ୍ୟ ତାହା ଲକ୍ଷିତ ହେବାରୁ ଅମ୍ଭେମାନେ ତୁନି ହୋଇ ରହି ପାରୁ ନାହୁଁ । ଅମ୍ଭେମାନେ କହୁଅଛୁଁ କି ବାବୁ ଏ ବିଷୟରେ ଆପଣା ବୁଦ୍ଧିରେ କାର୍ଯ୍ୟ ନ କରି କୌଣସି ପୁସ୍ତକ ବିକ୍ରେତାର କୁହୁକରେ ପତିତ ହୋଇ ଅଛନ୍ତି । ବାଳିକାଙ୍କର ଉପଯୋଗୀ ପୁସ୍ତକ ଓଡ଼ିଆ ଓ ବଙ୍ଗଳାରେ ଥିବା ପ୍ରତ୍ୟକ୍ଷେ ଝେଟ-ଜତ୍ତ ଓ ବୈଷୟିକ ପାପିଡ଼ା ପ୍ରଭୃତି ପୁରସ୍କାର ଦେବାର ତାତ୍ପର୍ଯ୍ୟ ଅମ୍ଭେମାନେ ଆଦୌ ବୁଝି-ପାରୁ ନାହୁଁ । ଅମ୍ଭମାନଙ୍କର ଦୃଢ଼ବିଶ୍ୱାସ ଯେ ରାମଦାସ ବାବୁ ସ୍ୱୟଂ ପୁସ୍ତକ ବାଛି ଥିଲେ ଏପରି ବିବାଦ କରନ୍ତେ ନାହିଁ । ଯାହା ହେଉ ତାହାଙ୍କପରି ବିଚକ୍ଷଣ ବ୍ୟକ୍ତିଙ୍କର ପରବୁଦ୍ଧିରେ ଚାଳିତ ହେବା ନିତାନ୍ତ ଅଶୋଭନୀୟ ଅଟଇ ଏବଂ ଅମ୍ଭେମାନେ ଆଶା କରୁଁ କି ଭବିଷ୍ୟତକୁ ଏପରି ମନ୍ତବ୍ୟ ପ୍ରକାଶ କରିବା ନିମିତ୍ତ ସର୍ବ-ସାଧାରଣଙ୍କୁ ଅବକାଶ ଦେବେ ନାହିଁ । ଶ୍ରୀଯୁକ୍ତ କମିଶନର ସାହେବ ଏ ବିଦ୍ୟାଳୟ ପ୍ରତି ସନ୍ତୋଷ ପ୍ରକାଶ କରି ଘର ବଢ଼ାଇବା ସକାଶେ ଉଦ୍ୟମ କରିବାର ଭରସା ଦେଇ ସଭା ଭଙ୍ଗ କଲେ ।

---

## ବାଲେଶ୍ୱର ହରିଭକ୍ତିପ୍ରଦାୟିନୀ ସଭା ।

ଏ ସଭାର ସାମ୍ବତ୍ସରିକ ମହୋତ୍ସବର ନିମ୍ନ-ଲିଖିତ ବିବରଣ ପ୍ରାପ୍ତ ହୋଇ ପାଠକମାନଙ୍କ ଜାଣିବା କାରଣ ପ୍ରକାଶ କଲୁଁ । ମହୋତ୍ସବ ଅତ୍ୟନ୍ତ ସମାରୋହ ସହିତ ସମ୍ପନ୍ନ ହୋଇଅଛି ସନ୍ଦେହ ନାହିଁ ଏବଂ ପୁରୀମନ୍ଦିରର ମୋକଦମା-ସମ୍ପର୍କରେ ସଭାର ମତ ଓଡ଼ିଶାର ସାଧାରଣ ମତସହିତ ଐକ୍ୟ ଥିବାର ଦେଖି ଅମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହେଲୁଁ । ବିବରଣ ଯଥା—

ବାଲେଶ୍ୱର ଶ୍ରୀ ଶ୍ରୀ ହରିଭକ୍ତିପ୍ରଦାୟିନୀ ସଭାର ୫ ମ ସାମ୍ବତ୍ସରିକ ମହୋତ୍ସବ ଅତିଶୟ ସମା-ରୋହର ସହିତ ଅତିବାହିତ ହୋଇଅଛି । ଗତ ଫାଲ୍‌ଗୁନ ତା ୨୭ ଦିନଠାରୁ କାର୍ଯ୍ୟ ଆରମ୍ଭ ହୋଇ ଚୈତ୍ରରେ ଶେଷ ହୋଇଅଛି । ଏହି ଉତ୍ସବର ବ୍ୟୟ ନିର୍ବାହ ନିମନ୍ତେ ମାନ୍ୟବର ଶ୍ରୀଯୁକ୍ତ ଶ୍ରୀ ଶ୍ୟାମାନନ୍ଦ ଦେ ରାଜାବାହାଦୁର, ଶ୍ରୀଯୁକ୍ତ ବାବୁ ଲକ୍ଷ୍ମୀନାରାୟଣ କର, ଶ୍ରୀଯୁକ୍ତ ବାବୁ ମଦନମୋହନ ଦାସ, ଶ୍ରୀଯୁକ୍ତ ରାଧାଶ୍ୟାମ ଦାସ ବିଶେଷ ସାହାଯ୍ୟ କରିଥିଲେ ସେଥି ନିମନ୍ତେ ସେମାନେ ସଭାର ବିଶେଷ ଧନ୍ୟବାଦର ପାତ୍ର ଅଟନ୍ତି । ଏହି ଉତ୍ସବ ଉପଲକ୍ଷରେ ଗୋ ୨ ଟି ଶାଖାହରିସଭା ସ୍ଥାପନ ହୋଇଅଛି । ଉତ୍ସବର ସଂକ୍ଷିପ୍ତ ବିବରଣ ନିମ୍ନରେ ଦିଆ ଗଲା ।

ତା ୨୭ ଦିନ— ପ୍ରାତଃକାଳରେ କୀର୍ତ୍ତନ, ମହା-ପ୍ରଭୁଙ୍କ ଆବିର୍ଭାବର ଅଧିବାସ, ରାତ୍ରରେ ନଗର-ସଂକୀର୍ତ୍ତନ ପରେ ବକ୍ତୃତା, ଦୀନଦୁଃଖିମାନଙ୍କୁ ପ୍ରସାଦ ବିତରଣ ।

ତା ୨୭ ଦିନ ସର୍ବସାଧାରଣଙ୍କ ମଙ୍ଗଳ ନିମନ୍ତେ ମହାପ୍ରଭୁଙ୍କର ଶ୍ରୀଚରଣରେ ତୁଳସୀ ଅର୍ପଣ ମହୋତ୍ସବ ଆରମ୍ଭ, ବ୍ରାହ୍ମଣଭୋଜନ ।

ତା ୨୮ ଓ ୨୯ ଦିନ—ସମସ୍ତଦିନ ପାଠ, ସଂକୀର୍ତ୍ତନ ।

ତା ୩୦ ଦିନ ରବିବାର— ହରିନାମରେ ଭାଗବତ ପାଠ, ରାତ୍ରରେ ନିୟମିତ ସଭାଧି-ବେଶନ, ପ୍ରାର୍ଥନା, ବକ୍ତୃତା ।

ତା ୧ ଓ ୨ ଚୈତ୍ର—ସମସ୍ତଦିନ ପାଠ, ରାତ୍ରିରେ ସଂକୀର୍ତ୍ତନ ।

ତା ୩ ଦିନ—ବ୍ରାହ୍ମଣଭୋଜନ, ମହାପ୍ରସାଦ ବିତରଣ ।

ତା ୪ ଦିନ—ପ୍ରାତଃକାଳରେ ସ୍ତବପାଠ, କୀର୍ତ୍ତନ, ଘ ୧୧ ଟା ସମୟରେ ଚତୁର୍ବିଂଶ-ପ୍ରହର କୀର୍ତ୍ତନ ଆରମ୍ଭ, ବୈଷ୍ଣବ ସେବା ଏବଂ ପ୍ରସାଦବିତରଣ ।

ତା ୫ ଓ ୬ ଦିନ ସମସ୍ତଦିବସ ପାଠ, ରାତ୍ରରେ ସଂକୀର୍ତ୍ତନ ।

ତା ୭ ଦିନ—ଦିବା ଘ ୧୧ ଟା ସମୟରେ ଦଧି ଏବଂ ଦିବା ୪ ଟା ସମୟରେ ନଗର କୀର୍ତ୍ତନ ଏବଂ ଏହି ନଗରକୀର୍ତ୍ତନରେ ପ୍ରାୟ ୭୦୦୦ ଲୋକ ଯୋଗଦାନ କରିଥିଲେ, ପରେ ରାତ୍ରରେ ଶ୍ରୀ ଶ୍ରୀ ଜଗନ୍ନାଥଦେବଙ୍କର ମନ୍ଦିର-ବିଷୟ ଆନ୍ଦୋଳନ ହୋଇ ନିମ୍ନଲିଖିତ ବିଷୟ ସ୍ଥିରୀକୃତ ହୋଇଅଛି ।

୧ ମ ଦେବସେବାରେ ପ୍ରଦତ୍ତ ଅର୍ଥ ଅପ-ବ୍ୟୟ ହେଉଅଛି ସେଥିର ପ୍ରତିବାଦ ହିନ୍ଦୁ-ସମାଜରୁ ହେବାର ଉଚିତ, ଯେହେତୁବେଳେ ହିନ୍ଦୁ ସମାଜ ସେଥିର କୌଣସି ଆପତ୍ତି କରି ନାହିଁ ତେବେ କାହିଁକି ଗବର୍ଣ୍ଣମେଣ୍ଟ ସେବାରେ ହସ୍ତକ୍ଷେପ କରୁଅଛନ୍ତି ଏହା ବଲ ହୋଇ ନାହିଁ ।

୨ ୟ; ହିନ୍ଦୁଶାସ୍ତ୍ର ମତରେ ଈଶ୍ୱର ଜଗନ୍ନାଥ-ଦେବଙ୍କର କେବଳ ସେବାର କାର୍ଯ୍ୟ ଦେବ-ସ୍ୱଜନ ଭିନ୍ନ ଅନ୍ୟ କାହାଦ୍ୱାରା ହୋଇ ନ ପାରେ ଅତଏବ ତାହାଙ୍କ ମନ୍ଦିରର ତତ୍ତ୍ୱାବ-ଧାରକ ପଦରୁ ଚ୍ୟୁତ କରି ହିନ୍ଦୁଶାସ୍ତ୍ର ବିରୁଦ୍ଧ ।

୩ ୟ । ରାଣୀ ଟଙ୍କା ଅପବ୍ୟୟ କରିବା ହେତୁରେ ଆଜି ସମସ୍ତେ ୬ ତାହାଙ୍କୁ ନିଜ ତହବିଲରୁ ଖରଚ ଦେବାକୁ ହେଉଅଛି କାରଣ ପର୍ବରେ ଯେଉଁ ମାନେ ଦରୁତ ଘୃତ ଇତ୍ୟାଦି ଯୋଗାଉ-ଥିଲେ ସେମାନେ ବର୍ତ୍ତମାନ ଦେବାକୁ ଅସ୍ୱୀ-କାର କାରଣ ପୂର୍ବାପେକ୍ଷା ଦ୍ରବ୍ୟର ଦାମ ମହାର୍ଘ ହୋଇଅଛି ।

୪ ର୍ଥ । ଯଦ୍ୟପି ଗବର୍ଣ୍ଣମେଣ୍ଟ ସେବାର କାର୍ଯ୍ୟ ଆପଣା ହସ୍ତରେ ରଖନ୍ତି ତାହା ହେଲେ ପୂର୍ବାପେକ୍ଷା ସେବାର ଅଧିକ କ୍ଷତି ହେବ କାରଣ ସରକାର ନିର୍ଦ୍ଧାରିତ ଟଙ୍କାରୁ ବେଶି ଦେବେ ନାହିଁ ।

୫ ମ । କଟକସ୍ଥ ଭଗବଭକ୍ତିପ୍ରଦାୟିନୀ ସଭା ଯେଉଁ ସମସ୍ତ ଶାସ୍ତ୍ରୀୟ ଶ୍ଳୋକ ପ୍ରକାଶ କରି-ଅଛନ୍ତି ସେଥି ନିମନ୍ତେ ଉକ୍ତ ସଭା ବାଲେଶ୍ୱର ହରିଭକ୍ତିପ୍ରଦାୟିନୀ ସଭାର ବିଶେଷ ଧନ୍ୟବା-ଦର ପାତ୍ର ହୋଇଅଛନ୍ତି ।

---

## ପୁରୀ ବଡ଼ଦେଉଳର ମୋକଦମା ।

ଏ ମୋକଦମାରେ ରସିଦର ନିଷ୍ପତ୍ତି ଆଜ୍ଞା ବିରୁଦ୍ଧରେ ଯେଉଁ ଅପିଲ ହାଇକୋ-ର୍ଟରେ ହୋଇଥିଲା ତାହା ଡିସ୍‌ମିସ୍ ହେବାର

Digitized by srujanika@gmail.com

ଗତସପ୍ତାହରେ ପାଠକମାନଙ୍କୁ ଜଣାଇ ଅଛୁଁ । ଏହି ଅଖିଲ ବୃତ୍ତାନ୍ତର ବିବରଣ ସମ୍ବାଦ ପତ୍ରମାନଙ୍କରେ ବାହାରି ଅଛି ଏବଂ ତହିଁର ନିମ୍ନଲିଖିତ କଥାମାନ ସଙ୍କଳନ କଲୁଁ, ଯଥା ।

ଏ ମୋକଦ୍ଦମାରେ ରାଣୀ ସୂର୍ଯ୍ୟମଣି ପାଟମହାଦେଈଙ୍କ ପକ୍ଷରୁ ବାରିଷ୍ଟର ଉଡରଫ ଇଭାନ୍ସ ଏବଂ ସଂନ୍ଦ୍ରେଲ ସାହେବମାନେ ଏବଂ ଉକିଲ ଡାକ୍ତର ଗୁରୁଦାସ ବାନର୍ଜ୍ଜୀ ବାବୁ ଅମରନାଥ ବୋଷ ଓ ବାବୁ କରୁଣାସିନ୍ଧୁ ମୁଖର୍ଜ୍ଜୀମାନେ ଏବଂ ପୁରୀ କଲେକ୍ଟରଙ୍କ ପକ୍ଷରୁ ଅଡ଼ଭୋକେଟ ଜେନେରଲ ଏବଂ ବାବୁ ଜୟପ୍ରସାଦ ବାନର୍ଜ୍ଜୀ ଉପସ୍ଥିତ ଥିଲେ ।

ପ୍ରଥମେ ଉଡରଫ ସାହେବ ମୋକଦ୍ଦମାର ଅବସ୍ଥା ବର୍ଣ୍ଣନା କରୁ କହିଲେ କି ଶ୍ରୀ ଜଗନ୍ନାଥଙ୍କ ଅମୃତମନୋହି ପ୍ରଭୃତି ସେବାରେ କାର୍ଯ୍ୟବିଧି ଅଇନର ୫୩୯ ଧାରା ଖଟଇ ନାହିଁ । ଜଗନ୍ନାଥଙ୍କ ସେବାରେ ଖୋରଧା ରଜାଙ୍କର ନିଜର ମୌରସି ସ୍ୱତ୍ୱ ଅଛି ଓ ଏଠାରୁ ବଳଇପର୍ଯ୍ୟନ୍ତ ଗବର୍ଣ୍ଣମେଣ୍ଟ ତାହା ପୁନଃ ପୁନଃ ସ୍ୱୀକାର କରିଅଛନ୍ତି । ଏସମ୍ପର୍କରେ ସେ ଅନେକ ସରକାରୀ ଚିଠିପତ୍ରରୁ ବଚନମାନ ଉଦ୍ଧାର କରି ଶୁଣାଇଲେ । ସେ ଆହୁରି କହିଲେ କି ରିସିଭର ନିଯୋଗ କରିବାର କିଛି ମାତ୍ର ଆବଶ୍ୟକତା ନାହିଁ ଯେହେତୁ ରାଜଗୁରୁ ମାନମାନ ଏକବର୍ଷ ପୂର୍ବରୁ କମିଶ୍ୱର ସାହେବଙ୍କ ଆଦେଶମତେ ବାବୁ ସମ୍ପ୍ରସାଦ [illegible] ଯେ କି ବର୍ତ୍ତମାନ ତହସିଲଦାର ହୋଇଅଛନ୍ତି ତାଙ୍କ ମୋହର ଦେଇ ବନ୍ଦ କରିଅଛନ୍ତି ସୁତରାଂ ସେ ସମସ୍ତ ଅସ୍ୱୀକାର କରିବାର ଶକ୍ତି ନାହିଁ ଅଥଚ କେଉଁ ଅଇନଦ୍ୱାରା ତାଙ୍କ ମୋହର ଦିଆଗଲା ଜଣା ଯାଉ ନାହିଁ । ଏହାଙ୍କ ଉତ୍ତାରୁ ରେଭିନ୍ସ ସାହେବ ବକ୍ତୃତା କଲେ ।

ଅନ୍ୟପକ୍ଷରେ ଅଡ଼ଭୋକେଟ ଜେନେରଲ ବକ୍ତୃତା କଲେ କି ପ୍ରଥମେ ସନ ୧୮୦୯ ସାଲର ଅ ୬ ଆଇନ ଓ ତହିଁ ଉତ୍ତାରୁ ସନ ୧୮୪୦ ସାଲର ଅ ୧୦ ଆଇନଦ୍ୱାରା ଖୋରଧାର ରଜାଙ୍କୁ ଜଗନ୍ନାଥ ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟି ଦିଆ ଯାଇଥିଲା ସେ ସବୁଲିଖିତ ଅଇନର ୨ ଧାରା ପ୍ରଚଳିତ ହେବାରୁ କାର୍ଯ୍ୟବିଧିର ଧା ୫୩୯ ଅନୁସାରେ ରହିତ ହେବାରୁ ବର୍ତ୍ତମାନ ଉକ୍ତ ମନ୍ଦିରର କେହି ଆଇନସିଦ୍ଧ ତତ୍ତ୍ୱାବଧାରକ ନାହିଁ । ଏଠାରେ ଅଦାଲତ ପଚାରିଲେ କି ଯେସ୍ଥଳେ ତୁମ୍ଭେ ରାଣୀଙ୍କି ଅନଧିକାର ପ୍ରବେଶକାରୀ କହୁଅଛ ଅଥଚ ମାରଫତଦାର ସ୍ୱରୂପ ସେହି ଚଳମିତ୍ତ ତାହାଙ୍କ ନାମରେ ନାଲିସ କରୁଅଛ ସେସ୍ଥଳେ ମୋକଦ୍ଦମା ଚଳିପାରେ କି, ଅଡ଼ଭୋକେଟ ଜେନେରଲ ଏଥିର କିଛି ଉତ୍ତର ନ ଦେଇ କହିଲେ କି ମାରଫତଦାରୀର ସର୍ତ୍ତ ରକ୍ଷା ହେଉ ନାହିଁ ଓ ସମ୍ପତ୍ତିମାନ ରକ୍ଷାକରିବା କାରଣ ରିସିଭର ନିଯୋଗକରିବା ଆବଶ୍ୟକ । ବକ୍ତୃତା ଆରମ୍ଭରେ ସେ ଏକଥା ମଧ୍ୟ କହିଥିଲେ ଯେ ଗବର୍ଣ୍ଣମେଣ୍ଟଙ୍କର ନିଜର ଏ ମୋକଦ୍ଦମାରେ କୌଣସି ସମ୍ପର୍କ ନାହିଁ କେବଳ ସର୍ବସାଧାରଣଙ୍କ ପକ୍ଷରୁ ଅମୃତ ମନୋହି ରକ୍ଷାନିମିତ୍ତ ନାଲିସ ହୋଇଅଛି ।

ଉଡରଫ ସାହେବଙ୍କ ଉତ୍ତର ନ ଶୁଣି ଅଦାଲତ ରାୟ ପ୍ରକାଶ କଲେ । ଇଂରାଜୀ ରାୟଟି ସର୍ବସାଧାରଣଙ୍କ ଜାଣିବା କାରଣ ସ୍ଥାନାନ୍ତରେ ପ୍ରକାଶିତ ହେଲା । ତହିଁର ମର୍ମ ଏହି କି ଜଗନ୍ନାଥଙ୍କ ସେବାକାର୍ଯ୍ୟ ଉତ୍ତମରୂପେ ଚଳୁ ନାହିଁ କାରଣ ପୁରୀ କଲେକ୍ଟର ସର୍ବସାଧାରଣଙ୍କ ପକ୍ଷରୁ ଏ ମୋକଦ୍ଦମା ଉପସ୍ଥିତ କରିଅଛନ୍ତି । ଏଥିରୁ ଏପରି ମୋକଦ୍ଦମା ଚଳିପାରେ କି ନା ଓ ଉଭୟ ପକ୍ଷଙ୍କର କିସ୍ୱତ୍ୱ ଅଛି ଆମ୍ଭେମାନେ କହି ନ ପାରୁ ଓ ବର୍ତ୍ତମାନ ଅବସ୍ଥାରେ ଜାଣିବାର ଉପାୟ ନାହିଁ । ମାତ୍ର ଯେ ସମସ୍ତ ଆଫିଡେଭିଟ ହୋଇଅଛି ତହିଁରୁ ଏମନ୍ତ ପ୍ରକାଶ ନାହିଁ ଯେ ଅମୃତମନୋହି ନଷ୍ଟ ହେଉଅଛି । କେବଳ ଏତିକି ପ୍ରକାଶପାଏ ଏଥିର କାର୍ଯ୍ୟ ଉତ୍ତମରୂପେ ଚଳିପାରେ ଏମନ୍ତ ସନ୍ଦେହ ହୋଇଅଛି ଏବଂ ବର୍ତ୍ତମାନ ମାନେଜରମାନଙ୍କ ପ୍ରତି ସେବାକାର୍ଯ୍ୟ ମନ୍ଦରୂପେ ନିର୍ବାହ କରିବାର ଅଭିଯୋଗ ହୋଇଅଛି ଜନ୍ମ କୌଣସି ଶଠତା ବା ଦୁଷ୍ଟସଙ୍କଳ୍ପ କି ଯାହା ଶଠତା ମର୍ମରେ ବ୍ୟବହାର ହୋଇପାରେ ପ୍ରଦର୍ଶିତ ହୋଇ ନାହିଁ । ଏ ଅବସ୍ଥାରେ ବର୍ତ୍ତମାନ ରିସିଭର ନିଯୋଗ କରିବାର କୌଣସି ହେତୁ ଦେଖା ଯାଉ ନାହିଁ । ମୋକଦ୍ଦମା ନିଷ୍ପତ୍ତି ହେଲେ ଉଭୟ ପକ୍ଷଙ୍କର ସ୍ୱତ୍ୱ ସ୍ୱତ୍ୱ ଜଣାପଡ଼ିବ ଏବଂ କାର୍ଯ୍ୟ ନିର୍ବାହର ଉତ୍ତମ ବନ୍ଦୋବସ୍ତ ସ୍ଥିର ହେଲାରୁ ରିସିଭର ମୋକରର କରିବାର କଥା ବିବେଚିତ ହେବ । ଅତଏବ ରିସିଭର ନିଯୋଗ ବିଷୟକ ଆଜ୍ଞା ରହିତ ହେଲା ଏବଂ ଯେସ୍ଥଳେ ରିସିଭର ଉଠିଗଲେ ସେ ସ୍ଥଳେ ତାହାଙ୍କ କାର୍ଯ୍ୟ ସମସ୍ତ ଉଠିଗଲା ଅତଏବ ହାଇକୋର୍ଟରୁ ତାଙ୍କ ହୋଇଥିବା ଭୁଲ ରହିତ ହେବା ଉଚିତ ଅଟେ ବୋଲି ମୋର ଆବଶ୍ୟକ ନାହିଁ । ଖର୍ଚ୍ଚାସମ୍ପର୍କରେ ଜଜମାନେ କହିଅଛନ୍ତି କି ଖର୍ଚ୍ଚା ଦେବାର ପ୍ରୟୋଜନ ନାହିଁ କାରଣ ଏ ମୋକଦ୍ଦମାରେ ବାସ୍ତବରେ ଯେତେ ଖର୍ଚ୍ଚା ହୋଇଅଛି ଅଦାଲତ ଯେତେଖର୍ଚ୍ଚା ଦେଲେ ସ୍ୱତ୍ୱ ତହିଁର ଚାରିଗୁଣ ହେବ ଓ ସେତେଖର୍ଚ୍ଚାର ଆଦେଶ ଅଦାଲତ ଦେଇ ପାରିବେ ନାହିଁ । ଅତଏବ ଖର୍ଚ୍ଚା ବିଷୟରେ କିଛି ନ କହିବାର ଭଲ ।

ବାସ୍ତବରେ ରାଣୀଙ୍କର ଏ ମୋକଦ୍ଦମାରେ ବହୁତ ଖର୍ଚ୍ଚା ହୋଇଅଛି ଓ ଅଦାଲତ ନିୟମାନୁସାରେ ଅଳ୍ପ ଖର୍ଚ୍ଚାର ଡିକ୍ରୀ ଦେବା ଅପେକ୍ଷା ଖର୍ଚ୍ଚା ନ ଦେଇ ରାଣୀଙ୍କର ସମ୍ମାନ ରକ୍ଷା କରିଅଛନ୍ତି । ବଡ଼ଲୋକଙ୍କ ପକ୍ଷରେ ଉଚିତଯଥେଷ୍ଟ ଖର୍ଚ୍ଚା ପାଇଁ କିଛି ଅପେକ୍ଷା ଯାଏ ନାହିଁ ।

—— —— ——

## ସାପ୍ତାହିକ ସଂବାଦ ।

ଏ ନଗରରେ ଗତ ଶନିବାର ସାମାନ୍ୟ ବୃଷ୍ଟି ହୋଇଥିଲା । ମେଘର ଅଦ୍ୟାପି ଅବଧି ହୋଇ ନାହିଁ ।

ଗତ ଜାଇଠାରୁ ଏଠା କଲେକ୍ଟର [illegible] ସହିତ ଅଛି । ବାଲେଶ୍ୱରର [illegible] ପ୍ରାୟ ଦ ୧୨ ଦ [illegible] ହେଉଅଛି । [illegible] ନାହିଁ । [illegible] ନାହିଁ କି ?

ଗତ ମଙ୍ଗଳବାର [illegible] ବାଲେଶ୍ୱର [illegible] ଅଗ୍ନିଲାଗି [illegible] ପୋଡ଼ିଯାଇ ଅଛି ।

[illegible] ମୋକଦ୍ଦମାର [illegible] ବାବୁ [illegible] ଯାଇଥିଲେ । [illegible] ମାଜିଷ୍ଟ୍ରେଟଙ୍କ [illegible] ସାହେବ ତାହାର [illegible] ଜମା କରିଦେଲେ ।

### ଉତ୍କଳ ଗେଜେଟ ।

ଶ୍ରୀ, କେ, ବି, ସ୍ମିଥ ସାହେବ ଗତ ତା ୨୪ ରିଖରୁ [illegible] ଛୁଟିରେ ଗଲେ ।

[illegible] ସବଡେପୁଟି ବାବୁ [illegible] ଦାସ [illegible] ମାଜିଷ୍ଟ୍ରେଟ ପଦରେ [illegible] ମାଜିଷ୍ଟ୍ରେଟଙ୍କ [illegible] ହେଲେ ।

[illegible] ଶ୍ରୀମତୀ [illegible] ପାଠଶାଳାକୁ [illegible] ଗ୍ରାମରେ [illegible] ଜମିଦାର [illegible] ଟଙ୍କା ଦାନ [illegible] କରିଅଛନ୍ତି [illegible] ତାହାଙ୍କୁ [illegible] ପ୍ରଦାନ କରିଅଛନ୍ତି ।

[illegible] ଜମିଦାର [illegible] ଚୌଧୁରାଣୀ [illegible] ଟଙ୍କା ଦାନ କରିଅଛନ୍ତି ଓ [illegible]

ଆଶ୍ରୟ ପୂର୍ବକ ଅବସ୍ଥାନ କରିବା ପରବର୍ତ୍ତୀ କାର୍ଯ୍ୟ ଅଟଇ । କିନ୍ତୁ ଲେଖକ ପ୍ରଥମେ "ଅବଲମ୍ବନ" ଓ ପରେ "ଆଶ୍ରୟ" ଶବ୍ଦ ବ୍ୟବହାର ନ କରି ପ୍ରଥମେ "ଆଶ୍ରୟ" ଓ ତ-ତ୍ପରେ "ଅବଲମ୍ବନ" ଶବ୍ଦ ବ୍ୟବହାର କରିଅଛନ୍ତି । ଲେଖକ ଲେଖିଅଛନ୍ତି ଗୃହୀ ହିନ୍ଦୁମାନେ ଜ୍ଞାନ ଓ କର୍ମ ଉଭୟ କାଣ୍ଡ ଆଶ୍ରୟ କରନ୍ତି । ଆଶ୍ରୟ ଶବ୍ଦ ବ୍ୟବହାର କରିବାରୁ ପ୍ରମାଣିତ ହେଉଅଛି କି ଉକ୍ତ ଉଭୟ କାଣ୍ଡ ଆଶ୍ରୟ କରିବା ପୂର୍ବରୁ ଗୃହୀ ହିନ୍ଦୁମାନଙ୍କ ଦ୍ୱାରା ଉକ୍ତ ଉଭୟ କାଣ୍ଡ ଅବଶ୍ୟ ପୂର୍ବରୁ ଅବଲମ୍ବନ କରା ହୋଇଅଛି । କାରଣ ଅବଲମ୍ବନ ଭିନ୍ନ ଆଶ୍ରୟ କରିବା ଅସମ୍ଭବ ଅଟଇ । ଅତଏବ ତାହାଙ୍କ ଲେଖାମତେ ଏହା ପ୍ରତିପାଦିତ ହେଲା ଯେ ହିନ୍ଦୁ ଗୃହୀମାନେ ଗୃହସ୍ଥାଶ୍ରମରେ ଜ୍ଞାନକାଣ୍ଡ ଓ କର୍ମକାଣ୍ଡ ଉଭୟକୁ ଅବଲମ୍ବନ ଓ ଆଶ୍ରୟ କରନ୍ତି । ତେବେ ପୁଣି ଏପରି ଲେଖିବା ଯୁକ୍ତିଶାସ୍ତ୍ର ଅନୁସାରେ କି ଅଯୌକ୍ତିକ ନୁହେ ? ଯେ "ହିନ୍ଦୁମାନେ କର୍ମକାଣ୍ଡ ତ୍ୟାଗ କରି ଜ୍ଞାନକାଣ୍ଡ 'ଅବଲମ୍ବନ' କରନ୍ତି ।" ଜ୍ଞାନକାଣ୍ଡ ଅବଲମ୍ବନ ଓ ଜ୍ଞାନକାଣ୍ଡ ଆଶ୍ରୟ କିମ୍ବା ଉଭୟ କାର୍ଯ୍ୟ ଯଦି ଗୃହସ୍ଥାଶ୍ରମରେ ସମ୍ପନ୍ନ ହୋଇଗଲା ତେବେ ପୁନରାୟ ଉକ୍ତ କାଣ୍ଡକୁ କରିବା ନିମନ୍ତେ ବନଗମନ କରିବା ମଧ୍ୟ ସେହିପରି ଅସମ୍ଭବ ବୋଧ ହେଉଅଛି । ଯାହା ହେଉ ଏ ସମ୍ବନ୍ଧରେ ଲେଖକଙ୍କର କିମ୍ବା ହିନ୍ଦୁମାନଙ୍କର ଭ୍ରମ ଅଛି କିବାକ ହୃଦୟ ପାଠକମାନେ ତାହା ବିଚାର କରିବେ । ଲେଖକ ମଧ୍ୟ ଅରେ ଚିନ୍ତା କଲେ ଏହାର ମୀମାଂସା କରିବାକୁ ସମର୍ଥ ହେବେ । ତେବେ ଲେଖକଙ୍କର ପକ୍ଷ ହୋଇ ମୁଁ ଏହି ପର୍ଯ୍ୟନ୍ତ କହିବାକୁ ପାରେଁ କି "ଗୃହୀ ହିନ୍ଦୁମାନେ ଜ୍ଞାନ ଓ କର୍ମକାଣ୍ଡ ଆଶ୍ରୟ କରନ୍ତି ଶେଷରେ କର୍ମକାଣ୍ଡ ତ୍ୟାଗ କରି ଜ୍ଞାନକାଣ୍ଡକୁ ଅବଲମ୍ବନ କରନ୍ତି" ଏହା ନ ଲେଖି "ସେମାନେ ଜ୍ଞାନ ଓ କର୍ମକାଣ୍ଡକୁ ଅବଲମ୍ବନ କରନ୍ତି ଶେଷରେ କର୍ମକାଣ୍ଡକୁ ତ୍ୟାଗ କରି ଜ୍ଞାନକାଣ୍ଡକୁ ଆଶ୍ରୟ କରନ୍ତି" ଏହା ଲେଖିଲେ ଠିକ ହୁଅନ୍ତା । ତଥାପି ଏଥିରେ ମଧ୍ୟ କିଛି ଗୋଳ ଓ ଅର୍ଥର ଅସ୍ଫୁଟତା ରହି ଯାଉଅଛି । ଅତଏବ ଅଧିକ ସ୍ପଷ୍ଟ ଓ ପରିଷ୍କାର ଭାଷାରେ କହିବାକୁ ହେଲେ ଏପରି କହିପାରୁଁ କି ହିନ୍ଦୁମାନେ ଗୃହସ୍ଥାଶ୍ରମରେ ଥାଇ ଜ୍ଞାନକାଣ୍ଡ ଓ କର୍ମକାଣ୍ଡ ଉଭୟକୁ ଅବଲମ୍ବନ ଓ ଆଶ୍ରୟ କରନ୍ତି, ଶେଷରେ ଜ୍ଞାନକାଣ୍ଡକୁ ବିଶେଷ ଭାବରେ ସାଧନ କରନ୍ତି । କ୍ରମଶଃ

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ ।

---

## ପରୀକ୍ଷା ଚରିତ

### ପ୍ରଥମ ପରିଚ୍ଛେଦ ।

ମହାଶୟ !

ଏବର୍ଷ ଭର୍ଣ୍ଣାକୁଲର ପରୀକ୍ଷା ଉପରେ କେଉଁ ଗ୍ରହର କୋପଦୃଷ୍ଟି ପଡ଼ିଅଛି ଆମ୍ଭେମାନେ ଇଷ୍ଟମ୍ୟାନୀୟ ବିଡ଼ମ୍ବନା ଏବଂ କଷ୍ଟକାଣ୍ଡ ବର୍ଣ୍ଣନା କରି ବିରକ୍ତ ହୋଇ ଅଛୁଁ । ପ୍ରଥମତଃ ପ୍ରଶ୍ନ ବଣ୍ଟନ ଘେନି କେତେ ଗଣ୍ଡଗୋଳ ଉପସ୍ଥିତ ହେଲା, ସମ୍ବାଦପତ୍ରମାନଙ୍କର କଳେବର ସେହି ବ୍ୟାପାରରେ ପୂର୍ଣ୍ଣ ହେଲା, ଅଜି, ସେହି ବିଷୟ ମନରୁ ଅପସାରିତ ନ ହେଉଣୁ ସେହି ପ୍ରବଳ ହୁତାଶନ ସମ୍ପୂର୍ଣ୍ଣରୂପେ ନିର୍ବାପିତ ନ ହେଉଣୁ ପୁନଶ୍ଚ କେତେ ବିଡ଼ମ୍ବନା ଆମ୍ଭମାନଙ୍କର କର୍ଣ୍ଣଗୋଚର ହୋଇଅଛି । ପର୍ବତସମ୍ବାଦ ନ ଥିଲେ ଅଜ କାଲି "ଗାପିକା" ରେ ସ୍ଥାନ ପାଇବା ହିମାଳୟପର୍ବତକୁ ଉତ୍ତୀର୍ଣ୍ଣ ହେବା ଅପେକ୍ଷା ସହଜ; ଏହିହେତୁରୁ ଆମ୍ଭେମାନେ ସବିଶେଷ ଆଲୋଚନାରୁ କ୍ଷାନ୍ତ ହୋଇ କେତେକଗୋଟି ବିଷୟ ମାତ୍ର ପାଠକମାନଙ୍କ ଉପକାର ହେବା ନିମିତ୍ତ ଲେଖନୀ ଧାରଣ କରିଅଛୁଁ ।

ପ୍ରତିବର୍ଷ ଅତ୍ରସ୍ଥ ନର୍ମ୍ମାଲସ୍କୁଲରେ ପରୀକ୍ଷା ଗୃହୀତ ହେଉ ଥିଲା, କିନ୍ତୁ ଏବର୍ଷ ତହିଁର ସମୟ ପରିବର୍ତ୍ତିତ ହେବାରୁ ଏବଂ ସେଠାରେ ପଣ୍ଡିତଶ୍ରେଣୀର ଛାତ୍ରମାନଙ୍କର ପରୀକ୍ଷା ଗୃହୀତ ହେଉଥିବାରୁ ପ୍ୟାରୀମୋହନ ଏକାଡେମି କେନ୍ଦ୍ରରୂପେ ନିରୂପିତ ହେଲା । ଏହି ବିଦ୍ୟାଳୟରେ ବେଞ୍ଚ ଓ ଟେବଲ ପ୍ରଭୃତିର ବିଶେଷ ଅଭାବ ଥିଲେ ସୁଦ୍ଧା ଡେପୁଟି ଇନସ୍ପେକ୍ଟର କିମ୍ବା ସୁପରିଣ୍ଟେଣ୍ଡେଣ୍ଟ ତତ୍ତ୍ୱାବଧାନ କରିଥିଲେ ଅନାୟାସରେ ସେହି ଅଭାବ ଦୂରୀଭୂତ ହୋଇଥାନ୍ତା, କିନ୍ତୁ ପରୀକ୍ଷାର୍ଥୀମାନଙ୍କ ଭାଗ୍ୟବଳରୁ କାହାର ପ୍ରବୃତ୍ତି ତଦୁନ୍ମୀଳିତ ହେଲା ନାହିଁ ! କି ବିଡ଼ମ୍ବନା ! ପ୍ରଥମତଃ ଛତ୍ରାଭାବ; ପୁଣି "ବୋଝ ଉପରେ ନଳିତା ବିଡ଼ା"—ବସିବାର ଆସନ ଅଭାବ । ଯାହା ହେଉ ବାଳକମାନଙ୍କୁ ସୂର୍ଯ୍ୟକିରଣର ଦାହରୁ ରକ୍ଷା କରିବା ନିମିତ୍ତ ବାରଣ୍ଡାରେ କେତେକଖଣ୍ଡ ଛାଟ ବନ୍ଧା ହେଲା କିନ୍ତୁ ଆସନର ଅଭାବ ଭୁଅଡ଼େ ଯିବ ? କେତେ ବାଳକ ସପରେ ବସିଲେ କୌଣସି ପ୍ରକାରେ ଲେଖିବାକୁ ସମର୍ଥ ହେଲେ କିନ୍ତୁ ଯେଉଁମାନେ ଷଣ୍ଡେ ଲେଖାଏ ବେଞ୍ଚରେ ବସିଥିଲେ, ସମ୍ମୁଖରେ ଟେବଲ କିମ୍ବା ଲେଖିବାର ଅନ୍ୟ କୌଣସି ଆସନ ପାଇ ନ ଥିଲେ—ସେମାନଙ୍କ ପକ୍ଷରେ ଲେଖିବା କେତେଦୂର କଷ୍ଟକର ହୋଇ ଥିବ ତାହା ପାଠକମାନଙ୍କ ଚକ୍ଷୁରେ ଅଙ୍ଗୁଳି ଦେଇ ଦେଖାଇ ଦେବାକୁ ହେବ ନାହିଁ । ସ୍ୱୟଂ ସୁପରିଣ୍ଟେଣ୍ଡେଣ୍ଟ ଯେବେ ଏକଘଣ୍ଟା ପରିବର୍ତ୍ତେ ଏକଘଣ୍ଟା ମାତ୍ର ବାଳକମାନଙ୍କପରି ବସିଥାଆନ୍ତେ ତାହା ହେଲେ ସେ ସେହି ସମୟମଧ୍ୟରେ ଦୁଇ-ଗୃହ ଧାଡ଼ୀରୁ ଅଧିକ ଲେଖିବାକୁ ସମର୍ଥ ହୋଇ ନ ଥାନ୍ତେ ଏବଂ ଆଜି ଅବଶ୍ୟ ଡାକ୍ତର ଷ୍ଟାର୍କ ସାହେବଙ୍କ ଆଶ୍ରୟ ଗ୍ରହଣ କରି ଥାଆନ୍ତେ ! ଆମ୍ଭେମାନେ କେତେ ବାଳକଙ୍କ ମୁଖରୁ ଶୁଣି ଅଛୁଁ ଯେ ବସିବାର ଅସୁବିଧା ହେତୁରୁ ସେମାନେ ଭଲରୂପେ ଲେଖିପାରି ନାହାନ୍ତି । ଏହା କେତେଦୂର ଆକ୍ଷେପର ବିଷୟ ତାହା ପାଠକମାନେ ବିବେଚନା କରନ୍ତୁ ।

ଗାରଡ଼ ( Guard ) ମାନଙ୍କ ସମ୍ପର୍କରେ ଯାହା ଯାହା ଆମ୍ଭମାନଙ୍କର କର୍ଣ୍ଣଗୋଚର ହୋଇଅଛି, "ଗାପିକା" ରେ ସ୍ଥାନ ପାଇବ ଆଶଙ୍କା କରିସୁଦ୍ଧା—ଅଜ ତନ୍ମଧ୍ୟରୁ କତିପୟ ବିଷୟ ଉଲ୍ଲେଖ ନ କରି ରହିପାରୁ ନାହୁଁ । ସାଧୁବାବୁ ଜଣେ ଗାରଡ଼ ( Guard ) ସେ କେତେ ବାଳକଙ୍କପ୍ରତି ନାନାପ୍ରକାର ବାକ୍ୟ ପ୍ରୟୋଗ କରି ବଡ଼ ଅନଧିକାର ଚର୍ଚ୍ଚା କରି ଅଛନ୍ତି । ଗୋଟିଏ ବାଳକକୁ ସେ ବ୍ୟଙ୍ଗୋକ୍ତି ପୂର୍ବକ କହିଲେ "ଅମୁକ ସ୍ଥାନରେ ଘର ତୁମ୍ଭ ଘର । ବୁଝି ! ଅମୁକ ଠାକୁରାଣୀଙ୍କ ପାଖରେ ଆମ୍ଭମାନଙ୍କ କଣାଇବ ନାହିଁ ତୁ ! * * * କେତେ ଠାକୁରାଣୀଙ୍କି ଆମ୍ଭେ ଖାଇଯାଇ ପାରୁଁ" କି ଆଶ୍ଚର୍ଯ୍ୟ ! ପୂର୍ବେ ନରପିଶାଚ କଳାପାହାଡ଼ କେତେ ଦେବା ଦେବୀଙ୍କୁ ଚ୍ଛେଦନ କରିଥିବା ବିଷୟ ଇତିହାସ ଶିକ୍ଷା ଦେଉଅଛି କିନ୍ତୁ ଏକାଳରେ ଆଜପର୍ଯ୍ୟନ୍ତ କୌଣସି ଅସୁର ବା ରାକ୍ଷସ ଜନ୍ମଗ୍ରହଣ କରି ନାହିଁ ଯେ, ସେ ଦେବୀମୂର୍ତ୍ତିମାନଙ୍କୁ ଖାଇ ଭସ୍ମ କରିବ । ପୁଣି ସେହି ମହାତ୍ମା, ଜଣେ ସମ୍ଭ୍ରାନ୍ତ ଧନିସନ୍ତାନ ପରୀକ୍ଷାସ୍ଥଳକୁ ଗୃଦର ନେଇ ନ ଥିବାରୁ ତାଙ୍କୁ କହିଲେ "କହେ ! ଗୃଦର ଆଣି ନାହଁ କାହିଁକି ? ବାର୍ଣ୍ଣିସଜୋତା ମାଡ଼ିତ—ପଇସା ମିଳିଲା ନାହିଁ ? * * * ସାହେବଙ୍କ "ସର୍ଦ୍ଦାର ବେହେରା" ପର କଥାଟି" ଯାହାଙ୍କୁ ସାଧୁ ଏପରି କହିଲେ, ତାଙ୍କର ଜଣେ ଭୃତ୍ୟ ସାଧୁଙ୍କ ଅପେକ୍ଷା ଧନୀ । ଆମ୍ଭେମାନେ ଶୁଣି ଅଛୁଁ ଯେ ତାଙ୍କର ମୁରବି ଶୀଘ୍ର ସାଧୁଙ୍କ ଫାଜଲାମିର ଉଚିତ ପ୍ରତିକାର କରିବେ । ଜଣେ ଭଦ୍ରସନ୍ତାନପ୍ରତି ଏତାଦୃଶ ଅବମାନନାସୂଚକ ବାକ୍ୟ ପ୍ରୟୋଗ କରିବା କି ମନୁଷ୍ୟତାର କାର୍ଯ୍ୟ ? ଏହାକି "ଘାସ କାଟିପାଇ ଦେଉଳପରିଷ୍କାରଣ" ନୁହେ ? ଏହାକି "ଧାନକୁଟି, ସଭ୍ୟନାରାୟଣ ପାଲା" ନୁହେ ?

ଆମ୍ଭେମାନେ "ଭାଇମାନଙ୍କ" ନିକଟରୁ ଅଜ ବିଦାୟଗ୍ରହଣ କରୁ ଅଛୁଁ । ଅନ୍ୟାନ୍ୟ ବିଷୟ ପରେ ଜଣାଇବାର ବାସନା ରହିଲା ।

କଟକ } ବିଷମ୍ବଦ
ଶ୍ରୀ—ଛଦ୍ମାଣପକ୍ଷୀ

* ମୂଳପତ୍ର ଦେଖ ।

Split by PDF Splitter
Digitized by srujanika@gmail.com

Split by PDF Splitter

# ଅତିରିକ୍ତ ।

ଉତ୍କଳଦୀପିକା ତା ୨ ରଖ ଅପ୍ରେଲ ସନ ୧୮୮୭ ମସିହା ।

## ପତ୍ରପ୍ରେରକଙ୍କ ପ୍ରତି ।

ଜଏସିଂହ ମଜନ—ଆପଣ ଭଲ ଲେଖିବାକୁ ଅଭ୍ୟାସ କରନ୍ତୁ ।

ବଦ୍ୟାଧର ପଟ୍ଟନାୟକ—ଶ୍ରୀ ସିଦ୍ଧାନନ୍ଦ ସରସ୍ୱତୀସ୍ୱାମିଙ୍କ ମଠର ଅସ୍ଥ ବାର୍ଷିକ ୫୨୦୦୦ ନବଲ୍ଲ ଟଙ୍କା ମଧ୍ୟରୁ ମଠମରାମତ ଇତ୍ୟାଦ ଖର୍ଚ୍ଚା ବାଦେ ବାକି ସମସ୍ତ ଟଙ୍କା ଜଗନ୍ନାଥଙ୍କଠାରେ ଭୋଗ ଲଗାଇ ବ୍ରାହ୍ମଣ ଅତିଥି ଅଭ୍ୟାଗତଙ୍କୁ ଖୁଆଇ ଦଅନ୍ତି ଓ ଆପେ ଭିକ୍ଷା କରି ଏକପଲସାଇ ଦୁଧ ଖାନ୍ତି କେବେ୨ ଉପବାସ ରହନ୍ତି । ସବୁ ମଠର ମହନ୍ତମାନଙ୍କର ଏହି ଆଦର୍ଶ ଅନୁକରଣୀୟ ଅଟଇ ।

ଶ୍ରୀ କୈଳାସଚନ୍ଦ୍ର ଦତ୍ତ—ଆପଣଙ୍କ ରଚନା ମନ୍ଦ ହୋଇ ନାହିଁ ମାତ୍ର ସ୍ଥାନାଭାବରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

ଶ୍ରୀ——ଆପଣାର ପରିଚୟ ନ ଦେଇ ଯହିଁରେ ପରର ଗ୍ଲାନି ହୋଇ ପାରେ ଏପରି ବିଷୟ ପ୍ରକାଶ କରିବାକୁ ଅନୁରୋଧ କରିବା ଉଚିତ ନୁହଇ ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

"ନବସମ୍ବାଦ" ବିଦ୍ୟାଳୟର ଶିକ୍ଷକମାନଙ୍କ ଅଗତ୍ୟା ଦେବାକୁ ହୁଏବୋଲି "ସମ୍ପାଦକ" ଯାହା ଲେଖିଅଛନ୍ତି ତାହା ଅସଙ୍ଗତ ନୁହେ । ଆମ୍ଭେମାନେ ମଧ୍ୟ ସେ ବିଷୟ କେତେ ଲୋକଙ୍କଠାରୁ ଶୁଣିଅଛୁଁ ଏବଂ ଶୁଣୁଅଛୁଁ ।

ଗତ ତା ୨୮ ରଖ ମଙ୍ଗଳବାର ଦିନ "ନବସମ୍ବାଦର" ଜଣେ ପ୍ରଧାନ ତତ୍ତ୍ୱାବଧାରକ ସ୍ୱାସ୍ଥ୍ୟମୋଦକ ଏକାଡ଼େମି ନିକଟସ୍ଥ କୌଣସି ସ୍ଥାନରେ ତାଙ୍କର ଜଣେ ବନ୍ଧୁଙ୍କ "କହୁଥିଲେ" ଆଜକାଲି ସ୍କୁଲର ଶିକ୍ଷକ ଏବଂ ଛାତ୍ରମାନେ ଏଠାକୁ ଆସିଅଛନ୍ତି । ବାଗଜଖଣ୍ଡ ଉପରେ ବଲରୂପେ ଚଳକ ଲହିଁବି ବଲ ଉପାୟ କର । * * „ ଅନନ୍ତର ସମ୍ପାଦକଙ୍କ ଗାଳଦେବା ବିଷୟରେ କେତେକ କଥାବାର୍ତ୍ତା ହେଲପରେ ସେମାନେ ସ୍ୱ ୨ କାର୍ଯ୍ୟାଭିମୁଖେ ଗମନ କଲେ ।

ନବସମ୍ବାଦ ଚଳିବା କେବଳ ଶିକ୍ଷାବିଭାଗ ଉପରେ ନିର୍ଭର କରୁଥିବାର ଆମ୍ଭମାନଙ୍କର ଦୃଢ଼ ବିଶ୍ୱାସ ଏବଂ ଅନେକଲୋକ କହୁଅଛନ୍ତି ଯେ "ଗବର୍ଣ୍ଣମେଣ୍ଟଙ୍କ" ନାନାପ୍ରକାର ଅନିଷ୍ଟ ସଙ୍ଗେ୨ "ନବସମ୍ବାଦ" ପ୍ରସୂତିଦ୍ୱାରା ମଧ୍ୟ "ଅବସ୍ଥାନାଟକର" ସୃଷ୍ଟି ହୋଇଅଛି ।

ବଶମ୍ୱଦ,
ଛାତ୍ରଗଣପକ୍ଷ

---

ମହାଶୟ !

ଅନୁଗ୍ରହ ପୂର୍ବକ ଆମ୍ଭର ଏହି ପ୍ରବନ୍ଧଟିକୁ ସଂଶୋଧନ କରି ଆପଣଙ୍କ ବିଖ୍ୟାତ ପତ୍ରିକାର ଏକପାର୍ଶ୍ୱେ ସ୍ଥାନଦାନ ଦେଲେ ଚିର ବାଧିତ ହୋଇବା ହେବେ ।

ସମ୍ପାଦକ ଲେଖନ୍ତି ଜ ସମ୍ପାଦକ ଓଉପାର ସୁଲଭ ମୂଲ୍ୟର ପତ୍ର ମାତ୍ର ଉତ୍କଳଦୀପିକା ନାମକ ଖବରକାଗଜଠାରୁ ଅଳ୍ପ ମୂଲ୍ୟରେ ଗଣା ହୋଇ ନାହିଁ ତାହାର କଲେବର ଯେପରି ସମ୍ପାଦକ ମଧ୍ୟ ତଦନୁରୂପ । ଉତ୍କଳଦୀପିକାର ମୂଲ୍ୟ ଟ ୮ ଟଙ୍କା ହେଲବେଳେ ସମ୍ପାଦକର ମୂଲ୍ୟ ଯେବେ କିଛି କମ ଆନ୍ତା ତେବେ ସମ୍ପାଦକ ସୁଲଭ ମୂଲ୍ୟର ପତ୍ର ବୋଲି କହୁଥିଲେ ଶୋଭା ପାନ୍ତା ।

ଶ୍ରୀ ଉତ୍କଳଦେଶର
ଜଣେ ଖବର—କାଗଜ ପାଠକ

---

ମହାଶୟ !

ଆମ୍ଭର ଏହି ଅକ୍ଷରାବଳୀ ଗୁଡ଼ିକୁ ସଂଶୋଧନ କରି ଆପଣଙ୍କ ଜଗଦ୍ୱିଖ୍ୟାତ ପତ୍ରିକାରେ ପ୍ରକାଶ କରି ଚିରବାଧିତ କରିବା ହେବେ ।

ନୂତନପଞ୍ଜିକାରେ ଆଗାମୀ ଚୈତ୍ରମାସ ଅଧିମାସ ହେବାର ବୋଧ ହୁଏ, କାରଣ ଏଥି ର ଚୈତ୍ର ଅମାବାସ୍ୟା ପରଦିନ ଦିନ ବିବରଣରେ ଅଦ୍ୟ "ଅଧିମାସ" ପ୍ରାପ୍ତି ଅଦ୍ୟାବଧି ଏକମାସ ପର୍ଯ୍ୟନ୍ତ ଶୁଭକର୍ମ ନାସ୍ତି ବୋଲି ଲେଖା ଅଛି । ଯେଉଁ ବରଷ ଅଧିମାସ ପଡ଼େ ମଳଶୁକ୍ଳ ଓ ମଳକୃଷ୍ଣ ବୋଲି ଦୁଇପକ୍ଷ ଲେଖା ଥାଏ ତଦ୍ୱାର ଯେଉଁ ମାସ ସେଥିର ଶୁକ୍ଳପକ୍ଷ ଲେଖିଥାଏ କିନ୍ତୁ ପଞ୍ଜିକା ସେପରି ଲେଖା ନ ଥାଇ ଚୈତ୍ର ଶୁକ୍ଳପକ୍ଷ ଲେଖା ଅଛି । ତଦ୍ୱାର ବୈଶାଖମାସର ବିବରଣ ଲେଖା ଥିବାରୁ ଆମ୍ଭେମାନେ ବଡ଼ ଅନ୍ଦୋଳିତ ହୋଇଅଛୁଁ । ଅତଏବ ଆମ୍ଭମାନଙ୍କର ଶ୍ରୀ ବାବୁ ଗୌରୀଶଙ୍କର ସ୍ୱଯୁକ୍ତ ବୃତ୍ତି ପ୍ରାର୍ଥନା ଏହି ଜ ଉପସ୍ଥିତ ସନ୍ଦେହ ଭଞ୍ଜନ କରି ଉତ୍କଳଦୀପିକାଦ୍ୱାରା ବୋଧ କରାଇ ଦେବେ । ଇତି ।

| | |
|---|---|
| ଉତ୍ସଲଗ୍ନା<br>୨୧।୩।୮୭ | ବଶମ୍ୱଦ<br>ଶ୍ରୀ ଦଇତର ତ୍ରିପାଠୀ ପଣ୍ଡି<br>ବାଲକାବିଦ୍ୟାଳୟର ଶିକ୍ଷକ |

ନୂତନ ପଞ୍ଜିକାର ପୃ ୧୯୦ ପୃଠାରୁ ପୃ ୨୦୦ ପୃ ପର୍ଯ୍ୟନ୍ତ ପ୍ରତ୍ୟେକ ପୃଷ୍ଠା ଉପରେ ଚୈତ୍ର ମଳ ଶୁକ୍ଳପକ୍ଷ ଓ ମଳ କୃଷ୍ଣପକ୍ଷ ପରିବର୍ତ୍ତେ ଭ୍ରମବଶତଃ ଚୈତ୍ର ଶୁକ୍ଳପକ୍ଷ ବୈଶାଖ କୃଷ୍ଣପକ୍ଷ ଛପା ହୋଇ ଯାଇଅଛି । ପାଠକ ଗଣମାନେ ଅନୁଗ୍ରହ ପୂର୍ବକ ଏ ଦୋଷ ସଂଶୋଧନ କରିନେବେ ।

ଶ୍ରୀ ଗୌରୀଶଙ୍କର ରାୟ ।

---

## ନିବେଦନ ।

୮ । ଲେଖକ ପ୍ରଶ୍ନ କରିଅଛନ୍ତି ବ୍ରାହ୍ମମାନେ ବେଦର କେଉଁ ଶ୍ରେଣୀଭୁକ୍ତ ? ଅର୍ଥାତ୍ ସେମାନେ ଜ୍ଞାନକାଣ୍ଡ ଅଥବା କର୍ମକାଣ୍ଡର ଅନ୍ତର୍ଗତ ? ଏହି ପ୍ରଶ୍ନ କରିବାକୁ ଯାଇ ଲେଖକ ବଡ଼ ବିପଦରେ ପଡ଼ିଅଛନ୍ତି । ତାହାଙ୍କର ଲିଖିତ ପ୍ରବନ୍ଧର ଏକ ସ୍ଥାନ ଅନ୍ୟ ସ୍ଥାନର ବିରୋଧୀ ହୋଇ ପଡ଼ିଅଛି ବୋଲି ମୋହର ଅନୁମାନ ହେଉଅଛି । ପାଠକମାନେ ନିମ୍ନଲିଖିତ ସ୍ଥଳଦ୍ୱୟକୁ ପରସ୍ପର ସହିତ ଥରେ ମିଳାଇ ଦେଖିଲେ ବୁଝିବାକୁ ପାରିବେ ।

୨ୟ ସ୍ତମ୍ଭର *—୭ ପଂକ୍ତି । "ଯେଉଁ ହିନ୍ଦୁମାନେ ଗୃହରେ ଥାଇ ବ୍ରହ୍ମଜ୍ଞାନୀ ହୁଅନ୍ତି ସେମାନେ ଜ୍ଞାନକାଣ୍ଡ ଓ କର୍ମକାଣ୍ଡ ଉଭୟକୁ ଆଶ୍ରୟ କରନ୍ତି ।"

ପୁଣି ୨ୟ ସ୍ତମ୍ଭର *—୭ ପଂକ୍ତି । "ହିନ୍ଦୁସମାଜର ସନ୍ନ୍ୟାସିମାନେ ଶେଷରେ କର୍ମକାଣ୍ଡ ତ୍ୟାଗ କରି ଜ୍ଞାନକାଣ୍ଡକୁ ଅବଲମ୍ବନ କରନ୍ତି ।"

ଅବଲମ୍ବନ ଓ ଆଶ୍ରୟ । ଅବଲମ୍ବନ ପ୍ରଥମ କାର୍ଯ୍ୟ, ଆଶ୍ରୟ ଅବଲମ୍ବନର ଶେଷ ଫଳ ବା କାର୍ଯ୍ୟ, ଅଥବା ଅବଲମ୍ବନ ପୂର୍ବବର୍ତ୍ତୀ କାର୍ଯ୍ୟ, ଆଶ୍ରୟ ଅବଲମ୍ବନର ପରବର୍ତ୍ତୀ କାର୍ଯ୍ୟ ମଧ୍ୟ କୁହାଯାଇ ପାରେ । କୌଣସି ବ୍ୟକ୍ତି ବୃକ୍ଷୋପରୁ ପଡ଼ିବାଲାଗେ ଆଶ୍ରୟ ଗ୍ରହଣ କରିଥିଲା । ଏହି କଥା କହିବାକୁ ଗଲେ ତାହାର ଅର୍ଥ ଏହି ବୁଝାଏ ଯେ ସେ ବ୍ୟକ୍ତି ଆଶ୍ରୟ ଗ୍ରହଣ କରିବା ପୂର୍ବେ ଅବଶ୍ୟ ସେହି ବୃକ୍ଷର ମୂଳ ନିମ୍ନଗାମୀ ଶାଖା ବା କୌଣସି ପ୍ରକାର ଖୋଲ ଅବଲମ୍ବନ କରି ବୃକ୍ଷୋପରୁ ଅବତରଣ କରିଥିବ । ଏଠାରେ ଦେଖାଯାଉଅଛି ବୃକ୍ଷର ମୂଳ ନିମ୍ନଗାମୀ ଶାଖା ଅବଲମ୍ବନ କରିବା ପୂର୍ବବର୍ତ୍ତୀ କାର୍ଯ୍ୟ ଓ ଭୂମ

Digitized by srujanika@gmail.com

## ବିଶେଷ ଦ୍ରଷ୍ଟବ୍ୟ !

କେନ୍ଦ୍ରାପଡ଼ାସ୍ଥ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତ ସୁକଠିନ ରୋଗଗ୍ରସ୍ତ ମନୁଷ୍ୟମାନଙ୍କୁ ରୋଗରୁ ମୁକ୍ତ କରିବା ନିମିତ୍ତ ପ୍ରସ୍ତୁତ ଅଛନ୍ତି । ଗତ ତିନିବର୍ଷ ମଧ୍ୟରେ କୌଣସି ରୋଗୀ ଆରୋଗ୍ୟ ନ ହୋଇ ଫେରି ଯିବାର ଦେଖାଯାଇ ନାହିଁ । ରୋଗରୁ ମୁକ୍ତ ପାଇବାର ବାଞ୍ଛା ଯେବେ ତୁମ୍ଭର ଥାଏ ତେବେ ତାହାଙ୍କୁ ରୋଗର ବିବରଣ ଜଣାଇଲେ ଅତି ଅଳ୍ପ ବ୍ୟୟରେ ଅଳ୍ପଦିନ ମଧ୍ୟରେ ତୁମ୍ଭଙ୍କୁ ଆରୋଗ୍ୟ କରିଦେବେ । ସେ ଅନେକଲୋକଙ୍କୁ ଆରୋଗ୍ୟ କରି ଅନେକ ପ୍ରଶଂସାପତ୍ର ପାଇଅଛନ୍ତି ।

### ପ୍ରଶଂସାପତ୍ର ।

ପୂଜନୀୟ ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀଲକ୍ଷ୍ମୀନାରାୟଣଗୁପ୍ତ
କବିରାଜ ମହାଶୟ-ଚରଣକମଳେଷୁ
କେନ୍ଦ୍ରାପଡ଼ା କଟକ ।

ମହାଶୟ ! ମୁଁ ଅନେକ କବିରାଜଙ୍କ ଠାରୁ ଔଷଧ ସେବନ କରିଅଛି କିନ୍ତୁ କାହାର ଔଷଧରେ ଉପକୃତ ହୋଇ ନାହିଁ । ଆପଣଙ୍କ ଔଷଧର ଅଦ୍ଭୁତ ଶକ୍ତି ! ଆମ୍ଭର ବହୁକାଳର ମେଲେରିଆ ଜ୍ୱର ଦୁଇଦିବସରେ ଆରୋଗ୍ୟ ହୋଇଅଛି ଏଥିନିମିତ୍ତ ଆପଣଙ୍କ ନିକଟରେ ଅତିଶୟ କୃତଜ୍ଞ ଅଛି ।

୨୬।୨।୮୭ } ବଶମ୍ବଦ
ଶ୍ରୀ ଭିକାସ୍ୱାମୀ ଦାସ ।

---

ଆପଣଙ୍କ ପ୍ରସ୍ତୁତ ଓଲାଉଠାରୋଗର ବଟିକାର ଗୁଣ ଯଥେଷ୍ଟରୂପେ ପ୍ରଶଂସା କରାଯାଇ ନ ପାରେ । ୬୦ ବର୍ଷର ଅଧିକ ଓ ୭୦ ବର୍ଷର ଅନଧିକ ବୟସ୍କ ଆମର ଜଣେ ପ୍ରତିବାସୀ ଓଲାଉଠା ରୋଗରେ ଏପରି ପୀଡ଼ିତ ଥିଲେ କି ତାଙ୍କର ଜୀବନର ଆଶା ସମସ୍ତେ ତ୍ୟାଗ କରିଥିଲେ । ଏହି ସମୟରେ ଆପଣଙ୍କ ଦତ୍ତ ( ୬ ନମ୍ବର ) ବଟିକାଟି ତାହାଙ୍କୁ ଦେଇଥିଲୁଁ । ଅତ୍ୟନ୍ତ ଆଶ୍ଚର୍ଯ୍ୟର ବିଷୟ ଜଣାଉଅଛି କି ଉକ୍ତ ବଟିକା ସେବାମାତ୍ରକେ ରୋଗୀ ଉପଶମ ପାଇଲେ ଓ ଅବଶେଷରେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲେ ।

କେନ୍ଦ୍ରାପଡ଼ା ୭।୬।୮୬ } Munsi Warish Alli
Head Master.

ମହାଶୟ ! ଆପଣ ଯେଉଁ ଔଷଧ ପ୍ରେରଣ କରିଥିଲେ ତାହା ବହୁଦିବସସ୍ଥାୟୀ ଜ୍ୱରର ଶାନ୍ତିଦାୟକ ଔଷଧ ଅଟେ । ଦୁଇଦିବସ ମଧ୍ୟରେ ଏହା ଆଶ୍ଚର୍ଯ୍ୟଜନକ ଫଳ ଫଳିଥିବାରୁ ଏହାର ପ୍ରଶଂସା ଆମ୍ଭେ କରୁଅଛୁଁ ।

ଆପଣଙ୍କ ବଶମ୍ବଦ
ଭଗବତ ପ୍ରସାଦ ଦାସ
କେଞ୍ଝର କଲଣ

---

୧୪।୮।୮୭ ନସିହାର ଲିଙ୍ଗଲଦିହାରୁ ଉଦ୍ଧୃତ ।

ମହାଶୟ !

ଆମ୍ଭେ ବହୁଦିବସରୁ ଦନ୍ତଅଦିଶ ବେମାରର ଅସହ୍ୟ ଯନ୍ତ୍ରଣାରେ କଷ୍ଟ ପାଇ ଅନେକ ନେକ କବିରାଜଙ୍କଠାରୁ ଔଷଧ ଗ୍ରହଣ କରିଥିଲୁଁ, ମାତ୍ର କାହାର ଔଷଧରେ ଉପକୃତ ହୋଇ ନାହୁଁ । ବର୍ତ୍ତମାନ ସୁବିଖ୍ୟାତ କବିରାଜ ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ଗୁପ୍ତଙ୍କ ପ୍ରସ୍ତୁତ ଦନ୍ତରକ୍ଷଣୀ ସୁଧା ବା "ଟୁଥ୍‌ପାଉଡର" କିଛିଦିନ ବ୍ୟବହାରରୁ ଅଳ୍ପଦିବସରେ ଅମ୍ଭର ବହୁତ ଉପକାର ହୋଇଅଛି ଓ ହଲୁଥିବା ଦନ୍ତଗୁଡ଼ିକ ମଧ୍ୟ ଦୃଢ଼ ହୋଇଅଛି—ଏଥି ସକାଶେ ଅମ୍ଭେ ତାହାଙ୍କଠାରେ ଋଣୀ ଅଟୁଁ ।

କେନ୍ଦ୍ରାପଡ଼ା } ବଶମ୍ବଦ
୪।୮।୮୭ } ଶେଖ ବଶାର ଅଲି
ପୁଲିସ ସବ ଇନସପେକ୍ଟର

ତା ୧୦ ଋଖ ଅପ୍ରେଲ ସନ ୧୮୮୭ ମସିହା
(ଉତ୍କଳଦୀପିକା ।

ମହାଶୟ !

ମୋର କୋଷ୍ଠବୃଦ୍ଧ ଜ୍ୱରରେ ଆକ୍ରାନ୍ତ ହୋଇ ମୃତ୍ପ୍ରାୟ ହେବାରୁ ମୁଁ ହତାଶ କର୍ତ୍ତବ୍ୟବିମୂଢ଼ ହୋଇ ଉତ୍କଣ୍ଠିତ କଟକର ଶ୍ରୀ ବାବୁ ଲକ୍ଷ୍ମୀନାରାୟଣ ସାହୁଙ୍କୁ ଅପଦର ସମସ୍ତ ହାଲ ଜଣାଇବାରୁ ସେ ଅନୁଗ୍ରହ କରି ବନ୍ଧୁ ଦଣ୍ଡସହିତା ସମ୍ବନ୍ଧରେ ମୋର ସାମ ନଂ ବୋଠରେ ପଦରଜ ଦେବାକୁ କୁଣ୍ଠିତ ହେଲେ ନାହିଁ । ତଦନ୍ତର ମହାଶୟଙ୍କ ସଙ୍ଗରେ ଯେଉଁ ଅଳ୍ପ କାଳରେ ଶୁଣିଲି କି ଅଉ ଗୋଟିଏ ଇଷ୍ଟଜନ ରେଲ ଗୃହ ମଧ୍ୟରେ ପ୍ରବେଶ କରିଅଛି । ମୋର ଶୁକଳୀକୁ ମୁଦ୍ରମୁର୍ଚ୍ଛ ଦୁଇଗୋଟି ଦସ୍ତ ଓ ଦୁଇଗୋଟି ବାନ୍ତି ହେବାରୁ ସେ ଅବେକ୍ଷିତ ହୋଇ ବହ୍ମାହୃତ ବୃକ୍ଷପଦ ଭୂମିକେ ପଡ଼ିଥିଲେ ଏହା ଶୁଣି ମନ ଅତିଶୟ ବ୍ୟାକୁଳିତ ହେବାରୁ ତଦନ୍ତ ମହାଶୟ ସାନ୍ତ୍ୱନା ଦେଲେ । ସେ ମୋର ସ୍ତ୍ରୀର ଔଷଧ ବ୍ୟବସ୍ଥା କରି ସ୍ନେହର ସକାଶେ ଦୁଇଗୋଟି ବଟି ଦେଲେ । ଏହି ବଟିର ଅଦ୍ଭୁତ ଶକ୍ତି । ଗୋଟିଏ ବଟି ସେବନ ମାତ୍ରେ କେଉଁଠି କଥାବାର୍ତ୍ତା କଲା । ପର ଦିବସ ଅନ୍ୟଟି ସେବା କରି ସମ୍ପୂର୍ଣ୍ଣରୂପେ ପ୍ରକୃତ ହେବାରୁ ମନ୍ଦି ସ୍ଥଳ କରିଅଛି ଓ ମୋର ସ୍ୱାମୀର ଜ୍ୱର ମଧ୍ୟ ଆରୋଗ୍ୟ ହୋଇଅଛି । ଏହି ନିମନ୍ତେ ମୁଁ ତାଙ୍କଠାରେ ଋଣୀ ଥାଇଁ ଦୟାର ସ୍ୱରରେ ସ୍ୱତ୍ତ୍ୱାଧିକାରଙ୍କୁ ଏହି ପ୍ରାର୍ଥନା କରୁଅଛି କି ସେମାନେ ଅଶୀର୍ବାଦ କରନ୍ତୁ ଯେ ତଦନ୍ତ ଦେବଦେହ ଦୀର୍ଘଜୀବୀ ହୋଇ ଲୋକହିତେ ରତ ହେଉନ୍ତୁ ।

କଣ୍ଟ୍ରାପଡ଼ା }
୨୭।୩।୮୭ }

ବଶମ୍ବଦ
ଶ୍ରୀ ବୈକୁଣ୍ଠ ସିଂହ

---

୨୦।୩।୮୭ ମସିହାର ଉତ୍କଳଦୀପିକାରୁ ଉଦ୍ଧୃତ ।

ମହାଶୟ !

ମୋହୋର ଜନ୍ମ ଉଚିତ ଚରଜୁଦଣ୍ଡ ଉତ୍ତମ ବୈଦ୍ୟକ ପଂକ୍ତି ଅପଣଙ୍କ କଣ୍ଟଦୁତ୍ପାଠ ପତ୍ରିକାରେ ସ୍ଥାନ ପ୍ରଦାନ କରିବା ହେଉନ୍ତୁ ।

ଗତ୍ୟ ପୌଷରୁ ଗତ ମଙ୍ଗଳବାର ରାତ୍ରି ୧୦ ଟାକା ସମୟରେ Cholera ଜଲେସ ସ୍ୱେଲରେ ପୀଡ଼ିତ ହୋଇଁ ତ- ହାର ଉତ୍ତମ ଯନ୍ତ୍ରଣାମାନ ସହ୍ୟ କରି ଅଚେତ ଓ କିଂକର୍ତ୍ତବ୍ୟବିମୂଢ଼ ହୋଇ ଜୀବ ନର ଆଶା ପରିତ୍ୟାଗ କରିଥିଲି । ପରମ ସୌଭାଗ୍ୟର କଥାରୁ ମୋହୋର ପ୍ରିୟତମ ବନ୍ଧୁ ଘୁ ଘଃ ଶ୍ରୀ ବାବୁ ଭଗବାନଚରଣ ଦାସ ମହୋଦୟ ଏଠାରେ ଥିଲେ; ସେ ଏହା ଶ୍ରବଣମାତ୍ରେ ଅବିଳମ୍ବେ ଏଠା ହାଇ ସ୍କୁଲର ଶସ୍ତ ଶିକ୍ଷକ ଶ୍ରୀ ଲକ୍ଷ୍ମୀନାରାୟଣ ବାବୁଙ୍କଠାରୁ ତାହାଙ୍କ ସ୍ୱହସ୍ତ ପ୍ରସ୍ତୁତ ଔଷ- ଧମାନ ଆଣି ମୋତେ ସେବନ କରାଇଥିଲେ ଉକ୍ତ ଔଷଧ ସେବନ କରିବାହାର ସଙ୍ଗେସଙ୍ଗେ ଓ କାଳେଜର ଉପଦ୍ରବ ମନ୍ଦଭୂ ହୋଇ ଅଛି; ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ଗାତ୍ରରେ ଦୁର୍ବଳାବସ୍ଥାରେ ଥାଇ ତାହାଙ୍କ ପ୍ରଦତ୍ତ ଔଷଧମାନ ସେବନ କରୁଅଛି ।

ଏଥିନିମନ୍ତେ ମୁଁ ଶ୍ରୋତ୍ରବାବୁ ମହୋଦୟ- ମାନଙ୍କଠାରେ ଋଣୀ ଅଟେ । ଇତି ।

୧୧।୩।୮୭ }
କେନ୍ଦ୍ରାପଡ଼ା }

*Yours faithfully*
B. C. S.

---

ତା ୨୭ ଋଖ ଜୁନ ସନ ୧୮୮୭ ମସିହା
ଉତ୍କଳଦୀପିକା ।

ପତ୍ରପ୍ରେରକଙ୍କ ପ୍ରତି ।

ସତ୍ୟଦେବ ଦାସ କେନ୍ଦ୍ରାପଡ଼ାଠାରୁ ଲେଖିଥିଲୁ ଯେ ତାହାଙ୍କ ସ୍ତ୍ରୀ ଓଲାଉଠା ରୋଗରେ ପୀଡ଼ିତ ଥିଲେ କଟକର ଲକ୍ଷ୍ମୀ- ନାରାୟଣ ସାହୁଙ୍କ ଔଷଧରେ ଆରୋଗ୍ୟଲାଭ କରିଅଛନ୍ତି ।

Split by PDF Splitter



ATTENTION !

Kaviraj Lakshmi Narayana Gupta of Kendrapara 'ers to cure obstinate deseases. Not a single patient s been found, during these 3 years returning without ing cured. Communicate please your desease to him and u shall have immediate relief. He has obtained testimo- ıls from many gentlemen. Here are some of his timonials.

Dear Sir, The medicine, you sent for the use of my ge, who was greatly suffering from fever for more than veek, has proved a best remedy. The boy recovered health within two days. I wish the public in general l take the advantage of using your so efficacious medi- e once.

Kendrapara, } Yours faithfully
Gour Chandra Das
e 12th October, 1886. ( Second Clerk. )

---

My dear Sir, The medicine you sent is a most acious remedy for fever of long standing. I do admire wonderful effect in 2 days only.

Kendrapara, } Yours sincerely
Bhagbat Prasad Das
Registration Clerk.

---

Dear Sir, Having learnt from many persons that your ly discovered medicine ( Hemadrikalpa ) wonderfully es fevers of long standing I humbly beg &c. &c.

Your sincerely
B. P. Das.

---

I cannot sufficiently praise the efficacious virtues of cholera pills. One of my neighbours, an old man veen 60 and 70, had an attack of cholera and was hopeless state, when I administered to him one of pills No. III, which I am glad to say gave instant f and brought about complete cure.

endrapara, } Waris Ali
)—5—86. Head Master.

---

Digitized by srujanika@gmail.com

The medicine that you sent for my father-in-law has proved a most efficacious remedy for cholera.

Syamakanta Ghose,
Sub-Inspector.

---

## ପରୀକ୍ଷିତ ଓ ଅବ୍ୟର୍ଥ ଔଷଧ ।

| | | | |
|---|---|---|---|
| ଜ୍ୱର ବା ପ୍ଲୀହାର ଚୂର୍ଣ୍ଣ | ଔଷଧ ଟ ୦/ ଠାରୁ ଟ ୨ | ବାତରକ୍ତରୋଗର | ଔଷଧ ଟ ୦ ଠାରୁ ଟ ୧ |
| ପୁଷ୍ଟିସାଧନ | ଔଷଧ ଟ ୦/ ଠାରୁ ଟ ୧ | ଅନ୍ନବାତରୋଗର | ଟ ୦ |
| କୁଷ୍ଠଚାରକ | ଟ ୦/ ଓ ଟ ୧ | ମୂତ୍ରରୋଗର | ଟ ୧ ଠାରୁ ଟ ୨ |
| ଓଲାଉଠାରୋଗର | ଟ ୦ ଓ ଟ ୨ | ବୃଦ୍ଧିରୋଗର | ଟ ୧ ଠାରୁ ଟ ୦ |
| ସନ୍ତାପହାରକ | ଟ ୦ | ଶୂଳରୋଗର | ଟ ୦ ଓ ଟ ୧ |
| ଉଦରାମୟରୋଗର | ଟ ୦ ଠାରୁ ଟ ୧ | ମେହରୋଗର | ଟ ୦/ ଠାରୁ ଟ ୨ |
| ଅମାଶୟରୋଗର | ଟ ୦/ ଓ ଟ ୦/ | ଶୋଥରୋଗର | ଟ ୧ ଠାରୁ ଟ ୨ |
| ଗ୍ରହଣୀରୋଗର | ଟ ୦ ଓ ଟ ୧ | [illegible] | ଟ ୦ ଠାରୁ ଟ ୨ |
| ଜୀର୍ଣ୍ଣଗ୍ରହଣୀ | ଟ ୧ | କର୍ଣ୍ଣରୋଗର | ଟ ୦ ଠାରୁ ଟ ୧ |
| [illegible] | ଟ ୦ | ନାସାରୋଗର | ଟ ୦ ଠାରୁ ଟ ୧ |
| ଅର୍ଶରୋଗର | ଟ ୦ ଠାରୁ ଟ ୨ | ପିଲରୋଗର | ଟ ୦/ ଠାରୁ ଟ ୧ |
| ରକ୍ତଅତିସାର | ଟ ୦/ ଟ ୦ | ମସ୍ତିଷ୍କରୋଗର | ଟ ୧ ଠାରୁ ଟ ୨ |
| କୃମିରୋଗର | ଟ ୦ ଠାରୁ ଟ ୧ | ସୂତିକାରୋଗର | ଟ ୦ ଠାରୁ ଟ ୨ |
| ଘାଆ ଓ ଖାଜଲ | ଟ ୧ ଠାରୁ ଟ ୨ | ରସାୟନ | ଟ ୦ ଠାରୁ ଟ ୧ |
| [illegible] | ଟ ୧ ଠାରୁ ଟ ୧ | [illegible] | ଟ ୧ |
| କାଶରୋଗର | ଟ ୦/ ଠାରୁ ଟ ୧ | [illegible] | [illegible] |
| ସ୍ୱରଭଙ୍ଗରୋଗର | ଟ ୦ ଠାରୁ ଟ ୨ | [illegible] | [illegible] |
| ବମନରୋଗର | ଟ ୦ | [illegible] | [illegible] |
| ଭ୍ରମରୋଗର | ଟ ୧ | [illegible] | [illegible] |
| ଶିରୋବେଦନାର | ଟ ୧ | [illegible] | [illegible] |
| ଅପସ୍ମାରରୋଗର | ଟ ୧ | [illegible] | [illegible] |
| ବାତବ୍ୟାଧିର | ଟ ୧ ଠାରୁ ଟ ୨ | [illegible] | [illegible] |

Split by PDF Splitter

Digitized by srujanika@gmail.com